◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-184 ◆TUESDAY ◆30 DECEMBER 2025 ◆PAGE-12 ◆₹ 6.00 | JEYPORE | ◆ବର୍ଷ-୪୩ ◆ସଂଖ୍ୟା-୧୮୪ ◆ମଙ୍ଗଳବାର ◆୩୦ ଡିସେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦





ଜାନୁଆରୀରେ 'ଲଭ୍ ଆଣ୍ଡ ୱାର୍'ର ଫାଷ୍ଟ ଲୁକ୍

▶ପୃଷ୍ଠା ୨ ଦେଖନ୍ତୁ...

# ଆରାବଳୀକୁ ସାମୟିକ ଆଶ୍ୱସ୍ତି

## ଜାନୁଆରୀ ୨୧ ପର୍ଯ୍ୟନ୍ତ ଖଣି ଖନନ ବନ୍ଦ

## ନିଜ ଆଦେଶ ଉପରେ ରୋକ ଲଗାଇଲେ ସୁପ୍ରିମ୍‌କୋର୍ଟ



■ ନୂଆଦିଲ୍ଲୀ, ୨୯।୧୨ (ଏଜେନ୍ସି): ଆରାବଳୀ ପର୍ବତମାଳାର ସୁରକ୍ଷାକୁ ନେଇ ସାରା ଦେଶରେ ଉଦ୍‌ବେଗ ପ୍ରକାଶ ପାଇଛି। ଜନତାଙ୍କଠାରୁ ନେଇ ପରିବେଶକର୍ମୀ ପର୍ଯ୍ୟନ୍ତ ସମସ୍ତେ ସୁପ୍ରିମକୋର୍ଟ ଦେଇଥିବା 'ଶହେ ମିଟର' ରାୟକୁ ବିରୋଧ କରୁଛନ୍ତି। ଏପରି ସମୟରେ ନଭେମ୍ବର ୨୦ରେ ଦେଇଥିବା ନିଜର ପୂର୍ବ ରାୟ ଉପରେ ସୁପ୍ରିମକୋର୍ଟ ଆଜି ରୋକ୍ ଲଗାଇ ଦେଇଛନ୍ତି। ଆସନ୍ତାବର୍ଷ ଜାନୁଆରୀ ୨୧ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସେ ପର୍ଯ୍ୟନ୍ତ ଆରାବଳୀରେ ସମସ୍ତ ଖଣି ଖନନକୁ ବନ୍ଦ କରି ଦେଇଛନ୍ତି। ଏହି ମାମଲାର ତଦନ୍ତ ପାଇଁ ଏକ ବିଶେଷଜ୍ଞ

### ରାଜସ୍ଥାନ ସମେତ ୪ ରାଜ୍ୟକୁ ଜବାବ ତଲବ

କମିଟି ଗଠନ କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟି ଏବେକାର ବିଶେଷଜ୍ଞ କମିଟିର ରିପୋର୍ଟକୁ ବିଶ୍ଳେଷଣ କରିବ। ପରେ ଏହି ଘଟଣା ସହିତ ସମ୍ପୃକ୍ତ ପ୍ରସଙ୍ଗ ଉପରେ କୋର୍ଟଙ୍କୁ ପରାମର୍ଶ ଦେବ। ଏହି ମାମଲାରେ ସୁପ୍ରିମକୋର୍ଟ ଆରବଳୀ ପର୍ବତମାଳା ପରିବ୍ୟାପ୍ତ ହୋଇଥିବା ୪ଟି ରାଜ୍ୟ ରାଜସ୍ଥାନ, ଗୁଜରାଟ, ଦିଲ୍ଲୀ ଓ ରାଜସ୍ଥାନ ସମେତ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ଏହି ପ୍ରସଙ୍ଗରେ ଜବାବ ଦାଖଲ କରିବାକୁ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜେକେ ମାହେଶ୍ୱରୀ ଓ ବିଚାରପତି ଏଜି ମସିହଙ୍କ ▶ପୃଷ୍ଠା-୭

# ଚାଷୀ-ସରକାର ମୁହାଁମୁହିଁ

## 'ମିଥ୍ୟା ସତ୍ୟପାଠ' ଦେଇଥିବା ଚାଷୀଙ୍କ ନାମରେ ପଞ୍ଚାୟତ କାନ୍ଥରେ ଝୁଲିବ ନୋଟିସ୍

■ ଭୁବନେଶ୍ୱର, ୨୯।୧୨ (ସମିସ): ମଣ୍ଡି ଅବ୍ୟବସ୍ଥା, ଧାନ କିଣାରେ ବିଚ୍ୟୁତିକୁ ନେଇ ଚାଷୀ ସରକାରଙ୍କ ଉପରେ ଖଡ୍‌ଗହସ୍ତ। ବିଭିନ୍ନ ସ୍ଥାନରେ ଚାଷୀମାନେ ରାସ୍ତା ଅବରୋଧ କରିବା ସହ ଆନ୍ଦୋଳନ ଚଳାଇଛନ୍ତି। ଏହି ସମୟରେ ଚାଷୀଙ୍କୁ ଦମନ କରିବାକୁ ସରକାର ଆରମ୍ଭ କରିଛନ୍ତି ପାଲଟା ଯୋଜନା। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଧାନ କିଣାରେ ଅବ୍ୟବସ୍ଥା ଯୋଗୁଁ ସରକାରଙ୍କ ଅଡୁଆ ବଢ଼ାଇଥିବା ଚାଷୀଙ୍କ ଏହି ଆକ୍ରମଣାତ୍ମକ ପନ୍ଥାକୁ ପ୍ରତିହତ କରିବା ପାଇଁ ସରକାର ଛାଡ଼ିଛନ୍ତି 'ନୋଟିସ' ଅସ୍ତ୍ର। ଧାନ ବିକ୍ରି ନିମନ୍ତେ ଚାଷୀମାନେ ଯେଉ ଚାଷ ଜମିକୁ ପଞ୍ଜିକରଣ କରିଛନ୍ତି, ତାହାକୁ ଜାଲ ବା ତ୍ରୁଟିପୂର୍ଣ୍ଣ ବୋଲି ଦର୍ଶାଇ ସରକାର ଚାଷୀଙ୍କ ଉପରେ ଦାଉ ସାଧିବାକୁ ଯୋଜନା କରିଛନ୍ତି। ରାଜ୍ୟ ସାଧାରଣ ବଣ୍ଟନ ନିଗମ ପକ୍ଷରୁ ସମବାୟ ସଂସ୍ଥାର ରେଜିଷ୍ଟ୍ରାର୍‌ଙ୍କୁ ଏ ସମ୍ପର୍କରେ ଚିଠି ଲେଖାଯାଇଛି। ମୁଖ୍ୟତଃ ଅଣଚାଷ ଜମିକୁ



ଅଣଚାଷ ଜମି ପଞ୍ଜିକୃତ କରିବା ଚାଷୀଙ୍କ ଅପରାଧ: ମନ୍ତ୍ରୀ


ଚାଷୀଙ୍କୁ ଦମନ ପାଇଁ ସରକାରଙ୍କ ବାହାନା: ବିରୋଧୀ

ଯେଉଁ ଚାଷୀମାନେ ଚାଷ ଜମି ଭାବେ ଦର୍ଶାଇଛନ୍ତି, ସେମାନଙ୍କୁ ନୋଟିସ୍ କରିବାକୁ ନିଷ୍ପତ୍ତି ହୋଇଛି। ଧାନ କିଣା ପ୍ରକ୍ରିୟାରେ ମିଥ୍ୟା ତଥ୍ୟ ଦେଇଥିବା ଚାଷୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ସେମାନଙ୍କ ନାମ ଗ୍ରାମପଞ୍ଚାୟତ ଓ ପ୍ୟାକ୍ସର ନୋଟିସ୍ ବୋର୍ଡରେ ଉପଲବ୍ଧ ହେବ। ଏହାସହିତ ଜିଲ୍ଲାସ୍ତରରେ ୱେବ୍‌ସାଇଟ୍‌ରେ ମଧ୍ୟ ସେମାନଙ୍କ ନାମ ଉଲ୍ଲେଖ ରହିବ। ଯୋଗାଣ ବିଭାଗ ପକ୍ଷରୁ ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟକୁ ଏହି ନୋଟିସ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆନ୍ତଃମନ୍ତ୍ରୀ ସ୍ତରୀୟ ବୈଠକରେ ଅନୁମୋଦନ କ୍ରମେ ଏହି ନିଷ୍ପତ୍ତି ହୋଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି।

ସୂଚନା ଅନୁସାରେ ଧାନ ବିକ୍ରି ପାଇଁ ଅନେକ ଚାଷୀ ସରକାରଙ୍କୁ ଭୁଲ୍ ତଥ୍ୟ ଦେଇଛନ୍ତି। ସାଟେଲାଇଟ୍ ସର୍ଭେ ମାଧ୍ୟମରେ ସରକାର ଏହି ଭୁଲକୁ ଧରିଛନ୍ତି। ଏବେ ଏହାକୁ ଆଧାର କରି ଚାଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗ ଅଣ୍ଟା ଭିଡ଼ିଛି। ସରକାରଙ୍କ ଏହି ନିର୍ଦ୍ଦେଶନାମା ପରେ ମୁଖ୍ୟତଃ ଚାଷୀଙ୍କୁ ଅକଳରେ ପକାଇବାକୁ ଏହା ଏକ ଯୋଜନା ବୋଲି ▶ପୃଷ୍ଠା-୭

# ଦେଶରୁ ହଟିବେ ଅନୁପ୍ରବେଶକାରୀ

■ ଗୌହାଟୀ, ୨୯।୧୨ (ଏଜେନ୍ସି): ଆସାମର ନୌଗାଁଓରେ ବଟାଦ୍ରବା ପୁନର୍ବିକାଶ ପ୍ରକଳ୍ପକୁ ଉଦ୍‌ଘାଟନ କରି ଅନୁପ୍ରବେଶକାରୀଙ୍କୁ ସାରା ଦେଶରୁ ହଟାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ସେ ଏଠାରେ ଆସାମ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଶାହା କହିଥିଲେ ଯେ ବାଂଲାଦେଶ ଅନୁପ୍ରବେଶକାରୀଙ୍କ କବ୍‌ଜାରେ ଥିବା ଲକ୍ଷେ ବିଘା ଜମିକୁ ହିମନ୍ତ ବିଶ୍ୱ ଶର୍ମା ମୁକ୍ତ କରିଛନ୍ତି। ଏହି ଭଳି ଭାବେ ସାରା ଦେଶରୁ ଅନୁପ୍ରବେଶକାରୀଙ୍କୁ ତଡ଼ିବୁ। ଶ୍ରୀମନ୍ତ ଶଙ୍କରଦେବ ଜୀଙ୍କ ସ୍ମୃତି ସ୍ଥଳକୁ ବାଂଲାଦେଶ ଅନୁପ୍ରବେଶକାରୀ କବ୍‌ଜା କରିବା ▶ପୃଷ୍ଠା-୭



## ଉନ୍ନାଓ ଗଣଦୁଷ୍କର୍ମ ମାମଲା

# କୁଲଦୀପଙ୍କୁ 'ସୁପ୍ରିମ୍' ସକ୍

■ ନୂଆଦିଲ୍ଲୀ, ୨୯।୧୨ (ଏଜେନ୍ସି): ବହୁଚର୍ଚ୍ଚିତ ୨୦୧୭ ଉନ୍ନାଓ ଗଣଦୁଷ୍କର୍ମ ମାମଲା ଏବେ ନୂଆ ମୋଡ଼ ନେଇଛି। ଏହି ମାମଲାରେ ପୂର୍ବତନ ବିଜେପି ବିଧାୟକ କୁଲଦୀପ ସେଙ୍ଗରଙ୍କୁ ଦିଲ୍ଲୀ ହାଇକୋର୍ଟ ଦେଇଥିବା ଜାମିନ ଉପରେ ସୁପ୍ରିମକୋର୍ଟ ଆଜି ରୋକ୍ ଲଗାଇ ଦେଇଛନ୍ତି। ଏହା ଏକ ଗୁରୁତର ମାମଲା ଏବଂ ଏହା ଉପରେ ଆଇନର ଅଧିକ ତର୍ଜମା କରାଯିବାର ଆବଶ୍ୟକତା ରହିଛି। ସେହିଦୃଷ୍ଟିରୁ କୁଲଦୀପଙ୍କୁ ଜେଲ୍‌ରୁ ମୁକ୍ତ କରାଯାଇପାରିବ ନାହିଁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ୪ ସପ୍ତାହ ପରେ ଏହି ମାମଲାର ଶୁଣାଣି ହେବ। ସେଙ୍ଗରଙ୍କୁ ଡିସେମ୍ବର ୨୩ରେ ଦିଲ୍ଲୀ ହାଇକୋର୍ଟ ଜାମିନ ପ୍ରଦାନ କରିଥିଲେ ଏବଂ ତାଙ୍କ ଦଣ୍ଡାଦେଶକୁ ସସପେଣ୍ଡ କରିଦେଇଥିଲେ। ଏହାକୁ ନେଇ ସାରା ଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପୀଡ଼ିତା ଏବଂ ପୀଡ଼ିତା ପରିବାର ସମେତ ଅନେକ ସଂଗଠନ ଦିଲ୍ଲୀ ହାଇକୋର୍ଟ ଆଗରେ ଏହାର ପ୍ରତିବାଦ ଜଣାଇ ଧାରଣା ଦେଇଥିଲେ। ▶ପୃଷ୍ଠା-୭

ହାଇକୋର୍ଟଙ୍କ ଜାମିନ ଆଦେଶରେ ରୋକ୍

ବିଚାରପତି ମଧ୍ୟ ଭୁଲ୍ କରିପାରିନ୍ତି: ପ୍ରଧାନ ବିଚାରପତି

ପୋକ୍‌ସୋ ନିୟମ ପରିସରରୁ ନିର୍ବାଚିତ ପ୍ରତିନିଧି ବାଦ୍ କାହିଁକି: ସିଜେଆଇ



## ଏସ୍‌ଆଇ ଚାକିରି ବିକ୍ରି

# ସିବିଆଇର ପ୍ରଥମ ଚାର୍ଜସିଟ୍‌ରେ ୧୬ ଅଭିଯୁକ୍ତ

■ ଭୁବନେଶ୍ୱର, ୨୯।୧୨ (ସମିସ): ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ପ୍ରାଥମିକ ଚାର୍ଜସିଟ୍ ଦାଖଲ କରିଛି ସିବିଆଇ। ଚାର୍ଜସିଟ୍‌ରେ ମୋଟ୍ ୧୬ଜଣଙ୍କ ନାମ ରହିଛି। ଏହି ୧୬ଜଣଙ୍କ ମଧ୍ୟରେ ୯ଜଣଙ୍କୁ ପୂର୍ବରୁ କ୍ରାଇମ୍‌ବ୍ରାଞ୍ଚ ଗିରଫ କରିଥିଲା ବେଳେ ଅବଶିଷ୍ଟ ୭ଜଣଙ୍କୁ ସିବିଆଇ ଗିରଫ କରିଛି। ଚାର୍ଜସିଟ୍‌ରେ ଉଲ୍ଲେଖଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ସିଲିକନ୍ ସିଇଓ ସୁରେଶ ନାୟକ, ଦଲାଲ ନେଟ୍‌ୱାର୍କର ମୁଖ୍ୟ ତଥା ପଞ୍ଚସପ୍ତର ମାଲିକ ଶଙ୍କର ପୃଷ୍ଟି, ଅରବିନ୍ଦ ▶ପୃଷ୍ଠା-୭

ଶଙ୍କର, ମୁନ୍ନା, ସୁରେଶ ଓ ଅରବିନ୍ଦ ମୁଖ୍ୟ କାର୍ପଟଦାର

## ସବୁ ସରକାରୀ କର୍ମଚାରୀଙ୍କୁ ସାଧାରଣ ପ୍ରଶାସନର ଚିଠି

# ଜାନୁଆରୀ ୩୧ ସୁଦ୍ଧା ସମ୍ପତ୍ତି ତାଲିକା

■ ଭୁବନେଶ୍ୱର, ୨୯।୧୨ (ସମିସ): ପ୍ରଥମରୁ ଚତୁର୍ଥ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀ ନିଜ ନିଜର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛି ସାଧାରଣ ପ୍ରଶାସନ ବିଭାଗ। ଆସନ୍ତା ଜାନୁଆରୀ ୩୧ ତାରିଖ ମଧ୍ୟରେ ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲରେ ତାଲିକା ଦାଖଲ କରିବାକୁ ବିଭାଗ ପକ୍ଷରୁ କୁହାଯାଇଛି। ବିଭାଗ ପକ୍ଷରୁ ମଙ୍ଗଳବାର ସବୁ ବିଭାଗର ବିଭାଗୀୟ ମୁଖ୍ୟ, ରାଜ୍ୟର ସମସ୍ତ ଆରଡିସି, ଜିଲ୍ଲାପାଳଙ୍କୁ ଚିଠି ଲେଖି ଏ ସଂପର୍କରେ ଅବଗତ କରାଯାଇଛି।

ଚିଠିରେ କୁହାଯାଇଛି ଯେ ଓଡ଼ିଶା ସରକାର କର୍ମଚାରୀ ଆଚରଣ (ସଂଶୋଧନ) ନିୟମ, ୨୦୨୧ ଅନୁଯାୟୀ ରାଜ୍ୟ ସରକାରଙ୍କ ଗ୍ରୁପ୍-ଏରୁ ଗ୍ରୁପ୍-ଡି' ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀ ନିଜନିଜର ସମ୍ପତ୍ତି ବିବରଣୀ (ଉଭୟ ସ୍ଥାବର ଏବଂ ଅସ୍ଥାବର) ପ୍ରତିବର୍ଷ ଜାନୁଆରୀ ୧ତାରିଖରୁ ୩୧ ତାରିଖ ମଧ୍ୟରେ ଦାଖଲ କରିବାର ▶ପୃଷ୍ଠା-୭

# ୧୦ ଡିଗ୍ରୀ ତଳେ ୧୫ ସହର ପାରଦ

■ ଭୁବନେଶ୍ୱର, ୨୯।୧୨ (ସମିସ): ରାଜ୍ୟରେ ଅସହ୍ୟ ଶୀତ ଜାରି ରହିଛି। ନୂଆବର୍ଷ ପର୍ଯ୍ୟନ୍ତ ଏମିତି ସ୍ଥିତି ଲାଗି ରହିବ। ଗତ ୨୪ ଘଣ୍ଟାରେ ରାଜ୍ୟର ୧୫ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ୩.୬ ଡିଗ୍ରୀ ସହ ଜି.ଉଦୟଗିରି ପୁଣିଥରେ ରାଜ୍ୟର ସବୁଠୁ ଥଣ୍ଡା ସହର ପାଲଟିଛି। ଦୁଇ ଦିନ ହେବ ଜି. ଉଦୟଗିରିରେ ପାରଦ ୩ ଡିଗ୍ରୀକୁ ଖସି ଆସିଥିବାରୁ ଏଠାରେ ପ୍ରବଳ ଶୀତ ଅନୁଭୂତ ହେଉଛି। ସେମିଳିଗୁଡ଼ାରେ ୫.୨, ଫୁଲବାଣୀରେ ୫.୫, ଦାରିଙ୍ଗବାଡ଼ିରେ ୬, କୋରାପୁଟରେ ୬.୪, ଝାରସୁଗୁଡ଼ାରେ ୬.୫, ରାଉରକେଲାରେ ୭, ଅନୁଗୋଳରେ ୮, ନବରଙ୍ଗପୁରରେ ୮.୬, କିରେଇରେ ୮.୭, ଭାବନୀପାଟଣାରେ ୯, ବଲାଙ୍ଗିରରେ ୯.୪, ସୁନ୍ଦରଗଡ଼ରେ ୯.୫ ଏବଂ ସୋନପୁର ଓ କେନ୍ଦୁଝରରେ ୯.୮ ଲେଖାଏଁ ରେକର୍ଡ ହୋଇଛି।

ଅପରପକ୍ଷେ, ୬.୫ ଡିଗ୍ରୀ ସହ ଝାରସୁଗୁଡ଼ାରେ ଗତ ୧୫ ବର୍ଷରେ (୨୦୧୦ରୁ ଏଯାବତ୍) ମଧ୍ୟରେ ଡିସେମ୍ବର ମାସରେ ଏହା ଚତୁର୍ଥ ସର୍ବନିମ୍ନ ▶ପୃଷ୍ଠା-୭

ଜି.ଉଦୟଗିରି ସବୁଠୁ ଥଣ୍ଡା



# ଘନଉଛି ଓମ୍‌ସା-ସରକାର ବିବାଦ

▶▶ ରାଜ୍ୟବ୍ୟାପୀ ଏକ ଘଣ୍ଟିଆ ଓପିଡି ସେବା ବନ୍ଦ ପ୍ରତିବାଦ ଜାରି

▶▶ ଆଜି ବସିବ ସଂଘର ବୈଠକ; ନିଆଯାଇପାରେ ଚରମ ନିଷ୍ପତ୍ତି

▶▶ ଓମ୍‌ସାର ଦାବିକୁ କନିଷ୍ଠ ଡାକ୍ତର ସଂଘ(ଜେଡିଏ) ର ସମର୍ଥନ

■ ଭୁବନେଶ୍ୱର, ୨୯।୧୨ (ସମିସ): ନିଜ ଦାବିକୁ ନେଇ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) ଅଟଳ ଥିବାବେଳେ ରାଜ୍ୟବ୍ୟାପୀ ନିଜର ଏକ ଘଣ୍ଟିଆ ଓପିଡି ସେବା ବନ୍ଦ କାର୍ଯ୍ୟକ୍ରମ ଜାରି ରଖିଛି। ସେମାନଙ୍କର ଦାବି ପୂରଣ ପାଇଁ ରାଜ୍ୟ ସରକାର ଏକ ଅନ୍ତଃବିଭାଗୀୟ କମିଟି ଗଠନ କରିଥିଲେ ହେଁ ଏହାକୁ ସଂଘ ଗ୍ରହଣ କରିନାହିଁ। ଫଳରେ ସରକାର ଏବଂ ସଂଘ ମଧ୍ୟରେ ବିବାଦ ତେଜୁଥିବା ବେଳେ ଆସନ୍ତାକାଲି (ମଙ୍ଗଳବାର) ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ଏଥିରେ ଆଗାମୀ ଦିନର କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସଂଘର ସାଧାରଣ ସମ୍ପାଦକ ଡା. ସଞ୍ଜୀବ ପ୍ରଧାନ କହିଛନ୍ତି। ଅପରପକ୍ଷେ ଦାବି ପୂରଣ ନ ହେଲେ ଓମ୍‌ସା ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇପାରେ ବୋଲି ସଂଘ ପକ୍ଷରୁ ପରୋକ୍ଷରେ ସୂଚନା ମିଳିଛି।

ସୂଚନାଯୋଗ୍ୟ ଯେ ବାର୍ଷିକ ପଦୋନ୍ନତି, ଡାକ୍ତରଙ୍କୁ ସରକାରୀ କ୍ୱାର୍ଟର୍ସ, କେନ୍ଦ୍ରୀୟ ବେତନ ହାର, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ୧୮ ଦଫା ଦାବି ନେଇ ଗତ ନଭେମ୍ବର ୨୦ ତାରିଖରୁ ଓମ୍‌ସା କ୍ୟାଡର୍ କଳା ପୋଷାକ ପିନ୍ଧି ପ୍ରତିବାଦ କରି ଆସୁଥିଲେ। ଗତ ୨୬ ତାରିଖରୁ ସେମାନେ ଏକ ଘଣ୍ଟିଆ ଓପିଡି ବନ୍ଦ ପ୍ରତିବାଦ ଜାରି ରଖିଛନ୍ତି। ଏହାଦ୍ୱାରା ରାଜ୍ୟବ୍ୟାପୀ ▶ପୃଷ୍ଠା-୭




## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଖର୍ଚ୍ଚାନ୍ତ ହେବେ।

**ମୀନ:** ମାନସିକ ଶାନ୍ତି ପାଇବେ। ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ।

## ଆଜିର ଇତିହାସ


- ୧୯୦୬- ଢାକାରେ ମୁସଲିମ୍ ନେତାଙ୍କ ତିନିଦିନର ବୈଠକ ପରେ 'ଅଲ୍ ଇଣ୍ଡିଆ ମୁସଲିମ୍ ଲିଗ୍ ପାର୍ଟି' ଗଠନ କରିବାକୁ ଘୋଷଣା କରାଗଲା।
- ୧୯୭୧- ଭାରତର ପ୍ରଖ୍ୟାତ ବୈଜ୍ଞାନିକ ବିକ୍ରମ ସରାଭାଇଙ୍କ ପରଲୋକ।
- ୧୯୭୫- ହିନ୍ଦୀ କବି ଦୁଷ୍ୟନ୍ତ କୁମାରଙ୍କ ନିଧନ।
- ୧୯୯୬- ଗୁଏଟ୍‌ମାଲାରେ ୩୬ ବର୍ଷ ଧରି ଚାଲିଥିବା ଗୃହଯୁଦ୍ଧର ସମାପ୍ତ ହେଲା।
- ୨୦୦୬- ଇରାକ୍‌ର ପୂର୍ବତନ ରାଷ୍ଟ୍ରପତି ସଦ୍ଦାମ ହୁସେନ୍‌ଙ୍କୁ ଫାଶୀ ଦିଆଗଲା।

## ପିକକ୍ ପ୍ୟାରେଣ୍ଟିଂ



ପିଲାଙ୍କ ଲାଳନପାଳନକୁ ନେଇ ଅଭିଭାବକମାନେ ଚିନ୍ତାରେ ରୁହନ୍ତି। ଏହି କ୍ରମରେ ପିକ୍‌କକ୍ ପ୍ୟାରେଣ୍ଟିଂ ଧାରା ଏବେ ବେଶ୍ ଲୋକପ୍ରିୟ ହେବାରେ ଲାଗିଛି। ଏଭଳି ଧାରା ପିଲାଙ୍କ ଉପରେ ଚାପ ପକାଉଥିବା ଜଣାପଡ଼ିଛି। ପିକ୍‌କକ୍ ପ୍ୟାରେଣ୍ଟିଂ ଏମିତି ଏକ ଶୈଳୀ, ଯେଉଁଥିରେ ବାପାମାଆ ନିଜ ପିଲାଙ୍କୁ ମୟୂର ଭଳି ଆକର୍ଷଣୀୟ କରି ଦୁନିଆ ଆଗରେ ଛିଡ଼ା କରିବା ଉପରେ ଗୁରୁତ୍ୱ ଦେଇଥାନ୍ତି। ପିଲାଟିର ନିଜର ଏକ ବ୍ୟକ୍ତିଗତ ଜୀବନ ଅଛି ବୋଲି ସେମାନେ ଭୁଲି ଯାଆନ୍ତି। ଅଭିଭାବକମାନେ ପିଲାର ଲାଳନପାଳନ ସମୟରେ ଆବଶ୍ୟକତାଠୁ ଅଧିକ ପିଲାଙ୍କର ପବ୍ଲିକ୍ ଇମେଜ୍ ଉପରେ ଗୁରୁତ୍ୱ ଦିଅନ୍ତି। ଏଥିରେ ପିଲାମାନଙ୍କର ଅଭିଭାବକ ସେମାନଙ୍କୁ ଦୁନିଆ ଆଗରେ ଅଧିକ ସ୍ମାର୍ଟ, ବୁଦ୍ଧିମାନ ଦେଖାଇବାକୁ ପ୍ରୟାସ କରନ୍ତି। ଠିକ୍‌ଯେପରି ଜଣେ ବ୍ୟକ୍ତିଙ୍କୁ ପ୍ରମୋଟ୍ କରିବା ପାଇଁ ପିଆର୍ ଟିମ୍ କରିଥାଏ। ଆଜିକାଲି ସାମାଜିକ ଗଣମାଧ୍ୟମରେ ପିଲାଙ୍କର ପ୍ରତ୍ୟେକ ସଫଳତାକୁ ବାପାମାଆମାନେ ଆବଶ୍ୟକତାଠୁ ଅଧିକ ଦେଖେଇ ହେବାରେ ଲାଗିଛନ୍ତି। ଯାହାକୁ କେବଳ ପିଲା ହିଁ ଅନୁଭବ କରୁଥିବା କୁହାଯାଉଛି। ଏହି କାରଣ ଯୋଗୁଁ ପିଲାମାନେ ଧୀରେ ଧୀରେ ଅବସାଦ ଆଡ଼କୁ ଗତି କରିଥାନ୍ତି। ଅଭିଭାବକମାନେ ଏଭଳି କରିବା ଦ୍ୱାରା ପ୍ରତ୍ୟେକ ଜିନିଷ କେବଳ ଦେଖେଇ ହେବା ପାଇଁ କରାଯାଉଥିବା ପିଲାଙ୍କୁ ଲାଗିଥାଏ। ଅନ୍ୟପଟେ ଯେଉଁ ବୟସରେ ସେମାନେ ଭୁଲ୍‌ରୁ ଶିଖିବା ପାଇଁ ଚେଷ୍ଟା କରୁଥାନ୍ତି ସେହି ବୟସରେ ସେମାନଙ୍କୁ ସବୁ ବିଷୟରେ ପାରଙ୍ଗମ ହେବା ଦୌଡ଼ରେ ଅଭିଭାବକମାନେ ସାମିଲ କରି ଦେଉଛନ୍ତି। ଏହାର ପ୍ରଭାବ ସେମାନଙ୍କ ସୃଜନଶୀଳତା ଉପରେ ପଡୁଛି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏଥିଯୋଗୁଁ ପିଲାମାନଙ୍କ ଉପରେ ମାନସିକ ଚାପ ମଧ୍ୟ ପଡୁଛି।

## ଜାନୁଆରୀରେ 'ଲଭ୍ ଆଣ୍ଡ ୱାର୍'ର ଫାଷ୍ଟ ଲୁକ୍



୨୦୨୬ର ଚର୍ଚ୍ଚିତ ଫିଲ୍ମ ମଧ୍ୟରେ ସଞ୍ଜୟ ଲୀଲା ଭଁସାଲିଙ୍କ 'ଲଭ୍ ଆଣ୍ଡ ୱାର୍' ରହିଛି। ଏଥିରେ ଲିଡ୍ ରୋଲରେ ରଣବୀର କପୁର, ଆଲିଆ ଭଟ୍ଟ ଓ ଭିକି କୌଶଲ ନଜର ଆସିବେ। ଯୁଦ୍ଧ ପୃଷ୍ଠଭୂମିରେ ଗଢ଼ି ଉଠିଥିବା ତ୍ରିକୋଣୀୟ ପ୍ରେମ କାହାଣୀ ଉପରେ ଏହି ଫିଲ୍ମ ଆଧାରିତ। ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଜବରଦସ୍ତ ଉତ୍ସାହ ରହିଛି। ଫିଲ୍ମର ଅଧାରୁ ଅଧିକ ଅଂଶର ସୁଟିଂ ସରିଛି। ଏବେ ଫିଲ୍ମର ଫାଷ୍ଟ ଲୁକ୍‌କୁ ନେଇ ଖବର ଆସିଛି। ଏହା ଆସନ୍ତା ଜାନୁଆରୀରେ ରିଲିଜ୍ ହେବ। ଏଥିରେ ଏହି ତିନି ସୁପରଷ୍ଟାର୍ ଏକାସଙ୍ଗେ ନଜର ଆସିବେ ବୋଲି ଏକପ୍ରକାର ସ୍ପଷ୍ଟ ହୋଇଛି। ଏହାପୂର୍ବରୁ ସୁଟିଂସେଟ୍‌ରୁ ରଣବୀର ଓ ଆଲିଆଙ୍କର ଅନେକ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏହା ଆସନ୍ତା ମାର୍ଚ୍ଚ ୨୦ରେ ରିଲିଜ୍ ହେବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ସୁଟିଂରେ ବିଳମ୍ବ ହେବାରୁ ଏବେ ଏହାର ରିଲିଜ୍ ଡେଟ୍‌କୁ ଘୁଞ୍ଚାଇ ୧୪ ଅଗଷ୍ଟ କରି ଦିଆଯାଇଛି।

## ପେନ୍‌ସିଲ ମୁନ ଆକୃତିର ବେଙ୍ଗ



ବୈଜ୍ଞାନିକମାନେ ବେଙ୍ଗର ଏକ ନୂଆ ପ୍ରଜାତିର ସନ୍ଧାନ କରିଛନ୍ତି। ବେଙ୍ଗଟି ଦେଖିବାକୁ ପେନ୍‌ସିଲ୍ ମୁନ ଭଳି କ୍ଷୁଦ୍ରାକାର। ଏହା ବ୍ରାଜିଲର ସେରା ଡୋ କ୍ୱିରିରି ପର୍ବତମାଳାର ଘଞ୍ଚ ଜଙ୍ଗଲରେ ମିଳିଛି। ଏହି ଜଙ୍ଗଲ ଭୂପୃଷ୍ଠଠାରୁ ୧୦୦୦ ରୁ ୨୫୦୦ ମିଟର ଉଚ୍ଚତାରେ ଅବସ୍ଥିତ। ଏହି ନୂଆ ପ୍ରଜାତି ବେଙ୍ଗର ନାଁ 'ବ୍ରେକିସେଲଫଲସ ଲୁଲଇ।' ଏହି ନାଁ ବ୍ରାଜିଲ ରାଷ୍ଟ୍ରପତି ଲୁଇଜ ଇନାସିୟୋ ଲୁଲା ଡା ସିଲ୍‌ଭାଙ୍କ ସମ୍ମାନରେ ରଖାଯାଇଛି। ତେବେ ବେଙ୍ଗଟିର ଅନେକ ବିଶେଷତ୍ୱ ବି ଅଛି। ଏହାର ଶରୀର ଉଜ୍ଜ୍ୱଳ କମଳା ରଙ୍ଗର ହୋଇଥିବା ବେଳେ ଏହା ଉପରେ ଧୂସର ଓ ସବୁଜ ଦାଗ ରହିଛି। ଏହି ପ୍ରଜାତିର ଅଣ୍ଡିରା ବେଙ୍ଗର ଆକାର ୯ ରୁ ୧୧ ମିଲିମିଟର ହୋଇଥିବା ବେଳେ ମାଈ ବେଙ୍ଗର ଆକାର ୧୧-୧୪ ମିଲିମିଟର ହୋଇଥାଏ। ବୈଜ୍ଞାନିକମାନେ ଦୀର୍ଘ ବର୍ଷ ଧରି ଏହି ଅଞ୍ଚଳରେ ଅନୁସନ୍ଧାନ କରିଆସୁଛନ୍ତି। କାରଣ ଏଠାରେ ଏମିତି ସୂକ୍ଷ୍ମଜୀବ ମିଳିଥାନ୍ତି, ଯାହାକି ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ମିଳି ନ ଥାଏ। ଏହି ନୂତନ ପ୍ରଜାତିକୁ ଏହାର ଅନନ୍ୟ ଶରୀର ଗଠନ ଦ୍ୱାରା ଚିହ୍ନଟ କରାଯାଇଥିଲା, ଯାହା ଏହି ଅଞ୍ଚଳର ଅନ୍ୟ ବେଙ୍ଗଠାରୁ ଭିନ୍ନ ଥିଲା। ଏହାର ଚିହ୍ନଟ ଡିଏନଏ ପରୀକ୍ଷା ଏବଂ ସିଟି ଏକ୍ସରେ ସ୍କାନ ଦ୍ୱାରା କରାଯାଇଛି। ସେହିପରି ଏହି ଛୋଟିଆ ବେଙ୍ଗ ଏମିତି ସ୍ଥାନରେ ରହେ, ଯାହାକି ଖୁବ୍ ସୀମିତ। ତେଣୁ ଏହାର ବିଲୁପ୍ତ ହେବା ଆଶଙ୍କା ଅଧିକ। ବୈଜ୍ଞାନିକମାନେ ଏହି ବେଙ୍ଗ ଏବଂ ଏହା ଭଳି ଅନ୍ୟ ସୂକ୍ଷ୍ମ ଜୀବଙ୍କୁ ରକ୍ଷା କରିବା ଲାଗି ସେରା ଡୋ କ୍ୱିରିରିକୁ ବନ୍ୟପ୍ରାଣୀ ଆଶ୍ରୟସ୍ଥଳ ଭାବେ ଘୋଷଣା କରିବାକୁ ପ୍ରସ୍ତାବ ଦେଇଛନ୍ତି। ଯଦି ଏଭଳି ପ୍ରଜାତିର ବେଙ୍ଗକୁ ସୁରକ୍ଷା ନ ଦିଆଯିବ ଏମାନେ ବିଲୁପ୍ତ ହୋଇଯିବେ ବୋଲି ବୈଜ୍ଞାନିକମାନେ ଚେତାଇ ଦେଇଛନ୍ତି।




## ଡାଲିଜାତୀୟ ଫସଲରେ ଉତ୍ପାଦକତା ବୃଦ୍ଧି

# ଜୀବାଣୁ ସାର ଏବଂ ଅଣୁସାର ଉପଯୋଗୀ

**ଡାଲି ଏକ ପୁଷ୍ଟିସାର ଜାତୀୟ ଖାଦ୍ୟ। ଡାଲି ଜାତୀୟ ଫସଲ ମଧ୍ୟରେ ମୁଗ, ବିରି, ହରଡ଼, ଚଣା, ବୁଟ, ମଟର, କୋଳଥ ଆଦି ମୁଖ୍ୟ ହୋଇଥାଏ। ଧାନ ପରେ ରାଜ୍ୟରେ ଦ୍ୱିତୀୟ ସର୍ବାଧିକ ଚାଷ କରାଯାଉଥିବା ଫସଲ ହେଉଛି ଡାଲି ଜାତୀୟ ଫସଲ। ହେଲେ ଏବେ ଡାଲି ଜାତୀୟ ଖାଦ୍ୟ ଉତ୍ପାଦନ କମୁଛି। ଡାଲି ଜାତୀୟ ଫସଲରେ ସମନ୍ୱିତ ସାର ପରିଚାଳନା କରା ନ ଯିବା ଏହାର ଏକ ପ୍ରମୁଖ କାରଣ। ତେଣୁ ଡାଲି ଉତ୍ପାଦନ ବୃଦ୍ଧି ପାଇଁ ଫସଲରେ ଜୀବାଣୁସାର ଓ ଅଣୁସାରର ଉପଯୋଗ ନିହାତି ଆବଶ୍ୟକ।**



ବିଭୁତି ଭୂଷଣ ଦଳବେହେରା

ଧାନ ଚାଷ ପରେ ପରବର୍ତ୍ତୀ ଫସଲକୁ ଉଚିତ ମାତ୍ରାରେ ପୋଷକତତ୍ତ୍ୱ ମିଳି ପାରେନି। ସେଥିପାଇଁ ମାଟିକୁ ଜୀବାଣୁ ସାରର ଆବଶ୍ୟକତା ପଡିଥାଏ। ଏହାଦ୍ୱାରା ମାଟିରେ ଯବକ୍ଷାରଜାନ ଅଂଶ ବୃଦ୍ଧି ପାଇ ଫସଲ ଅମଳ ବଢ଼ିପାରିବ।

**ଜୀବାଣୁ ସାର କ'ଣ:** ଜୀବାଣୁ ସାର ସୂକ୍ଷ୍ମ ଅଣୁଜୀବଙ୍କୁ ବୁଝାଏ। ମାଟିରେ କୋଟି କୋଟି ସଂଖ୍ୟାରେ ଏମାନେ ରହିଥାନ୍ତି। ମାତ୍ରାଧିକ ରାସାୟନିକ ସାର, କୀଟନାଶକ, ତୃଣକମାରୀର ପ୍ରୟୋଗ, ଖତ ପରିମାଣ କମ ହେତୁ ମାଟିରେ ସୂକ୍ଷ୍ମ ଅଣୁଜୀବଙ୍କର ସଂଖ୍ୟା କମି ଯାଉଛି। ତେଣୁ ସୂକ୍ଷ୍ମ ଅଣୁଜୀବଙ୍କୁ ପରୀକ୍ଷାଗାରରେ କଲଚର କରାଯାଇ ପ୍ୟାକେଟ ଭିତରେ ରଖାଯାଏ। ପରବର୍ତ୍ତୀ ସମୟରେ ଏହାକୁ ଫସଲ ଉତ୍ପାଦନ କାର୍ଯ୍ୟରେ ବ୍ୟବହାର କରାଯାଉଛି।

ଡାଲି ଜାତୀୟ ଫସଲ ପାଇଁ ବ୍ୟବହୃତ ଜୀବାଣୁ ସାର ମଧ୍ୟରେ 'ରାଇଜୋବିୟମ କଲଚର' ଏବଂ 'ଫସ୍‌ଫରସ ସଲ୍ୟୁଏବଲାଇଜିଂ ବ୍ୟାକ୍ଟେରିଆ ( ପି. ଏସ. ବି )' ପ୍ରମୁଖ ହୋଇଥାଏ। ରାଇଜୋବିୟମ କଲଚର ଚେରରେ ଗଣ୍ଠି ବୃଦ୍ଧି କରିବା ସହ ଫସଲକୁ ଯବକ୍ଷାରଜାନ ସାର ଯୋଗାଏ । ଫସ୍‌ଫରସ ସଲ୍ୟୁଏବଲାଇଜିଂ ବ୍ୟାକ୍ଟେରିଆ ମୃତ୍ତିକାରେ ବାନ୍ଧି ରହିଥିବା ଫସ୍‌ଫରସ ସାରକୁ ମୁକ୍ତ ଅବସ୍ଥାକୁ ଆଣି ଫସଲକୁ ସହଜଲଭ୍ୟ କରିଥାଏ।

୧ କେଜି ବିହନ ପାଇଁ ୧୦-୨୦ ଗ୍ରାମ ରାଇଜୋବିୟମ କଲଚର ଆବଶ୍ୟକ ପଡେ। ପ୍ରଥମେ ରାଇଜୋବିୟମ କଲଚର ସହ ଦ୍ୱିଗୁଣ ପାଣି ବା ଥଣ୍ଡା ପେଜ ମିଶାଇ ବହଳିଆ ମଣ୍ଡ ପ୍ରସ୍ତୁତ କରାଯାଏ। ଉକ୍ତ ମଣ୍ଡକୁ ଡାଲି ଜାତୀୟ ବିହନ ଉପରେ ଗୋଳାଇ ଛାଇରେ ରଖାଯାଏ। ସେହିପରି ଫସ୍‌ଫରସ ସଲ୍ୟୁଏବଲାଇଜିଂ ବ୍ୟାକ୍ଟେରିଆ ଜୀବାଣୁ ସାରକୁ ବିହନ ପ୍ରତି ୧୦-୨୦ ଗ୍ରାମ ନେଇ ଦ୍ୱିଗୁଣ ପାଣି ବା ଥଣ୍ଡା ପେଜ ସହ ଗୋଳାଇ ଏକ ମଣ୍ଡ ପ୍ରସ୍ତୁତ କରିବାକୁ ପଡେ। ଉକ୍ତ ମଣ୍ଡକୁ ବିହନରେ ଗୋଳାଇ ଛାଇ ଜାଗାରେ ରଖା ଯାଏ। ବିହନକୁ ସାଧାରଣତଃ ସକାଳ କିମ୍ବା ଅପରାହ୍ନରେ ବୁଣାଗଲେ ଜୀବାଣୁ ସାରର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ। ଖରାରେ ପ୍ରୟୋଗ କଲେ ସେଥିରେ ଥିବା ଜୀବାଣୁ ମାନେ ନଷ୍ଟ ହୋଇଯାନ୍ତି। ଉକ୍ତ ଜୀବାଣୁ ସାରକୁ ଗୋବର ଖତ ସହ ମିଶାଯାଇ ଜମିରେ ପକା ଯାଇ ପାରିବ। ଡାଲି ଜାତୀୟ ଫସଲ ଉତ୍ପାଦନରେ 'ମଲିବଡେନମ ଅଣୁସାର'ର ଭୂମିକା ଗୁରୁତ୍ୱପୂର୍ଣ୍ଣ। ୧୦ କେଜି ବିହନ ପ୍ରତି ୩ଗ୍ରାମ ମଲିବଡେନମ ଅଣୁସାର ପ୍ରୟୋଗ କଲେ ଡାଲି ଜାତୀୟ ଫସଲର ଉତ୍ପାଦନ ବଢିଥାଏ। ଠିକ ସେହିପରି 'ଗନ୍ଧକ ସାର' ପ୍ରୟୋଗ ଦ୍ୱାରା ମଧ୍ୟ ଫସଲ ଉତ୍ପାଦନ ବଢିବା ସହ ଦାନା ହୃଷ୍ଟପୁଷ୍ଟ ହୋଇଥାଏ। ସମନ୍ୱିତ ଖାଦ୍ୟ ସାର ପରିଚାଳନାରେ ଡାଲି ଚାଷ କରାଗଲେ ଫସଲର ଉତ୍ପାଦନ ବୃଦ୍ଧି ପାଇବ।

ଗ୍ରାମ୍ୟ କୃଷି କର୍ମଚାରୀ
ବେଗୁନିଆ, ଖୋର୍ଦ୍ଧା

## କ୍ଷୁଦ୍ରଚାଷୀଙ୍କ ପାଇଁ କୃଷି ଯନ୍ତ୍ର



ପାରମ୍ପରିକ ପ୍ରଣାଳୀରେ ଚାଷ ଦ୍ୱାରା ଖର୍ଚ୍ଚ ଅଧିକ ବଢ଼ିଥାଏ। ଏହାଦ୍ୱାରା ଚାଷ କମ୍ କରିବାକୁ ପଡ଼େ। ଖର୍ଚ୍ଚ କମେ। ଅମଳରେ ପରିବର୍ତ୍ତନ ହୁଏ ନାହିଁ। ତେଣୁ ବିହାର, ବାଙ୍କା ଜିଲ୍ଲାର ମହମ୍ମଦ କମର ତୌହୀଦ କ୍ଷୁଦ୍ର ଚାଷୀମାନଙ୍କ ପାଇଁ ଏକ ଉପଯୁକ୍ତ କୃଷି ଯନ୍ତ୍ର ବାହାର କରିଛନ୍ତି। ମହମ୍ମଦ ପେଶାରେ ଜଣେ ମେକାନିକାଲ ଇଞ୍ଜିନିୟର। ୪୦,୦୦୦ଟଙ୍କା ଖର୍ଚ୍ଚରେ ଏହି ଯନ୍ତ୍ର କରିଛନ୍ତି। ଏଥିରେ ୫ ହର୍ସପାୱାର ସିଙ୍ଗଲ ସିଲିଣ୍ଡର, ଏୟାରକୁଲ୍ଡ ଡିଜେଲ ଏବଂ ବ୍ୟବହୃତ ହଳ ଇଞ୍ଜିନ ଆଦି ଲଗାଇଛନ୍ତି। ଯନ୍ତ୍ରଟି ୫ଫୁଟ ଲମ୍ବା ଏବଂ ୨.୫ ଫୁଟ ଚଉଡା। ଆବଡ଼ା ଖାବଡା ଜମିରେ ଏହି ଯନ୍ତ୍ରଟି ବେଶ ସହଜରେ ଚାଲିପାରିବ। ତେଣୁ ମହମ୍ମଦ ବିନା ଟାୟାରରେ ଏହି କୃଷିଯନ୍ତ୍ରଟିକୁ ତିଆରି କରିଛନ୍ତି। ଏହା ଏକାଧିକ କାମ କରି ଚାଷୀଙ୍କ ସମସ୍ୟା ଦୂର କରି ପାରିବ। ସାଧାରଣତଃ ବିହନ ବୁଣା ଶେଷ ହେବା ପରେ ଚାଷୀ ଏହାର ଇଞ୍ଜିନକୁ ଖୋଲି ଜମିରେ ପାଣି ମଡାଇବା ତଥା ଅମଳ କରିବାରେ ବ୍ୟବହାର କରିପାରିବେ। ଏହି କୃଷି ଯନ୍ତ୍ରଟି ଏକ ହେକ୍ଟର ଜମିରେ ମାତ୍ର ୮ ରୁ ୯ ଘଣ୍ଟାରେ ହଳ ଏବଂ ବୁଣା କାମ କରିଥାଏ।

## ଡ୍ରାଗନ୍‌ଫ୍ରୁଟ୍ ସହିତ ସପୁରୀ ଚାଷ

**ଆମ ରାଜ୍ୟରେ ଜଳବାୟୁର ଅନୁକୂଳ ପାଣିପାଗ ଅଭାବ ସତ୍ତ୍ୱେ ଡ୍ରାଗନ୍‌ଫ୍ରୁଟ୍ ଚାଷ ହେଉଛି। ଏହି ଚାଷ ପାଇଁ ବାଲିଆ, ମାଙ୍କିଡିଆ ପଥର ଏବଂ ଲାଲ୍ ମାଟି ଉପଯୁକ୍ତ। ତେବେ ଚାଷୀଭାଇ ଡ୍ରାଗନଫ୍ରୁଟ୍ ସହିତ ସପୁରୀ ଚାଷ ବି କରିପାରିବେ। ଏହା ଦ୍ୱାରା ଆୟ ଦ୍ୱିଗୁଣିତ ହୋଇପାରିବ।**



ଚାଷପାଇଁ ମାଟିକୁ ସମତଳ କରି ମାଟିକୁ ଉପର ତଳ କରାଯାଏ। ଡ୍ରାଗନଫ୍ରୁଟ ପାଇଁ ଜମିରେ ସିମେଣ୍ଟ ଖୁଣ୍ଟି ବନାଇ ଉପରେ ଗୋଲାକାର କିମ୍ବା ଚାରିକୋଣିଆର ବାଡ ସେଟିଂ କରାଯାଏ। ଡ୍ରାଗନଫ୍ରୁଟ୍ ଗଛରୁ ଗଛ ଦୂରତା ୨ରୁ ୫ଫୁଟ ରଖି ଦୁଇଟି ଧାଡ଼ି ମଧ୍ୟରେ ସପୁରୀ ଚାରା ଲଗାଯାଏ। ସପୁରୀ ଚାରାରୁ ଅନ୍ୟ ସପୁରୀ ଚାରା ଦୂରତା ୨ରୁ ଅଢ଼େଇ ଫୁଟ ରହିବ। ଶୁଷ୍କ ଅଞ୍ଚଳରେ ଏହି ଗଛ ବଢ଼ିପାରେ। ଜଳସିଞ୍ଚନକୁ ନେଇ ଚିନ୍ତା ନ ଥାଏ। ପ୍ରଥମ ଥର ଅଧ ଏକରରେ ଚାଷ ଆରମ୍ଭ କରିପାରିବେ। ଜୈବିକ ଖତ ପ୍ରୟୋଗ କରିବା ଆବଶ୍ୟକ। ଡ୍ରାଗନଫ୍ରୁଟ ଦର କିଲୋ ପ୍ରତି ୧୫୦ରୁ ୩୦୦ ଟଙ୍କା ହୋଇଥାଏ। ସେହିପରି ସପୁରୀ କେଜି ପିଛା ୪୦ରୁ ୭୦ଟଙ୍କା ଥାଏ। ତେଣୁ ଚାଷୀ ଉଭୟ ଫଳରୁ ଲାଭବାନ ହୋଇପାରିବେ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଡାଲୁଅ ଧାନର ବୁଣାବୁଣି କାର୍ଯ୍ୟ ଜାରି ରଖନ୍ତୁ। ଧାନ ତଳିଘରାକୁ ରାତ୍ରି ସମୟରେ ପଲିଥିନ୍‌ରେ ଘୋଡାଇ ରଖନ୍ତୁ।
- ସୂର୍ଯ୍ୟମୁଖୀ ଫସଲରେ କୋଡ଼ାଖୋସା କରି ଘାସ ବାଛି ଯବକ୍ଷାରଜାନଯୁକ୍ତ ସାରକୁ ପ୍ରୟୋଗ କରନ୍ତୁ।
- ଆଳୁ ଫସଲରେ ଜଳସେଚନ କରନ୍ତୁ।
- ଅଧିକ ଥଣ୍ଡା ସମୟରେ ଗୁହାଳରେ ପଲିଥିନ୍ କିମ୍ବା ଅଖା ଆଚ୍ଛାଦିକରଣର ବ୍ୟବସ୍ଥା କରନ୍ତୁ।
- କୁକୁଡ଼ା ଘରେ ଉତ୍ତାପ ବଜାୟ ରଖିବା ପାଇଁ ରୁମ ହିଟର କିମ୍ବା ୨୦୦ ୱାଟ ବଲ୍ ଲଗାନ୍ତୁ।
- ମାଛଙ୍କ ଦେହରେ କବକ, ପରଜୀବୀଜନିତ ରୋଗ ନିରାକରଣ ପାଇଁ ଏକ ଏକର ପୋଖରୀ ପ୍ରତି ସିଫାକ୍ସ ୪୦୦ ମିଲି ୪୦ ଲିଟର ପାଣିରେ ମିଶାଇ ବିଶୋଧନ କରନ୍ତୁ।

**ଦୁଗ୍ଧ ଚାଷୀଙ୍କୁ 'କାମଧେନୁ' ଯନ୍ତ୍ରଣା**

# ମିଳୁନି ସବ୍‌ସିଡି; ଗାଈ ବିକି ଋଣ ପରିଶୋଧ

ଭୁବନେଶ୍ୱର,୨୯।୧୨(ହୋଚିମିନ୍ ଦେବତା):

ଗୋପାଳକଙ୍କୁ ହସାଇବାକୁ ରାଜ୍ୟ ସରକାର କାର୍ଯ୍ୟକାରୀ କରିଥିଲେ କାମଧେନୁ ଯୋଜନା। ହେଲେ ଏହି ଯୋଜନା ଏବେ ଦୁଗ୍ଧଚାଷୀଙ୍କୁ କନ୍ଦାଇବା ଆରମ୍ଭ କରିଛି। ସବ୍‌ସିଡିର ପ୍ରତିଶ୍ରୁତି ଦେଖି ଏହି ଯୋଜନା ପ୍ରତି ଚାଷୀ ଆଗ୍ରହ ପ୍ରକାଶ କରୁଛନ୍ତି, ହେଲେ ଥରେ ଏଥିରେ ହିତାଧିକାରୀ ହେବା ପରେ ମାୟାଜାଲରୁ ଚାଷୀ ବାହାରି ପାରୁନାହାନ୍ତି। ୨ ଲକ୍ଷ ଟଙ୍କା ଋଣ କରି ରାଜ୍ୟ ବାହାରୁ ଗାଈ କିଣିଥିଲେ ସୁଦ୍ଧା ସରକାର ସେମାନଙ୍କୁ ସବସିଡ଼ି ଦେଉ ନାହାନ୍ତି । ଏପଟେ ସରକାରୀ ସବସିଡ଼ି ନ ମିଳିବା ଓ ସେପଟେ ଋଣ ଉପରେ ସୁଧ ଚାପ ଚାଷୀଙ୍କୁ ନାକେଦମ୍ କଲାଣି। ଫଳରେ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଚାଷୀ ରାଜ୍ୟ ବାହାରୁ କିଣିଥିବା ଗୋରୁଙ୍କୁ ବିକି ଋଣ ପରିଶୋଧ କରବାକୁ ବାହାରିଛନ୍ତି।

ରାଜ୍ୟକୁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରକୁ ସଶକ୍ତ କରିବାକୁ ପୂର୍ବ ସରକାରଙ୍କ ଯୋଜନାକୁ ପରିବର୍ତ୍ତନ କରାଯାଇ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ ପରିବର୍ତ୍ତନ କରାଗଲା। ଦୁଗ୍ଧ ଚାଷୀ ରାଜ୍ୟ ବାହାରୁ ଗାଈ କିଣିବାକୁ ଏଥିରେ ସର୍ତ୍ତ ରଖାଗଲା। ରାଜ୍ୟ ବାହାରୁ ଦୁଧିଆଳୀ ଗାଈ କିଣିଲେ ୭୦ ପ୍ରତିଶତ ସବସିଡ଼ି ଦିଆଯିବ ବୋଲି କୁହାଗଲା। ଏଥିପାଇଁ ବ୍ୟାପକ ପ୍ରଚାର ହେଲା। ରାଜ୍ୟ ବାହାରୁ ଦୁଇଟି ଗାଈର ମୂଲ୍ୟ ୧.୬ ଲକ୍ଷ ଓ ଗୁହାଳ ପାଇଁ ଖର୍ଚ୍ଚ ହେବାକୁଥିବା ୫୦ ହଜାର ଟଙ୍କାକୁ ମିଶାଇ ପୁରା ଯୋଜନାରେ ୨.୩ ଲକ୍ଷ ଟଙ୍କା ଚାଷୀଙ୍କୁ ଦିଆଯିବାକୁ ସ୍ଥିର ହେଲା। ଏଥିରୁ ୭୦% ଅର୍ଥାତ୍ ୧.୬୧ ଲକ୍ଷ ଟଙ୍କା



ସରକାର ରିଆତି ଦେବାକୁ ବି ଘୋଷଣା କରାଗଲା। ଚାଷୀ କରଜ କରି ଗୁହାଳ ତିଆରି କଲେ। ରାଜ୍ୟ ସରକାରଙ୍କ ସର୍ତ୍ତ ଅନୁସାରେ ଗୁଜରାଟରୁ, ଆନ୍ଧ୍ରରୁ ଗାଈ କିଣି ଆଣିଲେ । ମାତ୍ର ମାସ ପରେ ମାସ ବିତିବା ପରେ ଆଉ ରିଆତି ମିଳିଲା ନାହିଁ । ଇତିମଧ୍ୟରେ ୩ ମାସ ବିତିଗଲାଣି, ମାତ୍ର ସବସିଡ଼ି ଆସୁନାହିଁ ।

ସବ୍‌ସିଡି କଣ ପାଇଁ ମିଳୁନାହିଁ ବୋଲି ଜାଣିବାକୁ ଚାଷୀ ପ୍ରଥମେ ଏଲ୍ଆଇଙ୍କ ପାଖକୁ ଯାଉଛି। ଏଲ୍ଆଇ କିଛି କହି ନ ପାରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଉଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀମାନେ ସିଡିଭିଓଙ୍କ କାର୍ଯ୍ୟାଳୟକୁ ଯିବାକୁ କହୁଛନ୍ତି। ମାତ୍ର ସେଠାରେ ବି କିଛି ଆଶ୍ୱାସନା ମିଳୁନାହିଁ। ଅତିରିକ୍ତ ବଜେଟ୍ ପାସ୍ ହେଲା ପରେ ସବ୍‌ସିଡି ଟଙ୍କା ମିଳିଯିବ ବୋଲି କୁହାଗଲା। ମାତ୍ର ଡ଼ିସେମ୍ବର ମାସ ସରିବାକୁ ବସିଲାଣି, ସବସିଡ଼ି ଚାଷୀଙ୍କୁ ମିଳି ପାରିଲା ନାହିଁ। ଏବେ ପଶୁ ସମ୍ପଦ ବିଭାଗ ନିର୍ଦ୍ଦେଶାଳୟରେ ଫାଇଲ ଅଟକିଯାଇଛି ଓ ମାନବସମ୍ବଳ ଅଭାବରୁ ଫାଇଲ୍ ଆଗକୁ ବଢ଼ି ପାରୁନାହିଁ ବୋଲି କୁହାଯାଉଛି। ଅଧିକାଂଶ ଫାଇଲ୍‌ରେ ସବ୍‌ସିଡି ରିଲିଜ୍ ଅପେକ୍ଷା(ପେଣ୍ଡିଂ ଫର୍ ରିଲିଜ୍) ବୋଲି ଦର୍ଶାଉଛି। ଏଣୁ ଆମେ ସବୁ କାମ କରି ଦେଇଛୁ। ଏବେ ଆମ ହାତରେ କିଛି ନାହିଁ ବୋଲି ଅଧିକାରୀମାନେ କହୁଛନ୍ତି। ତେଣୁ ଚାଷୀ ଆକାଶକୁ ଚାହିଁ ବସିଛି । ବଲାଙ୍ଗୀର, କୋରାପୁଟ୍, ମୟୂରଭଞ୍ଜ, ସମ୍ବଲପୁର, ମାଲକାନାଗିରି, ବାଲେଶ୍ୱର, ଭଦ୍ରକ, ଯାଜପୁର, ରାୟଗଡା ଭଳି ଦୂର ଦୁରାନ୍ତ ଅଞ୍ଚଳର ଚାଷୀ କଣ ସବ୍‌ସିଡି ଟଙ୍କା ବୁଝିବାକୁ କଟକ କି ଭୁବନେଶ୍ୱର ଆସିବେ କି ବୋଲି ପ୍ରଶ୍ନ ଉଠିଛି ।

ଏଭଳି ପରିସ୍ଥିତିରେ ଚାଷୀ ଧାର ଶୁଝି ପାରୁନାହାନ୍ତି। ବ୍ୟାଙ୍କରେ ଋଣ ଭାର ବଢିବାରେ ଲାଗିଛି। ସବ୍‌ସିଡି ଟଙ୍କା ନ ମିଳିବାରୁ ବ୍ୟାଙ୍କ୍‌ରେ କିସ୍ତି ଦେବା ପାଇଁ ପୁଣି ଧାର କରିବାକୁ ପଡୁଛି। ଏଭଳି ଚାଲିଲେ କ୍ଷତି ସହୁ ପଛେ ବାଧ ହୋଇ ଗାଈ ବିକ୍ରି କରିଦେବୁ ବୋଲି କୁନାମଣି ଦାସ ନାମକ ଚାଷୀ କହିଛନ୍ତି। କେବଳ କୁନାମଣି ନୁହନ୍ତି ବିଭିନ୍ନ ଜିଲ୍ଲାର ଅଧିକାଂଶ ଚାଷୀ ସମାନ ମତ ଦେଇଛନ୍ତି। ଏସମ୍ପର୍କରେ କାମଧେନୁ ଯୋଜନା ପରିଚାନଲା କରୁଥିବା ଉପ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ଖୁଣ୍ଟିଆ କହିଛନ୍ତି ଯେ ଚାଷୀଙ୍କ ସବସିଡ଼ି ୧୫ ଦିନ ମଧ୍ୟରେ ମିଳିଯିବା କଥା । ମାତ୍ର ତାହା ବିଳମ୍ବ ହୋଇଛି। ଆମେ ଏଥିପାଇଁ ଏବେ ସିଧାସଳଖ ଏକ ଆପ୍ ମାଧ୍ୟମରେ ବ୍ୟାଙ୍କ ଆକାଉଣ୍ଟ ଲିଙ୍କ୍ କରି ସବ୍‌ସିଡି ପ୍ରଦାନ କରିବାକୁ ଯୋଜନା କରୁଛୁ ବୋଲି ସେ କହିଛନ୍ତି । ମାତ୍ର ଚାଷୀଙ୍କୁ କେବେ ସବସିଡ଼ି ମିଳିବ ସେ ସମ୍ପର୍କରେ ସେ ସ୍ପଷ୍ଟ ଭାବରେ କିଛି କହିପାରିନାହାନ୍ତି ।

# ଆଜି ରଥକାଠ ଚିହ୍ନଟ ଅନୁକୂଳ ପୂଜା



ପୁରୀ/ନୟାଗଡ଼, ୨୯।୧୨ (ସମିସ): ୨୦୨୬ ରଥଯାତ୍ରା ପାଇଁ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି। ପରମ୍ପରା ଅନୁଯାୟୀ, ନୟାଗଡ଼ ଜିଲ୍ଲା ଗଣିଆର ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ରଥ ପାଇଁ କାଠ ଚିହ୍ନଟ ଓ କାଟିବା ଅନୁକୂଳ ହୋଇଥାଏ। ଏଥିଲାଗି

- ନୟାଗଡ଼ ଗଲେ ୫ ଜଣିଆ ଟିମ୍
- ଏଥର ଆସିବ ୮୧୮ ଖଣ୍ଡ କାଠ

ସୋମବାର ଅପରାହ୍ଣରେ ଦାରୁବିଗ୍ରହଙ୍କ ଲାଗି ଖଣ୍ଡୁଆ, ମାଳ, ମାହାର୍ଦ୍ଦ, ପତନୀ, ଧୂପ, ଦୀପ ନେଇ ଶ୍ରୀମନ୍ଦିରର ୫ ଜଣିଆ ଟିମ୍ ନୟାଗଡ଼ ଅଭିମୁଖେ ଯାତ୍ରା କରିଛନ୍ତି। ରଥ ତତ୍ତ୍ୱାବଧାରକ ଚିତ୍ରସେନ ମହାପାତ୍ରଙ୍କ ନେତୃତ୍ୱରେ ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବି ଭୋଇ ପ୍ରମୁଖ ନୟାଗଡ଼ ଅଭିମୁଖେ ଯାତ୍ରା କରିଛନ୍ତି। ମଙ୍ଗଳବାର ବଡ଼ରାଉଳ ଠାକୁରାଣୀଙ୍କ ନିକଟରେ ପୂଜାର୍ଚ୍ଚନା ପରେ ରଥ ପାଇଁ କାଠ କଟା ଅନୁକୂଳ ହେବ।

ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ହୋଇଥାଏ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୪୭ ଖଣ୍ଡ ବଳକା ରହିଛି। ବାକି ୮୧୮ ଖଣ୍ଡ କାଠ ଏଥର ଆସିବ। ଏହି କାଠ ମଧ୍ୟରୁ ଖପୁରିଆସ୍ଥିତ କରତ କଳକୁ ୪୦୨ ଖଣ୍ଡ ଏବଂ ରଥଖଳାକୁ ୪୧୬ଖଣ୍ଡ କାଠ ଆସିବ। ତତ୍ତ୍ୱାବଧାରକ ମହାପାତ୍ର କହିଛନ୍ତି, ରଥ ନିର୍ମାଣ ପାଇଁ ଅସନ, ଧଉରା, ଫାଶି, ଶିମିଳି କାଠ ଆସିଥାଏ। ଏଥର ୮୧୮ ଖଣ୍ଡ କାଠ ଆସିବ। ବସନ୍ତ ପଞ୍ଚମୀ ପୂର୍ବରୁ ୨ ଟ୍ରିପ୍ କାଠ ରଥଖଳାରେ ପହଞ୍ଚିବ। ପରମ୍ପରା ଅନୁଯାୟୀ, ସେଥିମଧ୍ୟରୁ ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ବସନ୍ତ ପଞ୍ଚମୀ ତିଥିରେ ଅନୁକୂଳ କରାଯିବ। ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ କରାଯିବାର ବିଧି ରହିଛି।

**ପ୍ରକାଶ ମହାନ୍ତି ହତ୍ୟା ମାମଲା**

# ହାତୁଡ଼ିରେ ପିଟି ମାରିବା ପରେ ପୋତି ଦେଇଥିଲେ!

ବିନିକା, ୨୯।୧୨(ସମିସ): ବିନିକା ଏନ୍ଏସି ଅଧୀନ ଗୁଲାପଡ଼ା ଗ୍ରାମର ପ୍ରକାଶ ମହାନ୍ତି ହତ୍ୟା ମାମଲାରେ ବିନିକା ପୁଲିସ ଆଜି ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ମୁଖ୍ୟ ଅଭିଯୁକ୍ତ ଅଜିତ ସେବକ ଓରଫ ମଣ୍ଟୁ (୩୩), ଲେନଗଟ ଓରଫ ଶେଖର ପଧାନ (୨୪), ତପୁନ ପଧାନ (୨୬)। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏଥିରେ ସଂପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର୍ ଥିବା ଜଣାଯାଇଛି। ରାତ୍ରି ଭୋଜନ ପରେ କୌଣସି କାରଣକୁ ନେଇ ପ୍ରକାଶଙ୍କ ସହ ଅଭିଯୁକ୍ତମାନଙ୍କ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସେମାନେ ଏକ ହାତୁଡ଼ିରେ ପ୍ରକାଶଙ୍କ ମୁଣ୍ଡକୁ ପିଟି ହତ୍ୟା କରିବା ପରେ ପୂର୍ବରୁ ଖୋଳା ହୋଇଥିବା ଏକ ଗାତରେ ପକାଇ ପୋତି ଦେଇଥିଲେ। ଆଜି ଅପରାହ୍ଣରେ ବିନିକା ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୋନପୁର ଏସ୍‌ଡିପିଓ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଏହି ସୂଚନା ଦେଇଛନ୍ତି।

**୩ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ**

ତଦନ୍ତ ପ୍ରକ୍ରିୟାକୁ ଜୋରଦାର୍ କରଯାଇଛି। ଖୁବ୍‌ଶୀଘ୍ର ହତ୍ୟାର କାରଣ ପର୍ଦ୍ଦାଫାସ ହେବ ବୋଲି ଏସଡିପିଓ ସୂଚନା ଦେଇଛନ୍ତି।

ଏସ୍‌ଡିପିଓଙ୍କ ସୂଚନାନୁସାରେ, ୧୮ ତାରିଖ ସନ୍ଧ୍ୟାରୁ ପ୍ରକାଶ ନିଖୋଜ ଥିବା ନେଇ ତାଙ୍କ ସ୍ତ୍ରୀ ବନିତା ମହାନ୍ତି ୨୩ ତାରିଖରେ



ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ପୁଲିସ ତରଫରୁ ତଦନ୍ତ ଚାଲିଥିବା ବେଳେ ପୁନର୍ବାର ସ୍ତ୍ରୀ ବନିତା ତାଙ୍କ ସ୍ୱାମୀଙ୍କୁ ତାଙ୍କ ସହଯୋଗୀମାନେ ହତ୍ୟା କରି ମାଟିରେ ପୋତି ଦେଇଥିବା ଅଭିଯୋଗ ଆଣିଥିଲେ। ପରେ ମୃତ ପ୍ରକାଶଙ୍କ ସହ କାମ କରୁଥିବା ସହଯୋଗୀମାନଙ୍କୁ ଥାନାକୁ ଆଣି ଅଟକ ରଖିଥିଲେ। ପଚରାଉଚରା ପରେ ପରେ ହତ୍ୟା ଘଟଣାର ରହସ୍ୟ ଉନ୍ମୋଚନ ହୋଇଥିଲା। ରବିବାର ମୃତ ପ୍ରକାଶର ଜଣେ ସହଯୋଗୀକୁ ଧରି ପୁଲିସ ଘଟଣାସ୍ଥଳ କୁଲେର ଯୋର ନିକଟ ନାଳକୁ ଯାଇ ମାଟିରେ ପୋତା ହୋଇଥିବା ପ୍ରକାଶର ଶବକୁ ଉଦ୍ଧାର କରାଯାଇଥିଲା। ଏହି ସାମ୍ବାଦିକ ସମ୍ମିଳନୀରେ ବିନିକା ଥାନା ଅଧିକାରୀ ସତ୍ୟନାରାୟଣ ନାୟକ,ଏସ୍ଆଇ ପ୍ରସନ୍ନଜିତ୍ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ନିର୍ମାଣାଧୀନ କାନ୍ଥପଡ଼ି ଶ୍ରମିକ ମୃତ

ବାଲେଶ୍ୱର,୨୯।୧୨(ସମିସ): ବାଲେଶ୍ୱର ଟାଉନ୍ ଥାନା ଅନ୍ତର୍ଗତ କଂଗ୍ରେସ ଗଳିରେ ନିର୍ମାଣଧୀନ ଘରର କାନ୍ଥ ପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଚାନ୍ଦିପୁର ଥାନା ସାହାର୍ଦ୍ଦା ଗ୍ରାମର ବାବୁଲି ପାତ୍ର। କଂଗ୍ରେସ ଗଳିରେ ଏକ ଘର ନିର୍ମାଣ କାମ ଚାଲୁଥିଲା। ସେହି ସମୟରେ ହଠାତ୍ ଉକ୍ତ କାନ୍ଥଟି ବାବୁଲିଙ୍କ ଉପରେ ପଡ଼ିଯାଇଥିଲା। ତୁରନ୍ତ ଅନ୍ୟ ଶ୍ରମିକଙ୍କ ସହଯୋଗରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟଜଣେ ଶ୍ରମିକ ମଧ୍ୟ ଆହତ ହୋଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ରହିଛନ୍ତି। ଏନେଇ ଟାଉନ୍ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ବର୍ଷେ ହେଲା ସରୁନି ଏଲ୍‌ଟିଆର୍ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା

**ଓଏସ୍ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଆ ଶିକ୍ଷକ ଆଶାୟୀଙ୍କ ଆନ୍ଦୋଳନ**



ଭୁବନେଶ୍ୱର, ୨୯।୧୨ (ସମିସ): ଦୀର୍ଘ ବର୍ଷେ ପରେ ମଧ୍ୟ ଲିଭ୍ ଟ୍ରେନିଂ ରିଜର୍ଭ (ଏଲ୍‌ଟିଆର୍) ନିଯୁକ୍ତି ସରିଲା ନାହିଁ। ପିସିଏମ୍, ସିବିଜେଡ୍, ପିଇଟି, ଓଡ଼ିଆ, ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ନିଯୁକ୍ତି ପାଇଁ ଗୋଟିଏ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ମାତ୍ର ସମାନ ସମୟରେ ନିଯୁକ୍ତି ଦେବାରେ ସରକାର ବିଫଳ ହୋଇଛନ୍ତି। ବିଜ୍ଞପ୍ତି ଓ ପରୀକ୍ଷା ପରିଚାଳନାରେ ଏକାଧିକ ତ୍ରୁଟି ପାଇଁ ଆଶାୟୀମାନେ କୋର୍ଟଙ୍କ ଦ୍ୱାରସ୍ଥ ହେଉଥିବାରୁ ପ୍ରକ୍ରିୟା ସରିପାରୁନାହିଁ। ପିସିଏମ୍, ସିବିଜେଡ୍ ପିଲା ନିଯୁକ୍ତି ପାଇ ସାରିଥିବା ବେଳେ ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାର ଦିନ ପିଇଟି ଶିକ୍ଷକମାନେ ନିଯୁକ୍ତି ପାଇବେ। ମାତ୍ର ଅନ୍ୟ ସମସ୍ତ ଶିକ୍ଷକଙ୍କ ନିଯୁକ୍ତି ପ୍ରକ୍ରିୟା କେବେ ସରିବ, ସେ ନେଇ ପରୀକ୍ଷା ପରିଚାଳନା କରୁଥିବା ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍ଏସ୍‌ସି) ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଉନି। ଫଳରେ ଓଡ଼ିଶା ଶିକ୍ଷକ ଆଶାୟୀମାନେ ସୋମବାର ଓଏସ୍ଏସ୍‌ସି କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପରୀକ୍ଷା ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଦାବି କରିଛନ୍ତି।

ଓଡ଼ିଆ ଶିକ୍ଷକ ଆଶାୟୀଙ୍କ ଅଭିଯୋଗ ଅନୁଯାୟୀ, ପରୀକ୍ଷା ସରିବା ପରେ ଗତ ୩ ତାରିଖରେ ଆନ୍‌ସାର୍-କୀ ପ୍ରକାଶ ପାଇଥିଲା। କୌଣସି ଉତ୍ତରକୁ ନେଇ ଆପତ୍ତି ଥିଲେ, ପରୀକ୍ଷାର୍ଥୀଙ୍କୁ ଆବେଦନ ପାଇଁ ସୁଯୋଗ ମିଳିଥିଲା। ସେମାନେ ମଧ୍ୟ ସମୟସୀମା ମଧ୍ୟରେ ଆବେଦନ କରିଥିଲେ। ଏହାପରେ ଗତ ୧୮ ତାରିଖରେ ଚୂଡ଼ାନ୍ତ ଆନ୍‌ସାର୍-କୀ ପ୍ରକାଶ ପାଇଥିଲା। ହେଲେ ପୁଣିଥରେ ଆପତ୍ତି କରିବାକୁ ସୁଯୋଗ ଦେଇ ଓଏସ୍ଏସ୍‌ସି ପ୍ରକ୍ରିୟାକୁ ବିଳମ୍ବିତ କରୁଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ଆସନ୍ତାକାଲି ପିଇଟି ଶିକ୍ଷକମାନେ ନିଯୁକ୍ତି ପାଇବାକୁ ଯାଉଥିବା ବେଳେ ସେମାନଙ୍କ ପ୍ରକ୍ରିୟା ମଧ୍ୟ ତୁରନ୍ତ ସାରିବାକୁ ଦାବି କରିଛନ୍ତି। ଆଜି ହିଁ ପ୍ରମାଣପତ୍ର ଯାଞ୍ଚ ପାଇଁ ତାଲିକା ପ୍ରକାଶ କରିବାକୁ ଦାବି କରିବା ସହ ଓଏସ୍ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ବହୁ ଓଡ଼ିଆ ଶିକ୍ଷକ ଆଶାୟୀ ଆନ୍ଦୋଳନ କରିଛନ୍ତି। ସମସ୍ୟାର ସମାଧାନ କରାନଗଲେ, ଆଗକୁ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଠିକାଦାରଙ୍କ ଘରୁ ଲୁଟିନେଲେ ଟଙ୍କା, ସୁନା

ବ୍ରହ୍ମପୁର,୨୯।୧୨(ସମିସ): ନିମଖଣ୍ଡି ଥାନା ଅନ୍ତର୍ଗତ ନିମଖଣ୍ଡି କୋଣାର୍କନଗର ଦ୍ୱିତୀୟ ଲାଇନରେ ଥିବା ଏକ ତାଲାବନ୍ଦ ଘରୁ ବଡ଼ଧରଣର ଚୋରି ହୋଇଛି। ଘରେ କେହି ନଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଠିକାଦାର ସୀମାଞ୍ଚଳ ପାତ୍ର ଙ୍କ ଘରୁ ନଗଦ ୬ ଲକ୍ଷ ଟଙ୍କା ଏବଂ ୩୦ ଭରି ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

ସୂଚନାନୁସାରେ, ପରିବାରଲୋକଙ୍କ ସହ ସୀମାଞ୍ଚଳ ସପ୍ତାହ ତଳେ କୌଣସି କାମରେ ବ୍ରହ୍ମପୁର ବାହାରକୁ ଯାଇଥିଲେ। ଗତକାଲି ଘରର ତାଲା ଭଙ୍ଗାଯାଇଥିବା ନେଇ ସୀମାଞ୍ଚଳଙ୍କ ପଡ଼ୋଶୀ ଲୋକେ ତାଙ୍କୁ ଫୋନ କରି ଜଣାଇଥିଲେ। ପରେ ସୀମାଞ୍ଚଳ ତାଙ୍କ ସମ୍ପର୍କୀୟ ରାଜେଶ ପଣ୍ଡାଙ୍କୁ କହିବା ପରେ

**ନଗଦ ୬ଲକ୍ଷ ଟଙ୍କା ଓ ୩୦ଭରି ସୁନା ଅଳଙ୍କାର ଚୋରି**

ସେ କୋଣାର୍କନଗର ୨ୟ ଲାଇନସ୍ଥିତ ସୀମାଞ୍ଚଳଙ୍କ ଘରେ ପହଞ୍ଚିଥିଲେ। ଭିତରକୁ ଯାଇ ଯାଞ୍ଚ ବେଳେ ଘରର ମୁଖ୍ୟ କବାଟର ତାଲା ଭଙ୍ଗାଯିବା ପରେ ଭିତରେ ଥିବା ଆଲମିରାର ତାଲା ଭଙ୍ଗା ଯାଇଥିବା ଜଣାପଡ଼ିଥିଲା। ଘର ଭିତରେ ଆସବାବପତ୍ର ଏପଟସେପଟ ହୋଇ ପଡ଼ିଥିବା ବେଳେ ଲକର୍‌ରେ ରଖାଯାଇଥିବା ନଗଦ ୬ ଲକ୍ଷ ଟଙ୍କା ଏବଂ ୩୦୦ ଗ୍ରାମ ସୁନା ଅଳଙ୍କାର ଗାଏବ ଥିଲା। କୌଣସି ଦୁର୍ବୃତ୍ତ ଘରୁ ସୁନା ଓ ଟଙ୍କା ଚୋରି କରି ଚମ୍ପଟ ମାରିଥିବା ଜଣାପଡ଼ିଥିଲା। ରାଜେଶଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଜାରି ରଖିଛି। ଆସନ୍ତାକାଲି ସାଇଣ୍ଟିଫିକ ଟିମ ଓ ସନ୍ଧାନୀ କୁକୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରାଯିବ ବୋଲି କୁହାଯାଇଛି।

**ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

# ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର ପରେ ସମ୍ପତ୍ତି ମ୍ୟୁଟେସନ୍ ପ୍ରମାଣପତ୍ରରେ ମଧ୍ୟ ବଦଳିବ ଲିଙ୍ଗ

କଟକ,୨୯।୧୨(ସମିସ): ଲିଙ୍ଗ ପରିବର୍ତ୍ତନ ଅସ୍ତ୍ରୋପଚାର ପରେ ସମ୍ପତ୍ତି ମ୍ୟୁଟେସନ୍ ପ୍ରମାଣପତ୍ରରେ ମଧ୍ୟ ଲିଙ୍ଗ ପରିବର୍ତ୍ତନ କରାଯିବ ବୋଲି ଓଡ଼ିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଅସ୍ତ୍ରୋପଚାର କରି ମହିଳାରୁ ପୁରୁଷକୁ ଲିଙ୍ଗ ପରିବର୍ତ୍ତନ କରିଥିବା ହେତୁ ସମ୍ପତ୍ତି ମ୍ୟୁଟେସନ୍ ପ୍ରମାଣପତ୍ରରେ ତାଙ୍କର ନାମ ଏବଂ ଲିଙ୍ଗ ପରିବର୍ତ୍ତନ କରିବାକୁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଅଗସ୍ତ୍ୟ ଦାସଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ରାୟ ଶୁଣାଇଛନ୍ତି।

ଟ୍ରାନ୍ସଜେଣ୍ଡର୍ (ଅଧିକାର ସୁରକ୍ଷା) ନିୟମ, ୨୦୨୦ର ନିୟମ-୬ ଅନୁଯାୟୀ, ଜିଲ୍ଲା ମାଜିଷ୍ଟ୍ରେଟ୍ ଓ ଅନ୍ୟାନ୍ୟ କର୍ତ୍ତୃପକ୍ଷ ଆଇନ ଅନୁସାରେ ଆବେଦନକାରୀଙ୍କ ସପକ୍ଷରେ ପ୍ରମାଣପତ୍ର, ପରିଚୟପତ୍ର, ପ୍ୟାନ୍‌କାର୍ଡ, ପାସପୋର୍ଟ ଏବଂ ଆଧାର କାର୍ଡ ଜାରି କରିଛନ୍ତି। ଯେଉଁଥିରେ ଆବେଦନକାରୀଙ୍କ ଲିଙ୍ଗ ମହିଳାରୁ ପୁରୁଷ ତଥା ନାମ ସ୍ୱାଗିତିକା ଦାସରୁ ଅଗସ୍ତ୍ୟ ଦାସ ହୋଇଥିବା ମାମଲା ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା।

ମାମଲାରୁ ପ୍ରକାଶ, ଆବେଦନକାରୀଙ୍କ 'ଜେଣ୍ଡର୍ ଡିସଫୋରିକ୍ ସିଣ୍ଡ୍ରୋମ୍' ରୋଗ ଚିହ୍ନଟ କରାଯାଇଥିଲା। ଯାହା ପାଇଁ ତାଙ୍କର କିଛି ଅଂଶରେ ଥିବା ମହିଳା ଯୌନାଙ୍ଗକୁ ଅପସାରଣ କରିବା ପାଇଁ ଲାପାରୋସ୍କୋପିକ୍ ଅସ୍ତ୍ରୋପଚାର ହୋଇଥିଲା। ସଫଳ ଭାବେ ତାଙ୍କର ଲିଙ୍ଗ ମହିଳାରୁ ପୁରୁଷକୁ ପରିବର୍ତ୍ତନ ପ୍ରମାଣିତ କରୁଥିବା ଏକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅସ୍ତ୍ରୋପଚାର ପରେ ଜିଲ୍ଲା ମାଜିଷ୍ଟ୍ରେଟ୍ ତାଙ୍କୁ ଆବଶ୍ୟକ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ପ୍ରମାଣପତ୍ର ଆଧାରରେ ଆବେଦନକାରୀ ଆଧାର କାର୍ଡ, ପ୍ୟାନ୍ କାର୍ଡ ପାସପୋର୍ଟ ଇତ୍ୟାଦି ସମସ୍ତ ସରକାରୀ ଦସ୍ତାବିଜ୍‌ରୁ ତାଙ୍କର ନାମ ପରିବର୍ତ୍ତନ କରିପାରିଥିଲେ। ସେ ଏ ସମ୍ପର୍କରେ ଏକ ଗେଜେଟ୍ ପ୍ରକାଶନ ମଧ୍ୟ କରିଥିଲେ ଏବଂ ଏକ ଖବରକାଗଜ ପ୍ରକାଶନ ମାଧ୍ୟମରେ ମଧ୍ୟ ଏହାକୁ ସୂଚିତ କରିଥିଲେ। ସେ ତାଙ୍କ ଜେଜଙ୍କଠାରୁ ଉତ୍ତରାଧିକାରୀ ଭାବେ ପାଇଥିବା ଏକ ସମ୍ପତ୍ତିର ମ୍ୟୁଟେସନ୍ ପ୍ରମାଣପତ୍ରରେ ତାଙ୍କ ନାମ ଏବଂ ଲିଙ୍ଗ ପରିବର୍ତ୍ତନ କରିବାକୁ ସାଧାରଣ ପ୍ରଶାସନ ବିଭାଗର ଇଷ୍ଟେଟ୍ ନିର୍ଦ୍ଦେଶକଙ୍କୁ ଆବେଦନ କରିଥିଲେ। କିନ୍ତୁ ଏହା ପ୍ରତ୍ୟାଖାନ ହେବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବିଭିନ୍ନ ନିୟମାବଳୀ ଓ ରାୟକୁ ଦୃଷ୍ଟାନ୍ତ ଭାବେ ଗ୍ରହଣ କରି ଆବେଦନକାରୀଙ୍କ ନାମ ସମ୍ପତ୍ତିର ମ୍ୟୁଟେସନ୍ ପ୍ରମାଣପତ୍ରରେ 'ସ୍ୱାଗତିକା ଦାସ'ରୁ 'ଅଗସ୍ତ୍ୟ ଦାସ' ଏବଂ ସେଥିରେ ପୂର୍ବଜଙ୍କ ସହ ସମ୍ପର୍କ ନାତୁଣୀରୁ ନାତିକୁ ପରିବର୍ତ୍ତନ ପ୍ରକ୍ରିୟା ୧୫ଦିନ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

# ଦିଲ୍ଲୀ କର୍ତ୍ତବ୍ୟପଥରେ ଗଡ଼ିବ ଓଡ଼ିଶା ପ୍ରଜ୍ଞାପନ ମେଢ଼

ଭୁବନେଶ୍ୱର, ୨୯।୧୨(ସମିସ): ଆଗାମୀ ସାଧାରଣତନ୍ତ୍ର ଦିବସ ଅବସରରେ ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ଗଡ଼ିବ ଓଡ଼ିଶାର ପ୍ରଜ୍ଞାପନ ମେଢ଼। 'ସମୃଦ୍ଧିର ମନ୍ତ୍ର ଆତ୍ମନିର୍ଭର ଭାରତ' ବିଷୟବସ୍ତୁ ଆଧାରରେ ହେବାକୁ ଥିବା ଏହି ପ୍ରଜ୍ଞାପନ ମେଢ଼ରେ



- ବିଶ୍ୱ ଦେଖିବ ଆତ୍ମନିର୍ଭର ଭାରତ ଗଠନରେ ଓଡ଼ିଶାର ଅବଦାନ
- ଝଲସିବ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟ, ପରମ୍ପରା

ଆତ୍ମନିର୍ଭର ଭାରତ ଗଠନ କ୍ଷେତ୍ର (କୃଷିରୁ ସେମିକଣ୍ଡକ୍ଟର୍ ପର୍ଯ୍ୟନ୍ତ)ରେ ଓଡ଼ିଶାର ଅବଦାନ ଦେଖିବାକୁ ମିଳିବ। ଓଡ଼ିଶାର କୃଷି ଓ ସାଂସ୍କୃତିକ ସମୃଦ୍ଧିରୁ ଆରମ୍ଭ କରି ଆଧୁନିକ ଶିଳ୍ପ, ଦକ୍ଷତା ବିକାଶ ଏବଂ ନବସୃଜନ ଓ ପ୍ରଯୁକ୍ତିର ଏକ ସମ୍ମିଳିତ ଦୃଶ୍ୟ ଏହି ପ୍ରଜ୍ଞାପନ ମେଢ଼ରେ ସ୍ଥାନ ପାଇବ।

ଜାତୀୟ ଦୃଷ୍ଟିକୋଣ ସହିତ ସମନ୍ୱୟ ରଖି ଓଡ଼ିଶା କିପରି ତାହାର ପ୍ରାକୃତିକ ସମ୍ପଦ, ସାଂସ୍କୃତିକ ଐତିହ୍ୟ, ମାନବସମ୍ବଳ ଏବଂ ପ୍ରଯୁକ୍ତିବିଦ୍ୟା ଉପଯୋଗରେ ଏକ ଆତ୍ମନିର୍ଭରଶୀଳ ଭାରତ ଗଠନକୁ ଇନ୍ଧନ ପ୍ରଦାନ କରୁଛି, ତାହା ପ୍ରଦର୍ଶିତ ହେବ। ମେଢ଼ର ବିଭିନ୍ନ ଅଂଶରେ କୋରାପୁଟ କଫିରୁ ଆରମ୍ଭ କରି ସିଲିକନ୍ ସେମିକଣ୍ଡକ୍ଟର୍ ପର୍ଯ୍ୟନ୍ତ ନିରନ୍ତର ଯାତ୍ରାକୁ ଉପସ୍ଥାପନ କରାଯିବ। ସମ୍ବଲପୁରୀ ବସ୍ତ୍ର ଦ୍ୱାରା ଆଚ୍ଛାଦିତ ମେଢ଼ର ଉଭୟ ପାର୍ଶ୍ୱରେ ପାରମ୍ପରିକ ଜନଜାତି ଚିତ୍ରକଳା ଉପରେ ରୁପା ତାରକସୀ କାରୁକାର୍ଯ୍ୟ, ଓଡ଼ିଶାର ଗଭୀର ସାଂସ୍କୃତିକ ପରିଚୟ ଏବଂ ଉତ୍କୃଷ୍ଟ ହସ୍ତଶିଳ୍ପ ପରମ୍ପରାକୁ ପ୍ରତିଫଳିତ କରାଯିବ। ଏହାର ଲାଇଭ ଡେମୋନଷ୍ଟ୍ରେସନ୍ ମଧ୍ୟ ଦେଖିବାକୁ ମିଳିବ।

ଉଲ୍ଲେଖଯୋଗ୍ୟ, ଓଡ଼ିଶାର ସମୃଦ୍ଧ ହସ୍ତଶିଳ୍ପ ଓ ହସ୍ତତନ୍ତ ମାଧ୍ୟମରେ ମହିଳା ସଶକ୍ତୀକରଣକୁ ନେଇ ଗତ ୨୦୨୪ରେ ପ୍ରଦର୍ଶିତ ଓଡ଼ିଶାର ପ୍ରଜ୍ଞାପନ ମେଢ଼ କର୍ତ୍ତବ୍ୟପଥରେ ପରାକାଷ୍ଠା ପ୍ରଦର୍ଶନ କରି ସମଗ୍ର ଦେଶରେ ପ୍ରଥମ ସ୍ଥାନ ହାସଲ କରିଥିଲା।।

**କମ୍ପାନୀକୁ ବିଜୁଳି ଟିକସରେ ଅନୁକମ୍ପାର ପ୍ରତିବାଦ**

# ଟାଟା ପାୱାର କାର୍ଯ୍ୟାଳୟରେ ତାଲା ଝୁଲାଇଲା କଂଗ୍ରେସ

ଭୁବନେଶ୍ୱର,୨୯।୧୨(ସମିସ): ଟାଟା ପାୱାର ଉପଭୋକ୍ତାଙ୍କୁ ବେନିୟମ ସୁରକ୍ଷା ରାଶି ଜମା କରିବା ତଥା ଘରୋଇ ଓ କୃଷିକ୍ଷେତ୍ରକୁ ମାଗଣା ବିଜୁଳି ପ୍ରଦାନ କରିବା ଦାବିକୁ ଜୋର୍‌ଦାର କରିଛି ରାଜ୍ୟ କଂଗ୍ରେସ। ସରକାର ନିର୍ବାଚନ ସମୟରେ ୩୦୦ ୟୁନିଟ୍ ମାଗଣା ବିଜୁଳି ଯୋଗାଇ ଦେବେ ବୋଲି ନିର୍ବାଚନୀ ସଭାରେ କହିଥିଲେ। ମାତ୍ର ଏହା ବଦଳରେ ବର୍ତ୍ତମାନ ଅତିରିକ୍ତ ସୁରକ୍ଷା ଜମା ନାମରେ ଘରୋଇ ଉପଭୋକ୍ତାମାନଙ୍କ ଉପରେ

**ବେନିୟମ ଟିକସ ଓ ମାଗଣା ବିଦ୍ୟୁତ୍ ଦାବିରେ ବିକ୍ଷୋଭ**

ଆର୍ଥିକ ବୋଝ ଲଦି ଦିଆଯାଉଛି। ଏଭଳି ଅଭିଯୋଗ କରି ଆଜି ରାଜ୍ୟର ସବୁ ଜିଲ୍ଲାରେ କଂଗ୍ରେସ ପକ୍ଷରୁ ଟାଟା ପାୱାର୍ ଅଫିସ୍‌ରେ ତାଲା ପକାଯାଇଛି।

ଏହିକ୍ରମରେ ଭୁବନେଶ୍ୱର ପାୱାର ହାଉସ ଛକ ନିକଟସ୍ଥ ଟାଟା ପାୱାର ଅଫିସ ଆଗରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପିସିସି ସଭାପତି ତଥା କଂଗ୍ରେସର ବହୁ ବରିଷ୍ଠ ନେତା ଓ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ବିକ୍ଷୋଭ



ପ୍ରଦର୍ଶନ କରାଯାଇଛି। ପରେ ସେଠାରୁ ଏକ ପଦଯାତ୍ରାରେ ଟାଟା ପାୱାର ଅଫିସକୁ ଯାଇ ଅଫିସ ଗେଟରେ ପିସିସି ସଭାପତି ତାଲା ପକାଇଥିଲେ।

ବିକ୍ଷୋଭ ପ୍ରଦର୍ଶନ ସଭାରେ ଶ୍ରୀ ଦାସ କହିଲେ ଲୋକଙ୍କ ଘରେ ବିଜୁଳି ବତୀ ଜଳୁ ନ ଥିବାବେଳେ ସରକାର କଳକାରଖାନାକୁ ଲକ୍ଷେ କୋଟି ଟଙ୍କାର ବିଜୁଳି ଦେଇ ଅନୁକମ୍ପା ପ୍ରଦର୍ଶନ କରୁଛି। ଖାଦ୍ୟ-ବସ୍ତ୍ର-ବାସଗୃହ ଭଳି ବିଜୁଳି ଏବେ ଲୋକଙ୍କର ଏକ ମୌଳିକ ଆବଶ୍ୟକତା ପାଲଟିଛି। ଏହାର ଯୋଗାଣ ବନ୍ଦ ହେଲେ ଜନଜୀବନ ଠପ ହୋଇଯିବ। ତେଣୁ ସରକାର ବିନା ମୂଲ୍ୟରେ ବିଜୁଳି ଯୋଗାଇ ଦିଅନ୍ତୁ। ଅନ୍ୟ ରାଜ୍ୟର ସରକାର କୃଷକମାନଙ୍କୁ ବିଜୁଳି ଦେୟ ଛାଡ଼ କରୁଥିବାବେଳେ ଓଡ଼ିଶାରେ କୌଣସି ଛାଡ଼ ନାହିଁ। ଏଭଳି ସ୍ଥଳେ ରାଜ୍ୟରେ କୃଷିର ଉନ୍ନତି କିଭଳି ହେବ ଏବଂ ଚାଷୀ କିପରି ହସିବ ବୋଲି ଶ୍ରୀ ଦାସ ପ୍ରଶ୍ନ ପଚାରିଥିଲେ। ତେଣୁ ସୁରକ୍ଷା ରାଶି ଡିମାଣ୍ଡ ପ୍ରତ୍ୟାହାର, ଘରୋଇ ଉପଭୋକ୍ତା ଓ କୃଷକଙ୍କୁ ମାଗଣା ବିଜୁଳି ଯୋଗାଣ ନ ହେବା ପର୍ଯ୍ୟନ୍ତ ପୁରପଲ୍ଲୀରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଶ୍ରୀ ଦାସ କହିଛନ୍ତି।

ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଥିଲେ, ଟାଟା ପାୱାର ଅନ୍ୟ ରାଜ୍ୟରେ କମ୍ପାନୀକୁ ୟୁନିଟ୍ ପିଛା ବିଜୁଳି ୮ ଟଙ୍କାରେ ବିକ୍ରି କରୁଥିବା ବେଳେ ଓଡ଼ିଶାରେ ୪ ଟଙ୍କା ୫୦ ପଇସାରେ ଯୋଗାଉଛି। ଓଇଆରସି ଓ ଟାଟା ପାୱାର ମଧ୍ୟରେ ଗୁପ୍ତ ବୁଝାମଣା ଯୋଗୁଁ ସାଧାରଣ ଜନତାଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ତେଣୁ ଜନତା ଏବଂ କୃଷକଙ୍କୁ ଅନ୍ୟ ରାଜ୍ୟ ଭଳି ମାଗଣା ବିଜୁଳି ଯୋଗାଣ କରିବାକୁ କଂଗ୍ରେସ ଦାବି କରୁଛି ବୋଲି ଶ୍ରୀ ଜେନା କହିଛନ୍ତି।

ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ସରକାରଙ୍କୁ ସମାଲୋଚନା କରିବା ସହ ଯଦି ସରକାର ବିଜୁଳି ମାଗଣାରେ ଦେବେ ନାହିଁ, ତେବେ ସରକାରକୁ ଶାନ୍ତିରେ ରହିବାକୁ ଦେବୁ ନାହିଁ ବୋଲି ଚେତାବନୀ ଦେଇଥିଲେ। ବିକ୍ଷୋଭ ପ୍ରଦର୍ଶନରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ସୁରେଶ କୁମାର ରାଉତରାୟ, ଜଗନ୍ନାଥ ପଟ୍ଟନାୟକ, ପଞ୍ଚାନନ କାନୁନଗୋ, ଅନନ୍ତ ପ୍ରସାଦ ସେଠୀ, କିଶୋର ଜେନା, ଅରବିନ୍ଦ ଦାସ, ପବିତ୍ର ସାଉଁଟାଙ୍କ ସମେତ ବହୁ କଂଗ୍ରେସ ନେତା ସାମିଲ ହୋଇଥିଲେ।

## ରାୟଗଡ଼ାର 'ଚଇତି' ଓ ପଲ୍ଲିଶ୍ରୀ ମେଳା

# 'ପ୍ରକୃତିର ସମ୍ଭାରକୁ ସାଇତିଛି ଚଇତି'









ରାୟଗଡ଼ା, ୨୯।୧୨(ସମିସ)

ନାଗାବଳୀ, ବଂଶଧାରା, ଝଞ୍ଜାବତି ନଦୀ ଓ ଦେବଗିରି, ନିୟମଗିରି, ପାଇକପଡ଼ା, ଚାଟିକଣା, ଖୀନଖୀନା ପାହାଡ଼ର ମହାଦେବଙ୍କ ସମେତ ଶ୍ରଦ୍ଧା ଶ୍ରୀକ୍ଷେତ୍ର ମହାପ୍ରଭୁ ଶ୍ରୀ ଜଗନ୍ନାଥ, ମା' ମଝିଘରିଆଣି ଓ ରାୟଗଡ଼ ମଧ୍ୟଭାଗରେ ଥିବା ମା' ଦକ୍ଷିଣକାଳୀଙ୍କ ଅପାର କୃପା ଯୋଗୁଁ ଚଇତି ଜିଲ୍ଲାବାସୀଙ୍କୁ ଏକକ ମନ୍ତ୍ରରେ ଯୋଡିହୋଇ ବଞ୍ଚିବାର ପଥ ପ୍ରଦର୍ଶନ କରୁଛି। ଆଜି ଚତୁର୍ଥ ରଜନୀରେ ଜିଲ୍ଲାପାଳ ତଥା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଆଶୁତୋଷ କୁଲକର୍ଣ୍ଣି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ତାଙ୍କ ସଭାପତିତ୍ୱରେ ଚଇତି ଚତୁର୍ଥୀ ପାଳନ ହୋଇଥିଲା। ଗୁଣପୁରର ସେବା ସମାଜ ଅନ୍ତେବାସୀ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରି ଚଇତି ସନ୍ଧ୍ୟାକୁ ପ୍ରେରିତ କରିଥିଲେ। ଓଡ଼ିଶା ସୂଚନା ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ବସନ୍ତ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାୟଗଡ଼ ବନଖଣ୍ଡ ଅଧିକାରୀ ସଚିନ ଆନ୍ନାସାହେବ ଓହୋଲ, କଂସାରିଗୁଡା ଆଦିତ୍ୟ ଆଲୁମିନା ପ୍ରକଳ୍ପ ମୁଖ୍ୟ ଓ ସଭାପତି ମଜହର ବେଗ, ଦୋରାଗୁଡା ଉତ୍କଳ ଆଲୁମିନା ଇନ୍ଟରନ୍ୟାଶନାଲ ପ୍ରକଳ୍ପ ମୁଖ୍ୟ ଓ ସଭାପତି ରବି ନାରାୟଣ ମିଶ୍ର, ଥେରୁବାଲି ଇମ୍ଫା ଉପସଭାପତି ଏମ ଶ୍ରୀନିବାସ, ମୈତ୍ରୀ ଇନ୍‌ରାର ମୁଖ୍ୟ ଏସ ସତ୍ୟନାରାୟଣ, ପିଏ ଆଇଟିଡିଏ ରାୟଗଡ଼ା ଚନ୍ଦ୍ରକାନ୍ତ ମାଝି ଓ ଗୁଣପୁର ଅଜୟ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ସମସ୍ତ ଅତିଥିଙ୍କୁ ସମ୍ମାନିତ କରିଥିଲେ। ସେହିଭଳି ଜିଲ୍ଲାର ପିଙ୍କି ହୁଇକା, ଦୋରା କଣ୍ଡାଗିରି, ମିଣିଆକା ଦିଲୀପ ଓ ଅଭିପ୍ସା ନାୟକଙ୍କୁ କ୍ରୀଡା କ୍ଷେତ୍ରରେ ଏବଂ ରବୀନାଥ ଶବରଙ୍କୁ ଇଡିତାଳ କଳା କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଉପସ୍ଥିତ ଅତିଥିଙ୍କ ଦ୍ୱାରା ଚଇତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିଭଳି ଚଳିତ ଚଇତି କ୍ରୀଡ଼ାରେ କବାଡି ପୁରୁଷ ବର୍ଗରେ ଆମ୍ବଗୁଡ଼ା ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ନେତାଜୀ ଯୁବକ ସଂଘ, ମହିଳା ବର୍ଗରେ ପାହାଡିଆନ ଗାର୍ଲସ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ କବାଡି ବାସ୍କେଟ ବଲ ଟିମ, ଶକ୍ତି ଉତ୍ତୋଳନ ମହିଳା ବର୍ଗରେ ଦେବଯାନୀ କୌଶଲ୍ୟା, ପୁରୁଷ ବର୍ଗରେ ରାଗମାଣ୍ଡି ପାୱନ, ଭାରୋତଳନ ମହଳା ବର୍ଗରେ ଅଭିପ୍ସା ନାୟକ ବିଜୟୀ ହୋଇଥିବା ବେଳେ ପୁରୁଷ ବର୍ଗରେ ମୁନା ମାଂଡାଙ୍ଗି, ଟେନିସ ପୁରୁଷ ବର୍ଗରେ ଅମନ ଅଗ୍ରୱାଲ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ରହିଥଲେ ଏସ. ଶ୍ରବଣ କୁମାର, ସେହିଭଳି ଟେନିସ ଯୋଡି ପୁରୁଷ ବର୍ଗରେ ଅମନ ଅଗ୍ରୱାଲ ଓ ଇ.ଈଶ୍ୱର ବିଜୟୀ ରହିଥିବା ବେଳେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ଏସ ଶ୍ରବଣ କୁମାର ଓ ମନୋଜ ଚୌଧରୀ, ଦୌଡ଼ି ଟଣାରେ ଜିଲା ପ୍ରଶାସନ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ରହିଛି ଓକିଲ ସଙ୍ଘ, ଟ୍ରାଇ ସାଇକଲ ପ୍ରତିଯୋଗିତାରେ ନୀଳକଣ୍ଠ ପ୍ରଥମ ଓ ଦ୍ୱିତୀୟରେ ଅଭିରାମ କାରକରିଆ ରହିଛନ୍ତି। ସମସ୍ତ କ୍ରୀଡାବିତ୍‌ଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଚତୁର୍ଥ ସନ୍ଧ୍ୟାକୁ ଗଞ୍ଜାମ ଜିଲ୍ଲା ଭଞ୍ଜନଗରର ପ୍ରଜ୍ଞା ସଙ୍ଗୀତ ଓ ନୃତ୍ୟ କେନ୍ଦ୍ରର ନର୍ତ୍ତକୀଙ୍କ ଓଡିଶୀ, ଗୁଡାରି ମଙ୍ଗଳା ନୃତ୍ୟ କେନ୍ଦ୍ରର ସମ୍ବଲପୁରୀ, ଚାନ୍ଦିଲି ଆଦିବାସୀ ସଂଘର ଦେଶିଆ ନୃତ୍ୟ, ଟନିସ୍କା ଆଣ୍ଡ ଗ୍ରୁପର ଭାରତ ନାଟ୍ୟମ, ମଝିଘରିଆଣି ଡ୍ୟାନ୍ସ ଗ୍ରୁପର ସମ୍ବଲପୁରୀ ନୃତ୍ୟ, ବିକେଏସଏସର ରାୟଗଡ଼ାର ଲୋକ ନୃତ୍ୟ, ସିସିଆଇ ୧୨ର ଶିବ ତାଣ୍ଡବ, ଜେଏଏସ ଗ୍ରୁପର ନୃତ୍ୟ, ପଦ୍ମପୁର ତ୍ରିବେଣୀ କଲେଜର ରାୟଗଡ଼ା ପିଲା ନୃତ୍ୟ, ସିଟି କଲେଜ ରାୟଗଡ଼ର ଆଦିବାସୀ ନୃତ୍ୟ ମୋହିତ କରିଥିଲା। କମଲ ବୁରୁଡିଙ୍କ ଗୀତରେ ଦର୍ଶକ ଝୁମିଥିଲେ। ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ସସ୍ମିତା ବାଉରୀ ଧନ୍ୟବାଦ ଅର୍ପଣ କରିଥିଲେ।

### ୩ ଦିନରେ ୩ କୋଟିରୁ ଅଧିକ ବ୍ୟବସାୟ

ରାୟଗଡ଼ା, ୨୯।୧୨ (ସମିସ): ରାୟଗଡ଼ା ଜିଲ୍ଲା ଲୋକ ମହୋତ୍ସବ 'ଚଇତି' ଓ ପଲ୍ଲୀଶ୍ରୀ ମେଳା-୨୦୨୫ ବ୍ୟବସାୟୀଙ୍କ ମୁହଁରେ ହସ ଫୁଟାଇଛି। ଗତ ତିନି ଦିନରେ ମେଳାରେ ରେକର୍ଡ ପରିମାଣର ସମସ୍ତ ସାମଗ୍ରୀ ବିକ୍ରି ହୋଇ ୩ କୋଟି ଟଙ୍କାରୁ ଅଧିକ ଟଙ୍କାର ବ୍ୟବସାୟ ହୋଇଥିବା ଜଣାପଡ଼ିଛି। ଯାହାକି ଗତ ବର୍ଷ ତୁଳନାରେ ଅଧିକ ହୋଇଥିବା ଓରମାସ ପକ୍ଷରୁ କୁହାଯାଇଛି। ଚଇତି ଓ ପଲ୍ଲିଶ୍ରୀ ମେଳାର ପ୍ରଥମ ଦିନରେ ୭୨ ଲକ୍ଷ ୫୬ ହଜାର ୯୮୦ ଟଙ୍କା, ଦ୍ୱିତୀୟ ଦିନ ୯୮ ଲକ୍ଷ ୭୬ ହଜାର ୮୫୦ ଟଙ୍କା, ତୃତୀୟ ଦିନ ୨୮ ଡିସେମ୍ବରରେ ରେକର୍ଡ ପରିମାଣର ୧ କୋଟି ୬୧ ଲକ୍ଷ ୭୨ ହଜାର ୪୫୦ ଟଙ୍କାର ବ୍ୟବସାୟ ହୋଇଛି। ଯାହାକୁ ନେଇ ବ୍ୟବସାୟୀ ମାନେ ଖୁସି ଥିବା ବେଳେ ବାକି ଥିବା ଦୁଇ ଦିନରେ ମଧ୍ୟ ଭଲ ବ୍ୟବସାୟ ହେବ ବୋଲି ବ୍ୟବସାୟୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନେ ଆଶାବାଦୀ ଅଛନ୍ତି। ଚଇତି ଓ ପଲ୍ଲୀଶ୍ରୀ ମେଳାରେ ୧୫୦ରୁ ଅଧିକ ଷ୍ଟଲ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନେ ଖୋଲିଥିବା ବେଳେ ବାହାର ରାଜ୍ୟରୁ ୨୫ରୁ ଅଧିକ ବ୍ୟବସାୟୀ ମାନେ ନିଜ ନିଜ ରାଜ୍ୟର ପ୍ରସିଦ୍ଧ ସାମଗ୍ରୀ ଗୁଡିକୁ ଏଠାରେ ବିକ୍ରୀ କରୁଛନ୍ତି। ପଶ୍ଚିମବଙ୍ଗ, ମହାରାଷ୍ଟ୍ର, ଦିଲ୍ଲୀ, ମଣିପୁର, ଆସାମ, ଗୁଜୁରାଟ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗନା ରାଜ୍ୟରୁ ବେପାରି ଆସିଛନ୍ତି। ଚଇତି ଓ ପଲ୍ଲୀଶ୍ରୀ ମେଳାରେ କାଶ୍ମୀର ଚାଦର, ସାଲା ସହ କାଠ ତିଆରି ସାମଗ୍ରୀ ଗୁଡିକର ବେଶ୍ ଚାହିଦା ରହିଛି।

## ଡାବୁଗାଁ ନିର୍ବାଚନ ମଣ୍ଡଳୀସ୍ତରୀୟ ସୁଶାସନ ଦିବସ



କୋଷାଗୁମୁଡ଼ା, ୨୯।୧୨(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗା ଶିବମନ୍ଦିର ପ୍ରାଙ୍ଗଣରେ ସୋମବାର ଡ଼ାବୁଗାଁ ନିର୍ବାଚନ ମଣ୍ଡଳୀସ୍ତରୀୟ ସୁଶାସନ ଦିବସ ପାଳିତ ହୋଇଯାଇଛି। ଆଜିର ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ଉପ ସଭାପତି ରମେଶ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଭାପତି କୁଞ୍ଜ ବିହାରୀ ଦାସ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ବିଧାୟକ ପ୍ରାର୍ଥୀ ସୋମନାଥ ପୂଜାରୀ, ସାଂସଦ ପ୍ରତିନିଧି ସୁରେଶ ପାତ୍ର, ଦେବଦାସ ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଫୋଟରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହାପରେ ମଞ୍ଚାସୀନ ଅତିଥି ମାନେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଜୀବନ ଉପରେ ଆଲୋକପାତ କରିଥିଲେ। ଏହା ସହ ସାମ୍ପ୍ରତିକ ପରିସ୍ଥିତିରେ ସୁଶାସନର ମହତ୍ତ୍ୱ ଓ ଦଳୀୟ ସାଂଗଠନିକ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ସୀମାଞ୍ଚଳ ବିଷୋୟୀ, ବିରେନ୍ଦ୍ରେ ପୂଜାରୀ, ବାବୁଲା ଦାସ, ଦୁର୍ଜନ ମିର୍ଗାନ୍, ମୁରଲୀ ହଲବା, ସୁଧାଂଶୁ ପ୍ରଧାନ, ରଞ୍ଜିତ ପାଢ଼ୀ, ଦୁଲାର ନାୟକ, ହରିବନ୍ଧୁ ବିଷୋୟୀ, ପିଣ୍ଟୁ ସିଂଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ଦିଲ୍ଲୀପ ଓ କପିଳେଶ୍ୱର ନୂତନ ସରକାରୀ ଓକିଲ ନିଯୁକ୍ତ



ଲକ୍ଷ୍ମୀପୁର, ୨୯।୧୨(ସମିସ): ଲକ୍ଷ୍ମୀପୁର ସଦମହକୁମାର ଦିଲ୍ଲୀପ ବିଡିକା ଓ କାକିରିଗୁମାର କପିଳେଶ୍ୱର ବିଷୋଇଙ୍କୁ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର କୋର୍ଟ ରେ ସରକାରୀ ଓକିଲ ରୂପେ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର। ଦୀର୍ଘ ବର୍ଷ ଧରି ଏହି ଦୁଇ ଆଇନଜୀବୀ ଲକ୍ଷ୍ମୀପୁର କୋର୍ଟରେ ଲୋକଙ୍କ ପାଇଁ କାର୍ଯ୍ୟ କରି ଆସୁଥିଲେ। ଏମାନଙ୍କ କାର୍ଯ୍ୟ ଅଞ୍ଚଳରେ ବେଶ୍ ପ୍ରଶଂସିତ ଥିବା ହେତୁ ସାଧାରଣରେ ତାଙ୍କ ସପକ୍ଷରେ ସମର୍ଥନ ମିଳିଥିଲା। ଏହା ଛଡା ସ୍ଥାନୀୟ ଅଞ୍ଚଳର ଦଳୀୟ ନେତା ମାନେ ମଧ୍ୟ ବିଡିକା ଓ ବିଶୋଇଙ୍କୁ ନିଜ ନିଜର ସମର୍ଥନ ଦେଇ ଥିଲେ। ଲକ୍ଷ୍ମୀପୁର ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଏଠିକାର ଗରିବ ଲୋକେ କିପରି ଉଚିତ ନ୍ୟାୟ ପାଇଁ ପାରିବେ ସେ ଦିଗରେ କାର୍ଯ୍ୟ କରିବା ଉଦ୍ଦେଶ୍ୟରେ ସରକାର ନିଯୁକ୍ତି ଦେଇଛନ୍ତି। ଦିଲୀପ ବିଡିକା ୨୦୦୫ ମସିହାରୁ ନିଜର ଲାଇସେନ୍ସ ଆଣି ୨୦୦୯ ଠାରୁ ଓକିଲାତି ଅଭ୍ୟାସ ଜାରି ରଖିଛନ୍ତି। ଚଳିତ ବର୍ଷ ସରକାରଙ୍କ ଏହି ଦାୟିତ୍ୱ ମିଳିବା ପରେ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବାକୁ କହିଛନ୍ତି। ଉଭୟେ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ବାଇକ୍ ଧକ୍କାରେ ଜଣେ ଗୁରୁତର

ଜୟପୁର, ୨୯।୧୨(ସମିସ): ଜୟପୁର ସଦରଥାନା ଅଞ୍ଚଳର ତେଲିଗୁଡା ୨୬ ନମ୍ବର ଜାତୀୟ ରାଜପଥ ଠାରେ ଏକ ବ୍ୟାଙ୍କ ସମ୍ମୁଖରେ ନିଜ ସ୍କୁଟିରେ ରାସ୍ତା ପାର କରୁଥିବା ବେଳେ ଜଣେ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ଏକ ବାଇକ୍ ଧକ୍କା ଦେବା ଯୋଗୁଁ ସେ ଗୁରୁତର ଆହତ ହୋଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ଜୟପୁର ସହର ଶ୍ରୀରାମ ନଗର ଅଞ୍ଚଳର ରାଜେଶ୍ୱର ଆଚାରୀ (୬୩) ନିଜ ସ୍କୁଟିରେ ତେଲିଗୁଡା ବ୍ୟାଙ୍କ ଠାରେ ରାସ୍ତା ପାର ହେଉଥିବା ସମୟରେ ଜୟପୁର ଠାରୁ ବୋରିଗୁମ୍ମା ରାସ୍ତାରେ ଦ୍ରୁତଗତିରେ ଯାଉଥିବା ଏକ ବାଇକ୍ ଓଡି୨୪-କେ-୧୮୭୬ ଧକ୍କା ଦେଇଥିଲା। ଫଳରେ ଶ୍ରୀ ଆଚାରୀଙ୍କ ଗୋଡ଼, ମୁଣ୍ଡ ଓ ହାତରେ ଗୁରୁତର ଆଘାତ ଲାଗିଛି। ଫଳରେ ତାଙ୍କୁ ଗୁରୁତର ଅବସ୍ଥାରେ ଜୟପୁର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏନେଇ ରାଜେଶ୍ୱରଙ୍କ ଝିଅ ଶୃତି ଆଚାରୀ ସଦର ଥାନାରେ ଲିଖିତ ଅଭିଯୋଗ ଦେବା ପରେ ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ରେଳଷ୍ଟେସନରୁ ଗଞ୍ଜେଇ ଜବତ, ଜଣେ ଗିରଫ

ରାୟଗଡ଼ା, ୨୯।୧୨(ସମିସ): ଆଜି ରାତିରେ ରାୟଗଡ଼ା ରେଳ ଷ୍ଟେସନରୁ ୧୨.୫ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି




ସରକାରୀ ରେଳବାଇ ପୁଲିସ।


ଡିଏସପି ପ୍ରଭାତ କୁମାର ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଜିଆରପି ଓ ଆରପିଏଫ ପକ୍ଷରୁ ମିଳିତ ଭାବେ ଷ୍ଟେସନରେ ଯାଞ୍ଚ ଚାଲିଥିବା ବେଳେ ପ୍ଲାଟଫର୍ମ ନମ୍ବର ୫ରେ ଜଣେ ଯୁବକକୁ ସନ୍ଦେହ କରି ତାଙ୍କର ସୁଟକେସ୍ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ସେଥିରୁ ୧୨.୫ କିଲୋଗ୍ରାମ ଗଞ୍ଜେଇ ବାହାରିଥିଲା। ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଗୋବିନ୍ଦ ଆର(୨୨) କୁ ଗିରଫ କରାଯାଇଛି। ସେ ଏହି ଗଞ୍ଜେଇକୁ ଗୁଣପୁର ଅଞ୍ଚଳରୁ ଆଣି କୋଲକାତା ଯିବାକୁ ଟ୍ରେନକୁ ଅପେକ୍ଷା କରିଥିବା ବେଳେ ଜିଆରପି ହାତରେ ଧରାପଡ଼ିଥିଲେ। ଏହି ଚଢଉରେ ଥାନା ଅଧିକାରୀ ବିନୟ ପ୍ରକାଶ ମିଞ୍ଜ, ଆଲୋକ ନାୟକ, ଆରପିଏଫ ସବଇନିସପେକ୍ଟର ଜାଗା ରାଓ, ଏଏସଆଇ ମାଣିକ ଚନ୍ଦ୍ର ଗୌଡ଼, ଏଏସଆଇ ଶୁଭେନ୍ଦୁ ପଣ୍ଡା, ଅନୁଜ ବୈଦ୍ୟଭୂଷଣଙ୍କ ସମେତ ସନ୍ଧାନୀ କୁକୁର ମଧ୍ୟ ସାମିଲ ଥିଲା। ଆସନ୍ତାକାଲି ଅଭିଯୁକ୍ତକୁ ଅଦାଲତ ଚାଲାଣ କରାଯିବ।

### ଦୈନିକ ଘଣ୍ଟାଏ ସରକାରୀ ଡାକ୍ତରଙ୍କ ଆନ୍ଦୋଳନ

## ଓପିଡି ବଦଳରେ କାଜୁଆଲଟିରେ ରୋଗୀସେବା



ଜୟପୁର, ୨୯।୧୨(ସମିସ): ସାରାରାଜ୍ୟରେ ବିଭିନ୍ନ ଦାବି ନେଇ ଡାକ୍ତରୀ ସଂଘ ଓମ୍‌ସାର ଡାକରାରେ ଗତ ଦୁଇଦିନ ହେଲା ସରକାରୀ ଚିକିତ୍ସାଳୟର ଡାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ଅବସରରେ ଜୟପୁରସ୍ଥିତ ଜିଲ୍ଲା ଚିକିତ୍ସାଳୟରେ ଡାକ୍ତରମାନେ ଶାନ୍ତିପୂର୍ଣ୍ଣ ଭାବେ ଦୈନିକ ଏକ ଘଣ୍ଟା କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ବର୍ହିଚିକିତ୍ସା ବିଭାଗ ( ଓପିଡି) ବଦଳରେ କାଜୁଏଲଟିରେ ଏହି ସେବା ଜାରି ରଖାଯାଇଛି। ଏହିପରି ରୋଗୀଙ୍କ ସେବା ଜାରି ରହିଥିବା ଯୋଗୁଁ କୌଣସି ସମସ୍ୟା ସୃଷ୍ଟି ହେଉନାହିଁ ବୋଲି ଆନ୍ଦୋଳନରତ ଡାକ୍ତର ସବ୍ୟସାଚୀ ମହାପାତ୍ର ପ୍ରକାଶ କରିଛନ୍ତି। ସରକାର ସେମାନଙ୍କ ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ରୋଗୀ ସେବା ଓପିଡିରେ ବନ୍ଦ ରହିବ ବୋଲି ଅନ୍ୟାନ୍ୟ ଆନ୍ଦୋଳନରତ ଡାକ୍ତର ମାନେ ପ୍ରକାଶ କରିଛନ୍ତି।



# ଭାରତୀୟ ଜାତୀୟ କଂଗ୍ରେସ ଦଳର ପ୍ରତିଷ୍ଠା ଦିବସ

ନବରଙ୍ଗପୁର, ୨୯।୧୨(ସମିସ): ଭାରତୀୟ ଜାତୀୟ କଂଗ୍ରେସ ଦଳର ୧୪୦ ତମ ପ୍ରତିଷ୍ଠା ଦିବସ ନବରଙ୍ଗପୁର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ପାଳନ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ସୁଶ୍ରୀ ଲିପିକା ମାଝୀ ଦଳୀୟ ପତାକା ଉତ୍ତୋଳନ କରି ଉପସ୍ଥିତ କଂଗ୍ରେସ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ପରେ ଏକ ଆଲୋଚନା ଚକ୍ର କଂଗ୍ରେସ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପୂର୍ବତନ ବିଧାୟକ ଭୁଜବଳ ମାଝୀ, ପୂର୍ବତନ ପ୍ରଦେଶ କଂଗ୍ରେସ ଉପ ସଭାପତି ତଥା ନବରଙ୍ଗପୁର ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ପୂର୍ବତନ ପ୍ରଦେଶ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଏ ଶିବରାମ ରାଜୁ, ନନ୍ଦାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ବୃନ୍ଦା ତ୍ରିପାଠୀ ଏହି ଆଲୋଚନାରେ ଭାଗନେଇ କଂଗ୍ରେସ ସଂଗଠନ ଉପରେ ଆଲୋକପାତ କରିଥିଲେ । ସଭା ଆରମ୍ଭରୁ ସ୍ଥାନୀୟ ଗାନ୍ଧୀ ଛକଠାରେ ଉପସ୍ଥିତ ସମସ୍ତ ଦଳୀୟ କର୍ମକର୍ତ୍ତାଙ୍କ ଦ୍ୱାରା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଉପସ୍ଥିତ ବରିଷ୍ଠ ନେତା ମୁନା ତ୍ରିପାଠୀ ବିସ୍ତୃତ ଦଳ ନେଇ ଭାବେ ଆଲୋଚନା କରିଥିଲେ । ଜିଲ୍ଲା କଂଗ୍ରେସ ସଭାପତି ଡ.ଲିପିକା ମାଝୀ ଉଦ୍‌ବୋଧନ ଦେଇ ବିଗତ ଦିନରେ ଦଳ ଓ କର୍ମୀଙ୍କ ମଧ୍ୟରେ ହୋଇଥିବା ମନାନ୍ତର ମତାନ୍ତର ହେତୁ ଦଳର କ୍ଷତି ହୋଇଥିବା କହିଥିଲେ । ଆଗାମୀ ଦିନରେ ସେସବୁକୁ ଭୁଲି ସଂଗଠନକୁ ଆଗକୁ ନେବାପାଇଁ ଜିଲ୍ଲାର ସମସ୍ତ ଦଳୀୟ କର୍ମୀଙ୍କ ସହଯୋଗ କାମନା କରିଥିଲେ । ଏ.ଶିବରାମ ରାଜୁ ଦଳକୁ କ୍ରିୟାଶୀଳ କରିବା ପାଇଁ ଜିଲ୍ଲାରେ ଥିବା ୧୦ ଗୋଟି ବ୍ଲକ ଓ ୨ ଗୋଟି ପୌର ପରିଷଦ ର କର୍ମୀଙ୍କୁ ଏକଜୁଟ କରି କାମ କଲେ ସଂଗଠନ ସୁଦୃଢ ହୋଇ ପାରିବ ବୋଲି ପ୍ରକାଶ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ପିସିସି ସଭ୍ୟ ଦିଲ୍ଲୀପ କୁମାର ବେହେରା, ଏଆଇସିସି ଆଦିବାସୀ କଂଗ୍ରେସ ସଂଯୋଜିକା ହାରାବତୀ ଗଣ୍ଡ, କୋରାପୁଟ ଆଦିବାସୀ କଂଗ୍ରେସ ସଭାପତି ଅନାମୁ ଦିଆନ, ନବରଙ୍ଗପୁର ବ୍ଲକ କଂଗ୍ରେସ ସଭାପତି ଅବଦୁଲ ଫିରୋଜ, ନବରଙ୍ଗପୁର ଟାଉନ କଂଗ୍ରେସ ସଭାପତି ପ୍ରଦିପ ସାହୁ, ପାପଡ଼ାହାଣ୍ଡି କଂଗ୍ରେସ ସଭାପତି ଶ୍ରୀକାନ୍ତ ମିଶ୍ର, ଆଜିର ହୁସେନ, ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ତୁଫାନ ଷଡଙ୍ଗୀ, ଗଣେଶ ପଟ୍ଟନାୟକ, ପୂର୍ବତନ ଜିଲ୍ଲା କଂଗ୍ରେସ ସମ୍ପାଦକ ହୁଶୁନା ବାନ, ହାଇଶା ବାନ, କମଳା ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବନମାଳୀ ଭତରା, ବରିଷ୍ଠ ନେତା ବାସୁଦେବ ପଟ୍ଟନାୟକ, ନରହରି ମାଝୀ, ବାମଦେବ ନାୟକ, ମୁକେଶ ଗୁପ୍ତା, ଅଜୟ କୁଲଦୀପ, ଚକ୍ରଧର ଦିସାରୀ, ଉମା ଶଙ୍କର ଷଡଙ୍ଗୀ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।




## ନକଲି ମଦ ପ୍ରସ୍ତୁତ କେନ୍ଦ୍ର ଉପରେ ଚଢ଼ଉ

# ବିପୁଳ ନକଲି ବିଦେଶୀ ମଦ ଜବତ

ଜୟପୁର/କୋଟପାଡ, ୨୯ ।୧୨(ସମିସ)

କୋରାପୁଟ ଜିଲା କୋଟପାଡ ଥାନା ବଣ୍ଡାଗୁଡାରେ ଭଡ଼ାଗୃହରେ ଚାଲିଥିବା ଏକ ନକଲି ବିଦେଶୀ ମଦ ପ୍ରସ୍ତୁତ କେନ୍ଦ୍ର ଉପରେ ଜୟପୁର ଅବକାରୀ ବିଭାଗର ଚଢ଼ଉ କରାଯାଇଛି । କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଜୟପୁର ଉପ ଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡି ଏବଂ ଜିଲ୍ଲା ଅବକାରୀ ଅଧିକ୍ଷକ ଅରୁଣ କୁମାର ପାତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ଅବକାରୀ ସର୍କଲ ଇନସପେକ୍ଟର ଶଶିକାନ୍ତ ଦତ୍ତଙ୍କ ନେତୃତ୍ୱରେ ୩ଟି ଦଳ ଗଠନ କରାଯାଇ ଚଢଉ କରାଯାଇଥିଲା । ଉକ୍ତ ବିଭିନ୍ନ କମ୍ପାନୀର ଲେବଲ ଲାଗିଥିବା ପ୍ରସ୍ତୁତ ନକଲି ବିଦେଶୀ ହୁସ୍କି ମଦ ୧୬୭ କାର୍ଟୁନ ପେଟିରୁ ୮୪୬୪ ବୋତଲରେ ୧୫୪୫ ଲିଟର ୩୬ ମିଲି ଲିଟର ଜବତ କରାଯାଇଛି । ୧୮୦ ଏବଂ ୩୭୫ ମିଲିଲିଟର ବୋତଲରେ ଏହି ନକଲି ମଦ ଭର୍ତ୍ତି କରାଯାଇ କାର୍ଟୁନରେ ରଖାଯାଇଥିଲା ସେହିପରି କମ୍ପାନୀ ଲେବଲ ଷ୍ଟିକର ୧୫୮୪୭, କର୍କ ୭୧୭୫ କାରାମେଲ ୬ କେଜି, ଏଚବି ସ୍ପିରିଟ ୭ ଲିଟର, ବ୍ଲେଣ୍ଡେଡ ସ୍ପିରିଟ ୧୨୦ ଲିଟର, ପାଣି କଣ୍ଟେନର ୪ଟି, ବୋକେଟ ୨୨ଟି, ଛୁରି ୭ଟି, ସିଲିଙ୍ଗ ମେସିନ ଗୋଟିଏ, ଏସେନ୍ସ ୩ ବୋତଲ ଜବତ କରାଯାଇଛି । କିନ୍ତୁ ଏହି ନକଲି ମଦ ପ୍ରସ୍ତୁତ କେନ୍ଦ୍ର ଦୁଇ ଅଣ ଓଡିଆ ଅଭିଯୁକ୍ତ ମାଲିକ ତଥା ଦୁଇ ଭାଇ ଅମିତ ଗୁପ୍ତା ଏବଂ ପଙ୍କଜ ଗୁପ୍ତା ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି । ଉଭୟ ଅଭିଯୁକ୍ତ କୋଟପାଡ ଥାନା ମୁର୍ତ୍ତାହାଣ୍ଡି ଗ୍ରାମପଞ୍ଚାୟତର ମାଲଚାମାଳ ଗ୍ରାମରେ ରହୁଥିବା ବେଳେ ବଣ୍ଡାଗୁଡା ଠାରେ ଏହି ନକଲି ବିଦେଶୀ ପ୍ରସ୍ତୁତ କେନ୍ଦ୍ର ସ୍ଥାପନ କରିବା ସହ ଏଠାରୁ ପ୍ରସ୍ତୁତ ନକଲି ବିଦେଶି ମଦ ଓଡ଼ିଶା ଏବଂ ଛତିଶଗଡ଼କୁ ଚାଲାଣ କରିବା ସହ ବଜାରରେ ବିକ୍ରି କରାଯାଉଛି । ମଦ ପ୍ରସ୍ତୁତ କାରଖାନାରୁ ଜବତ ନକଲି ମଦର ଆନୁମାନିକ ମୂଲ୍ୟ ୨୦ ଲକ୍ଷ ଟଙ୍କାର ବୋଲି ଅବକାରୀ ନିରୀକ୍ଷକ ଶ୍ରୀ ଦତ୍ତ ସୂଚନା ଦେଇଛନ୍ତି । ଏହି ଚଢଉ ଏବଂ ଜବତ ବେଳେ କୋଟପାଡ ତହସିଲଦାର ଟ୍ୱିଙ୍କେଲ ସେଠୀ କାର୍ଯ୍ୟକାରୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଉପସ୍ଥିତ ରହିଥିବା ବେଳେ କୋଟାପୁଟ ସ୍କ୍ୱାର୍ଡର ଇନ୍ସପେକ୍ଟର ଚନ୍ଦ୍ରଶେଖର ପଡ଼ିହାରୀ, କୋଟପାଡ ଅବକାରୀ ଥାନା ଅଧିକାରୀ ନିଳାଦ୍ରୀ ବିହାରୀ ମିଶ୍ର, ଜୟପୁର ଥାନା ଅଧିକାରୀ ସୁବ୍ରତ କେଶରୀ ହିରନ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଯୋଗ ଦେଇଥିଲେ ।



# ଅଧିକାରୀ ରହୁନାହାନ୍ତି, ଜନଶୁଣାଣି ପ୍ରହସନ

ପୋଡ଼ାଗଡ଼, ୨୯।୧୨ (ସମିସ): ଗ୍ରାମସ୍ତରରେ ଥିବା ସମସ୍ୟା ଶୁଣି ସମାଧାନ କରିବା ନିମନ୍ତେ ରାଜ୍ୟ ସରକାର ପ୍ରତି ସୋମବାର ଦିନ ଜିଲ୍ଲାସ୍ତରରୁ ଆରମ୍ଭ କରି ପଞ୍ଚାୟତ ପର୍ଯ୍ୟନ୍ତ ସଚେତନ ଓ ଅଭିଯୋଗ ଶୁଣାଣି ଶିବିର କରୁଛନ୍ତି । କିନ୍ତୁ ଏହି ଅଭିଯୋଗ ଶୁଣାଣୀ ଶିବିରରେ କେବଳ ଅଙ୍ଗନବାଡି, ଆଶା ଓ ମିଶନ ଶକ୍ତି ମହିଳାଙ୍କୁ ନେଇ କରାଯାଉଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଥିଲେ ସୁଦ୍ଧା ପ୍ରାୟ ବିଭାଗର ଅଧିକାରୀ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ଅନୁପସ୍ଥିତ ଥିବା ଦେଖିବାକୁ ମିଳୁଛି । ସେଥିପାଇଁ ସାଧାରଣ ଲୋକଙ୍କ ଅଭିଯୋଗ ଶୁଣାଣି ଶିବିରରେ ଆସିବା କିମ୍ବା ଅଭିଯୋଗ କରିବା ହାର ଦିନକୁ ଦିନ ହ୍ରାସ ପାଉଥିବା ଦେଖା ଦେଇଛି । ଯେତେ ସମସ୍ୟା ଥିଲେ ବି କୌଣସି ଗ୍ରାମବାସୀ ପଞ୍ଚାୟତ ସ୍ତରରେ ଅଭିଯୋଗ ନକରି କେବଳ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣିରେ ହିଁ ଅଭିଯୋଗ କରୁଥିବା ଦେଖା ଦେଇଛି । ଆଜି ଦିନ ୧୧ ଘଣ୍ଟା ସମୟରେ କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅଧିନସ୍ଥ ଗାଦିଆ ଗୁଡା ପଞ୍ଚାୟତରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଯେହେତୁ ଉକ୍ତ ପଞ୍ଚାୟତରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । କିନ୍ତୁ ଏହି ଶିବିରରେ କେବଳ ଶିକ୍ଷା ବିଭାଗର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁନାଧର ସାଗର କୃଷି ବିଭାଗର ଜଣେ ଅଙ୍ଗନବାଡ଼ି କର୍ମୀ ତଥା ସମ୍ପୃକ୍ତ ଶିଶୁ ବିକାଶ ବିଭାଗର ଆଶା କର୍ମୀ, ମିଶନ ଶକ୍ତି ମହିଳା ଓ ଏଇଙ୍କ ସମେତ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଏଡିଓ, ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଥିଲେ ସୁଦ୍ଧା ଅଧିକାରୀ ମାନେ ଆସୁନଥିବା ସ୍ଥାନୀୟ ସରପଞ୍ଚ କହିଛନ୍ତି । ଏହି ଅଭିଯୋଗ ଶୁଣାଣୀ ଶିବିରରେ ମୋଟ ୭ଟି ଅଭିଯୋଗ ଆସିଥିବା ଏଡିଓ କହିଛନ୍ତି । ସ୍ଥାନୀୟ ପଞ୍ଚାୟତରେ ଅନେକ ସମସ୍ୟା ଥିଲେ ସୁଦ୍ଧା ଅଧିକାରୀ ମାନେ ଆସୁ ନ ଥିବାରୁ କାହାକୁ ଅଭିଯୋଗ କରିବୁ ବୋଲି ଲୋକେ କହୁଥିବା ଦେଖା ଦେଇଛି ।

# ଆକ୍ରମଣ କରି ମୋବାଇଲ ଫୋନ୍ ଲୁଟ୍

## ଜଣେ ଗୁରୁତର

ନନ୍ଦପୁର, ୨୯।୧୨ (ସମିସ): ଦୀର୍ଘ ଦିନ ପରେ ପୁଣି ଡକାୟତ ସକ୍ରିୟ ହୋଇଛନ୍ତି । ପୁଣି ନନ୍ଦପୁରରେ ଡକାୟତ ସକ୍ରିୟ ହେବା ଘଟଣା ପୁଲିସ୍ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିବା ବେଳେ ସାଧାରଣ ଜନତା ଆତଙ୍କିତ ହୋଇଛନ୍ତି । ଏହି ଘଟଣା ଘଟିଛି ଜନଗହଳିପୂର୍ଣ୍ଣ ରାଣୀ ଡୁଡୁମା ପର୍ଯ୍ୟଟନ ସ୍ଥଳୀ ନିକଟ ସରବତୀ ଘାଟିରେ । ଏତଲା ଅନୁସାରେ ଗତ ୨୮ ତାରିଖରେ ଜେସିବି ଅପେରେଟର ଓ ହେଲପର ଏକ ବାଇକ୍ ଯୋଗେ କୌଣସି ଏକ କାମ ପାଇଁ ନନ୍ଦପୁର ସହରକୁ ଆସି ସରବତୀ ଗ୍ରାମକୁ ଫେରୁଥିବା ସମୟରେ ଘାଟି ଉପର ରାସ୍ତା କଡ଼ରେ ଏକ ନମ୍ବର୍ ବିହୀନ ବାଇକ୍ ରଖି ତିନି ଅଜଣା ବ୍ୟକ୍ତି ଛିଡ଼ା ହୋଇ ଥିଲେ । ବଳଭଦ୍ର ହନ୍ତାଳ ଓ ବିଜୟ ଗୁଣ୍ଠା ଦୁହେଁ ଯାଉଥିବା ଦେଖି ହାତ ମାରି ଅଟକାଇ ଥିଲେ । ସେମାନେ ଅଟକିବା କ୍ଷଣି ହଠାତ୍ ଆକ୍ରମଣ କରି ପାଖରେ ଥିବା ଦୁଇ ମୋବାଇଲ ଫୋନ୍ ଲୁଟି ନେଇ ଫେରାର ହୋଇ ଯାଇଥିଲେ । ସେପଟେ ପ୍ରାଣ ବଞ୍ଚାଇ କ୍ଷତାକ୍ତ ଅବସ୍ଥାରେ ନନ୍ଦପୁର ମେଡିକାଲକୁ ଆସିଥିଲେ । ଗୁରୁତରଙ୍କୁ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ବଡ଼ ମେଡିକାଲ ଓ ପରେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ଏତଲା ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଆଇଆଇସି ମମତା ପଣ୍ଡା ତଦନ୍ତ କରୁଥିବା ଜଣାପଡ଼ିଛି ।



# ଜିଲ୍ଲା ପରିଷଦ ସଭ୍ୟ ଅରୁଣ ମିଶ୍ରଙ୍କୁ ରାଜ୍ୟ ଯୁବ ବିଜେଡି ଉପସଭାପତି ଦାୟିତ୍ୱ



ନବରଙ୍ଗପୁର/ନନ୍ଦାହାଣ୍ଡି, ୨୯।୧୨(ସମିସ): ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ଜୋନ ୨ ଜିଲ୍ଲା ପରିଷଦ ସଭ୍ୟ ଅରୁଣ କୁମାର ମିଶ୍ରଙ୍କୁ ରାଜ୍ୟ ଯୁବ ବିଜେଡି ଉପସଭାପତି ଦାୟିତ୍ୱ ପ୍ରଦାନ କରାଯାଇଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଶ୍ରୀ ମିଶ୍ରଙ୍କୁ ଏହି ଦାୟିତ୍ୱ ଦେଇଛନ୍ତି । ଯାହାକୁ ନେଇ ନନ୍ଦାହାଣ୍ଡି ବ୍ଲକ ଏବଂ ନବରଙ୍ଗପୁର ଜିଲ୍ଲା ବିଜୁ ଜନତା ଦଳ କର୍ମୀ ମହଲରେ ଖୁସିର ଲହରୀ ଖେଳିଯାଇଛି । ଜିଲ୍ଲା ପରିଷଦ ସଭ୍ୟ ତଥା ବିଜୁ ଜନତା ଦଳ ଛାତ୍ର ରାଜ୍ୟ ଉପସଭାପତି ଶ୍ରୀ ମିଶ୍ରଙ୍କୁ ଏହି ଦାୟିତ୍ୱ ମିଳିବା ପରେ ସେ ଦଳୀ ସୁପ୍ରିମୋ ଶ୍ରୀ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ବର୍ତ୍ତମାନ ନବରଙ୍ଗପୁର ଜିଲ୍ଲାର ବିଜୁ ଜନତା ଦଳର ଜଣେ ସକ୍ରିୟ ନେତା ଭାବରେ ଶ୍ରୀ ମିଶ୍ର ପରିଚିତ । ଶ୍ରୀ ମିଶ୍ର ଙ୍କ ଦକ୍ଷତା ଓ ପରିଦର୍ଶିତା କୁ ଲକ୍ଷ୍ୟ କରି ରାଜ୍ୟ ଯୁବ ବିଜେଡି ଉପସଭାପତି ଦାୟିତ୍ୱ ଭାର ଦିଆଯାଇଥିବା ଚର୍ଚ୍ଚା ହେଉଛି । ଶ୍ରୀ ମିଶ୍ର ବିଜୁ ଜନତା ଦଳ ରାଜ୍ୟ ସଭାପତି ଶ୍ରୀ ପଟ୍ଟନାୟକଙ୍କ ସମେତ ନବରଙ୍ଗପୁର ଜିଲ୍ଲା ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଏବଂ ବରିଷ୍ଠ ନେତୃ ମଣ୍ଡଳଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ରାଜ୍ୟ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ହେଲେ ସୁମିତ



ନବରଙ୍ଗପୁର, ୨୯।୧୨(ସମିସ): ନବରଙ୍ଗପୁର ଜିଲ୍ଲା ବିଜେଡି ଛାତ୍ର ନେତା ସୁମିତ ପୂଜାରୀଙ୍କୁ ରାଜ୍ୟ ଛାତ୍ର ବିଜେଡିର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି । ଏହି ଦାୟିତ୍ୱ ମିଳିବା ପରେ ଶ୍ରୀ ସୁମିତଙ୍କୁ ପୂର୍ବତନ ସାଂସଦ ପ୍ରଦୀପ ମାଝୀଙ୍କ ସମେତ ପୂର୍ବତନ ସାଂସଦ ରମେଶ ମାଝୀ, ଜିଲ୍ଲା ବିଜେଡି ସଭାପତି ମନୋହର ରନ୍ଧାରୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ଅଭିବ୍ୟକ୍ତ କୋରାପୁଟ ଜିଲ୍ଲା ଯୁବ ବିଜେଡ଼ି ସଭାପତି ତାପସ ତ୍ରିପାଠୀ, ପୂର୍ବତନ କାଉନସିଲର ଭୀମ ହରିଜନ, ମିଟୁ ପାତ୍ର ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

# ବିପୁଳ ମାଓ ବିସ୍ଫୋରକ ସାମଗ୍ରୀ ଜବତ

ମାଲକାନଗିରି, ୨୯ ।୧୨(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ମାଓ ଅପରେସନ ବେଳେ ସୁରକ୍ଷା କର୍ମୀଙ୍କୁ ମିଳିଲା ବଡ଼ ସଫଳତା । ତଲାସି ଅଭିଯାନ ବେଳେ ବିପୁଳ ବିସ୍ଫୋରକ ଓ ମାଓ ସାମଗ୍ରୀ ଜବତ ହୋଇଛି । ସୂଚନା ଅନୁଯାୟୀ ମାଲକାନଗିରି ସୀମାନ୍ତ ଛତିଶଗଡ଼ ବିଜାପୁର ଜିଲ୍ଲାର କରିପୁ ଜଙ୍ଗଲରେ ସର୍ଚ୍ଚ ଅପରେସନ ବେଳେ ସୁରକ୍ଷା କର୍ମୀଙ୍କୁ ମିଳିଛି ଏହି ବଡ ସଫଳତା । ଅଞ୍ଚଳରୁ ବିପୁଳ ମାଓ ସାମଗ୍ରୀ ଓ ବିସ୍ଫୋରକ ସାମଗ୍ରୀ ଜବତ କରିଛନ୍ତି ଯବାନ । ଏହା ମଧ୍ୟରେ ରହିଛି ଗୋଟିଏ ଟିଫିନ ବୋମା ସହ ବିପୁଳ ପରିମାଣର ମାଓ ବିସ୍ଫୋରକ ସାମଗ୍ରୀ । ସୁରକ୍ଷା କର୍ମୀଙ୍କୁ କ୍ଷତି ପହଞ୍ଚାଇବା ଲାଗି ଜଙ୍ଗଲ ଭିତରେ ମାଓବାଦୀ ମାନେ ଏହି ସବୁ ବିସ୍ଫୋରକ ସାମଗ୍ରୀ ଲୁଚାଇ ରଖିଥିଲେ । ହେଲେ ଡିଆରଜି ଓ ସିଆରପିଏଫ ବାହିନୀର ସର୍ଚ୍ଚ ଅପରେସନ ବେଳେ ଟିଫିନ ବୋମା ଉଦ୍ଧାର କରାଯାଇ ତାହାକୁ ନିଷ୍କ୍ରିୟ କରାଯାଇଛି । ଫଳରେ ଏକ ବଡ଼ ଧରଣର ମାଓ ଆକ୍ରମଣ ଯୋଜନାକୁ ଯବାନ ମାନେ ପଣ୍ଡ କରିବା ସହ ଜଙ୍ଗଲ ମଧ୍ୟରେ ବର୍ତ୍ତମାନ ମଧ୍ୟ ସର୍ଚ୍ଚ ଅପରେସନକୁ ଜାରି ରଖିଛନ୍ତି ।



# ଅଧ୍ୟାପକ ଡ. ସୁଧାଂଶୁ ଶେଖର ପଟ୍ଟନାୟକ ସମ୍ମାନିତ

ଜୟପୁର, ୨୯ ।୧୨(ସମିସ) : ଜୟପୁର ସହରର ଲିଙ୍ଗରାଜ ନଗର ବାସିନ୍ଦା ଅଧ୍ୟାପକ ତଥା ସାହିତ୍ୟିକ ଡ. ସୁଧାଂଶୁ ଶେଖର ପଟ୍ଟନାୟକ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଠାରେ ୧୪ତମ ଜାତୀୟ ଶିଶୁ ଓ କିଶୋର ଜାତୀୟ ସାହିତ୍ୟ ସମ୍ମିଳନୀ କାର୍ଯ୍ୟକ୍ରମରେ ସମ୍ମାନିତ ହୋଇଛନ୍ତି । ନିର୍ଝରଣୀ ସାହିତ୍ୟ ଅନୁଷ୍ଠାନ ଓ ଓଡ଼ିଶା ଶିଶୁ ଓ କିଶୋର ସାହିତ୍ୟ ଏକାଡେମୀ ମିଳିତ ସହଯୋଗରେ ଗତକାଲି ୧୪ ତମ ବାର୍ଷିକ ଜାତୀୟ ସ୍ତରୀୟ ସାରସ୍ୱତ ସମାରୋହ ଏବଂ ଆଲୋଚନା ଚକ୍ରରେ ରାଜ୍ୟର ବିଶିଷ୍ଟ ଶିଶୁ ସାହିତ୍ୟିକ ଯୋଗଦେଇଥିଲେ । ଏହି ଅବସରରେ ବୋରିଗୁମ୍ମା ମହାବିଦ୍ୟାଳୟର ଅଧ୍ୟାପକ ତଥା ସାହିତ୍ୟିକ ଡ. ପଟ୍ଟନାୟକଙ୍କୁ ସାହିତ୍ୟ ସାଧନା ତଥା ଗବେଷଣା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗ ଦେଇ ସମ୍ମାନିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଭାପତି ରାମଚନ୍ଦ୍ର ସାହୁ ଓ ସମ୍ପାଦକ ବିରଞ୍ଚି ନାରାୟଣ ଦାସଙ୍କ ପ୍ରମୁଖ ଉପସ୍ଥିତ ଥିଲେ ।



# ଜିଲ୍ଲା କଂଗ୍ରେସ କମିଟିର ଦୁଇ ଧାନମଣ୍ଡି ପରିଦର୍ଶନ



ନବରଙ୍ଗପୁର, ୨୯।୧୨(ସମିସ): ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟି ତରଫରୁ ୨୦୨୫-୨୬ ବର୍ଷରେ ଖରିଫ ଚାଷ ଓ ଚାଷୀ ମଧ୍ୟରେ ଚାଲିଥିବା ଧାନ ମଣ୍ଡି ବ୍ୟବସ୍ଥା ସାଙ୍ଗକୁ ପ୍ରଶାସନିକ କାର୍ଯ୍ୟକ୍ରମ ଓ ମିଲ୍ ମାଲିକଙ୍କ କାର୍ଯ୍ୟକଳାପକୁ ନେଇ ଏକ ପରିଦର୍ଶନ କମିଟି ଗଠନ ହୋଇଛି । ଏହି କମିଟିରେ ଜିଲ୍ଲା କଂଗ୍ରେସ ସଭାପତି ସୁଶ୍ରୀ ଲିପିକା ମାଝୀଙ୍କ ସମେତ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ପୂର୍ବତନ ଜିଲ୍ଲା କୃଷକ ସେଲ୍‌ଫ ସଭାପତି ବୃନ୍ଦାବନ ତ୍ରିପାଠୀ, ବରିଷ୍ଠ ନେତା ଦିଲ୍ଲୀପ କୁମାର ବେହେରା, ଜିଲ୍ଲା କିଶାନ୍ ସେଲ୍‌ଫ ସଭାପତି ସନରାଜ୍ ଗଣ୍ଡ, ସୁଶ୍ରୀ ହାରାବତୀ ଗଣ୍ଡ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଭାଗିରଥି ନାୟକ, ବନମାଳୀ ଭତରା, ପୂର୍ବତନ ମହିଳା କଂଗ୍ରେସ ସଭାନେତ୍ରୀ ପି.ନାଗରତ୍ନ, ପୂର୍ବତନ ଡାବୁଗାଁ ବ୍ଲକ ଅଧ୍ୟକ୍ଷ ବଂଶୀ ମାଝୀ, ନବରଙ୍ଗପୁର ନଗର କଂଗ୍ରେସ ସଭାପତି ପ୍ରଦୀପ ସାହୁ, ଉମରକୋଟ ନଗର କଂଗ୍ରେସ ସଭାପତି ଟୁଲୁ ସାହୁ, ପୂର୍ବତନ ପିସିସି ସଭ୍ୟ ଖେମରାଜ୍ ବାଘ ଓ ବରିଷ୍ଠ ନେତା ଯୁଗଧର ହରିଜନ ଓ ପୂର୍ବତନ ଜିଲ୍ଲା କଂଗ୍ରେସ ସମ୍ପାଦକ ହୁସୁନା ବାନଙ୍କୁ ନେଇ ଏକ କମିଟି ଗଠନ ହୋଇଛି । କମିଟି ଆଜି ପ୍ରଥମ ଦିନରେ ଜିଲ୍ଲା କଂଗ୍ରେସ ସଭାପତି ସୁଶ୍ରୀ ଲିପିକା ମାଝୀଙ୍କ ନେତୃତ୍ୱରେ ବଳଭଦ୍ର ମାଝୀ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ବୃନ୍ଦାବନ ତ୍ରିପାଠୀ, ହୁସୁନା ବାନ ସମେତ ଦଶ ଜଣିଆ ଟିମ୍ ଜିଲ୍ଲାପାଳ ଓ ସିଏସଓଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ କରିବା ପରେ ନନ୍ଦାହାଣ୍ଡି ଓ ପାପଡ଼ା ହାଣ୍ଡି ବ୍ଲକ ମଧ୍ୟରେ ଥିବା କିଛି ଧାନ ମଣ୍ଡି ପରିଦର୍ଶନ କରିଥିଲେ । ଆଜିର ଗ୍ରସ୍ତ ସମୟରେ ନନ୍ଦାହାଣ୍ଡି ବ୍ଲକର ସରୁଗୁଡା, ସିନ୍ଧିଗୁଡ଼ା ଓ ଜଗନ୍ନାଥପୁର ଓ ପାପଡ଼ାହାଣ୍ଡି ବ୍ଲକର କିଛି ମଣ୍ଡି ପରିଦର୍ଶନ କରିବା ପରେ ସିନ୍ଧିଗୁଡ଼ା ଓ ସରୁଗୁଡ଼ା ମଣ୍ଡିରୁ ଧାନ ଉଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଆସନ୍ତା କାଲି ଜଗନ୍ନାଥପୁର ମଣ୍ଡିରୁ ଧାନ ଉଠାଯିବା ନେଇ ମିଲୋର୍‌ଙ୍କ ଠାରୁ ପ୍ରତିଶ୍ରୁତି ମିଳିଛି । ଅନ୍ୟପଟେ ପାପଡ଼ାହାଣ୍ଡି ମଣ୍ଡି ଠାରୁ ମଧ ୧୨୦ କ୍ୱିଣ୍ଟାଲରୁ ଅଧିକ ଧାନ ଉଠା ଯାଇଛି । ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲାପାଳ ଓ ସିଏସଓଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଜିଲ୍ଲାରେ ଥିବା ଅନ୍ୟ ସମସ୍ତ ମଣ୍ଡିକୁ ଶୀଘ୍ର କାର୍ଯ୍ୟକ୍ଷମ କରି ତୁରନ୍ତ ଧାନ ଉଠାଇବା ଓ ଚାଷୀଙ୍କୁ ତାଙ୍କ ପ୍ରାପ୍ୟ ପ୍ରଦାନ ଦିଗରେ ଗୁରୁତ୍ୱ ଦେବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଥିବା ନବରଙ୍ଗପୁର ନଗର କଂଗ୍ରେସ ସଭାପତି ପ୍ରଦୀପ କୁମାର ସାହୁ ସୂଚନା ଦେଇଛନ୍ତି ।

## କମାର ସମାଜର ବାର୍ଷିକ ଉତ୍ସବ

# କମାର ଜାତିକୁ ଆଦିବାସୀ ମାନ୍ୟତା ଦାବି

କୁନ୍ଦୁରା, ୨୯।୧୨(ସମିସ)

କୁନ୍ଦୁରା ବ୍ଲକ ଉପାନ୍ତ ତଥା ସୀମାନ୍ତ ଆସନା ଗ୍ରାମ ପଞ୍ଚାୟତ ପଖନାଗୁଡା ଠାରେ କମାର ସମାଜର ଜିଲ୍ଲାସ୍ତରୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ଜିଲ୍ଲାରେ ରହିଥିବା ୧୪ଟି ବ୍ଲକର ପ୍ରାୟ ଏକ ହଜାରରୁ ଅଧିକ କମାର ମହିଳା ଏବଂ ପୁରୁଷ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କମାର ସମାଜର ଏହି କାର୍ଯ୍ୟକ୍ରମରେ ମନୋହର କମାର ଅଧ୍ୟକ୍ଷତା କରିଥିବା ବେଳେ କାର୍ଯ୍ୟକ୍ରମରେ କୋଟପାଡ଼ ବିଧାୟକ ରୂପୁ ଭତ୍ରା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଏମ୍‌ପି ପ୍ରତିନିଧି ଅମ୍ମୁ ପାତ୍ର, ବିଧାୟକ ପ୍ରତିନିଧି ବଦ୍ରିନାରାୟଣ ଆଚାର୍ଯ୍ୟ, ଜିଲ୍ଲା କମାର ସମାଜ ସଭାପତି ଭଗବାନ ଗୋଲରୀ, ଦୁରୁଆ ସମାଜ ସଭାପତି ପୁଷ୍ପ ଦୁରୁଆ, ସରପଞ୍ଚ ଜୟନ୍ତୀ କୁଶପାରିଆ ମୁଖ୍ୟ ବକ୍ତା ଭାବେ ପୁଷ୍ପ ଦୁରୁଆ ଯୋଗ ଦେଇଥିଲେ । ଏହା ସମେତ କୋରାପୁଟ ଜିଲ୍ଲାର ବିଭିନ୍ନ ସମାଜର ସଭାପତି ଏବଂ ସମ୍ପାଦକ ମନେ ଏଠାରେ ଉପସ୍ଥିତ ରହିଥିଲେ । ଆଦିବାସୀ ସମାଜ ଭଳି କମାର ସମାଜରେ ମଧ ସମାନ ସଂସ୍କୃତି, ପରମ୍ପରା, ବେଶଭୂଷା, ଖାଦ୍ୟପେୟ, ନିତ୍ୟ ଚଳନୀୟ ସମାନ ରହିଥିବା ବେଳେ ତତ୍କାଳୀନ ସରକାର ମାନ୍ୟତା ଦେବାରେ ଅବହେଳା କରିଥିଲେ । ଦୀର୍ଘ ହଜାର ବର୍ଷ ପୂର୍ବର ଏହି କମାର ସମାଜ ଆଦିବାସୀ ସମାଜରେ ଏକ ପ୍ରମୁଖ ଆଦିବାସୀ ଭାବେ ଚଳି ଆସୁଥିବା ବେଳେ ଏମାନଙ୍କୁ ଏକ ଅବହେଳିତ ସମାଜ ଭାବି ଛାଡି ଦିଆଯାଇଛି । ଏହାକୁ ନେଇ ମୁଖ୍ୟ ବକ୍ତା ପୁଷ୍ପ ଦୁରୁଆ କହିଛନ୍ତି ଯେ ରାମ, ରାବଣ, କଂସ, କୃଷ୍ଣଙ୍କ ଭଳି ଦେବତା ଯେଉଁ ଅସ୍ତ୍ର ଶସ୍ତ୍ର ବ୍ୟବହାର କରୁଥିଲେ ସେହି ସବୁ କମାର ମାନଙ୍କ ଦ୍ୱାରା ତିଆରି ହୋଇଥିଲା । କିନ୍ତୁ ୫୦୦୦ ବର୍ଷ ପୂର୍ବେ ଭାରତ ମାଟିରେ ଜନ୍ମ ନେଇଥିବା ଆଦିମ ବନବାସୀ କମାର ସମାଜ ଅବହେଳିତ ହୋଇ ରହିଥିବା ବେଳେ ରାଜ୍ୟ ଏବଂ କେନ୍ଦ୍ର ସରକାର କମାର ସମାଜକୁ ଆଦିବାସୀ ମାନ୍ୟତା ଦେବାକୁ ଅନୁରୋଧ କରିଛନ୍ତି । ଏହାକୁ ନେଇ ବିଧାୟକ ରୂପୁ ଭତ୍ରା କୋରାପୁଟ ଜିଲ୍ଲାରେ ଅବହେଳିତ ହୋଇ ରହିଥିବା କମାର ସମାଜକୁ ମଧ ଅତି ଶୀଘ୍ର ଆଦିବାସୀ ମାନ୍ୟତା ମିଳିବା ନେଇ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଜିଲ୍ଲା କମାର ସମାଜ ପକ୍ଷରୁ ବିଧାୟକଙ୍କୁ କମାର ଶାଳରେ ନିର୍ମିତ ଏକ ଟାଙ୍ଗିଆ ଉପହାର ଭାବେ ଦିଆଯାଇଥିଲା । ପ୍ରକାଶ ଥାଉକି ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିଥିବା ତଥ୍ୟ ପ୍ରକାରେ ୧୮।୬।୧୯୩୧ ମସିହାରୁ ୫।୯।୧୯୫୦ ମସିହା ଯାଏଁ କମାର ମାନେ ଆଦିବାସୀ ମାନ୍ୟତା ପାଇଥିବା ବେଳେ ପରବର୍ତ୍ତୀ ସମୟରେ କେଉଁ କାରଣ ନେଇ କମାର ଜାତିକୁ ଆଦିବାସୀ ହେବାରୁ ବଞ୍ଚିତ ରଖାଯାଇଛି ତାହା ଏଯାବତ୍ ସ୍ପଷ୍ଟ ହୋଇ ପାରୁନାହିଁ । ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ବିଧାୟକଙ୍କୁ ଜିଲ୍ଲା କମାର ସମାଜ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି ।



# ପ୍ରଫେସର ଜୟନ୍ତ କୁମାର ମହାନ୍ତିଙ୍କ ବିୟୋଗରେ ଶୋକସଭା



କୋରାପୁଟ, ୨୯।୧୨(ସମିସ): ସରକାରୀ ଡିଏଭି ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ତଥା ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ପ୍ରଫେସର ଡ.ଜୟନ୍ତ କୁମାର ମହାନ୍ତିଙ୍କ ବିୟୋଗରେ ମହାବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ତରଫରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଡ. ମହାନ୍ତି ସରକାରୀ ଡିଏଭି ମହାବିଦ୍ୟାଳୟରେ ୧୯୮୪ ମସିହାରେ ଅଧ୍ୟାପକ ଭାବରେ ଯୋଗଦେଇ ପରବର୍ତ୍ତୀ ସମୟରେ ବାଣିଜ୍ୟ ବିଭାଗର ବିଭାଗ ମୁଖ୍ୟ ଭାବରେ ଦାୟୀତ୍ୱ ନିର୍ବାହ କରିବା ସହ ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବରେ ୨୦୧୩ ମସିହାରେ ଅବସର ଗ୍ରହଣ କରିଥିଲେ । ଜଣେ ସାହିତ୍ୟ ଓ ସଂସ୍କୃତି ପ୍ରାଣ ମଣିଷ ଭାବରେ କୋରାପୁଟର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମରେ ଭାଗ ନେଉଥିଲେ । ମହାବିଦ୍ୟାଳୟର ବିକାଶରେ ତାଙ୍କ ଅବଦାନ ଓ ମାର୍ଗଦର୍ଶନ ଉଲ୍ଲେଖନୀୟ ରହିଥିଲା । ଶୋକସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀପକ କୁମାର ପଟ୍ଟନାୟକ ସଭାପତିତ୍ୱ କରି ଡ. ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ । ପରେ ମହାବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀ ତାଙ୍କର ସ୍ମୃତିଚାରଣ କରିଥିଲେ ।




ଚନ୍ଦ୍ରମା ଭଳି ତୁମେ ମେଘମାଳା ଭିତରୁ ବାହାରି ଆସ ଓ ଆଲୋକ ବର୍ଷା କର।
-ଗୌତମ ବୁଦ୍ଧ

ସକାଳ
THE SAKALA

# ବାୟୁକୁ ଟପିଲାଣି ଜଳସଂକଟ

ବାୟୁ ପ୍ରଦୂଷଣ ନେଇ ରାଜ୍ୟ ସରକାରଙ୍କ ସକ୍ରିୟତା ଓ ଘୋଷିତ ଜୋରିମାନା ପରିମାଣ ଦେଖିଲେ ମନେହେଉଛି ଆମ ରାଜ୍ୟବାସୀଙ୍କ ମୁଣ୍ଡପିଛା ଆୟ ସତେଯେପରି ତେଲଙ୍ଗାନା ଓ କର୍ଣ୍ଣାଟକକୁ ଅତିକ୍ରମ କରିଗଲାଣି। ପ୍ରଦୂଷଣ ପ୍ରମାଣପତ୍ର ହାସଲ ନାମରେ କିଛି ଅନୁଗତ ସଂସ୍ଥାଙ୍କୁ ଉପାର୍ଜନର ସୁବିଧା ପ୍ରଦାନ ସହ ଜୁଲମ ପାଇଁ ଏହି ବ୍ୟବସ୍ଥା ପଥ ପରିଷ୍କାର କରିଛି ବୋଲି ଜନସାଧାରଣଙ୍କ ଚର୍ଚ୍ଚା ବଢ଼ିବାରେ ଲାଗିଛି। ଋତୁକାଳୀନ ଏହି ବାୟୁପ୍ରଦୂଷଣ ଆଉ ମାସ ଗୋଟାଏ ପରେ କୁଆଡ଼େ ଉଭେଇଯିବ। ଅଥଚ ଜଳ ସଂକଟ ଓ ପ୍ରଦୂଷଣ ପରିସ୍ଥିତି ରାଜ୍ୟବାସୀଙ୍କର ସବୁଦିନିଆ ସମସ୍ୟା। କିନ୍ତୁ ସେଥିପ୍ରତି ରାଜ୍ୟ ସରକାରଙ୍କ ନିଘା ନାହିଁ। ମନେହେଉଛି ଶିଳ୍ପ ସମୃଦ୍ଧି ରାଜ୍ୟଗଠନ ପାଇଁ ସରକାରଙ୍କ ନିବେଶ ଆଭିମୁଖ୍ୟ ନିକଟରେ ଜଳଜନିତ ଗୁରୁତର ସମସ୍ୟା ଗୌଣ ହୋଇପଡ଼ିଛି। ରାଜ୍ୟରେ ସକ୍ରିୟ ଶିଳ୍ପ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ କାଳେ ତାହାର ପ୍ରଭାବ ଆଶାୟୀ ଶିଳ୍ପ ସଂସ୍ଥାଙ୍କ ଉପରେ ପଡ଼ିବ! ଏହିକାରଣରୁ ୫୮ଟି ଶିଳ୍ପସଂସ୍ଥାଙ୍କ ଉପରେ ଥିବା ବକେୟା ୫୮୯୦ କୋଟି ଟଙ୍କାର ଜଳ କର ଆଦାୟ କରିବାକୁ ସରକାର ବୋଧହୁଏ ସାହସ କରିପାରୁନାହାନ୍ତି। ଅନ୍ୟପକ୍ଷରେ ଶିଳ୍ପ ସଂସ୍ଥା ଅବାଧରେ ଶିଳ୍ପବର୍ଜ୍ୟ ନଦୀ ଗର୍ଭକୁ ଛାଡୁଥିବାରୁ ନଦୀ ଜଳ ସହିତ ଭୂତଳ ଜଳ ମଧ୍ୟ ପ୍ରଦୂଷିତ ହେଉଛି ଏବଂ ବିଭିନ୍ନ ରୋଗର କାରଣ ପାଲଟିଛି।

ଅସଲରେ ବାୟୁ ପ୍ରଦୂଷଣ ପଛର କାରଣ ନିର୍ଣ୍ଣୟ କରିବାରେ ପ୍ରଶାସନ ବିଫଳ ନା ସରକାର ଉଦ୍ଦେଶ୍ୟମୂଳକ ଭାବେ ଜାଣିବାକୁ ଚେଷ୍ଟା କରୁନାହାନ୍ତି ସେହି ପ୍ରଶ୍ନ ଏବେ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ହୋଇଛି। ବାୟୁପ୍ରଦୂଷଣରେ ଯାନବାହନରୁ ନିର୍ଗତ ଧୂଆଁର ଯୋଗଦାନ ଯେତିକି ରହିଛି, ତା'ଠାରୁ ଅଧିକ ରହିଛି ଶିଳ୍ପାୟନ, ସହରୀକରଣ ଓ ବିନିର୍ମାଣ ଭଳି କାର୍ଯ୍ୟକଳାପର। ଅଥଚ ସେହିସବୁ କ୍ଷେତ୍ରରୁ ଜୋରିମାନା ଆଦାୟ ବା କଟକଣା ଲାଗୁ କରିବାରେ ଶାସନ/ପ୍ରଶାସନର ନିଷ୍କ୍ରିୟତା ବାରି ହୋଇପଡୁଛି। ସହରବଜାରରେ ଯାନବାହନର ପ୍ରଦୂଷଣ ମାନଦଣ୍ଡ ଯାଞ୍ଚ କରିବା ଭଳି ଯଦି ବିଭାଗୀୟ କର୍ତ୍ତୃପକ୍ଷ ଶିଳ୍ପାଞ୍ଚଳରେ ସକ୍ରିୟ ହୁଅନ୍ତେ ତେବେ ରାଜ୍ୟ ଓ ରାଜ୍ୟବାସୀଙ୍କୁ ଅଧିକ ଫାଇଦା ମିଳନ୍ତା। କିନ୍ତୁ ଶିଳ୍ପାୟନ ପାଇଁ ବଦ୍ଧପରିକର ସରକାର ଶିଳ୍ପସଂସ୍ଥାଙ୍କ ସାତଖୁଣ ମାଫ କରିଦେବା ଭଳି ମାନସିକତାରେ ଥିବା ଜଣାପଡୁଛି। ଶିଳ୍ପ ସଂସ୍ଥାମାନଙ୍କର କେବଳ ବାୟୁମଣ୍ଡଳକୁ କାର୍ବନ ନିର୍ଗମନ ନୁହେଁ, ନଦୀ ଜଳକୁ ବର୍ଜ୍ୟ ବିସର୍ଜନ ମଧ୍ୟ ରାଜ୍ୟରେ ଗୁରୁତର ସମସ୍ୟା ସୃଷ୍ଟି କରିଛି। ବାୟୁ ପ୍ରଦୂଷଣ ଜନିତ ରୋଗ ଅପେକ୍ଷା ପ୍ରଦୂଷିତ ଓ ବିଷାକ୍ତ ଜଳ ସଂକ୍ରମିତ ରୋଗର ପ୍ରାବଲ୍ୟ ବଢ଼ୁଛି। ଅଥଚ ସରକାର ସେଥିପ୍ରତି ଯେତିକି ଦୃଷ୍ଟି ଦେବା କଥା ତାହାର ଅଭାବ ରହୁଛି। ଗତ କିଛିମାସ ତଳେ ପ୍ରଦୂଷିତ ଜଳ ଯୋଗୁଁ ସାରା ରାଜ୍ୟରେ ହଇଜା ବ୍ୟାପୀ ଜୀବନହାନିର କାରଣ ହୋଇଥିଲା। ଏହି ଘଟଣାକୁ ଏକ ଋତୁକାଳୀନ ପ୍ରାଦୁର୍ଭାବ ବୋଲି ସ୍ପଷ୍ଟୀକରଣ ଦେଇ ସରକାର ଜନସାଧାରଣଙ୍କୁ ସନ୍ତୁଷ୍ଟ କରିବାକୁ ଉଦ୍ୟମ କରି ସଫଳ ହୋଇଥିଲେ। କିନ୍ତୁ ଅସଲରେ ପ୍ରଦୂଷିତ ଜଳ ହିଁ ସବୁ ସମସ୍ୟାର ମୂଳ ତାହାକୁ ଭୁଲି ଗଲେ ଚଳିବ ନାହିଁ।



ରାଜ୍ୟରେ ଶିଳ୍ପସଂସ୍ଥାମାନଙ୍କର ସାମାଜିକ କଲ୍ୟାଣ ଦାୟିତ୍ୱହୀନତା କାରଣରୁ କେବଳ ଜଳପ୍ରଦୂଷଣ ବଢ଼ୁନାହିଁ, ତା'ସହିତ ଜଳାଭାବ-ସଙ୍କଟ ମଧ୍ୟ ଉତ୍କଟ ହେବାରେ ଲାଗିଛି। ରାଜ୍ୟରେ ସକ୍ରିୟ ଶିଳ୍ପସଂସ୍ଥା ମୁଖ୍ୟତଃ ମହାନଦୀ, ବୈତରଣୀ, ବ୍ରାହ୍ମଣୀ, ଇନ୍ଦ୍ରାବତୀ, କୋଲାବ, ନାଗାବଳୀ ଓ ଋଷିକୁଲ୍ୟାରୁ ଜଳ ନେବା ସକାଶେ ଜଳସମ୍ପଦ ବିଭାଗ ସହ ଚୁକ୍ତିବଦ୍ଧ। ୨୦୨୧ରେ ସେମାନେ ପ୍ରକୃତରେ କେତେ ଜଳ ନେଇଛନ୍ତି ତାହାର ନିର୍ଦ୍ଧାରଣ ପାଇଁ ସେନ୍ସରଭିତ୍ତିକ 'ଫ୍ଲୋମିଟର' ସଂଯୋଗ ସକାଶେ ନିର୍ଦ୍ଦେଶ ଦିଆଯାଇଥିଲେ ମଧ୍ୟ ତାହାର ଉଲ୍ଲଙ୍ଘନ ହୋଇଛି। ଏଥିରୁ ସ୍ପଷ୍ଟ ଯେ ଚୁକ୍ତି ପରିମାଣଠାରୁ ଶିଳ୍ପ ସଂସ୍ଥାଗୁଡ଼ିକ ଯଥେଷ୍ଟ ଅଧିକ ଜଳ ଉତ୍ତୋଳନ କରୁଛନ୍ତି। ଏ ନେଇ ଗୁରୁତର ଅଭିଯୋଗ ହେବାରୁ ଆସନ୍ତା ମାର୍ଚ୍ଚ ମାସ ଶେଷ ସୁଦ୍ଧା 'ଫ୍ଲୋମିଟର' ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ବ୍ୟତିକ୍ରମ ହେଲେ ୬ ଗୁଣ ଅଧିକ ଟିକସ ଜୋରିମାନା ଆକାରରେ ଆଦାୟ କରାଯିବ। ଏହି କଠୋର ନିର୍ଦ୍ଦେଶ କେତେଦୂର କାର୍ଯ୍ୟକାରୀ ହେବ ସେ ନେଇ ଏବେ ମଧ୍ୟ ସନ୍ଦେହ ରହିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିପୋର୍ଟ ଅନୁଯାୟୀ, ସହରାଞ୍ଚଳ ଆବର୍ଜନା ସହ ଶିଳ୍ପ ବର୍ଜ୍ୟ ସିଧାସଳଖ ନଦୀ ଜଳରେ ମିଶୁଥିବାରୁ ଗଙ୍ଗୁଆ ଦୟା, ମଙ୍ଗଳା, କାଠଯୋଡ଼ି, ସେରିଆ, ବ୍ରାହ୍ମଣୀ ଓ ଗୁଲାଡିହ ନାଳ ଅଧିକ ପ୍ରଦୂଷିତ ହୋଇଛି। ଜଳ ପ୍ରଦୂଷଣରେ ଯେଉଁ ବର୍ଗୀକରଣ କରାଯାଉଛି ସେଥିରେ ଦୟା, ମଙ୍ଗଳା, କାଠଯୋଡ଼ି, ସେରୁଆ ଓ ବ୍ରାହ୍ମଣୀ ଜଳ ବର୍ଗ-୫ ରେ ରହିଛି। ଏହାକୁ ଆମେ ମାତ୍ରାଧିକ ପ୍ରଦୂଷିତ ଜଳ ରୂପେ ଗ୍ରହଣ କରିପାରିବା। ବ୍ରାହ୍ମଣୀରେ ଶିଳ୍ପ ବର୍ଜ୍ୟ ମିଶୁଥିବାରୁ ଏହି ବିଷାକ୍ତ ଜଳ ଗୁରୁତର ପରିସ୍ଥିତି ସୃଷ୍ଟି କରିଛି।

ସରକାର କେବଳ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ କସରତରେ ନିଜକୁ ସୀମିତ ରଖିଲେ ଚଳିବ ନାହିଁ। ନଦୀ ଓ ଭୂତଳ ଜଳ ପ୍ରଦୂଷଣ ଭଳି ଗୁରୁତର ସମସ୍ୟା ଏବଂ ସେଥିରୁ ସୃଷ୍ଟ ରୋଗର ପ୍ରତିକାର ପାଇଁ ସରକାର ସଚେତନ ହେବା ଜରୁରୀ।

# ଭାରତର ମୁକ୍ତ ଅର୍ଥନୀତିରେ ଏକାଧିକାର

ସନ୍ତୋଷ କୁମାର ମିଶ୍ର

ଭାରତର ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ କିଛିଦିନ ତଳେ ସୃଷ୍ଟି ହୋଇଥିବା ସଙ୍କଟ ଯୋଗୁଁ ଉଭୟ ଯାତ୍ରୀ ଓ ପଣ୍ୟ ପରିବହନ ସେବା ପ୍ରଭାବିତ ହୋଇଛି। ଏହି ସମସ୍ୟା ହଠାତ୍ ସୃଷ୍ଟି ହୋଇନାହିଁ; ବରଂ ଗତ ପାଞ୍ଚ ବର୍ଷ ତଳୁ ଆରମ୍ଭ ହୋଇଥିବା ଏହି ସମସ୍ୟା ଏବେ ବିସ୍ଫୋରକ ସ୍ଥିତିରେ ପହଞ୍ଚିଛି। ଦେଢ଼ଦଶନ୍ଧି ପୂର୍ବେ ଭାରତରେ ଏକଡଜନ୍‌ରୁ ଅଧିକ କମ୍ପାନୀ ବିମାନ ସେବା ପ୍ରଦାନ କରୁଥିଲେ। କିନ୍ତୁ ଆଜି କେବଳ ଏହି କ୍ଷେତ୍ରରେ ମାତ୍ର ଦୁଇ/ତିନିଟି କମ୍ପାନୀର ଉପସ୍ଥିତି ରହିଛି। ଭାରତର ୭୦ ପ୍ରତିଶତରୁ ଅଧିକ ପଥରେ ମାତ୍ର ଗୋଟିଏ କମ୍ପାନୀର ବିମାନ ଚଳାଚଳ କରୁଛି। ଏହାଫଳରେ ବିମାନରେ ଯାତ୍ରା ମୂଲ୍ୟ ମଧ୍ୟ ବଢ଼ିବାରେ ଲାଗିଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟର ତଥ୍ୟାନୁଯାୟୀ, ବିଗତ ଛ' ବର୍ଷ ମଧ୍ୟରେ ଅନ୍ତଃରାଷ୍ଟ୍ରୀୟ ଟିକେଟ ଦର ୧୬ ପ୍ରତିଶତ ମହଙ୍ଗା ହୋଇଥିବା ବେଳେ ଭାରତୀୟ ବିମାନ ଟିକେଟ ଦର ୪୩ ପ୍ରତିଶତ ବୃଦ୍ଧି ହୋଇଛି। ଦକ୍ଷିଣ-ଏସୀୟ ଦେଶ ମଧ୍ୟରେ ଦ୍ୱିତୀୟ ସ୍ଥାନରେ ରହିଛି ଭାରତର ଅତି ଦାମିକା ବିମାନ ସେବା।

ନବ ଉଦାରୀକରଣ ଅର୍ଥନୀତିରେ କୌଣସି ଏକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏକାଧିକାର ସୃଷ୍ଟି ହେବା ଏକ ସମସ୍ୟା ନୁହେଁ, ବରଂ ଏକ ସୁଚିନ୍ତିତ ବ୍ୟବସାୟ ରଣନୀତି। କାରଣ ମୁକ୍ତଅର୍ଥନୀତିର ଏକ ପ୍ରମୁଖ ଉଦ୍ଦେଶ୍ୟ ହେଉଛି ବାଜରରେ ଉପଯୁକ୍ତ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି କରି ନାଗରିକମାନଙ୍କ ବିଭିନ୍ନ ପ୍ରକାରର ଅଧିକାର ଓ ସ୍ୱାର୍ଥକୁ ସୁରକ୍ଷିତ ରଖିବା। କେବଳ ବିମାନ ଚଳାଚଳ ନୁହେଁ, ଭାରତର ବିଶାଳ ବଜାରରେ ବର୍ତ୍ତମାନ ପ୍ରାୟ ଆଠଟି କ୍ଷେତ୍ରରେ ଏକାଧିକାର ସୃଷ୍ଟି ହୋଇଛି ବା ହେବାକୁ ଯାଉଛି। ବଜାରରେ ପ୍ରତିଦ୍ୱନ୍ଦ୍ୱିତା ସ୍ଥିତି କିପରି ରହିଛି, ତାହା 'ହରଫିଣ୍ଡାଲ ହରିସମ୍ୟାନ' ସୂଚକାଙ୍କ (ଏଚଏଚଆଇ) ଦ୍ୱାରା ନିର୍ଦ୍ଧାରିତ ହୁଏ। ୧୯୪୦ ମସିହାରେ ଆମେରିକୀୟ ଅର୍ଥଶାସ୍ତ୍ରୀ ଆଲବର୍ଟ ହରିସମ୍ୟାନ୍ ବଜାରରେ ପ୍ରତିଦ୍ୱନ୍ଦ୍ୱିତାକୁ ମାପିବା ପାଇଁ ଏକ ପଦ୍ଧତି ବିକଶିତ କରିଥିଲେ। ପରବର୍ତ୍ତୀ ସମୟରେ ଅର୍ଥନୀତିଜ୍ଞ ଓରିସ୍ ହରଫିଣ୍ଡାଲ ଏହାକୁ ଅଧିକ ଉନ୍ନତ କରିଥିଲେ। ଏହା ବିଶ୍ୱରେ ବିଭିନ୍ନ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାକୁ ମାପିବା ପାଇଁ ବ୍ୟବହୃତ ହେଉଛି।

ଏହି ସୂଚକାଙ୍କରେ ୧୫୦୦ ରୁ କମ ମୂଲ୍ୟାଙ୍କ ଦର୍ଶାଇଥାଏ ଯେ ବଜାରରେ ଉତ୍ତମ ପ୍ରତିଦ୍ୱନ୍ଦ୍ୱିତା ରହିଛି। ୧୫୦୦-୨୫୦୦ ମୂଲ୍ୟାଙ୍କ ପ୍ରତିଦ୍ୱନ୍ଦ୍ୱିତା ହ୍ରାସ ପାଉଥିବା ସୂଚାଏ। ୨୫୦୦ ରୁ ଅଧିକ ମୂଲ୍ୟାଙ୍କ ଜଣାଇ ଦିଏ ଯେ ପ୍ରତିଦ୍ୱନ୍ଦ୍ୱିତା ସମାପ୍ତ ହୋଇଛି। ବର୍ତ୍ତମାନ ଭାରତର ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଏଚଏଚଆଇର ମୂଲ୍ୟାଙ୍କ ୪୪୦୦ ରହିଥିବା ବେଳେ ରଙ୍ଗ ଉତ୍ପାଦନରେ ୩୬୦୭, ସଞ୍ଚାର କ୍ଷେତ୍ରରେ ୩୦୦୦, ଷ୍ଟିଲ ଉତ୍ପାଦନରେ ୨୧୦୦, ଟାୟାର ଉତ୍ପାଦନରେ ୨୦୦୦, ସିମେଣ୍ଟ ଉତ୍ପାଦନରେ ୧୯୦୦ ରହିଛି। ଆର୍ଥିକ ବର୍ଷ ୧୪-୧୫ ରେ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଦୁଇଟି ଅଗ୍ରଣୀ କମ୍ପାନୀର ରାଜସ୍ୱ ଅଂଶ ୫୩.୧ ଶତାଂଶ ଥିବା ବେଳେ ବର୍ତ୍ତମାନ ଏହା ୯୨.୬%ରେ ପହଞ୍ଚିଛି। ଟାୟାର ଉତ୍ପାଦନ କ୍ଷେତ୍ରରେ ୪୮.୯ ପ୍ରତିଶତ ଥିବା ବେଳେ ଏବେ ଏହା ୫୫%ରୁ ଅଧିକ।

ଚୀନ ପରେ ବିଶ୍ୱର ସର୍ବବୃହତ ସଞ୍ଚାର କ୍ଷେତ୍ର ଭାରତରେ ଏକ ଦଶନ୍ଧି ପୂର୍ବେ ଦୁଇଟି ପ୍ରମୁଖ କମ୍ପାନୀଙ୍କ ରାଜସ୍ୱ ଅଂଶ ୪୬.୫% ଥିବା ବେଳେ ବର୍ତ୍ତମାନ ସେମାନଙ୍କ ରାଜସ୍ୱ ଅଂଶ ୭୨%ରୁ ଅଧିକ। ଷ୍ଟିଲ ଉତ୍ପାଦନ କ୍ଷେତ୍ରରେ ଏହା ୪୪.୫%ରୁ ବୃଦ୍ଧି ପାଇ ୫୭.୬%ରେ ପହଞ୍ଚିଛି। ସିମେଣ୍ଟ ଉତ୍ପାଦନରେ ଏକଚାଟିଆ ରାଜସ୍ୱ ଅଂଶ ୪୦.୯%ରୁ ୪୮.୮%କୁ ବୃଦ୍ଧି ପାଇଛି। ଇ-ବାଣିଜ୍ୟରେ ଦୁଇଟି ଅଗ୍ରଣୀ କମ୍ପାନୀଙ୍କ ରାଜସ୍ୱ ଅଂଶ ୮୦ ଶତାଂଶରୁ ଅଧିକ। 'ନ୍ୟାସନାଲ୍ ପେମେଣ୍ଟ କର୍ପୋରେସନ ଅଫ ଇଣ୍ଡିଆ'ର ତଥ୍ୟାନୁସାରେ ୟୁପିଆଇ ମାଧ୍ୟମରେ ଦୈନିକ ହାରାହାରି ୬୫ କୋଟି ଟଙ୍କାର ଦେଣନେଣ ହେଉଛି। କିନ୍ତୁ ଦୁଇଟି ଅଗ୍ରଣୀ କମ୍ପାନୀଙ୍କ ଦ୍ୱାରା ୮୧ ପ୍ରତିଶତରୁ ଅଧିକ ଦେଣନେଣ ହେଉଛି। ଘରକୁ ଖାଦ୍ୟ କିମ୍ବା ଓ ଅଟୋ ରିକ୍ସା କିମ୍ବା ଟ୍ୟାକ୍ସି ମଗାଇବା କ୍ଷେତ୍ରରେ କେବଳ ଦୁଇଟି ଲେଖାଏଁ କମ୍ପାନୀ ହିଁ ସେବା ଯୋଗାଇ ଦେଉଛନ୍ତି।

ବଜାରରେ ଏକାଧିକାର ସୃଷ୍ଟି କରିବାରେ କେବଳ ବେସରକାରୀ କମ୍ପାନୀ ନାହାନ୍ତି, ସରକାରୀ ଅଧିକୃତ କମ୍ପାନୀମାନେ ମଧ୍ୟ ଆଗୁଆ ଅଛନ୍ତି। ଅନଲାଇନ ଟ୍ରେନ ଟିକେଟ ଅଗ୍ରୀମ ବୁକିଂ କ୍ଷେତ୍ରରେ ଆଇଆରସିଟିସିର ଶତପ୍ରତିଶତ ଅଧିକାର ରହିଛି। କୋଲ୍ ଇଣ୍ଡିଆ ପାଖରେ କୋଇଲା ଉତ୍ପାଦନ କ୍ଷେତ୍ରରେ ୮୨ % ଅଧିକାର ଆଇନ ଦ୍ୱାରା ସୁରକ୍ଷିତ। ବିଦ୍ୟୁତ୍ ଶକ୍ତି ସରବରାହର କ୍ଷେତ୍ରର ୮୫% ପାୱାର ଗ୍ରୀଡ ଅଧୀନରେ ରହିଛି। ତୈଳ ଓ ପ୍ରାକୃତିକ ବାଷ୍ପ ନିଗମ ଅଧୀନରେ ରହିଛି ଅଶୋଧିତ ତୈଳ ଓ ପ୍ରାକୃତିକ ବାଷ୍ପ ଉତ୍ପାଦନର ୭୦ ଶତାଂଶ। ୨୦୨୩ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ଏକ ରାୟରେ କହିଥିଲେ ଯେ ପ୍ରତିଦ୍ୱନ୍ଦ୍ୱିତା ଆଇନ ଉର୍ଦ୍ଧ୍ୱରେ ଜାତୀୟକରଣ ଆଇନ ନୁହେଁ। ତଥାପି ଭାରତର ସଞ୍ଚାର କ୍ଷେତ୍ରକୁ ବାଦ୍ ଦେଲେ ଭାରତର ଅନ୍ୟ ସମ୍ବେଦନଶୀଳ କ୍ଷେତ୍ରରେ କୌଣସି ପ୍ରଭାବ ଦୃଷ୍ଟିଗୋଚର ହୁଏ ନାହିଁ।

ସାଧାରଣ ଭାବରେ ବଜାରରେ ପ୍ରତିଦ୍ୱନ୍ଦ୍ୱିତା ହ୍ରାସ ପାଇବା ଦ୍ୱାରା ଦ୍ରବ୍ୟ କିମ୍ବା ସେବା ମହଙ୍ଗା ହୁଏ ବୋଲି ଧାରଣା ରହିଛି। ଇଣ୍ଡିଗୋ ବିମାନ ସେବା ଏହାର ଏକ ଜ୍ୱଳନ୍ତ ଉଦାହରଣ। ସଞ୍ଚାର କ୍ଷେତ୍ରରେ ମଧ୍ୟ ସମାନ ଧରଣର ପରିସ୍ଥିତି ସୃଷ୍ଟି ହୋଇଛି। ଏକାଧିକାର ଉଭୟ ଗ୍ରାହକ ଓ ଶ୍ରମବଜାରକୁ ଶୋଷଣ କରେ। ଉଭୟ ଉପଭୋକ୍ତା ଓ କର୍ମଜୀବୀମାନଙ୍କ ମୂଳଚାଳ ଶକ୍ତି ଲୋପ ପାଇଯାଏ। କୁଶଳୀ ମାନବ ସମ୍ବଳ ଉପେକ୍ଷିତ ହୁଏ। ଆର୍ଥିକ ବର୍ଷ ୨୦୨୩-୨୪ ରେ ଭାରତର ମୋଟ ଘରୋଇ ଉତ୍ପାଦର ଅଭିବୃଦ୍ଧି ୮ ଶତାଂଶରୁ ଅଧିକ ରହିଲା। କିନ୍ତୁ କର୍ମଜୀବୀମାନଙ୍କ ବେତନ ହାରାହାରି ୧୦ ଶତାଂଶରୁ ଅଧିକ ବଢ଼ିଲା ନାହିଁ। ଭାରତର ଅର୍ଥନୀତିରେ ଏକାଧିକାର ବୃଦ୍ଧି ପାଉଥିବାରୁ ନୂଆ କମ୍ପାନୀମାନଙ୍କ ପାଇଁ ବଜାର ପ୍ରବେଶ ପ୍ରାୟ ବନ୍ଦ ହୋଇ ସାରିଛି।

ବଜାରରେ ଏକାଧିକାର ସୃଷ୍ଟି କରିଥିବା କମ୍ପାନୀମାନଙ୍କ ପ୍ରକୃତ ବଳ ହେଉଛି ଉଭୟ ବିଦେଶୀ ଓ ଘରୋଇ ନିବେଶ। ଯେଉଁ କମ୍ପାନୀମାନେ ବଜାରକୁ ନିଜ ହାତ ମୁଠାରେ ରଖିଛନ୍ତି ପ୍ରତିଭୂତି ବଜାରରେ ସେମାନଙ୍କ ଅଂଶଧନ ଚଢ଼ା ଦରରେ ବିକ୍ରି ହୁଏ। ନିବେଶକ କେବଳ ନିଜର ପୁଞ୍ଜିର ସୁରକ୍ଷା ଏବଂ ସେଥିରୁ ଭଲ ଆୟକୁ ଆଖି ଆଗରେ ରଖି ପୁଞ୍ଜି ବିନିଯୋଗ କରେ। ବର୍ତ୍ତମାନ ଭାରତର ପ୍ରତିଭୂତି ବଜାରରେ ଏହି ଅବସ୍ଥା ଦେଖିବାକୁ ମିଳିଛି। ରାଜସ୍ୱ ଅଂଶରେ ଏକାଧିକାର ଥିବା କମ୍ପାନୀମାନଙ୍କ ଅଂଶଧନର ମୂଲ୍ୟ ନିକଟତମ ପ୍ରତିଦ୍ୱନ୍ଦ୍ୱୀମାନଙ୍କ ତୁଳନାରେ ପ୍ରାୟ ପାଞ୍ଚ ଗୁଣା ଅଧିକ। ସେହି ଅନୁଯାୟୀ ଅଂଶଧନରୁ ଆୟର ଅନୁପାତ ବା ପିଇ ରେସିଓ ସାତଶହ ଗୁଣା ବୃଦ୍ଧି ପାଇଛି। ସାଧାରଣ ଭାବରେ ପିଇ ରେସିଓ ତିରିଶ ଗୁଣାରୁ ଅଧିକ ହେଲେ ଏହାକୁ କମ୍ପାନୀର ଆୟକୁ ଅତ୍ୟଧିକ ଆକଳନ କରାଯାଇଛି ବୋଲି ଧରାଯାଏ ଏବଂ ନିବେଶକମାନଙ୍କୁ ସାବଧାନତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦିଆଯାଏ। କିନ୍ତୁ ଭାରତର ପ୍ରତିଭୂତି ଓ ବିନିମୟ ପରିଷଦ ଏହି ବିଷୟରେ ନିଦା ବିଷ୍ଣୁ। ବଜାରରେ ଏକାଧିକାର ଦେଶର ଗବେଷଣା ଓ ବିକାଶ କ୍ଷେତ୍ରକୁ ମଧ୍ୟ ପ୍ରଭାବିତ କରେ। କାରଣ ପୁଞ୍ଜି ବିନିଯୋଗ କେବଳ ଏକଚାଟିଆ ସ୍ଥିତିକୁ ମଜଭୁତ କରିବା ଏବଂ ସେଥିରୁ ଲାଭ ସାଉଁଟିବା ଉଦ୍ଦେଶ୍ୟରେ କରାଯାଏ।

ଭାରତରେ ଅର୍ଥନୀତି ମଧ୍ୟରେ ଉପଯୁକ୍ତ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି କରିବା ଏବଂ ଏହାକୁ ବଜାୟ ରଖିବା ପାଇଁ ଆଇନ ରହିଛି। ଏହା ଉପରେ ନିୟମିତ ଭାବରେ ଦୃଷ୍ଟି ଦେବା ପାଇଁ ଭାରତୀୟ ପ୍ରତିସ୍ପର୍ଦ୍ଧା ଆୟୋଗ ରହିଛି। କମ୍ପାନୀମାନଙ୍କ ଦର ନିର୍ଦ୍ଧାରଣ ନୀତି, ଉତ୍ପାଦନ ସଙ୍କୁଚିତ କରି ବଜାରରେ କୃତ୍ରିମ ଅଭାବ ସୃଷ୍ଟି କରିବା, ନିଲାମ ସମୟରେ ଏକପ୍ରକାରର ଦର କଷିବା ଇତ୍ୟାଦି ଉପରେ ଆୟୋଗ ପଦକ୍ଷେପ ଗ୍ରହଣ କରିପାରିବେ। କିନ୍ତୁ ଆୟୋଗ ପାଖରେ ଭିତ୍ତିଭୂମିର ଅଭାବ ଓ ଲକ୍ଷ ଲକ୍ଷ ମାମଲା ଶୁଣାଣି ପାଇଁ ବାକି ଅଛି। ଜୋରିମାନା ଆଦାୟର ପ୍ରକ୍ରିୟା ମଧ୍ୟ ବହୁତ ଶିଥିଳ ଓ ଜଟିଳ ଥିବାରୁ କମ୍ପାନୀମାନଙ୍କ ଭୟ ନାହିଁ। ୨୦୧୧ ରୁ ଆୟୋଗ ମୋଟ ୧୮, ୩୦୦ କୋଟି ଟଙ୍କା ଜୋରିମାନା ଆଦାୟ କରିବା ପାଇଁ ଆଦେଶ ଦେଇଥିଲେ ମଧ୍ୟ ମାତ୍ର ୩ ପ୍ରତିଶତ ଆଦାୟ ସମ୍ଭବ ହୋଇପାରିଛି।

ଆମେରିକା, ୟୁରୋପ, ଜାପାନ, ଦକ୍ଷିଣ କୋରିଆରେ ବଜାରରେ ଏକାଧିକାରକୁ ସଠିକ ଭାବରେ ନିୟନ୍ତ୍ରଣ କରାଯାଇଥିବାରୁ ମୁକ୍ତ ଅର୍ଥନୀତିର ସୁଫଳ ମିଳିଛି। ଗ୍ରାହକମାନଙ୍କ ସଂଖ୍ୟା ଦୃଷ୍ଟିରୁ ପ୍ରତ୍ୟେକ କ୍ଷେତ୍ରରେ ସର୍ବନିମ୍ନ ଭାବରେ ପାଞ୍ଚଟି ଅଗ୍ରଣୀ କମ୍ପାନୀ କାର୍ଯ୍ୟ କରିବା ଆବଶ୍ୟକ। ରାଜନୈତିକ ସଦିଚ୍ଛା, ପ୍ରତିଦ୍ୱନ୍ଦ୍ୱିତା ଆଇନର ଉପଯୁକ୍ତ ପ୍ରଣୟନ ଓ ସାଧାରଣ ନାଗରିକମାନଙ୍କ ସଚେତନତା ଭାରତର ବଜାରରେ ପ୍ରତିଦ୍ୱନ୍ଦ୍ୱିତାକୁ ଜୀବିତ ରଖି ପାରିବ।

କଟକ, ମୋ: ୯୪୩୭୦୧୮୪୬୪

# ମୋହନଦାସରୁ ମହାତ୍ମା: ଏକ ଅସମାପ୍ତ ଯାତ୍ରା ଓ ବର୍ତ୍ତମାନର ବିଡ଼ମ୍ବନା

ମାନସ କୁମାର କର

ଇତିହାସର ପୃଷ୍ଠା ଓଲଟାଇଲେ ଆମକୁ ଏମିତି କିଛି ବ୍ୟକ୍ତିତ୍ୱଙ୍କ ସନ୍ଧାନ ମିଳେ, ଯେଉଁମାନେ କେବଳ ମଣିଷ ନୁହନ୍ତି, ବରଂ ଏକ ବିଚାରଧାରା। ଯେଉଁମାନଙ୍କ ଜୀବନକାଳ ତୁଳନାରେ ସେମାନଙ୍କ ମୃତ୍ୟୁ ପରବର୍ତ୍ତୀ ପ୍ରଭାବ ଅଧିକ ଶକ୍ତିଶାଳୀ ହୋଇଥାଏ। ସେମାନଙ୍କ ମଧ୍ୟରୁ ମହାତ୍ମା ଗାନ୍ଧୀ ଅନ୍ୟତମ। କିନ୍ତୁ ବିଡ଼ମ୍ବନା ହେଉଛି 'ମୋର ଜୀବନ ହିଁ ମୋର ବାର୍ତ୍ତା' ଏହି ଗୋଟିଏ ଧାଡ଼ିରେ ସମଗ୍ର ବିଶ୍ୱକୁ ଅହିଂସାର ପାଠ ପଢ଼ାଇଥିବା ମଣିଷ ଜଣକ ଆଜି ନିଜ ଦେଶରେ, ନିଜ ମାଟିରେ ଏକ ପ୍ରଶ୍ନବାଚୀ ହୋଇ ଛିଡ଼ା ହୋଇଛନ୍ତି। ଦକ୍ଷିଣ ଆଫ୍ରିକାର ରେଳ ଷ୍ଟେସନରେ ଅପମାନିତ ହୋଇଥିବା ଯୁବକଠାରୁ ଆରମ୍ଭ କରି ଆଜିର ସମୟରେ ଭଗ୍ନମୂର୍ତ୍ତି ପର୍ଯ୍ୟନ୍ତ, ଗାନ୍ଧୀଙ୍କ ଯାତ୍ରା ଏକ ବିରାଟ ପରିବର୍ତ୍ତନର ସାକ୍ଷୀ।

୧୮୯୩ ମସିହା, ଦକ୍ଷିଣ ଆଫ୍ରିକାର ହାଡ଼ଭଙ୍ଗା ଶୀତରାତି। ପିଟରମାରିଜବର୍ଗ ଷ୍ଟେସନରେ ପ୍ରଥମ ଶ୍ରେଣୀର ଟିକେଟ ଥାଇ ମଧ୍ୟ ଜଣେ କଳାରଙ୍ଗର ବାରିଷ୍ଟରଙ୍କୁ ଟ୍ରେନରୁ ଧକ୍କା ମାରି ବାହାର କରିଦିଆଗଲା। ସେଦିନ ସେହି ଯୁବକ ମୋହନଦାସ କରମଚାନ୍ଦ ଗାନ୍ଧୀଙ୍କ ପାଇଁ ତାହା କେବଳ ଏକ ଶାରୀରିକ ଆଘାତ ନଥିଲା, ବରଂ ଥିଲା ଏକ ଆତ୍ମିକ ଜାଗରଣ। ସେହି ଅପମାନର ନିଆଁରୁ ଜନ୍ମ ନେଇଥିଲା 'ସତ୍ୟାଗ୍ରହ'। ସେଦିନ ଯଦି ସେହି ଇଂରେଜ ଅଧିକାରୀ ଜଣକ ଗାନ୍ଧୀଙ୍କୁ ଟ୍ରେନରୁ ଫିଙ୍ଗି ନଥା'ନ୍ତେ, ତେବେ ହୁଏତ ଭାରତକୁ 'ମହାତ୍ମା' ମିଳି ନ ଥା'ନ୍ତେ। ସେ ବୁଝିପାରିଥିଲେ ଯେ ଅନ୍ୟାୟ ବିରୁଦ୍ଧରେ ଲଢ଼ିବା ପାଇଁ ହାତରେ ଅସ୍ତ୍ର ନୁହେଁ, ବରଂ ଛାତିରେ ସାହସ ଓ ହୃଦୟରେ ସତ୍ୟର ଆବଶ୍ୟକତା ରହିଛି।

ଭାରତ ଫେରିବା ପରେ ଗାନ୍ଧିଜୀ ଅନୁଭବ କଲେ ଯେ, ପରାଧୀନତାର ବେଡ଼ି କେବଳ ଇଂରେଜମାନଙ୍କ ଶାସନରେ ନାହିଁ, ବରଂ ଭାରତୀୟମାନଙ୍କ ଭୟ ମଧ୍ୟରେ ରହିଛି। ସେ 'ଅହିଂସା'କୁ ଦୁର୍ବଳର ଅସ୍ତ୍ର ନୁହେଁ, ବରଂ ବୀରର ଭୂଷଣ ବୋଲି ପ୍ରମାଣିତ କଲେ। ୧୯୪୨ ମସିହାର 'ଭାରତ ଛାଡ଼ ଆନ୍ଦୋଳନ' ଥିଲା ଏହାର ଚରମ ନିଦର୍ଶନ। 'କର ବା ମର' ଏହି ଡାକରାରେ ସମଗ୍ର ଦେଶ ଏକଜୁଟ ହୋଇଗଲା। କୌଣସି ବନ୍ଧୁକ କିମ୍ବା ବାରୁଦ ବିନା କେବଳ ନୈତିକ ବଳରେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ସାମ୍ରାଜ୍ୟର ମୂଳଦୁଆ ଦୋହଲି ଯାଇଥିଲା। ଗାନ୍ଧିଜୀ ଦେଖାଇଦେଲେ ଯେ ଶାନ୍ତିର ଶବ୍ଦ ଯୁଦ୍ଧର ହୁଙ୍କାରଠାରୁ ଅଧିକ ଶକ୍ତିଶାଳୀ। କିନ୍ତୁ ଆଜିର ଚିତ୍ର କ'ଣ? ଯେଉଁ ଦେଶ ଦିନେ ଗାନ୍ଧୀଙ୍କୁ 'ଜାତିର ପିତା' ରୂପେ ସମ୍ମାନ ଦେଇଥିଲା, ଆଜି ସେହି ଦେଶର କିଛି କୋଣରେ ଗାନ୍ଧୀଙ୍କ ମୂର୍ତ୍ତି ଭଙ୍ଗା ଯାଉଛି। ଏହା କେବଳ ପଥରର ମୂର୍ତ୍ତି ଭାଙ୍ଗିବା ନୁହେଁ, ଏହା ଆମ ସମାଜର ନୈତିକ ମୂଲ୍ୟବୋଧର ଅବକ୍ଷୟର ପ୍ରତୀକ।

ବର୍ତ୍ତମାନ ସମୟରେ ଗାନ୍ଧୀଙ୍କ ବିଚାରଧାରାକୁ ନେଇ ଯେଉଁ ବିତର୍କ ସୃଷ୍ଟି ହେଉଛି, ତାହା ଅନେକ ସମୟରେ ଘୃଣାର ରୂପ ନେଉଛି। କିଛିଲୋକ ଇତିହାସର ଅର୍ଦ୍ଧସତ୍ୟକୁ ଆଧାର କରି ଗାନ୍ଧୀଙ୍କ ଚରିତ୍ର ସଂହାର କରିବାକୁ ପଛାଉ ନାହାନ୍ତି। ମୂର୍ତ୍ତି ଭାଙ୍ଗିବା, ଚଷମା ଚୋରି କରିବା କିମ୍ବା ତାଙ୍କ ଫଟୋଚିତ୍ରକୁ ଅସମ୍ମାନ କରିବା - ଏସବୁ କେବଳ ଗୋଟିଏ ବ୍ୟକ୍ତି ବିରୁଦ୍ଧରେ ଆକ୍ରୋଶ ନୁହେଁ, ବରଂ 'ସତ୍ୟ' ଓ 'ଅହିଂସା' ଭଳି ଶାଶ୍ୱତ ମୂଲ୍ୟବୋଧ ବିରୁଦ୍ଧରେ ଏକ ଯୁଦ୍ଧ। ଗାନ୍ଧୀଙ୍କ ମୂର୍ତ୍ତି ଭଙ୍ଗାଯିବା ଘଟଣା ସମାଜ ଉପରେ ଗଭୀର ନକାରାତ୍ମକ ପ୍ରଭାବ ପକାଉଛି। ଗଣତନ୍ତ୍ରରେ ମତଭେଦ ରହିବା ସ୍ୱାଭାବିକ। କିନ୍ତୁ ମତଭେଦ ଯେତେବେଳେ ହିଂସାର ରୂପ ନିଏ, ତାହା ସମାଜ ପାଇଁ ବିପଜ୍ଜନକ। ଗାନ୍ଧୀଙ୍କ ମୂର୍ତ୍ତି ଭାଙ୍ଗିବା ଆମ ସମାଜରେ ବଢ଼ୁଥିବା ଅସହିଷ୍ଣୁତାର ପ୍ରମାଣ। ଯୁବପିଢ଼ି ଆଜି 'ହ୍ୱାଟ୍ସଆପ୍ ୟୁନିଭର୍ସିଟି'ର ଜ୍ଞାନରେ ପରିଚାଳିତ। ସେମାନେ ଗାନ୍ଧୀଙ୍କ ତ୍ୟାଗ, ଦକ୍ଷିଣ ଆଫ୍ରିକାର ସଂଘର୍ଷ କିମ୍ବା ନୋଆଖାଲିର ଦଙ୍ଗା ସମୟରେ ତାଙ୍କର ଏକାକୀ ପଦଯାତ୍ରା ବିଷୟରେ ଜାଣିବାକୁ ଚେଷ୍ଟା କରୁନାହାନ୍ତି। ଏହାଫଳରେ ଏକ ଭ୍ରାନ୍ତ ଧାରଣା ସୃଷ୍ଟି ହେଉଛି।

ଆଜି ସମାଜ ଦୁଇଭାଗରେ ବିଭକ୍ତ। ଗୋଟିଏ ଗାନ୍ଧୀଙ୍କୁ ପୂଜା କରୁଛି ଏବଂ ଅନ୍ୟଟି ଗାନ୍ଧୀଙ୍କ ହତ୍ୟାକାରୀଙ୍କୁ ମହିମାମଣ୍ଡିତ କରୁଛି। ଏହି ବୈଚାରିକ ଦ୍ୱନ୍ଦ୍ୱ ଦେଶର ଏକତା ପାଇଁ ଶୁଭଙ୍କର ନୁହେଁ। ସମଗ୍ର ବିଶ୍ୱ ଆଜି ଯୁଦ୍ଧ ବିଭୀଷିକା ମଧ୍ୟରେ ଗାନ୍ଧୀଙ୍କ ଶାନ୍ତି ବାର୍ତ୍ତା ଖୋଜୁଛି। କିନ୍ତୁ ଯେତେବେଳେ ସେମାନେ ଦେଖନ୍ତି ଯେ ଗାନ୍ଧୀଙ୍କ ନିଜ ଦେଶରେ ତାଙ୍କର ପ୍ରତିମୂର୍ତ୍ତି ସୁରକ୍ଷିତ ନୁହେଁ, ସେତେବେଳେ ବିଶ୍ୱ ଦରବାରରେ ଭାରତର 'ଅହିଂସା ପରମୋ ଧର୍ମ'ର ଛବି ମଳିନ ପଡ଼ିଯାଏ। ଗାନ୍ଧୀ କୌଣସି ପଥରର ମୂର୍ତ୍ତି ନୁହନ୍ତି ଯେ ତାଙ୍କୁ ହାତୁଡ଼ିରେ ଭାଙ୍ଗି ଦେଲେ ସେ ଶେଷ ହୋଇଯିବେ। ଗାନ୍ଧୀ ଏକ ଚେତନା। ଯେତେଦିନ ପର୍ଯ୍ୟନ୍ତ ପୃଥିବୀରେ ସତ୍ୟ, ଅହିଂସା ଓ ମାନବିକତା ବଞ୍ଚିଥିବ, ସେତେଦିନ ପର୍ଯ୍ୟନ୍ତ ଗାନ୍ଧୀ ବଞ୍ଚିଥିବେ।

ଆଜିର ସମୟରେ ଆମକୁ ଗାନ୍ଧୀଙ୍କ ମୂର୍ତ୍ତି ପୂଜା କରିବାର ଆବଶ୍ୟକତା ନାହିଁ, ବରଂ ଆବଶ୍ୟକତା ଅଛି ତାଙ୍କ ବିଚାରକୁ ନିଜ ଜୀବନରେ ଉତାରିବାର। ମୂର୍ତ୍ତି ଭାଙ୍ଗୁଥିବା ହାତଗୁଡ଼ିକ ଯଦି ଥରୁଟିଏ ଭାବିଥା'ନ୍ତେ ଯେ ଯେଉଁବ୍ୟକ୍ତି ନିଜ ଛାତିରେ ଗୁଳି ବାଜିବା ପରେ ମଧ୍ୟ ହତ୍ୟାକାରୀକୁ କ୍ଷମା କରି 'ହେ ରାମ' କହିଥିଲେ, ତାଙ୍କୁ ଘୃଣା କରି ଆମେ ନିଜକୁ କେତେ ଛୋଟ କରୁଛୁ? ଗତ ୨୨ ତାରିଖ 'ସକାଳ'ରେ ସମ୍ପାଦକୀୟ ପୃଷ୍ଠାରେ ଡକ୍ଟର ଅବଶ ପରିଡ଼ାଙ୍କ ଆଲେଖ୍ୟ 'ଗାନ୍ଧୀଙ୍କ ପତନ ନିଶ୍ଚିତ?' ବିଷୟଟି ଏକ ଗୁରୁତ୍ୱପୂର୍ଣ୍ଣ ସତ୍ୟ ପ୍ରତିପାଦିତ କରେ। ଗାନ୍ଧୀ ଜଣେ 'ସମ୍ପୂର୍ଣ୍ଣ ମଣିଷ' ନଥିଲେ, ବରଂ ନିଜ ତ୍ରୁଟିକୁ ସ୍ୱୀକାର କରି ନୈତିକ ଭାବେ ବିକଶିତ ହେଉଥିବା ଜଣେ ସାଧକ ଥିଲେ। ତାଙ୍କୁ କେବଳ ପ୍ରତିମୂର୍ତ୍ତି ଭାବେ ପୂଜା ନକରି ତାଙ୍କ ଆଦର୍ଶର ସମାଲୋଚନାମୂଳକ ବିଶ୍ଳେଷଣ ହିଁ ତାଙ୍କୁ ଜୀବିତ ରଖିବ। ଗାନ୍ଧୀଙ୍କ ବିଚାରର ପତନ ନୁହେଁ, ବରଂ ଆମର ସଂକୀର୍ଣ୍ଣ ବ୍ୟାଖ୍ୟାର ପତନ ହେବା ଜରୁରୀ। ସତ୍ୟ ଓ ଅହିଂସା କୌଣସି ପ୍ରତିମୂର୍ତ୍ତିରେ ସୀମିତ ନୁହେଁ, ଏହା ଏକ ନିରନ୍ତର ଅଭ୍ୟାସ।

ଆସନ୍ତୁ, ମୂର୍ତ୍ତି ଭାଙ୍ଗିବା ବଦଳରେ ଆମ ଭିତରେ ଥିବା ଘୃଣା, ହିଂସା ଓ ଅଜ୍ଞାନତାର ମୂର୍ତ୍ତିକୁ ଭାଙ୍ଗିବା। ତାହା ହିଁ ହେବ ଜାତିର ପିତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି। ଗାନ୍ଧୀ ମରିନାହାନ୍ତି, ଗାନ୍ଧୀ ମରିପାରିବେ ନାହିଁ। ସେ ଆମ ବିବେକରେ ଜୀବିତ ରହିବା ଉଚିତ୍।

କୋଟାଙ୍ଗ (କୋଣାର୍କ), ମୋ: ୭୩୮୧୩୮୨୨୧୦

# ନବବର୍ଷର ପ୍ରତିଜ୍ଞା: ଚାଲନ୍ତୁ ହାତରେ ଲେଖିବା

ଶ୍ରୀନନ

ବିଜ୍ଞାନ ବାର୍ତ୍ତା




ନୂଆ ବର୍ଷ ଆସୁଛି। କୁହାଯାଏ ଯେ ଏଦିନ ଆମେ ଅନେକ ଚିନ୍ତା କରି ଆଗାମୀ ଦିନଗୁଡ଼ିକୁ ନେଇ ନୂତନ କାର୍ଯ୍ୟକ୍ରମ ସ୍ଥିର କରୁ ଏବଂ ସେ ଲକ୍ଷ୍ୟ ପୂରଣ କରିବାକୁ ପ୍ରତିଜ୍ଞା କରୁ। କିନ୍ତୁ ତାହା ଖୁବ୍ ଶୀଘ୍ର ଭୁଲିଯାଉ। ସେଥିପାଇଁ ତାହା ମନେ ରଖିବାକୁ ଆଗେ ଲୋକେ ଏହାକୁ ଡାଏରୀରେ ଲେଖି ରଖୁଥିଲେ। ହେଲେ ଆଜି କାଲି ହେଲା ଡିଜିଟାଲ୍ ଯୁଗ। ହାତଲେଖାକୁ ଏବେ ସମୟ ଉପଯୋଗୀ ନୁହେଁ ବୋଲି ମନେ କରାଯାଉଛି। ସେଥିପାଇଁ ଏହାକୁ ହୁଏତ ଡିଜିଟାଲ୍ ମାଧ୍ୟମରେ ସଂଚିତ ରଖିବାକୁ ଲୋକେ ଚାହିଁବେ। କିନ୍ତୁ ମନସ୍ତତ୍ତ୍ୱବିତ୍‌ମାନଙ୍କ ମତରେ ଏହା ଏତେଟା ଉପଯୋଗୀ ନୁହେଁ। କାରଣ ହାତରେ ଲେଖିବା ମସ୍ତିଷ୍କକୁ ବିଭିନ୍ନ ରୂପେ ସକ୍ରିୟ କରେ। ଯାହାକି ଟାଇପିଂ ଦ୍ୱାରା ସମ୍ଭବ ନୁହେଁ। ଏଣୁ ଆଗାମୀ ବର୍ଷ ପାଇଁ ଆମ କଳ୍ପିତ କାର୍ଯ୍ୟକ୍ରମକୁ ନେଇ ପ୍ରତିଜ୍ଞାକୁ କାଗଜ କଲମରେ ଲିପିବଦ୍ଧ କରିବାକୁ ସେମାନେ ମତ ଦେଇଛନ୍ତି।

ନରୱେଜିଆନ୍ ୟୁନିଭରସିଟି ଅଫ୍ ସାଇନସ୍ ଆଣ୍ଡ ଟେକ୍ନୋଲୋଜିର ଗବେଷକମାନଙ୍କ ମତରେ ହାତରେ ଲେଖିବା ମସ୍ତିଷ୍କକୁ ବିଭିନ୍ନ ରୂପେ ସକ୍ରିୟ କରିଥାଏ। ଏହା ସ୍ନାୟବିକ ସଂଯୁକ୍ତିକୁ ଦୃଢ଼ୀଭୂତ କରେ। ଫଳରେ ଦୃଷ୍ଟିଶକ୍ତିଠାରୁ ଆରମ୍ଭ କରି ସ୍ମରଣଶକ୍ତି, ଶିକ୍ଷା କରିବା ଶକ୍ତି, ଚିନ୍ତା କରିବା ଶକ୍ତି ଆଦି ବୃଦ୍ଧି ପାଏ। ପୁନଶ୍ଚ ଏହା ମନକୁ ସୁସ୍ଥିର ହେବାରେ ସହାୟତା କରେ। ଅତଏବ ନୂତନ ବର୍ଷର ଆଗମନରେ ଉପଯୋଗୀ ନୂତନ ପ୍ରତିଜ୍ଞା ଲାଗି ଚିନ୍ତା କରିବାରେ ତାହା ଅଧିକ ସହାୟକ ହେବ।

ଦେଖାଯାଇଛି ଯେ ଡିଜିଟାଲ୍ ଟାଇପିଂର ବେଗ ଦ୍ରୁତ ଏବଂ ତାହାର ସଂଶୋଧନ ତଥା ତାହାକୁ ତ୍ରୁଟିଶୂନ୍ୟ କରିବାର ସୁଯୋଗ ଅଧିକ। କିନ୍ତୁ ଆମେ ହାତରେ ଲେଖିବା ବେଳେ ଅଧିକ ରଚନାତ୍ମକ ହୋଇପାରୁ। ଏଣୁ ଭାବିଚିନ୍ତି ଶବ୍ଦଟିଏ ଲେଖୁ। ଫଳରେ ଆମକୁ ସୃଜନାତ୍ମକ ଚିନ୍ତା ତଥା ସମ୍ଭବ ହେଲା ଭଳି ଲକ୍ଷ୍ୟ ସମ୍ପର୍କରେ ଲେଖିବାକୁ ଅବକାଶ ମିଳିଥାଏ। ପୁନଶ୍ଚ ତାହା ସହିତ ଆମର ଭାବପ୍ରବଣତା ମଧ୍ୟ ସଂପର୍କ ରହେ ଏବଂ ତାହାକୁ ହାସଲ କରିବାର ସମ୍ଭାବନା ମଧ୍ୟ ଅଧିକ ହୁଏ। ଅନ୍ୟପକ୍ଷରେ ଡିଜିଟାଲ ବ୍ୟବସ୍ଥାର ବ୍ୟବହାର ଦ୍ରୁତ ଏବଂ ଏକତ୍ର ବହୁବିଧ କାର୍ଯ୍ୟ କରିବାକୁ (ଗଙ୍କକ୍ଷଗ୍ସସଗ୍ସବଙ୍ଘସଭଶ) (ମଲ୍‌ଟିଟାସ୍କିଂ) ଉଦ୍ଦିଷ୍ଟ ହେଲା ବେଳେ ହାତରେ ଲେଖିବା ଥରକେ ଗୋଟିଏ କାର୍ଯ୍ୟ(ସିଙ୍ଗଲ୍ ଟାସ୍କିଂ) କଲା ଭଳି ପରିବେଶ ସୃଷ୍ଟି କରେ। ଏଣୁ ଆମେ ଏକାନ୍ତ ରୂପେ ଭାବିଚିନ୍ତି ଏକାଗ୍ରତାର ସହ ଏହା କରିବାର ସୁଯୋଗ ପାଉ। ଅତଏବ ଏହାକୁ ନେଇ ଲକ୍ଷ୍ୟ ଧାର୍ଯ୍ୟ କଲେ ଏବଂ ପୂରଣ କରିବାକୁ ପ୍ରତିଜ୍ଞା କଲେ ତାହା ମନରେ ଦୀର୍ଘ ସ୍ଥାୟୀ ହେବା ସମ୍ଭବ। ପରିମାଣ ସ୍ୱରୂପ, ତାହା ପୂରଣ କରିବାର ଅବକାଶ ଅଧିକ।

ସେଥିପାଇଁ ନରୱେଜିଆନ୍ ୟୁନିଭରସିଟି ଅଫ୍ ସାଇନନ୍ ଆଣ୍ଡ ଟେକ୍ନୋଲୋଜିର ମନସ୍ତତ୍ତ୍ୱବିତ୍‌ମାନଙ୍କ ମତରେ ନୂଆ ବର୍ଷରେ ଚିନ୍ତା କରିଥିବା ଲକ୍ଷ୍ୟଗୁଡ଼ିକୁ ନେଇ କରୁଥିବା ପ୍ରତିଜ୍ଞାମାନ ଲିପିବଦ୍ଧ କରିବା ପାଇଁ କାଗଜ କଲମ ବ୍ୟବହାର କରିବା ଉଚିତ। ଚାଲନ୍ତୁ ଆମେ ତାଙ୍କ ପରାମର୍ଶକୁ ମାନିବା ଏବଂ ସେହିଅନୁସାରେ କାର୍ଯ୍ୟ କରିବା। ଏଥିସହିତ ପ୍ରତିଦିନ କିଛି କିଛି ହାତରେ ଲେଖିବାକୁ ପ୍ରତିଜ୍ଞା କରିବା।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ନିଖିଳ ଓଡ଼ିଶା ଆଇନଜୀବୀ ସଂଘର ବାର୍ଷିକ ସମ୍ମିଳନୀ

# ମାତୃଭାଷାରେ ହେଉ କୋର୍ଟ କାର୍ଯ୍ୟ: ଧର୍ମେନ୍ଦ୍ର

ସମ୍ବଲପୁର, ୨୯।୧୨(ସମିସ): ଭାରତର ନ୍ୟାୟ ବ୍ୟବସ୍ଥାକୁ ସାଧାରଣଲୋକଙ୍କ ପାଖରେ ପହଞ୍ଚାଇବାକୁ ହେଲେ ଏହାକୁ ମାତୃଭାଷା ଆଧାରିତ କରିବାକୁ ହେବ। ଓଡ଼ିଶାର ସମସ୍ତ କୋର୍ଟରେ କାର୍ଯ୍ୟକାରୀ ଭାଷା ମାତୃଭାଷା- ଓଡ଼ିଆ, ସମ୍ବଲପୁରୀ, ବ୍ରହ୍ମପୁରୀ ଆଦି ହେବା ଆବଶ୍ୟକ। ମାତୃଭାଷା ହିଁ ଅଭିବ୍ୟକ୍ତିର ସବୁଠାରୁ ବଡ଼ ଓ ସହଜ ମାଧ୍ୟମ। ଭାଷାର ପ୍ରତିବନ୍ଧକ ଦୂର ହେଲେ ହିଁ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତି ଉଚିତ ନ୍ୟାୟ ପାଇପାରିବେ। ନିଖିଳ ଓଡ଼ିଶା ଆଇନଜୀବୀ ସଂଘ(ଆଓଲା) ଏବଂ ଜିଲ୍ଲା ଓକିଲ ସଂଘ (ଡିବିଏ) ଆନୁକୂଲ୍ୟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଦୁଇଦିନିଆ ରାଜ୍ୟସ୍ତରୀୟ ଆଇନଜୀବୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ଏହା କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ, ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ଆଇନଜୀବୀମାନେ ହେଉଛନ୍ତି ମୁଖ୍ୟ ପ୍ରହରୀ। ସାଧାରଣଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ସେମାନଙ୍କ ଅଧିକାରର ସୁରକ୍ଷା କରିବା ଦିଗରେ ଆପଣଙ୍କ ନିଷ୍ଠା ଓ ସେବା ମନୋଭାବ ହିଁ ଏକ ସୁସ୍ଥ ସମାଜ ଗଠନ କରିପାରିବ।

ମୁଖ୍ୟବକ୍ତା ଅବସରପ୍ରାପ୍ତ ଜଷ୍ଟିସ ବିଶ୍ୱନାଥ ରଥ କହିଥିଲେ, ଆମେ ଅଲଗା ହୋଇଯାଇଥିଲେ, ଏବେ ପୁଣି ଏକତ୍ରିତ ହୋଇଛେ। ୧୯୪୮ ମସିହାରେ ସୃଷ୍ଟି ହୋଇଥିବା ଏହି ଅନୁଷ୍ଠାନ ୧୯୬୨ରେ କିଛି ଘାତପ୍ରତିଘାତ ମଧ୍ୟରେ ଗତି କରିଥିଲା। ୧୯୮୦ ମସିହାରେ ପୁଣି ଆଇନଜୀବୀ ରଞ୍ଜିତ ମହାନ୍ତି, ବସନ୍ତ ପାଣିଗ୍ରାହୀ, ରାଧାଚରଣ ପଟ୍ଟନାୟକ, ଶ୍ରୀନିବାସ କର, ଶରତ ମହାପାତ୍ର, ବିପିନ ରଥ, ଲିଙ୍ଗରାଜ ରଥ ଏବଂ ହରପ୍ରସାଦ ନାୟକ ପ୍ରମୁଖଙ୍କ ଉଦ୍ୟମ ଫଳରେ ଏକତ୍ରିତ ହୋଇଥିଲେ। ୧୯୯୦-୯୧ ମସିହାରେ ଆରମ୍ଭ ହୋଇଥିବା ଲୟର୍ସ ୱେଲଫେୟାର୍ ଟ୍ରଷ୍ଟକୁ କିଛି ମେଚିଂ ଗ୍ରାଣ୍ଟ ଦେଇ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଥିଲେ। ଏହାସହ ଖାଲି ପଡ଼ିଥିବା ୨୨ଟି ଜିଲ୍ଲା ଜଜ୍ ପଦ ପୂରଣ କରିବାକୁ ସେ ଅନୁରୋଧ କରିଥିଲେ।

କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଓଡ଼ିଶା ହାଇକୋର୍ଟର ବିଚାରପତି ଡ. ସଞ୍ଜୀବ କୁମାର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ଭାବେ ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଓଡ଼ିଶା ରାଜ୍ୟ ବାର୍ କାଉନସିଲ ଚେୟାରମ୍ୟାନ୍ ସୀତାଂଶୁ ମୋହନ ଦ୍ୱିବେଦୀ ଅତିଥି ଭାବେ ଯୋଗ ଦେଇଥିଲେ। 'ଆଓଲା' ସଭାପତି ଶିଶିର କୁମାର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ସମ୍ବଲପୁର ଜିଲ୍ଲା ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର ସ୍ୱାଗତ ଭାଷଣ ଏବଂ 'ଆଓଲା' ସଭାପତି ଶିଶିର କୁମାର ପାଢ଼ୀ ସଭାପତିତ୍ୱ ଅଭିଭାଷଣ ଦେଇଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ୫୪ତମ 'ଆଓଲା' ସମ୍ମିଳନୀର ସ୍ମରଣିକା 'ଦ ଲୟର୍' ଉନ୍ମୋଚିତ ହୋଇଥିଲା।

ଆଜି ବୈଷୟିକ ଅଧିବେଶନର ବିଷୟ ଥିଲା 'ଲ ଆଣ୍ଡ ଟେକ୍ନୋଲୋଜି: ଚ୍ୟାଲେଞ୍ଜେସ୍ ବିଫୋର୍ ଲିଗାଲ୍ ପ୍ରୋଫେସନ୍'। ଏହି ଅଧିବେଶନରେ ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ ସଚ୍ଚିକାନ୍ତ ମିଶ୍ର ମୁଖ୍ୟ ଅତିଥି, ଓଡ଼ିଶା ହାଇକୋର୍ଟ ବିଚାରପତି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ମୁଖ୍ୟବକ୍ତା ଏବଂ ଓଡ଼ିଶା ମାନବାଧିକାର କମିଶନ ଚେୟାରମ୍ୟାନ୍ ଅବସରପ୍ରାପ୍ତ ଜଷ୍ଟିସ ଶତ୍ରୁଘ୍ନ ପୂଜାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। 'ଆଓଲା' କାର୍ଯ୍ୟକାରୀ ସଭାପତି ବିଭୁପ୍ରସାଦ ତ୍ରିପାଠୀ ପୌରୋହିତ୍ୟ କରିଥିବା ବେଳେ ଅତିଥି ଭାବେ 'ଆଓଲା'ର ପୂର୍ବତନ ସଭାପତି ତଥା ବରିଷ୍ଠ ହାଇକୋର୍ଟ ଆଇନଜୀବୀ ମାନସ ରଞ୍ଜନ ମହାପାତ୍ର ଏବଂ 'ଆଓଲା'ର ପୂର୍ବତନ ସଭାପତି ତଥା ଓଡ଼ିଶା ରାଜ୍ୟ ବାର୍ କାଉନସିଲ ସଭ୍ୟ ଜ୍ଞାନରଞ୍ଜନ ମହାନ୍ତି ଯୋଗ ଦେଇଥିଲେ।




## ଯାଜପୁରରେ ଅରିଜିତ ସିଂ



ଜେନାପୁର, ୨୯।୧୨(ସମିସ): ବଲିଉଡ୍ ଜଣାଶୁଣା କଣ୍ଠଶିଳ୍ପୀ ଅରିଜିତ ସିଂ ଓଡ଼ିଶା ଗସ୍ତରେ ଆସିଛନ୍ତି। ଆଜି ସେ ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ମଧୁପୁରଗଡ଼ ରାଜବାଟୀ ବୁଲିବାକୁ ଯାଇଥିଲେ। ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପାହାଡ଼ ପାଦଦେଶରେ ଅବସ୍ଥିତ ଐତିହ୍ୟ ଓ ପୁରାତନ କୀର୍ତ୍ତିରାଜିରେ ପରିପୂର୍ଣ୍ଣ ମଧୁପୁରଗଡ଼ ରାଜଉଆସର ଦୃଶ୍ୟ ସେ ସାମାଜିକ ଗଣମାଧ୍ୟମରେ ଦେଖି ଅଭିଭୂତ ହୋଇଥିଲେ। ତେଣୁ ଏହି ମନୋରମ ରାଜବାଟୀର ସୌନ୍ଦର୍ଯ୍ୟ ପ୍ରତ୍ୟକ୍ଷ କରିବା ପାଇଁ ସେ ଏଠାକୁ ଆସିଥିବା କୁହାଯାଉଛି। ସୋମବାର ନିଜର କିଛି ସହଯୋଗୀଙ୍କ ସହ ସେ ଏଠାରେ ପହଞ୍ଚିଥିଲେ। ମଧୁପୁରଗଡ଼ ରାଜବାଟୀର ଦାୟଦ ଅପର୍ଣ୍ଣା ଧିର ସିଂ ଭରଦ୍ୱାଜଙ୍କ ସହ ରାଜବାଟୀ ବିଷୟରେ ସମ୍ପୂର୍ଣ୍ଣ ଅବଗତ ହେବା ସହ ନିଜର ଅନୁଭୂତି ବଖାଣିଥିଲେ। ସେ ତାଙ୍କର ଅନୁଭୂତିରୁ କହିଥିଲେ 'ମୁଁ ଅନେକ ରାଜଉଆସ ଦେଖିଛି। ହେଲେ ଏଭଳି ପ୍ରାକୃତିକ ମନୋରମ ପ୍ରାଚୁର୍ଯ୍ୟ କେଉଁଠି ଦେଖିନାହିଁ। ସେହିପରି ଗଡ଼ମଧୁପୁରରେ ଅବସ୍ଥିତ ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରର କାରୁକାର୍ଯ୍ୟ ଅତ୍ୟନ୍ତ ମନୋହର ଓ ହୃଦୟସ୍ପର୍ଶୀ ବୋଲି ସେ କହିଥିଲେ।

## ମଦନପୁର ଧାନମଣ୍ଡି ଲୋକାର୍ପଣରେ ବିଧାୟକ ବଦ୍ରିଙ୍କ ଅନୁପସ୍ଥିତି ଚର୍ଚ୍ଚା

ଆନନ୍ଦପୁର, ୨୯।୧୨(ସମିସ): ଘସିପୁରା ନିର୍ବାଚନମଣ୍ଡଳୀର ମଦନପୁରଠାରେ ନୂଆକରି ଆରମ୍ଭ ହୋଇଥିବା ଧାନମଣ୍ଡିର ଖରିଫ ଧାନ ସଂଗ୍ରହ ପାଇଁ ମଣ୍ଡି ପ୍ରତିଷ୍ଠା ଉତ୍ସବକୁ ଉଦଘାଟନ କରିଥିଲେ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ମଦନପୁର ଖୋଦ ବିଜେପି ଦଳର ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ଘସିପୁରା ବିଜେପି ନେତା ପୃଥ୍ୱୀରାଜ କୁଅଁରଙ୍କ ନିଜ ଗ୍ରାମ ହୋଇଥିଲା ବେଳେ ମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ କର୍ମୀ-ନେତା ତତ୍ପର ହୋଇପଡ଼ିଥିଲେ। ସ୍ଥାନୀୟ ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କୁ ମଧ୍ୟ ଯୋଗଦାନ କରିବାର ଥିଲା। ତେବେ, ମଦନପୁରଠାରେ ଧାନମଣ୍ଡି କାର୍ଯ୍ୟକ୍ରମରେ ଦେଖିବାକୁ ମିଳି ନଥିଲା। ଅଭିଯୋଗ ହୋଇଛି ଯେ କାର୍ଯ୍ୟକ୍ରମଟିକୁ ସମ୍ପୂର୍ଣ୍ଣ ଭାବେ ବିଜେପି ଦଳର ନେତା ଓ କର୍ମୀମାନେ ଅକ୍ତିଆର କରିଥିଲେ। ଏହି ସଭାକୁ ବିଧାୟକ ଆସୁଥିବା ଜାଣି ହାତଗଣତି ତାଙ୍କର ସମର୍ଥକ ଉପସ୍ଥିତ ଥିଲେ। ସେମାନଙ୍କ ନିରାଶ ହେବାକୁ ପଡ଼ିଥିଲା। ଉପସ୍ଥିତ ଥିବା ବିଜେଡି କର୍ମୀମାନେ ସଭାସ୍ଥଳ ଛାଡ଼ି ପଳାଇଯାଇଥିଲେ। ପରେ ପରେ ବିଧାୟକ ମଧ୍ୟ ଆଉ ଉଦ୍‌ଘାଟନ ଉତ୍ସବକୁ ଆସି ନଥିଲେ। ବିଜେପି ସରକାର ଆସିବା ପରେ ସବୁ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଉଥିବାବେଳେ ମଦନପୁର ସରକାରୀ କାର୍ଯ୍ୟକ୍ରମରେ ଯୋଗ ନଦେବା ସମଗ୍ର ଆନନ୍ଦପୁର ଅଞ୍ଚଳରେ ଚର୍ଚ୍ଚାର ଖୋରାକ ଯୋଗାଇଛି। ସ୍ଥାନୀୟ ବିଧାୟକ ଏହି ସରକାରୀ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିବା ଏବଂ ମଣ୍ଡି ଲୋକାର୍ପଣ କାର୍ଯ୍ୟକ୍ରମକୁ ଦଳୀୟ ସମାବେଶ ଭଳି ସଜାଇବା ଘଟଣାଟି ଚର୍ଚ୍ଚା ପରିସରକୁ ଆସିଛି।

### ବାଲି ଚୋରା ଚାଲାଣ

## ୧୧୩୩ ମାମଲା, ୧୪୭୩ ଗାଡ଼ି ଜବତ

କଟକ,୨୯ ।୧୨(ସମିସ): ଖଣିମାଫିଆ ଏବଂ ବାଲି ଚୋରାଚାଲାଣକାରୀଙ୍କ ବିରୋଧରେ କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। କଟକ, ପୁରୀ, ଖୋର୍ଦ୍ଧା, ନୟାଗଡ଼, କେନ୍ଦ୍ରାପଡ଼ା, ଜଗତସିଂହପୁର ଏବଂ ଯାଜପୁର ଭଳି ପ୍ରମୁଖ ଜିଲ୍ଲାଗୁଡ଼ିକରେ ପ୍ରାକୃତିକ ସମ୍ପଦର ବେଆଇନ ଲୁଟ୍ ରୋକିବା ପାଇଁ ପୁଲିସ ଚଳିତ ବର୍ଷ ଜାନୁଆରୀ ୧ରୁ ଡିସେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ନିରନ୍ତର ଚଢ଼ଉ ଜାରି ରଖିଥିଲା। ବିଶେଷକରି ନଦୀପଠାରୁ ବେଆଇନ ବାଲି ଉତ୍ତୋଳନ ଏବଂ ଅନଧିକୃତ ଭାବେ ପଥର ଓ ଅନ୍ୟାନ୍ୟ ଲଘୁ ଖଣିଜଦ୍ରବ୍ୟର ପରିବହନକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରି ପାଟ୍ରୋଲିଂକୁ ଜୋରଦାର କରିଥିଲା। ଏହି ସମୟ ମଧ୍ୟରେ ପୁଲିସ ସମୁଦାୟ ୧୧୩୩ଟି ମାମଲା ରୁଜୁ କରିବା ସହ ବେଆଇନ ପରିବହନରେ ବ୍ୟବହୃତ ୧୪୭୩ଟି ଗାଡ଼ିକୁ ଜବତ କରାଯାଇଛି। ଏହି ବେଆଇନ କାରବାର ସହ ଜଡ଼ିତ ୫୭୮ଜଣ ବ୍ୟକ୍ତିଙ୍କୁ ଗିରଫ କରି ପୁଲିସ କୋର୍ଟଚାଲାଣ କରିଛି। ଏଥିସହ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୩୫ ଅନୁଯାୟୀ ୧୦୩୫ଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ନୋଟିସ୍ ଜାରି କରାଯାଇଛି। ଆଗାମୀ ଦିନରେ ବେଆଇନ ଖଣି କାରବାରରେ ସମ୍ପୃକ୍ତ ଥିବା ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ କଠୋର୍ ଆଇନଗତ ପଦକ୍ଷେପ ନିଆଯିବ।

### ଓମ୍‌ସାର ଆନ୍ଦୋଳନକୁ ଏସ୍‌ସିବି ଜେଡିଏର ସମର୍ଥନ

## ଆଜିଠୁ କଳାବ୍ୟାଜ୍ ପିନ୍ଧି ଡ୍ୟୁଟି କରିବେ କନିଷ୍ଠ ଡାକ୍ତର

କଟକ, ୨୯।୧୨(ସମିସ): ଓଡ଼ିଶା ମେଡିକାଲ ସେବା ସଂଘ (ଓମ୍‌ସା)ର ଆନ୍ଦୋଳନକୁ ସମର୍ଥନ ଜଣାଇଛି ଏସ୍‌ସିବି ମେଡିକାଲ କନିଷ୍ଠ ଡାକ୍ତର ସଂଘ (ଜେଡିଏ)। ପ୍ରାୟ ଏକହଜାର କନିଷ୍ଠ ଡାକ୍ତର ମଙ୍ଗଳବାରଠାରୁ କଳାବ୍ୟାଜ୍ ପିନ୍ଧି ଆଉଟଡୋର୍ ଏବଂ ଜରୁରୀକାଳୀନ ବିଭାଗରେ ଡ୍ୟୁଟି କରିବେ ବୋଲି ଘୋଷଣା ହୋଇଛି। ଜେଡିଏ ସଭାପତି ଚିନ୍ମୟ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଆଜି ଏସ୍‌ସିବି ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର୍ ଡଃ ଲୁସି ଦାସଙ୍କୁ ଭେଟି ସ୍ୱାସ୍ଥ୍ୟ ସଚିବଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।

ବର୍ଷେ ହେବ ଓମ୍‌ସା ବିଭିନ୍ନ ଦାବି ଉପସ୍ଥାପନ କରିଆସୁଛି। ମାତ୍ର ସ୍ୱାସ୍ଥ୍ୟ ବିଭାଗ ଏ ଦିଗରେ କୌଣସି ପଦକ୍ଷେପ ନେଉନାହିଁ। କିଛି ଦିନ ପୂର୍ବେ ସ୍ୱାସ୍ଥ୍ୟମନ୍ତ୍ରୀ ଡଃ ମୁକେଶ ମହାଲିଙ୍ଗ ଦାବି ପୂରଣ ପୂର୍ବରୁ ଏକ କମିଟି ଗଠନ ହେବ ବୋଲି ଗଣମାଧ୍ୟମରେ ଘୋଷଣା କରିଥିଲେ। ଏହି ଘୋଷଣା ପାଣିର ଗାର। ସ୍ୱାସ୍ଥ୍ୟ ବିଭାଗର ଉଦାସୀନତା ବରଦାସ୍ତ କରାଯିବ ନାହିଁ। ଓମ୍‌ସାର ଦାବିକୁ ସମର୍ଥନ ଜଣାଇ ଜେଡିଏ ଏଥିରେ ପୂର୍ଣ୍ଣ ସହଯୋଗ କରିବ ବୋଲି ସଭାପତି ଚିନ୍ମୟ କହିଛନ୍ତି। ତେବେ ଓମ୍‌ସା ଭଳି ଜେଡିଏ ସଦସ୍ୟମାନେ ଏକ ଘଣ୍ଟା ଆଉଟଡୋର୍‌ରେ ଡ୍ୟୁଟି ବନ୍ଦ କରିବେ ନାହିଁ ବୋଲି ଚିନ୍ମୟ ସ୍ପଷ୍ଟ କରିଛନ୍ତି।

ପ୍ରକାଶଯୋଗ୍ୟ, ଓମ୍‌ସା ପକ୍ଷରୁ ସରକାରୀ ହସ୍ପିଟାଲଗୁଡ଼ିକରେ ଘଣ୍ଟିକିଆ କାର୍ଯ୍ୟବନ୍ଦ ଡାକରା ଦିଆଯାଇଛି। ଗତ ଶୁକ୍ରବାରଠାରୁ ଆନ୍ଦୋଳନ ଜାରି ରହିଛି। ଇତିମଧ୍ୟରେ ଚାରିଦିନ ବିତିଗଲାଣି। ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଓମ୍‌ସା ସହ ଜଡ଼ିତ ଡାକ୍ତରମାନେ ଆଉଟଡୋର୍‌ରେ ଡ୍ୟୁଟି କରୁନାହାନ୍ତି। ଫଳସ୍ୱରୂପ, ରାଜ୍ୟର ସମସ୍ତ ସରକାରୀ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ବହୁମାତ୍ରାରେ ପ୍ରଭାବିତ ହେବାରେ ଲାଗିଛି। ଏବେ ଏହି ଆନ୍ଦୋଳନରେ ଏସ୍‌ସିବି ମେଡିକାଲ କଲେଜର ଜେଡିଏ ସାମିଲ ହୋଇଛି। ଜେଡିଏ ପକ୍ଷରୁ ମଧ୍ୟ ୧୦ ଦଫା ଦାବି ରହିଛି। କେନ୍ଦ୍ରୀୟ ହାରରେ ବିନା ସର୍ତ୍ତାବଳୀ ସହ ଡିଏସିପି ପ୍ରଦାନ କରାଯିବା, ଦନ୍ତ ଚିକିତ୍ସକଙ୍କ ନିମନ୍ତେ ମଧ୍ୟ ଏହା ଲାଗୁ କରାଯିବା, ରାଜ୍ୟ ସରକାରଙ୍କ ଅନ୍ୟ ପ୍ରଥମ ଶ୍ରେଣୀ କନିଷ୍ଠ ବର୍ଗ ଭଳି ପେ' ଷ୍ଟ୍ରକଚର ଏବଂ ଡିଏସିପିରେ ଦରମା ନିର୍ଦ୍ଧାରଣ ବେଳେ ଲେଭଲ-୧୫କୁ ବାଦ୍ ଦିଆଯିବା, ଓଏମଏଚ୍‌ଏସ୍ ଓ ଦନ୍ତ ଚିକିତ୍ସକଙ୍କ କ୍ୟାଡର୍ ପୁନର୍ବିନ୍ୟାସ କରାଯିବା, କେବିକେ ଅଞ୍ଚଳରେ ୫ବର୍ଷ ଚାକିରି କରିଥିବା ଡାକ୍ତରଙ୍କୁ ଉପକୂଳବର୍ତ୍ତୀ ଜିଲ୍ଲାକୁ ଅଣାଯିବା, ପୋଷ୍ଟମର୍ଟମ ପ୍ରୋତ୍ସାହନ ରାଶି ବୃଦ୍ଧି କରାଯିବା ଭଳି ପ୍ରମୁଖ ଦାବି ରହିଛି।

### ■ ଜଙ୍ଗଲରେ ସପରିବାର ବିଷ ପିଇବା ଘଟଣା

## ଗୁରୁତର ଶିଶୁପୁତ୍ର ଏଚ୍‌ଡିୟୁରେ ଭର୍ତ୍ତି

କଟକ, ୨୯।୧୨ (ସମିସ): ଦେବଗଡ଼ ଜଙ୍ଗଲରୁ ଉଦ୍ଧାର ହୋଇଥିବା ୪ବର୍ଷର ଶିଶୁପୁତ୍ରକୁ ଆଜି ଶିଶୁଭବନ ଅଣାଯାଇଛି। ଶିଶୁ ଶରୀରରେ ବିଷକ୍ରିୟା ହୋଇଥିବା ବେଳେ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ଯୋଗୁଁ ତାକୁ ଏଚ୍‌ଡିୟୁରେ ରଖାଯାଇଛି। ତା'ର ଚିକିତ୍ସା ନିମନ୍ତେ ଶିଶୁଭବନ କର୍ତ୍ତୃପକ୍ଷ ଚାରିଜଣିଆ ଏକ ଡାକ୍ତରୀଦଳ ଗଠନ କରିଛନ୍ତି। ସମ୍ପୃକ୍ତ ଶିଶୁପୁତ୍ରର ସମସ୍ତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ବେଳେ ରିପୋର୍ଟ ଆସିବା ପରେ ତଦନୁଯାୟୀ ଚିକିତ୍ସା ଯୋଗାଇ ଦିଆଯିବ ବୋଲି ଶିଶୁଭବନ ପକ୍ଷରୁ ସୂଚନା ଦିଆଯାଇଛି। ପାରିବାରିକ କଳହକୁ କେନ୍ଦ୍ର କରି ଦେବଗଡ଼ ଖଇରପାଲି ଫାଣ୍ଡି ଅନ୍ତର୍ଗତ ଜିଅନ୍ତପାଲି ଗ୍ରାମର ଦୁଷ୍ମନ୍ତ ମାଝୀ(୩୪) ଏବଂ ପତ୍ନୀ ରିଙ୍କି ମାଝୀ(୩୪) ଉଭୟ ଶନିବାର ରାତିରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏକ ଭୋଜି କାର୍ଯ୍ୟକ୍ରମରେ ଯୋଗ ଦେବା ପରେ ଦଳକ ଗ୍ରାମ ନିକଟସ୍ଥ ଜଙ୍ଗଲ ଭିତରେ ଦମ୍ପତି ବିଷ ପିଇଥିଲେ। ଏପରିକି, ନିଜ ଶିଶୁପୁତ୍ରକୁ ମଧ୍ୟ ବିଷ ପିଆଇ ଦେଇଥିଲେ। ରବିବାର ସକାଳେ ଶିଶୁପୁତ୍ରର କାନ୍ଦ ଶୁଣି ଲୋକେ ଜଙ୍ଗଲ ଭିତରକୁ ଯିବା ପରେ ଘଟଣା ବିଷୟରେ ଜଣାପଡ଼ିଥିଲା। ତିନିଜଣଙ୍କୁ ଉଦ୍ଧାର କରାଯାଇ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଦୁଷ୍ମନ୍ତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସନ୍ଧ୍ୟା ସମୟରେ ରିଙ୍କି ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଥିଲେ। ଶିଶୁପୁତ୍ରକୁ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ହେତୁ ଆଜି କଟକ ଶିଶୁଭବନ ସ୍ଥାନାନ୍ତର କରାଯାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆରାବଳୀକୁ ସାମୟିକ...

ଅବକାଶକାଳୀନ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ ଜଷ୍ଟିସ ସୂର୍ଯ୍ୟକାନ୍ତ ନିର୍ଦ୍ଦେଶ ଦେଇ କହିଥିଲେ ଯେ, ବିଶେଷଜ୍ଞ କମିଟିର ସୁପାରିସ୍ ଓ ଏହା ଉପରେ ପୂର୍ବରୁ ସୁପ୍ରିମକୋର୍ଟଙ୍କ ଦେଇଥିବା ରାୟ ସ୍ଥଗିତ ରହିବ। ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ଏହି ସୁପାରିସଗୁଡ଼ିକ କାର୍ଯ୍ୟକାରୀ ହେବନାହିଁ। ଏହି ସୁପାରିସରେ କେବଳ ଶହେ ମିଟର ଉଚ୍ଚତାର ପର୍ବତକୁ ଆରାବଳୀ ମାନିବାକୁ କୁହାଯାଇଥିଲା। ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ, କୋର୍ଟଙ୍କ ନିର୍ଦ୍ଦେଶ, ସରକାରଙ୍କ ଭୂମିକା ଓ ମାମଲାକୁ ନେଇ ଭ୍ରାନ୍ତ ଧାରଣା ରହିଛି। ଏଗୁଡ଼ିକର ପ୍ରଚାରପ୍ରସାର କରାଯାଉଛି। ଏହି ଭୁଲ ଧାରଣା ଦୂର କରିବା ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଥିଲା। ଏହି କମିଟିର ରିପୋର୍ଟକୁ କୋର୍ଟ ଗ୍ରହଣ କରିଥିଲେ। ସେହିପରି ସୁପ୍ରିମକୋର୍ଟଙ୍କ ମଧ୍ୟ ସମାନ ଧାରଣା ରହିଛି ବୋଲି ପ୍ରଧାନ ବିଚାରପତି କହିଥିଲେ। ତେବେ ଏହି ଭୁଲ ଧାରଣା ଦୂର କରିବାକୁ ସ୍ପଷ୍ଟୀକରଣର ଆବଶ୍ୟକତା ହୋଇପାରେ। ବିଶେଷଜ୍ଞ କମିଟିର ରିପୋର୍ଟ କିମ୍ବା କୋର୍ଟଙ୍କ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଏକ ନିରପେକ୍ଷ ଓ ସ୍ୱାଧୀନ ମୂଲ୍ୟାଙ୍କନର ଆବଶ୍ୟକତା ରହିଛି। ଏହାଦ୍ୱାରା ଅନେକ ପ୍ରମୁଖ ପ୍ରସଙ୍ଗରେ ସ୍ପଷ୍ଟ ମାର୍ଗଦର୍ଶନ ପ୍ରଦାନ କରାଯାଇପାରିବ।

### ଚାଷୀ-ସରକାର...

ବିରୋଧୀ ଅଭିଯୋଗ କରିଛନ୍ତି। ଚଳିତବର୍ଷ ଖରିଫ ଧାନ ବିକ୍ରି କରିବାକୁ ୧୯ ଲକ୍ଷ ୬୮ ହଜାର ଚାଷୀ ପଞ୍ଜୀକରଣ କରିଛନ୍ତି। ଏହାସହିତ ୬୧.୬୭ ଲକ୍ଷ ଏକର ଜମିରେ ଧାନ ଚାଷ ହୋଇଥିବା ନେଇ ପଞ୍ଜୀକୃତ ହୋଇଛି। ରାଜ୍ୟ ସରକାର ଇନ୍‌ପୁଟ୍ ସବସିଡି ଦେବାକୁ ଘୋଷଣା କରିବା ପରେ ଧାନ ଚାଷ ପ୍ରତି ଆଗ୍ରହ ବଢ଼ିବା ସହିତ ଅଧିକ ସଂଖ୍ୟକ ଚାଷୀ ଧାନ ଚାଷ କରିଛନ୍ତି। ଫଳରେ ପୂର୍ବ ବର୍ଷ ତୁଳନାରେ ଚଳିତ ବର୍ଷ ପ୍ରାୟ ୨ ଲକ୍ଷ ଏକର ଜମିରେ ଅଧିକ ଧାନ ଚାଷ ହୋଇଥିବା ରେକର୍ଡ କହୁଛି। ହେଲେ ସରକାର ସାଟେଲାଇଟ୍ ସର୍ଭେ କରିବା ପରେ ଅନେକ ଚାଷୀ କିଛି ଅଣଚାଷ ଜମିକୁ ଚାଷଜମି ଭାବେ ଦର୍ଶାଇଥିବା ଅଭିଯୋଗରେ ସେମାନଙ୍କୁ ନୋଟିସ କରିବାକୁ ବିଭାଗ ଯୋଜନା କରିଛି।

ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି ଯେ ପ୍ରଥମେ ଚାଷୀମାନଙ୍କୁ ନୋଟିସ ଜାରି କରାଯିବ। ଏହାପରେ ତଦନ୍ତ କରାଯାଇ ଅନିୟମିତତା ପ୍ରମାଣିତ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ କରାଯିବ। ସାଟେଲାଇଟ୍ ସର୍ଭେ ହୋଇଛି, ଏଥିରେ ମଧ୍ୟ କିଛି ଭୁଲ୍ ତଥ୍ୟ ଆସୁଛି। ତେଣୁ କ୍ଷେତ୍ରସ୍ତରରେ ତଦନ୍ତ କରାଯାଉଛି। ଗତ ବର୍ଷ ମଧ୍ୟ ଏଭଳି ହୋଇଥିଲା। ପ୍ରତିବର୍ଷ ସେମାନେ ସରକାରଙ୍କଠାରୁ ଠକି ପଇସା ନେବେ। ତେଣୁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପଟେ ବିଜେଡି ବିଧାୟକ ସାରଦା ଜେନା ସରକାରଙ୍କ ଏହି ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ଶ୍ରୀ ଜେନା କହିଛନ୍ତି, ସରକାର ଚାଷୀଙ୍କ ସହିତ ଖେଳ ଖେଳୁଛନ୍ତି। ସରକାର ଧାନର ଏମ୍‌ଏସ୍‌ପି ବଢ଼ାଇ ଦେଲେ। ହେଲେ ଏହାପରେ ଚାଷୀ କିପରି ଧାନ ବିକ୍ରି କରି ନ ପାରିବେ ସେ ସବୁ ବାଟ କରିଦେଲେ। ଧାନ ପଞ୍ଜୀକରଣରେ ଜଟିଳ ପ୍ରକ୍ରିୟା ସହିତ ଧାନ ଉତ୍ପାଦନ ହ୍ରାସ ପାଇଁ ଯୁରିଆ ସଂକଟ ସୃଷ୍ଟି କଲେ। କଟନୀ ଛଟନୀ ପରେ ଏବେ ଚାଷୀଙ୍କୁ ନୋଟିସ୍ ହେଉଛି। କେଉଁ ଚାଷୀଙ୍କର କେତେ ଜମି ଅଛି, ରାଜସ୍ୱ ବିଭାଗ ନିକଟରେ ତଥ୍ୟ ରହିଛି। କୃଷି ବିଭାଗ ସର୍ଭେ କରୁଛି। ଯୋଗାଣ ବିଭାଗ ନିକଟରେ ମଧ୍ୟ ଚାଷ ଜମିର ତଥ୍ୟ ରହିଛି। ଏହି ବିଭାଗଗୁଡ଼ିକ ସବୁ ତଥ୍ୟ ମେଳ କରି ସଠିକ୍ ଭାବେ କାମ ନକରି ଚାଷୀଙ୍କୁ ହଇରାଣ କରିବାକୁ ଏଭଳି ନିଷ୍ପତ୍ତି ନେଉଛନ୍ତି। କେବଳ ଧାନ ନ ନେବାକୁ ବାହାନା କରି ସରକାର ଏହି କାମ କରୁଛନ୍ତି ବୋଲି ଶ୍ରୀ ଜେନା କହିଛନ୍ତି।

### ଦେଶରୁ ହଟିବେ...

ଉଚିତ ନ ଥିଲା। ଆଜି ଏହି ସ୍ଥାନରୁ ଅନୁପ୍ରବେଶକାରୀଙ୍କୁ ହଟାଇ ପୁନଃ ନାମଘର ପ୍ରତିଷ୍ଠା କରାଯାଇଛି। ଆସାମ ଜନତା ପୁଣିଥରେ ବିଜେପିକୁ ସମର୍ଥନ ଦିଅନ୍ତୁ। ଆମେ ସାରା ଆସାମକୁ ଅନୁପ୍ରବେଶ ମୁକ୍ତ କରିବୁ। ଯେଉଁମାନେ ଅନୁପ୍ରବେଶକାରୀଙ୍କୁ ଭୋଟ ବ୍ୟାଙ୍କ ଭାବୁଛନ୍ତି, ସେମାନେ କେବେ ଏପରି କରିପାରିବେ ନାହିଁ। କେନ୍ଦ୍ର ସରକାର ଉଗ୍ରବାଦୀ ସଂଗଠନଗୁଡ଼ିକ ସହ ଶାନ୍ତି ଚୁକ୍ତି ମଧ୍ୟ କରିଛନ୍ତି। ଏଥିରୁ ୯୨ ପ୍ରତିଶତ ସର୍ତ୍ତ ସମ୍ପୂର୍ଣ୍ଣ ହୋଇଯାଇଛି। ଆସାମରେ ଶାନ୍ତି ଏବଂ ବିକାଶ ମଜବୁତ ହୋଇଛି।

ଏହି ଅବସରରେ ୨୨୭ କୋଟି ବ୍ୟୟରେ ନିର୍ମିତ ଶ୍ରୀମନ୍ତ ଶଙ୍କରଦେବ ଆବିର୍ଭାବ କ୍ଷେତ୍ର ଉଦ୍‌ଘାଟନ କରିଛନ୍ତି। ଏହା ଆସାମ ମହାନ ବୈଷ୍ଣବ ସନ୍ଥ ଶ୍ରୀମନ୍ତ ଶଙ୍କରଦେବଙ୍କ ଜନ୍ମଭୂମି। ଏହି ସ୍ଥାନ ଆସାମର ସାଂସ୍କୃତିକ ଏକତା ଏବଂ ଆଧ୍ୟାତ୍ମିକ ପରମ୍ପରାର ପ୍ରତୀକ। ଏହି ପ୍ରକଳ୍ପ ପର୍ଯ୍ୟଟନ ଏବଂ ସଂସ୍କୃତିକୁ ପ୍ରୋତ୍ସାହନ ଦେବ ବୋଲି ଶାହା କହିଛନ୍ତି। କେନ୍ଦ୍ର ସରକାରଙ୍କ ପ୍ରୟାସରେ ଆସାମରେ ଶାନ୍ତି, ବିକାଶ ଏବଂ ସାଂସ୍କୃତିକ ସଂରକ୍ଷଣ ହେବ।

### କୁଲଦୀପଙ୍କୁ 'ସୁପ୍ରିମ୍'...

ସେଙ୍ଗରଙ୍କ ଜାମିନ ବିରୋଧରେ ସିବିଆଇ ୩ ଦିନ ତଳେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜେକେ ମାହେଶ୍ୱରୀ ଓ ଜଷ୍ଟିସ ଅଗଷ୍ଟିନ ଜର୍ଜ ମସିହଙ୍କ ଖଣ୍ଡପୀଠ ୪୦ ମିନିଟ ଧରି ଉଭୟ ପକ୍ଷର ଯୁକ୍ତି ଶୁଣିଥିଲେ। ହାଇକୋର୍ଟ ଆଦେଶ ଭୁଲ ଥିବା କୋର୍ଟ ହୃଦୟଙ୍ଗମ କରିଥିଲେ। ପ୍ରଧାନ ବିଚାରପତି କହିଥିଲେ ଯେ ଦଣ୍ଡ ସ୍ଥଗିତ ରଖିଥିବା ହାଇକୋର୍ଟ ବିଚାରପତିମାନଙ୍କୁ ଅତ୍ୟନ୍ତ ଉତ୍ତମ ଜଜ୍ ବୋଲି ବିବେଚିନା କରାଯାଏ। କିନ୍ତୁ ଯେ କେହି ବି ଭୁଲ କରିପାରିନ୍ତି। ଏହି ମାମଲାର ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଗୁଡିକ ବିସ୍ତୃତ ଭାବେ ବିଚାର କରିବା ଆବଶ୍ୟକ। ଏହି ମାମଲାର ସ୍ଥିତି ନିଶ୍ଚିତ ଭାବେ ଭିନ୍ନ। ଏଥିରେ ଅଭିଯୁକ୍ତ ଅନ୍ୟ ମାମଲାରେ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏହି କାରଣରୁ ଦିଲ୍ଲୀ ହାଇକୋର୍ଟ ଦେଇଥିବା ଆଦେଶ ଉପରେ ରୋକ ଲଗାଯାଉଛି ବୋଲି ସେ କହିଥିଲେ । ଏହାପୂର୍ବରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ, ଏହି ମାମଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଧାରା-୩୭୬ ଓ ପୋକ୍‌ସୋ ଅନୁସାରେ ଅଭିଯୋଗ ଧାର୍ଯ୍ୟ ହୋଇଛି। ଏହି ମାମଲାରେ ଅଭିଯୁକ୍ତଙ୍କୁ ଅତିକମ୍‌ରେ ୨୦ ବର୍ଷ ଜେଲ ଦଣ୍ଡ କିମ୍ବା ଆଜୀବନ କାରାଦଣ୍ଡ ହୋଇପାରେ।

ଜଷ୍ଟିସ ସୂର୍ଯ୍ୟକରନ୍ତ କହିଥିଲେ ଯେ ଏହି ମାମଲା ଗମ୍ଭୀର ଆଇନଗତ ପ୍ରଶ୍ନ ଉଠାଉଛି। ପୋକସୋ ଆଇନ ଅନୁଯାୟୀ ଜଣେ ପୁଲିସ କନଷ୍ଟେବଲଙ୍କୁ ଲୋକ ସେବକ ଧରାଯାଏ, କିନ୍ତୁ ବିଧାୟକ ଏବଂ ସାଂସଦଙ୍କ ଭଳି ଜଣେ ନିର୍ବାଚିତ ପ୍ରତିନିଧିଙ୍କୁ ଏହି ପରିସରରୁ ବାହାର କରିଦିଆଯାଉଛି। ଏଭଳି ବିସଙ୍ଗତି ସୁପ୍ରିମକୋର୍ଟଙ୍କୁ ବିଚଳିତ କରୁଛି। ସେହିପରି ଜଷ୍ଟିସ ମାହେଶ୍ୱରୀ ପ୍ରଶ୍ନ ଉଠାଇ କହିଥିଲେ ଯେ ଧାରା ୩୭୬ (୨) ଅନୁଯାୟୀ, ଅଭିଯୁକ୍ତ ଦୋଷୀ କି ନୁହେଁ ବୋଲି ହାଇକୋର୍ଟ ନିଜ ନିର୍ଦ୍ଦେଶରେ କେଉଁଠି ସ୍ପଷ୍ଟ ଭାବେ କହିଛନ୍ତି କି?

ସେପଟେ ସୁପ୍ରିମକୋର୍ଟଙ୍କ ଆଦେଶ ପରେ ପୀଡିତା ସ୍ୱାଗତ ଜଣାଇଛନ୍ତି। ଏହି ନିଷ୍ପତ୍ତିରେ ସେ ଖୁସି ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟରୁ ମୋତେ ନ୍ୟାୟ ମିଳିବ। ଏହି ସଂଘର୍ଷ ଓ ଲଢ଼େଇକୁ ଜାରି ରଖିବି। ସେଙ୍ଗରକୁ ଫାଶୀରେ ଝୁଲାଇବି, ତାପରେ ଯାଇ ଆମ ପରିବାରକୁ ଶାନ୍ତି ମିଳିବ ବୋଲି ପୀଡ଼ିତା କହିଛନ୍ତି। ସୂଚନାଯୋଗ୍ୟ ଯେ ୨୦୧୭ ଜୁନ୍ ୪ରେ ସେଙ୍ଗାର ପୀଡିତାଙ୍କ ସହ ଦୁଷ୍କର୍ମ କରିଥିଲା।

### ସିବିଆଇର ପ୍ରଥମ...

ଦାସ, ମୁନ୍ନା ମହାନ୍ତିଙ୍କୁ ପ୍ରମୁଖ କାର୍ପଟଦାର ଭାବେ ଦର୍ଶାଯାଇଛି। ଏମାନଙ୍କ ବ୍ୟତୀତ ଚାର୍ଜସିଟ୍‌ରେ ସୌମ୍ୟ ପ୍ରିୟଦର୍ଶିନୀ, ରିଙ୍କୁ ମହାରଣା, ବିରଞ୍ଚି ନାୟକ, ନିତିଶ କୁମାରଙ୍କ ନାମ ରହିଛି । ଚାର୍ଜସିଟରେ ଶଙ୍କର ପୃଷ୍ଟି ଏହି ସ୍କାମ୍‌ର ମାଷ୍ଟର ମାଇଣ୍ଡ ବୋଲି ସିବିଆଇ ଉଲ୍ଲେଖ କରିଛି। ସେ ଉପରସ୍ତରରେ ବହୁ ଲୋକଙ୍କ ସହ ଯୋଗାଯୋଗରେ ରହିଥିଲେ। ସେ ତାଙ୍କ କମ୍ପାନୀ ପଞ୍ଚସପ୍ତ ଟେକ୍ ପ୍ରା.ଲିଃ ଏବଂ କେଦାରନାଥ ଟେକ୍‌ନୋଲୋଜିକୁ ଏକାଧିକ ପରୀକ୍ଷା ପରିଚାଳନାରେ ନିୟୋଜିତ କରିଥିଲେ। ଶଙ୍କରଙ୍କ ଘନିଷ୍ଠ ସହଯୋଗୀ ମୁନ୍ନା ମହାନ୍ତି ପରୀକ୍ଷାର୍ଥୀଙ୍କୁ ଚୟନ କରିଥିଲେ। ଏହାପରେ ପରୀକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପାଇଁ ଆନ୍ଧ୍ରପ୍ରଦେଶ ନେଇ ଯାଇଥିଲେ। ତେବେ ଆନ୍ଧ୍ର ପ୍ରଦେଶରେ ୧୧୪ ଜଣ ପରୀକ୍ଷାର୍ଥୀ ଧରାପଡ଼ିବା ସହ ୬ଜଣ ମଧ୍ୟସ୍ଥ ଗିରଫ ହେବା ପରେ ଘଟଣା ସାମ୍ନାକୁ ଆସିଥିଲା। ଏହି ମାମଲାରେ ଆହୁରି ଅଧିକ ଲୋକଙ୍କ ସମ୍ପୃକ୍ତି ରହିଛି ବୋଲି ସିବିଆଇ ପକ୍ଷରୁ କୁହାଯାଇଛି। ତେବେ କ୍ରାଇମବ୍ରାଞ୍ଚ ଗିରଫ କରିଥିବା ୧୧୪ ପରୀକ୍ଷାର୍ଥୀଙ୍କ ନାମ ସିବିଆଇ ଚାର୍ଜସିଟ୍‌ରୁ ବାଦ ଦେଇଛି ।

### ଜାନୁଆରୀ ୩୧ ସୁଦ୍ଧା...

ପ୍ରାବଧାନ ରହିଛି। ୨୦୨୫ ମସିହାର ବାର୍ଷିକ ସମ୍ପତ୍ତି ତାଲିକା ଦାଖଲ ପାଇଁ ସମୟସୀମା ଆସନ୍ତା ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ତେଣୁ ଏହି ସମୟସୀମା ମଧ୍ୟରେ ସମସ୍ତ ଅଧିକାରୀ ଓ କର୍ମଚାରୀ ଏଚ୍‌ଆର୍‌ଏସ୍‌ଏମ୍ ପୋର୍ଟାଲରେ ଦାଖଲ କରିବାକୁ ବିଭାଗ ପରାମର୍ଶ ଦେଇଛି। ହାର୍ଡକପି ମାଧ୍ୟମରେ ସମ୍ପତ୍ତି ତାଲିକା ଦାଖଲ ସରକାରଙ୍କ ଦ୍ୱାରା ଗ୍ରହଣୀୟ ନୁହେଁ ବୋଲି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି।

### ୧୦ ଡିଗ୍ରୀ ତଳେ...

ତାପମାତ୍ରା। ଏହା ପୂର୍ବରୁ ୭ ଡିସେମ୍ବର ୨୦୨୧ରେ ୫.୬ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିଲା। ତାହା ସର୍ବକାଳୀନ ରେକର୍ଡ ଥିଲା। ପାଣିପାଗ କେନ୍ଦ୍ର କହିଛି ଯେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ଶୀତ ସାଙ୍ଗକୁ ଘନ କୁହୁଡ଼ି ସ୍ଥିତି ଜାରି ରହିବ। ମୁଖ୍ୟତଃ ଅନୁଗୋଳ ଓ ଝାରସୁଗୁଡ଼ାରେ ଅଧିକ ଶୀତ ସହ ଏଠାରେ ଶୀତ ଲହରୀ ସ୍ଥିତି ସୃଷ୍ଟି ହେବ। ସେହିପରି ସୁନ୍ଦରଗଡ଼, କନ୍ଧମାଳ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ, ଓ ବାଲେଶ୍ୱର ଆଦିରେ ଘନକୁହୁଡ଼ି ହେବ ବୋଲି କେନ୍ଦ୍ର କହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରିଛି। ରାଜ୍ୟର ବାକି ଜିଲ୍ଲାଗୁଡ଼ିକରେ ସ୍ୱଳ୍ପରୁ ମଧ୍ୟମଧରଣର କୁହୁଡ଼ି ହେବ ବୋଲି କେନ୍ଦ୍ର ଆକଳନ କରିଛି। ଆସନ୍ତା ୨୪ ଘଣ୍ଟା ପର୍ଯ୍ୟନ୍ତ ଏଭଳି ଶୀତ ଜାରି ରହିବା ସହ ଏହା ପରେ ଶୀତର ପ୍ରଭାବରେ ସାମାନ୍ୟ ହ୍ରାସ ଘଟିବାର ସମ୍ଭାବନା ରହିଛି। ତାପମାତ୍ରାରେ ୨-୩ ଡିଗ୍ରୀ ବୃଦ୍ଧି ହେବାକୁ ଥିବାରୁ ନୂଆ ବର୍ଷରେ ବର୍ତ୍ତମାନ ତୁଳନାରେ ଶୀତର ପ୍ରଭାବ କମିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି।

### ଘନଉଛି ଓମ୍‌ସା...

ରୋଗୀ ସେବା ପ୍ରଭାବିତ ହୋଇଥିବା ବେଳେ ରୋଗୀମାନଙ୍କୁ ସ୍ୱାସ୍ଥ୍ୟସେବା ପାଇଁ ଲାଇନରେ ଘଣ୍ଟା ଘଣ୍ଟା ଧରି ଛିଡ଼ାହେବାକୁ ପଡ଼ୁଛି। ସରକାର ତୁରନ୍ତ ବିବାଦର ସମାଧାନ କରିବାକୁ ସାଧାରଣରେ ଦାବି ହେଉଥିବା ବେଳେ ଗତ ୨୭ ତାରିଖରେ ସରକାର ବିଭିନ୍ନ ବିଭାଗର ସଚିବଙ୍କୁ ନେଇ ଏକ ଅନ୍ତଃବିଭାଗୀୟ କମିଟି ଗଠନ କରିଛନ୍ତି। ଏହି କମିଟି ଓମସାର ବିଭିନ୍ନ ଦାବି ଉପରେ ଆଲୋଚନା କରି, ସେଗୁଡ଼ିକର ବିଭିନ୍ନ ଦିଗଗୁଡିକ ବିଚାର କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ତେବେ ସରକାରଙ୍କ ଏପରି ଆଭିମୁଖ୍ୟକୁ ନାପସନ୍ଦ କରିଛି ଓମ୍‌ସା। ସଂଘର ସାଧାରଣ ସମ୍ପାଦକ ଡ. ପ୍ରଧାନ କହିଛନ୍ତି ଯେ ଗତ ନଭେମ୍ବର ୧୯ ତାରିଖ ଅନୁଷ୍ଠିତ ବୈଠକରେ ସରକାର କମିଟି ଗଠନ କରିବା କଥା କହିଥିଲେ; ମାତ୍ର କମିଟି ଗଠନ ପାଇଁ ସରକାରଙ୍କୁ ଏକ ମାସ ସମୟ ଲାଗିଗଲା। ଅତୀତରେ ଓମ୍‌ସାର ଦାବି ପୂରଣ ପାଇଁ କେବେ ସରକାର କମିଟି ଗଠନ କରି ନ ଥିଲେ। ଆମ ଦାବି ପୂରଣ ନେଇ ସରାକାରଙ୍କର ଆନ୍ତରିକତା ନ ଥିବା ଭଳି ଲାଗୁଛି। କମିଟି ଗଠନ ସରାକାରଙ୍କର କାଳକ୍ଷେପଣ ନୀତି ଅଟେ। ଆମେ ବର୍ତ୍ତମାନ ଏକ ଘଣ୍ଟିଆ ପ୍ରତିବାଦ କରିଛୁ। ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ବୈଠକରେ ସଂଘ ଠୋସ୍ ନିଷ୍ପତ୍ତି ଗ୍ରହଣ କରିବ ବୋଲି ସେ ସୂଚନା ଦେଇଛନ୍ତି। ଅପରପକ୍ଷେ ଓମ୍‌ସାର ଦାବିକୁ ଭୀମ୍‌ସାର, ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ, ଏମ୍‌କେସିଜି ହସ୍ପିଟାଲର କନିଷ୍ଠ ଡାକ୍ତର ସଂଘମାନେ ସମର୍ଥନ ଜଣାଇଛନ୍ତି।


**AFFIDAVIT**

By virtue of an affidavit sworn before the Executive Magistrate, Rayagada, no. 112, dated. 29.12.2025, I TULASI KHILLO, D/o - Situ Hantal, W/o - Diudu Khillo, resident of Vill - Jogibari, PO / PS - Padwa, Dist - Koraput, Odisha, Pin - 764038, declare that KAMALA KHILA and TULASI KHILLO is one and same person. Henceforth I shall be known as **TULASI KHILLO** for all purposes.

GOVERNMENT OF ODISHA
A-1202
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
RENGALI LEFT BANK CANAL DIVISION, AT/P.O. Kamakhyanagar
Dist: Dhenkanal, Odisha, PIN-759018
☎:06769-270771 Email ID - eerlbcdivision@gmail.com

**e-PROCUREMENT NOTICE No. RLBCD-P1-09/2025-26**

| | | |
|---|---|---|
| 1 | Category of Work | "Civil Construction Works". |
| 2 | Total No. of Works | 16 (Sixteen) Nos of work. |
| 3 | Estimated Cost | Varies From Rs.38.59 Lakhs to Rs.4.21 Lakhs |
| 4 | Period of Completion | Varies From 45 Days to 30 Days |
| 5 | Class of Contractor | Varies From "B' Class & 'C' Class (Odisha P.W.D) and "C" & "D"(Odisha P.W.D) or equivalent Class of other licensing authority |
| 6 | Cost of Bid Document / Mode of Payment | Varies From Rs. 6,000/- (Non-Refundable), Rs. 4,000/- and Rs. 2,000/- / Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | Varies From Rs. 38,590/- to Rs.4,210/- Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding. | 30.12.2025 from 10.00 Hours to 08.01.2026 up to 17.00 Hours. |
| | (iii).Date, time & venue of Bid Opening (Online) | On Dt.09.01.2026 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | On Dt.28.01.2026 at 11.00 Hours (Tentative Date) in the O/o the Superintending Engineer, Rengali Left Bank Canal Division, Kamakhyanagar. |

*Further details can be seen from the Government of Odisha website https://tendersodisha.gov.in

Superintending Engineer
R.L.B. Canal Division
Kamakhyanagar

OIPR-32298/11/0037/2526

B-885
E-mail.eekalahandi@gmail.com
FAX No.06670-230512

GOVERNMENT OF ODISHA
OFFICE OF THE SUPERINTENDING ENGINEER KALAHANDI (R&B) DIVISION BHAWANIPATNA
*E-Procurement Notice*
*Bid Identification No. BC KLD-10/2025-2026*
No. 15131 Dated. 20.12.2025

| | | | |
|---|---|---|---|
| 1 | No. of the work: | : | 03 (Three) Electrical works |
| 2 | Estimated cost: | : | Rs 7.00 to 25.00 Lakhs |
| 3. | Period of completion: | : | 02 (Two) calendar Months to 04 (Four) calendar Months |
| 4. | Date and time of availability of bid document in the portal: | : | 11.00 hrs of 31.12.2025 to 17.00 hrs of 12.01.2026 |
| 5 | Last date/Time for receipt of bid in the portal: | : | 17.00hour of 12.01.2026 |
| 6 | Name and address of the Officer Inviting Bid: | : | Superintending Engineer, Kalahandi(R&B)Division, Bhawanipatna |
| 7 | Opening of the Single Cover Bid / Technical Bid of double cover. | : | On 13.01.2026 at 11.00 AM in the Office of the Superintending Engineer, Kalahandi(R&B)Division, Bhawanipatna |

Further details can be seen from the e-procurement portal https://tendersodisha.gov.in

Superintending Engineer
Kalahandi (R&B) Division

OIPR-34017/11/0021/2526

# ଧାନର ମାନ ନିର୍ଦ୍ଧାରଣ ପାଇଁ ବିଦ୍ୟୁତଚାଳିତ ଯନ୍ତ୍ରକୁ ଚାଷୀଙ୍କ ବିରୋଧ

କଲ୍ୟାଣସିଂହପୁର/ସିକରପାଇ, ୨୯।୧୨(ସମିସ)



ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଅନ୍ତର୍ଗତ ବୁଡାଗୁଡ଼ା ଆର୍‌ଏମସି ୟାର୍ଡରେ ଆଜି ଚାଷୀମାନଙ୍କ ପକ୍ଷରୁ ସରକାରଙ୍କ ପକ୍ଷରୁ ଧାନର ଗୁଣାତ୍ମକ ମାନ ପରୀକ୍ଷା ପାଇଁ ଆସିଥିବା ଏନାଲାଇଜର ମେସିନକୁ ବିରୋଧ କରି ହୋ ହଲ୍ଲା କରାଯାଇଥିଲା। ବ୍ଲକ କୃଷକ ସଂଘର ସଭାପତି, ଶ୍ରୀନିବାସ ଚୌଧୁରୀ, ଉପସଭାପତି ଯୋଗେନ୍ଦ୍ର ୱାଡକା, ଗୋପୀ ପେଶିକା ଓ ଶତାଧିକ ଚାଷୀ ମାନେ ଆସି ଏହି ଏନାଲାଇଜର୍ ମେସିନକୁ ନେଇ ମଣ୍ଡିରେ ବିରୋଧ ପ୍ରଦର୍ଶନ କରିଥିଲେ। ଲ୍ୟାମ୍ପସ ଏମଡି ତାରିଣୀ ତ୍ରିପାଠୀ ମଣ୍ଡିରେ ସରକାରଙ୍କ ପକ୍ଷରୁ ଆସିଥିବା ଏହି ମେସିନ ଓ ଧାନର ମାନ ପରୀକ୍ଷା କରିବାକୁ ଚାଷୀ ମାନଙ୍କୁ ବୁଝାଇଥିଲେ ମଧ୍ୟ ଚାଷୀ ମାନେ ମେସିନ ଭୁଲ ଦେଖାଉଥିବା କହି ଏହାକୁ ବିରୋଧ କରିଥିଲେ। କୃଷକ ସଂଘର ସଭାପତି ଓ ଉପସଭାପତି ଆଜିକାଲି ଚାଷୀ ଉନ୍ନତ ପ୍ରଣାଳୀରେ ଚାଷ କରି ଅମଳ କରୁଥିବା ସତ୍ତ୍ୱେ ଚାଷୀ ମାନଙ୍କୁ ଲ୍ୟାମ୍ପସ ଓ ଆର୍‌ଏମସି ପକ୍ଷରୁ ହଇରାଣ କରୁଥିବା ନେଇ ଅଭିଯୋଗ କରିଥିଲେ। ଧାନ ବସ୍ତା ପିଛା ୫୦ କେଜି ଦେବାକୁ ନିୟମ ରହିଥିବା ବେଳେ ଏହି ୟାର୍ଡରେ ମିଲର ମାନେ ୫୧ କେଜି ୭୦୦ ଗ୍ରାମ ଧାନ ଜବରଦସ୍ତ ଭାବେ ନେଉଥିବା ଓ ପ୍ରତି ଚାଷୀଙ୍କର ପ୍ରାୟ୧୩୦ ଟଙ୍କା ନଷ୍ଟ ହେଉଥିବା ନେଇ ଚାଷୀମାନେ ଅଭିଯୋଗ କରିଥିଲେ। ୟାର୍ଡରେ ଓ୍ୱେଭିଜ୍ ରହିଥିବା ସତ୍ତ୍ୱେ ଏହାକୁ ମରାମତି ନ କରି ଅଚଳ କରି ରଖିଥିବା ମଧ୍ୟ ଚାଷୀମାନେ ଅଭିଯୋଗ କରିଥିଲେ। ପ୍ରଶାସନ ପକ୍ଷରୁ ତହସିଲଦାର ମାନସ ରଞ୍ଜନ ମନ୍ ସେଠ୍ ଘଟଣା ସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରି ଚାଷୀଙ୍କୁ ଶାନ୍ତ କରାଇଥିଲେ। ଏହାର ତଦନ୍ତ କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ବଡ ଧରଣର ଆନ୍ଦୋଳନ କରାଯିବ ବୋଲି ମଧ୍ୟ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା।

ଚଳିତ ଖରିଫ ଋତୁରେ ୨୦୨୫-୨୬ରେ ରାୟଗଡ଼ା ନିୟନ୍ତ୍ରିତ ବଜାର କମିଟି କଲ୍ୟାଣ ସିଂହପୁର ଲ୍ୟାମ୍ପସ ସହାୟତାରେ ଧାନ କିଣିବା ପାଇଁ ଡିସେମ୍ବର ମାସ ୧୭ ତାରିଖରେ ଖୋଲି ଥିଲା। ଆଜି ପର୍ଯ୍ୟନ୍ତ ବ୍ଲକର କିଛି ଚାଷୀଙ୍କର ଟୋକେନ ଆସିନାହିଁ। ସୋମବାର ଦିନ ମାଝୀଗୁଡା, ପୂଜାରୀଗୁଡା, ସୁନାଖଣ୍ଡି, ପୋଲମା ଓ କନ୍ଧକାଡିପାଡୁ ପଞ୍ଚାୟତର ଯେଉଁ ଚାଷୀଙ୍କ ଟୋକେନ ଆସିଛି ସେହି ଚାଷୀ ମାନଙ୍କ ମଧ୍ୟରୁ ଦୁଇଜଣ ଚାଷୀ ବୁଡାଗୁଡ଼ା ନିୟନ୍ତ୍ରିତ ବଜାର କମିଟିକୁ ଧାନ ଆଣିଥିଲେ। ଏଠାରେ ଚାଷୀ ଆଣିଥିବା ଧାନ ନିୟନ୍ତ୍ରିତ ବଜାର (ଆର୍‌ଏମସି) ଦ୍ୱାରା ମାନ ନିରୂପଣ ନୂତନ ବିଦ୍ୟୁତ୍ ଚଳିତ ଯନ୍ତ୍ରରେ କରିବାରୁ ତାହା ଅସାଧାରଣ ମାନର ଧାନ ବାହାରିଥିଲା।


## ନୂଆବର୍ଷକୁ ସ୍ୱାଗତ ପାଇଁ ପର୍ଯ୍ୟଟନ ସ୍ଥଳୀରେ ଭିଡ଼



ନନ୍ଦପୁର, ୨୯।୧୨ (ସମିସ): ଇଂରେଜୀ ନୂଆ ବର୍ଷ ପାଇଁ ଚଳଚଞ୍ଚଳ ନନ୍ଦପୁର ଅଞ୍ଚଳ। ପୁରୁଣା ବର୍ଷକୁ ବିଦାୟ ଓ ଇଂରାଜୀ ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଏହି ଅଞ୍ଚଳର ପର୍ଯ୍ୟଟନ କ୍ଷେତ୍ରରେ ଭିଡ଼ ଜମୁଛି। ଲୋକେ ତୀର୍ଥ ସ୍ଥାନକୁ ପରିବାର ସହିତ ଆସି ପରିବାରର ସୁଖ ମନାସୁଛନ୍ତି। ପିକ୍ନିକ୍ ପାଇଁ ଲୋକେ ନିଜ ସାମର୍ଥ୍ୟ ଅନୁସାରେ ପରିବାର ମେଳିରେ ହେଉ କି ସାଙ୍ଗ ସାଥୀ, ଆଉ କିଏ ଅଫିସ କମଚାରୀ ମେଳିରେ ପର୍ଯ୍ୟଟନ ସ୍ଥଳରେ ଭୋଜିଭାତ ଆସର ଜମାଉଛନ୍ତି। ଆଉ କିଏ ପରିବାର ସହିତ ବିଭିନ୍ନ ତୀର୍ଥ ସ୍ଥଳୀକୁ ପରିଦର୍ଶନ ଯାଇ ଆଗାମୀ ବର୍ଷର ପାଇଁ ସୁଖ ସମୃଦ୍ଧି କାମନା କରିଛନ୍ତି। ତେବେ ନନ୍ଦପୁର ବ୍ଲକ ସମସ୍ତ ଛୋଟ ବଡ଼ ପର୍ଯ୍ୟଟନ ସ୍ଥଳୀରେ ଏଥିପାଇଁ ପ୍ରବଳ ଭିଡ଼ ଦେଖିବା ମିଳିଛି। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଛି। କେବଳ ନନ୍ଦପୁର ବ୍ଲକ ନୁହେଁ, କୋରାପୁଟ ଜିଲ୍ଲାରେ ରହିଥିବା ସମସ୍ତ ପର୍ଯ୍ୟଟନ ସ୍ଥଳୀକୁ ରାଜ୍ୟ ଓ ରାଜ୍ୟ ବାହାର ପର୍ଯ୍ୟଟକଙ୍କ ଆଗମନ ହେଉଛି। ଶୀତୁଆ ତାପମାନ ସାଙ୍ଗକୁ ପାହାଡ଼ ପର୍ବତ ଘେରା ଦୃଶ୍ୟ ସହ ଜଳ ପ୍ରପାତର ଓ ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ବେଶ ଆନନ୍ଦ ପ୍ରଦାନ କରିଛି। ପର୍ଯ୍ୟଟକ ମାନେ ମଧ୍ୟ କୋରାପୁଟ ଜିଲ୍ଲାର ପ୍ରକୃତି ରାଣୀର ମନଲୋଭା ଦୃଶ୍ୟରେ ମୋହିତ ହେଉଛନ୍ତି। ଏହି ସମୟରେ ବାହାର ଲୋକଙ୍କ ଆଗମନ ଯୋଗୁଁ ସ୍ଥାନୀୟ ବ୍ୟବସାୟୀଙ୍କ ଭଲ ବେପାର ହେଉଥିବା ଜଣାପଡ଼ିଛି।

## ଶିକ୍ଷାବିତ୍, ଉଦ୍ୟୋଗୀ ମୋହନ ରାଓଙ୍କ ପରଲୋକ

### ● ରାୟଗଡ଼ାରେ ଶୋକର ଛାୟା



ରାୟଗଡ଼ା, ୨୯।୧୨(ସମିସ): ରାୟଗଡ଼ା ଅଞ୍ଚଳରେ ସ୍ୱର୍ଗତ କୋନା ମୋହନ ରାଓ ଥିଲେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ବ୍ୟକ୍ତିତ୍ୱ। ରାୟଗଡ଼ା ଅଞ୍ଚଳକୁ ବିକାଶ କରିବା ତାଙ୍କର ଲକ୍ଷ୍ୟ ଥିଲା। ରାୟଗଡ଼ା ଅଞ୍ଚଳରେ ଶିକ୍ଷାକ୍ଷେତ୍ରରେ ହେଉ କି ବ୍ୟବସାୟିକ କ୍ଷେତ୍ରରେ ସେ ଥିଲେ ଦୂରଦୃଷ୍ଟି ଥିବା ବ୍ୟକ୍ତିତ୍ୱ। ସମୟ ବଢ଼ିବା ସହ ମୋହନ ରାଓଙ୍କ ରାୟଗଡ଼ା ପ୍ରତି ଅବଦାନ ବଢ଼ି ଚାଲିଲା। ରାୟଗଡ଼ା ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲା ଭାବରେ ପରିଚୟ ଥିଲେ ମଧ୍ୟ ଏହି ଅଞ୍ଚଳରେ ନିବେଶ କରି ସ୍ଥାନୀୟ ଯୁବକ ଯୁବତୀ ମାନଙ୍କୁ କିପରି ଭାବେ ନିଯୁକ୍ତି ଦିଆଯିବ ଏହା ଥିଲା ତାଙ୍କର ମୁଖ୍ୟ ଲକ୍ଷ୍ୟ। ଜଣେ ସାଧାରଣ ଲୋକ ପରି ଥିଲା ତାଙ୍କର ଜୀବନଚର୍ଯ୍ୟା। ରାୟଗଡ଼ା ଅଞ୍ଚଳର ଶିକ୍ଷା କ୍ଷେତ୍ରରେ ପଛୁଆ ଥିଲା ବେଳେ ସେ ନେଇଥିଲେ ଏକ ଯୁଗାନ୍ତକାରୀ ପଦକ୍ଷେପ। ଯାହାକି ଶିକ୍ଷାର ବିକାଶ ପାଇଁ ରାୟଗଡ଼ା ଅଞ୍ଚଳକୁ ଭେଟି ଦେଇଛନ୍ତି ଉନ୍ନତମାନର ଶିକ୍ଷା ପ୍ରଦାନ କରୁଥିବା ୨ ଟି ଶିକ୍ଷା ଅନୁଷ୍ଠାନ। ରିତମ୍ ଇଞ୍ଜିନିୟରିଂ କଲେଜ ଓ ଭାମସୀ ଏମବିଏ କଲେଜ। ଉନ୍ନତ ଚିନ୍ତାଧାରା ଦ୍ୱାରା ସେ ରାୟଗଡ଼ାରେ ଆରମ୍ଭ କରିଥିଲେ ଉନ୍ନତମାନର ହୋଟେଲ ଭମ୍ସି କ୍ରିଷ୍ଣା। ଲୋକଙ୍କ ମନୋରଞ୍ଜନ ପାଇଁ ବହୁ ପ୍ରେକ୍ଷାଳୟ ତାଙ୍କର ନିର୍ଦ୍ଦେଶରେ ଗଢ଼ି ଉଠିଥିଲା। କହିବାକୁ ଗଲେ ଜଣେ ବ୍ୟକ୍ତିତ୍ୱ ଭିତରେ ସେ ଥିଲେ ଅନେକ ଗୁଣର ଅଧିକାରୀ। ବହୁ ଲୋକ ମାନଙ୍କର ଆଶାର ଆଲୋକ ପାଲଟିଥିଲେ। ଗତ ୨୮ ତାରିଖରେ ଶ୍ରୀ ରାଓଙ୍କ ପରଲୋକ ଘଟିଛି। ସୂଚନା ଅନୁଯାୟୀ ସେ ଦୀର୍ଘ ଦିନ ଧରି ସେ ଯକୃତଜନିତ ରୋଗରେ ପୀଡିତ ଥିଲେ। ଗତ ୨୭ ତାରିଖ ସକାଳେ ତାଙ୍କ ଦେହ ଗୁରୁତର ହେବାରୁ ତାଙ୍କୁ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରାଯାଉଥିଲା। ଚିକିତ୍ସିତ ଅବସ୍ଥାରେ ତାଙ୍କର ପରଲୋକ ଘଟିଛି। ତାଙ୍କର ଶେଷ ସମୟରେ ତାଙ୍କ ଧର୍ମ ପତ୍ନୀ, ପୁତ୍ର ବଧୂ, ନାତି, ନାତୁଣୀ, ଝିଅ, ବୋହୂ ଓ ରାୟଗଡ଼ା ଅଞ୍ଚଳର ବିଶିଷ୍ଟ ଲୋକ ଉପସ୍ଥିତ ଥିଲେ। ଶେଷ ଯାତ୍ରାରେ ରାୟଗଡ଼ା ଅଞ୍ଚଳର ବିଭିନ୍ନ ସାମାଜିକ ଅନୁଷ୍ଠାନର ଲୋକମାନେ, ରାଜନୀତି ଦଳର ସଦସ୍ୟ ମାନେ ଓ ନିଜର ଅନୁଷ୍ଠାନର ସମସ୍ତ ସଦସ୍ୟ ଓ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ଶେଷ ସମୟରେ ପଥିକ ସାଜିଥିଲେ। ରାୟଗଡ଼ା ସହର ସ୍ଥିତ ସିରିଗୁଡ଼ା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଶ୍ରୀ ରାଓଙ୍କ ବିୟୋଗରେ ରାୟଗଡ଼ାରେ ଶୋକର ଛାୟା ଖେଳିଯାଇଛି।

## ପାରାଦ୍ୱୀପ ଫସ୍‌ଫେଟ୍ ପକ୍ଷରୁ ଚାଷୀଙ୍କୁ ମାର୍ଗଦର୍ଶନ କାର୍ଯ୍ୟକ୍ରମ

ଉମରକୋଟ, ୨୯।୧୨(ସମିସ): ପାରାଦୀପ ଫସ୍‌ଫେଟ ଲିମିଟେଡ଼ ପକ୍ଷରୁ ଚାଷୀଙ୍କୁ ମାର୍ଗ ଦର୍ଶନ କାର୍ଯ୍ୟକ୍ରମ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକର ଯୁଭି୧୧- ନାୟକଗୁଡା ଠାରେ ଅନୁଷ୍ଠିତ ହୋଇଥିଲା। ନବରଙ୍ଗପୁର ଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା ଭାବେ ପରିଗଣିତ। ଏଠାରେ ଶିଳ୍ପର କୌଣସି ଅସ୍ତିତ୍ୱ ନାହିଁ। ଅନ୍ୟପଟେ ଶତକଡା ୭୦ ଭାଗ ଲୋକ କୃଷି ଉପରେ ନିର୍ଭର କରନ୍ତି। ଏଠାକାର ମାଟି ଚାଷ ପାଇଁ ବେଶ ଉପଯୋଗୀ ହୋଇଥିବା ବେଳେ ରାସାୟନିକ ସାର ବ୍ୟବହାର କରିବା ଯୋଗୁଁ ମାଟିର ଉର୍ବରତା ଧୀରେ ଧୀରେ ନଷ୍ଟ ହେବାରେ ଲାଗିଛି। ତେଣୁ ଏହାକୁ ଦୃଷ୍ଟିରେ ରଖି ପାରାଦୀପ ଫସଫେଟ ଲିମିଟେଡ଼ କମ୍ପାନୀ ପକ୍ଷରୁ ଚାଷୀଙ୍କୁ ମାର୍ଗ ଦର୍ଶନ ପାଇଁ ଏକ କାର୍ଯ୍ୟକ୍ରମ ରଖା ଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦେଶ୍ୟ ହେଲା ଲୋକଙ୍କ ମନରେ ସଚେତନ ସୃଷ୍ଟି କରିବା ଓ ମାଟି ପରୀକ୍ଷା। ସନ୍ତୁଳିତ ସାର ଉପଯୋଗ, କମ୍ପାନୀ ପକ୍ଷରୁ ନାନୋଶକ୍ତି ନାନୋଡିଏପି, ନାଇଟ୍ରୋନିକ୍ ୩୨ ଏବଂ ଟିଏସପି ୪୬କୁ ବ୍ୟବହାର ବିଷୟରେ ଆଲୋଚନା ହୋଇଥିଲା। ଅଣୁ ସାର ନାନୋ ଡିଏପି, ନାନୋ ୟୁରିଆର ଉପକାରିତା ଏବଂ ତାର ବ୍ୟବହାର ଦ୍ୱାରା ଆଗାମୀ ଦିନରେ ମାଟିର ଉର୍ବରତାକୁ ସୁରକ୍ଷିତ ରଖିବାରେ ସକ୍ଷମ ହୋଇପାରିବ ବୋଲି କହିଛନ୍ତି। ଲୋକେ ଜମିରେ ପ୍ରଚୁର ପରିମାଣରେ ଦାନା ଜାତୀୟ ରାସାୟନିକ ସାର ବ୍ୟବହାର କରୁଛନ୍ତି। ଯାହାକି ଅନେକ ସମୟରେ ପର୍ଯ୍ୟାପ୍ତ ପରିମାଣରେ ମିଳିପାରୁନାହିଁ। ତେଣୁ ପାରାଦୀପ ଫସଫେଟ ପକ୍ଷରୁ କମ୍ ଦାମରେ ବିଭିନ୍ନ ପ୍ରକାର ସାର ଯୋଗାଇ ଦିଆଯାଉଛି। ଏହାର ବ୍ୟବହାର ଦ୍ୱାରା ଧାନ, ମକା ଓ ପନିପରିବା ଅଧିକ ଅମଳ ହୋଇପାରିବ ଓ ଚାଷୀ ମଧ୍ୟ ଅଧିକ ଲାଭବାନ ହୋଇପାରିବେ ବୋଲି କାର୍ଯ୍ୟକ୍ରମରେ




କମ୍ପାନୀ ପକ୍ଷରୁ ଯୋଗ ଦେଇଥିବା ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବରୁ ପିପିଏଲ ପକ୍ଷରୁ ଆସୁଥିବା ସାର ବ୍ୟବହାର କରିଥିବା ନିଖିଳ ମିସ୍ତ୍ରୀ, ତ୍ରିଭୁବନ ସାହୁ, ମନିମନ ରାୟ, ଯଗ ସାନ୍ତା, ଅନ୍ତ ସାନ୍ତା, ହେମନ୍ତ ରାଏଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଆଜିର କାର୍ଯ୍ୟକ୍ରମରେ ପିପିଏଲ ପକ୍ଷରୁ ରିଜିଓନାଲ ମ୍ୟାନେଜର ଅତୁଲ ପାଣ୍ଡେ, ମାର୍କେଟିଂ ଅଧିକାରୀ ଜ୍ୟୋତି ରଞ୍ଜନ ସିଂ, ଜୁନିଅର ଏଗ୍ରୋନୋମିଷ୍ଟ ସୁଧୀର କୁମାର ନାୟକ, ନୀଳମାଧାବ ସେଠୀ, ସାଜନ ସରକାର, ଲିଟୁ ପଣ୍ଡା, ସଞ୍ଜିତ ମଣ୍ଡଳଙ୍କ ସହ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

## ଗୁଡାରି: 'ପଲ୍ୟୁସନ ସାର୍ଟିଫିକେଟ୍' ପାଇଁ ଯିବାକୁ ପଡୁଛି ଗୁଣପୁର

ଗୁଡାରି, ୨୯।୧୨(ସମିସ): ଦିଲ୍ଲୀରେ ଏକ୍ୟୁଆଇ ୪୦୦ ପାର ପରେ ରାଜ୍ୟରେ ପଲ୍ୟୁସନ ନିୟନ୍ତ୍ରଣ କରିବା ପାଇଁ ସରକାର ଗାଡି ଚାଳକ ଉପରେ ନଜର ରଖିବା ସହ ପଲ୍ୟୁସନ ସାର୍ଟିଫିକେଟ୍ ନଥିଲେ ଗାଡିକୁ ପେଟ୍ରୋଲ୍ ଡିଜେଲ ମିଳିବ ନାହିଁ ବୋଲି ରାଜ୍ୟ ପରିବହନ ବିଭାଗ ଆଇନ ଲାଗୁ କରିଛନ୍ତି। ସହରରେ ପଲ୍ୟୁସନ ନିୟନ୍ତ୍ରଣ ଗାଡି ରହିଥିବା ଯୋଗୁଁ ସେଠାକାର ଗାଡି ଚାଳକ ସୁବିଧାରେ ସାର୍ଟିଫିକେଟ ପାଇପାରୁଛନ୍ତି। କିନ୍ତୁ ଗୁଡାରୀ ପରିଷଦରେ ଗୋଟିଏ ପଲ୍ୟୁସନ ସାର୍ଟିଫିକେଟ କରିବା ପାଇଁ କୌଣଣି ସୁବିଧା ନାହିଁ। ଏଣୁ ଗାଡି ଚାଳକ ଗୁଣପୁର ଯାଇ ସାର୍ଟିଫିକେଟ କରିବାକୁ ପଡୁଛି। ଅସୁବିଧା ଏହା ଯେ, ସାର୍ଟିଫିକେଟ କରିବା ପାଇଁ ଗୁଡ଼ାରୀ ଠାରୁ ଗୁଣପୁର ଯିବା ସମୟରେ ପ୍ରଦୁ୍ୟଷଣ ବିଭାଗର ଯାଞ୍ଚ ଚାଲିଥିଲେ, ଗାଡ଼ି ଚାଳକ ଜିଲ୍ଲା ପ୍ରଦୁ୍ୟଷଣ ବିଭାଗର ସମସ୍ୟା କହିବାକୁ ପଡୁଛ। ଅନ୍ୟପଟେ ଓଡ଼ିଶା ସରକାର ଗ୍ରାମାଞ୍ଚଳରେ ମଧ ପ୍ରଦୂଷଣ କରିବା ପାଇଁ ସଚେତନ କାର୍ଯ୍ୟକ୍ରମ କରିବା ଆବଶ୍ୟକତା ରହିଛି। ନଚେତ୍ ସମନ୍ୱୟର ଅଭାବରେ ସରକାର ଏବଂ ଚାଳକ ମଧ୍ୟରେ ଆଗାମୀ ଦିନରେ ଏହି ସାର୍ଟିଫିକେଟ ନେଇ ବିଭିନ୍ନ ସମସ୍ୟା ସୃଷ୍ଟି ହେବା ବଡ଼ କଥା ନୁହେଁ। ଏଥିପ୍ରତି ଦୃଷ୍ଟି ଦେବା ସହ ପଲ୍ୟୁସନ ସାର୍ଟିଫିକେଟ ଗାଡିର ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ଗାଡି ଚାଳକ ଦାବି କରିଛନ୍ତି।



## ଅଣ୍ଡ୍ରାହାଲରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ମାଲକାନଗିରି, ୨୯ ।୧୨(ସମିସ): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ବଣ୍ଡାଘାଟି ସ୍ଥିତ ଅଣ୍ଡ୍ରାହାଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସୋମବାର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର ଓ ଚିତ୍ରକୋଣ୍ଡା ଏସ୍‌ଡିପିଓ ପ୍ରଦୋଷ ପ୍ରଧାନ ଉପସ୍ଥିତ ରହି ସମୁଦାୟ ୪୮ ଗୋଟି ଅଭିଯୋଗ ର ଶୁଣାଣି କରିଥିଲେ। ତନ୍ମଧ୍ୟରୁ ୨୯ ଟି ବ୍ୟକ୍ତିଗତ ଓ ୧୯ ଟି ଗ୍ରାମ୍ୟ ସମସ୍ୟା ରହିଥିଲା। ଶିବିରରେ ତୁରନ୍ତ ୩ଟି ଅଭିଯୋଗର ସମାଧାନ କରାଯାଇଥିଲା। ଏହି ଶିବିରରେ ଆବାସ, ବାର୍ଦ୍ଧକ୍ୟ ଭତ୍ତା, ବିଦ୍ୟାଳୟ ଭିତ୍ତିଭୂମି ସମ୍ବନ୍ଧୀୟ ଅଭିଯୋଗର ଶୁଣାଣୀ ହୋଇଥଲା। ବିଭିନ୍ନ ଯୋଜନାର ହାତ ପାହାନ୍ତା ରେ ସେବା ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କ୍ୟାମ୍ପ ଆୟୋଜନ କରାଯାଇଥିଲା। ଏହି କ୍ୟାମ୍ପରେ ଶ୍ରମ କାର୍ଡ, ରାସନ୍ କାର୍ଡ, ଜଙ୍ଗଲ ଜମି ପଟ୍ଟା, ଆଧର ଅପ୍‌ଡେଟ ଓ କୃଷକ ପଞ୍ଜୀକରଣ ଇତ୍ୟାଦି ସେବା ଯୋଗାଇ ଦିଆଯାଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଡିଓ ଓ ତହସିଲଦାରମାନେ ଉପସ୍ଥିତ ଥିଲେ।

## ଜିଲ୍ଲା ଫାର୍ମାସୀ ସଂଘର ବାର୍ଷିକ ଉତ୍ସବ




ବିଷମ କଟକ, ୨୯।୧୨(ସମିସ): ରାୟଗଡ଼ା ଜିଲ୍ଲାର କର୍ମରତ ଫାର୍ମାସୀ ଅଫିସର ସଂଘର ଦ୍ୱିତୀୟ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ସହ ସ୍ଥାନୀୟ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ଉପସଭାପତି ଅଶ୍ୱିନୀ କୁମାର ରାଉତଙ୍କ ସଭାପତିତ୍ୱରେ ଦ୍ୱିତୀୟ ବାର୍ଷିକ ଉତ୍ସବ ଆରମ୍ଭ ହୋଇଥିଲା। ଦୀର୍ଘ ୩୯ ବର୍ଷ ପରେ ପ୍ରଥମ ଥର ଫୋର୍ମାସିଷ୍ଟଙ୍କ ପଦୋନ୍ନତି ହୋଇଥିବାରୁ ସଂଘ ପକ୍ଷରୁ ସରକାରଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଚଳିତ ମାସରେ ରାଜ୍ୟରେ ୧୦୭୮ ଜଣ ଫାର୍ମାସୀ ଅଫିସର ପଦୋନ୍ନତି ପାଇଁ ବରିଷ୍ଠ ଫାର୍ମାସୀ ଅଫିସର ଭାବେ ନିଯୁକ୍ତି ପାଇଛନ୍ତି। ଏଥିରେ ରାୟଗଡ଼ା ଜିଲ୍ଲାର ମୋଟ ୩୨ ଜଣ ପଦୋନ୍ନୀତି ପାଇ ଜିଲ୍ଲା ତଥା ଜିଲ୍ଲା ବାହାରେ ନିଯୁକ୍ତି ପାଇଛନ୍ତି। ପ୍ରଥମ ଗ୍ରେଡ଼ସନ ତାଲିକା ଓ ପରେ ପରେ ପଦୋନ୍ନତି ତାଲିକା ପ୍ରକାଶ ପାଇଥିବାରୁ ସମସ୍ତ ସଦସ୍ୟ ରାଜ୍ୟ ନେତୃତ୍ୱ ବୃନ୍ଦଙ୍କୁ ସଂଘ ତରଫରୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଚଳିତ ଅକ୍ଟୋବର ଓ ନଭେମ୍ବର ମାସରେ ନବ ନିଯୁକ୍ତି ପାଇଥିବା ୨୦ ଜଣ ଫାର୍ମାସୀ ଅଫିସର ଙ୍କୁ ସଂଘ ତରଫରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଏହା ସହିତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା, କର୍ମଚାରୀ ଅଭାବ. ଦରମାରେ ଅସଂଗତି ବିଷୟରେ ସରକାରଙ୍କୁ ଅବଗତ କରାଯାଇଛି। ସଭା ଶେଷରେ ରାୟଗଡ଼ା ଜିଲ୍ଲାରୁ ବାହାର ଜିଲ୍ଲାକୁ ପଦୋନ୍ନତି ପାଇଁ ଯାଇଥିବା ବରିଷ୍ଠ ଫାର୍ମାସୀ ଅଫିସରଙ୍କୁ ଉପଢୌକନ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ସମ୍ପାଦକ ସନ୍ତୋଷ କୁମାର ପାତ୍ର, କୋଷାଧ୍ୟକ୍ଷ ଜଗନ୍ନାଥ ନାୟକ, ସମ୍ପାଦକ ପ୍ରମୋଦ କୁମାର ସାହୁ, ସହ ସମ୍ପାଦକ ଲକ୍ଷ୍ମଣ ବାଗ ଓ ସଂଗଠନ ସମ୍ପାଦକ ହରିହର ଭୁଇଁ ଉପସ୍ଥିତି ଥିଲେ।

### ● କୁମ୍ଭାରଗୁଡ଼ାରେ ମା' ଗାୟତ୍ରୀ ପଞ୍ଚକୁଣ୍ଡୀୟ ମହାଯଜ୍ଞ

## ଶୁଭୁଛି ଗାୟତ୍ରୀ ମନ୍ତ୍ରଧ୍ୱନୀ, ଭକ୍ତିମୟ ପରିବେଶ

କୋରୁକୋଣ୍ଡା, ୨୯ ।୧୨(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ସଦର ଗ୍ରାମପଞ୍ଚାୟତ କୁମ୍ଭାରଗୁଡା ଗ୍ରାରେ ଗତ କାଲିଠାରୁ ମା' ଗାୟତ୍ରୀ ପଞ୍ଚ କୁଣ୍ଡୀୟ ମହାଯଜ୍ଞ ଆରମ୍ଭ ହୋଇଛି। ଗତକାଲି ଦିବା ୧୧ ଘଟିକା ସମୟରେ ଅଞ୍ଚଳର ଶତାଧିକ ମହିଳା ପୁରୁଷ ଶୋଭାଯାତ୍ରାରେ ଆସି କୋରୁକୋଣ୍ଡା ନିକଟ ଜଳେଶ୍ୱର ଘାଟରୁ ଜଳ ଉଠାଇ କଳସ ଯାତ୍ରା ମାଧ୍ୟମରେ ଯାଇ ଯଜ୍ଞ ମଣ୍ଡପରେ ସ୍ଥାପନା କରିଥିଲେ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଭକ୍ତଙ୍କ ନିମନ୍ତେ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିବା ବେଳେ ସନ୍ଧ୍ୟାରେ ଆଡ଼ମୁଣ୍ଡାରୁ ଆସିଥିବା ଗାୟତ୍ରୀ ପରିବାର ପ୍ରବଚକ ରୁକଧର କୁମ୍ଭାରାଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିଲା। ଆଜି ପ୍ରାତଃ ସମୟରେ ମଣ୍ଡପ ସାଜସଜା କରିବା ସହତ ଯଜ୍ଞ କାର୍ଯ୍ୟ ଆରମ୍ଭ କାରାଯାଇଥିଲା। ଆଜି ମଧ ଭକ୍ତଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ସନ୍ଧ୍ୟାରେ ପ୍ରବଚନ ସହିତ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହେବାର ଦେଖିବାକୁ ମିଳିଥିଲା। କୁମ୍ଭାରଗୁଡ଼ାର ପ୍ରାୟ ୯ ପରିବାର ଗାୟତ୍ରୀ ଦୀକ୍ଷାରେ ଦୀକ୍ଷିତ ହୋଇଥିବା ବେଳେ ଆଗାମୀ ଦିନରେ ଆହୁରି ଅଧିକ ପରିବାର ମା' ଗାୟତ୍ରୀଙ୍କ ପରିବାରରେ ଯୋଗ ଦେବେ ବୋଲି ପରିବାରର ସୋମନାଥ କୁମ୍ଭାର, ଦଶରଥ ହାଲବା, ଜୟମାଡ଼କାମୀ, ଲକ୍ଷ୍ମଣ ଗୌଡ଼, ମଙ୍ଗଳା କୁମ୍ଭାର, ସମାରୀ କୁମ୍ଭାର, ଶାନ୍ତି ଗୌଡ଼, ତ୍ରିନାଥ ଗୌଡ଼, ମଲି ହାଲବା କହିଥିଲେ। ଏହି କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ବିଧାୟକ ମଙ୍ଗୁ ଖିଲ, ଗୋବିନ୍ଦ ପାତ୍ରଙ୍କ ସମେତ ଅଞ୍ଚଳର ବହୁ ଭକ୍ତଙ୍କ ସମାଗମ ହୋଇଥିଲା।



## ଜିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର

କୋରାପୁଟ, ୨୯।୧୨(ସମିସ): ସ୍ଥାନୀୟ ସଦ୍‌ଭାବନା ସଭାଗୃହରେ ଜିଲ୍ଲା ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ମୋଟ ୨୮ ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିରେ ଗୋଷ୍ଠୀଗତ ଭାବେ ୮ ଗୋଟି ଏବଂ ବ୍ୟକ୍ତିଗତ ୨୦ଟକୁ ମିଶାଇ ମୋଟ ୨୮ ଅଭିଯୋଗର ଶୁଣାଣି କରାଯାଇଥିଲା। ଏସ୍‌ପି ରୋହିତ ବର୍ମା, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାୟକ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲ, ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, କୋରାପୁଟ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ସ୍ନେହପ୍ରଭା ମାଝୀ, କୋରାପୁଟ ତହସିଲଦାର ସୟଦ ସବିର ସାହା, କୋରାପୁଟ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଧାରାଣୀ ସରକାର ପ୍ରମୁଖଙ୍କ ସହ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। କୋରାପୁଟ ବ୍ଲକର ହିତାଧିକାରୀ ମାନଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। କୋରାପୁଟ ବିଡିଓ ଦେବାଶିଷ ଗୌଡ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଭତ୍ତା ଅପେକ୍ଷାରେ ଦୁଇ ବୃଦ୍ଧା




ନନ୍ଦପୁର, ୨୯।୧୨ (ସମିସ): ବୃଦ୍ଧ ଓ ବୃଦ୍ଧାଙ୍କ ସାମାଜିକ ସୁରକ୍ଷା ପାଇଁ ସରକାର ବିଭିନ୍ନ ଯୋଜନା ଆଣିଥିଲେ ମଧ୍ୟ ଏହାର ସଠିକ ଲାଭ ଯୋଗ୍ୟ ଲୋକଙ୍କ ପାଖରେ ପହଞ୍ଚିପାରୁନଥିବା ଅଭିଯୋଗ ପୁନର୍ବାର ସାମ୍ନାକୁ ଆସିଛି। କୋରାପୁଟ ଜିଲ୍ଲା ଲମତାପୁଟ ବ୍ଲକ ନନ୍ଦପୁର ଥାନା ଅଧୀନ ବନମାଳିପୁଟ ପଞ୍ଚାୟତର ଗାଦିଆଝୋଲା ଗ୍ରାମରେ ଦୁଇଜଣ ବୟସ୍କା ମହିଳା ଫୁଲମତି ମାଳି ଓ ଗୋରୀମଣି ନାୟକ ଏହାର ଜ୍ୱଳନ୍ତ ଉଦାହରଣ। ୬୧ ବର୍ଷ ବୟସ ହେଲେ ମଧ ଏହି ଦୁଇଜଣ ବୟସ୍କା ମହିଳାଙ୍କୁ ଆଜି ପର୍ଯ୍ୟନ୍ତ ନା ବାର୍ଦ୍ଧକ୍ୟ ଭତ୍ତା ମିଳିଛି, ନା ଉଦ୍ଦିଷ୍ଟ ଆବାସ ଯୋଜନାର ସୁବିଧା। ସେମାନେ ପେନ୍‌ସନ ପାଇଁ ଅନ୍‌ଲାଇନ ଆବେଦନ କରିଥିଲେ ମଧ୍ୟ କୌଣସି ଫଳାଫଳ ମିଳିନଥିବାରୁ ନିରାଶ ହୋଇପଡ଼ିଛନ୍ତି। ଭତ୍ତା ଓ ଆବାସ ପାଇଁ ବାରମ୍ବାର ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଧାଇଁଧାଇଁ ଶେଷରେ ସେମାନେ ଦୁଃଖରେ ଭାଙ୍ଗି ପଡ଼ିଥିବା ଜଣାପଡ଼ିଛି। ଏହି ବିଷୟରେ ସ୍ଥାନୀୟ ସରପଞ୍ଚ ଓ ପିଇଓଙ୍କୁ ଅବଗତ କରାଯାଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ଗୋରୀମଣି ନାୟକଙ୍କ ପରିବାର ଅଭିଯୋଗ କରିଛନ୍ତି। ଦୁଃଖର ବିଷୟ ହେଉଛି, ପଞ୍ଚାୟତ କାର୍ଯ୍ୟାଳୟରୁ ମାତ୍ର ୪ କିଲୋମିଟର ଦୂରରେ ବସବାସ କରୁଥିବା ସତ୍ତ୍ୱେ ଏହି ଦୁଇ ପରିବାର ମୌଳିକ ସରକାରୀ ସୁବିଧାରୁ ବଞ୍ଚିତ ରହିଛନ୍ତି। ଏହା ସରକାରୀ ଯୋଜନାର ରୂପାୟନ ଓ ପ୍ରଶାସନିକ ଅବହେଳା ଉପରେ ପ୍ରଶ୍ନ ଉଠାଉଛି। ବିଡିଓ ଜୟନ୍ତ ମେହେର ଏ ବିଷୟରେ ତୁରନ୍ତ ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନିଆଯିବ ବୋଲି ମନ୍ତବ୍ୟ ଦେଇଛନ୍ତି। ଏଭଳି ଅସହାୟ ଲୋକଙ୍କୁ ନ୍ୟାୟ ପ୍ରଦାନ କରିବା ଲାଗି ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦା ସରକାରଙ୍କୁ ଅନୁରୋଧ କରିଛନ୍ତି।

### ଶୂଳିଆ ଘାଟି ଅଙ୍କାବଙ୍କା ରାସ୍ତାକୁ ସଳଖ କରିବାକୁ ଦାବି

## ମାତ୍ର ୩୦୦ମିଟରର ରାସ୍ତାରେ ରହିଛି ୫ରୁ ଅଧିକ ବୁଲାଣି

କୋରୁକୋଣ୍ଡା, ୨୯ ।୧୨ (ସମିସ)



କୋଟି କୋଟି ଟଙ୍କା ଖର୍ଚ୍ଚ କରି ଭଲ ରାସ୍ତା ଉପରେ ପୁଣି ପିଚୁ ଢାଳି ନୂତନ ରାସ୍ତା ନିର୍ମାଣ ବେଳେ ଦୁର୍ଘଟଣା ଘଟୁଥିବା ସ୍ଥାନକୁ ଗୁଡିକୁ ଚିହ୍ନଟ କରି ବାଙ୍କ ରାସ୍ତାକୁ କାଟି ସିଧା କଲା ନାହିଁ ପ୍ରଶାସନ। ଫଳରେ ସାଧାରଣରେ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ବର୍ଷେରୁ ଅଧିକ ସମୟ ହେବ ମାଲକାନଗିରି ସ୍ଥିତ ଆରଏଣ୍ଡବି ବିଭାଗ ପକ୍ଷରୁ ମାଲକାନଗିରି-ବାଲିମେଳା ମୁଖ୍ୟ ରାସ୍ତାର ସ୍ଥାନେ ସ୍ଥାନେ ନୂଆ କରି ପିଚୁ ଢାଳି, ଘାଟି ଥିବା ରାସ୍ତାକୁ କାଟି ସମତୁଲ କରିବା ଏବଂ ଦୁର୍ଘଟଣା ଘଟୁଥିବା ଘାଟି ଗୁଡ଼ିକ କାଟି ସିଧା କରିବା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ କୋରୁକୋଣ୍ଡା ନିକଟସ୍ଥ ଶୂଳିଆ କଲୋନୀ ଶିବ ମନ୍ଦିର ନିକଟରୁ ନାୟକଗୁଡା ଛକ ପର୍ଯ୍ୟନ୍ତ ରହିଥିବା ଶୂଳିଆ ଘାଟିର ଅଙ୍କାବଙ୍କା ହୋଇଥିବା ରାସ୍ତା କାଟିବାକୁ ଭୁଲିଗଲା ବିଭାଗ। ଗତ ୯ ମାସ ତଳେ ଏହି ଶୂଳିଆ ଘାଟିର ମୁଖ୍ୟ ରାସ୍ତା ଉପରେ ଆରଏଣ୍ଡବି ବିଭାଗ ପକ୍ଷରୁ ନୂଆ କରି ପିଚୁ ପଡ଼ିଥିଲା। କିନ୍ତୁ ରାସ୍ତାଟିରୁ ପିଚୁ ନ ଉଠି ରାସ୍ତାଟି ଭଲ ରହିଥିବାବେଳେ ୫ ଦିନ ତଳେ ଉକ୍ତ ଘାଟି ରାସ୍ତା ଉପରେ ବିଭାଗ ପକ୍ଷରୁ ନୂଆ କରି ପିଚୁ ଢଳାଇ ହୋଇ ନୂତନ ରାସ୍ତା ନିର୍ମାଣ କରାଯାଇଥିବା ଦେଖିବାକୁ ମିଳୁଛି। ଘାଟି ରାସ୍ତା ସିଧା ହେଉ ନଥିବାରୁ ବିଭାଗ ଏପରି ନିଜ ମନମୁତାବକ କାର୍ଯ୍ୟ କରୁଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ମାଲକାନଗିରି ଜିଲ୍ଲା ସଦର ମହକୁମାକୁ ଏହି ଗୋଟିଏ ହିଁ ମୁଖ୍ୟ ରାସ୍ତା ରହିଥିବା ହେତୁ ଶୂଳିଆ ଘାଟି ରାସ୍ତାରେ ଦୈନିକ ଶହ ଶହ ଗାଡି ଯାତାୟତ କରିଥାଏ। ଦୈନିକ ଜିଲ୍ଲା ସ୍ତରୀୟ ବହୁ ଅଧିକାରୀ ମାନେ ମଧ୍ୟ ବାଲିମେଳା,

### ପ୍ରତିବର୍ଷ ଯାଉଛି ଅନେକ ଜୀବନ

କୁଡୁମୁଲୁଗୁମ୍ମା ତଥା ଚିତ୍ରକୋଣ୍ଡାର ସ୍ୱାଭିମାନ ଅଞ୍ଚଳ ଗସ୍ତରେ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି। ତେବେ କୌଣସି ପ୍ରଶାସନିକ ଅଧିକାରୀ ମାନଙ୍କ ନଜର ପଡୁ ନଥିବା ହେତୁ ଏପରି ବହୁ ଦୁର୍ଘଟଣାର ଶିକାର ହେଉଛନ୍ତି ବାଇକ ଚାଳକ ଏବଂ ଅନେକ ମୃତାହତ ଘଟଣା ଘଟିଛି। ଘାଟି ରାସ୍ତାର ଏ କଡ଼କୁ ସେ କଡ ଆଦୌ ଦେଖା ଯାଉ ନଥିବା ହେତୁ ବହୁ ସମୟରେ ବାଇକ୍ ଚାଳକ ମାନେ ଦୁର୍ଘଟଣାର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ତୁରନ୍ତ ଆରଆଣ୍ଡବି ବିଭାଗ ପକ୍ଷରୁ ଏହି ଘାଟିର ଅଙ୍କାବଙ୍କା ରାସ୍ତାକୁ କାଟି ସିଧା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଆମେ ବିଭାଗୀୟ ଏସ୍‌ଡିଓ ମକର୍ଷଣ ବେହେରାଙ୍କୁ ପଚାରିବାରୁ ଉକ୍ତ ଘାଟିରେ ଥିବା ଜଙ୍ଗଲ ବନ ବିଭାଗ ଅଧୀନରେ ରହିଛି, ତେଣୁ ତାହା କାଟି ସିଧା ରାସ୍ତା ନିର୍ମାଣ କରିବା ସମ୍ଭବପର ନାହିଁ। ଘାଟି ରାସ୍ତାର ଉଭୟ ପଟ ଦୃଶ୍ୟମାନ ନିମନ୍ତେ ବିଭାଗ ପକ୍ଷରୁ ମିରର ଲଗାଯିବା ସହ ଦୁର୍ଘଟଣା ପ୍ରବଣ ସ୍ଥାନର ଫଳକ ଲଗାଇ ପିଚୁ ରାସ୍ତାର ଦୁଇ କଡରେ ଓସାରିଆ ଭାବେ ପେଭର ବ୍ଲକ ରାସ୍ତା ନିର୍ମାଣ କରାଯିବ ବୋଲି ସେ ସୂଚନା ଦେଇଥିଲେ।

## ରାସ୍ତାକଡ଼ରୁ ଅଚେତ ବୃଦ୍ଧାଙ୍କୁ ଉଦ୍ଧାର କରି ଚିକିତ୍ସା କଲେ ଶସ୍ୟଜ୍ୟୋତି



ରାୟଗଡ଼ା, ୨୯।୧୨(ସମିସ): ରାୟଗଡ଼ା ସହର ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସାହି ରାସ୍ତା କଡ଼ରେ ଜଣେ ଅନାଥ ବୃଦ୍ଧା ପ୍ରାୟ ଏକ ଘଣ୍ଟା ଧରି ଅଚେତ ଅବସ୍ଥାରେ ପଡ଼ି ରହିଥିଲେ। ସମସ୍ତେ ଦେଖୁଥିଲେ, କିନ୍ତୁ କେହି ତାଙ୍କୁ ସହାୟତା କରି ନଥିଲେ। ଏହି ସମୟରେ ମାନବିକତାର ପରିଚୟ ଦେଇ ବଜରଙ୍ଗ ଦଳ ଜିଲ୍ଲା ସହ ସଂଯୋଜକ ଶସ୍ୟଜ୍ୟୋତି ବେହେରା ତୁରନ୍ତ ଏକ ଅଟୋ ଡାକି ବୃଦ୍ଧା ମହିଳାଙ୍କୁ ମେଡିକାଲକୁ ନେଇ ତାଙ୍କର ଚିକିତ୍ସା ବ୍ୟବସ୍ଥା କରାଇଥିଲେ। ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ପରେ ବର୍ତ୍ତମାନ ବୃଦ୍ଧା ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସୁସ୍ଥ ରହିଛି। ଶସ୍ୟଜ୍ୟୋତି ବେହେରା କହିଛନ୍ତି ଯେ, ବୃଦ୍ଧା ମହିଳା ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାଙ୍କୁ କୌଣସି ବୃଦ୍ଧ ଆଶ୍ରମରେ ଭର୍ତ୍ତି କରିବା ପାଇଁ ପ୍ରୟାସ କରାଯିବ।

### ସରକାରୀ ଏବଂ ଜଙ୍ଗଲ ଜମିକୁ କବ୍‌ଜା କରି ଗୃହ ନିର୍ମାଣ

# ୨୧ ପଶ୍ଚିମବଙ୍ଗ ବାସିନ୍ଦାଙ୍କୁ ଜୟପୁର ଛାଡ଼ିବାକୁ ନିର୍ଦ୍ଦେଶ

ଜୟପୁର, ୨୯ ।୧୨(ସମିସ)

ଜୟପୁର ସହର ଏବଂ ଆଖାପାଖ ଗ୍ରାମାଞ୍ଚଳରେ ବଙ୍ଗଳାଦେଶର ବାସିନ୍ଦା ଫେରିବାଲା ମାନେ ବିଭିନ୍ନ ବାଇକ୍‌ରେ ସାମଗ୍ରୀ ବିକ୍ରି କରିବା ସହ ଏଠାରେ ବିଭିନ୍ନ ସ୍ଥାନରେ ଭଡା ରହୁଥିବା ନେଇ ଅଭିଯୋଗ ହେଉଥିଲା। ଜୟପୁର ସଦରଥାନା ଟାଙ୍ଗୁଆ ଗ୍ରାମପଞ୍ଚାୟତର ବାମୁଣି ଗାଁଠାରେ ସରକାରୀ ଜମି ଏବଂ ଜଙ୍ଗଲ ଜମିକୁ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକେ ଜବରଦଖଲ କରି ଗୃହ ନିର୍ମାଣ କରିବା ସହ ବଙ୍ଗଳାଦେଶୀଙ୍କୁ ଭଡାରେ ଦେଇଥିବା ନେଇ ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ କରିଥିଲେ। ଗତ ଗୁରୁବାର ସଦରଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ପରିଚୟ ପତ୍ର ଯାଞ୍ଚ କରିଥିଲେ। ଏଥିରେ ପଶ୍ଚିମବଙ୍ଗର ମେଦିନାପୁର ଏବଂ କୋଲକାତା ଅଞ୍ଚଳର ପ୍ରାୟ ୧୬ ଜଣଙ୍କୁ ଠାବ କରାଯାଇଛି। ଏହି ବ୍ୟକ୍ତି ମାନେ ସ୍ଥାନୀୟ ଜଣେ ନାବାଳିକାଙ୍କୁ ଦୁର୍ବ୍ୟବହାର କରୁଥିବା ଅଭିଯୋଗ



ପରେ ପୁଲିସ ଏହି ଯାଞ୍ଚ ପ୍ରକିୟା ଆରମ୍ଭ କରିଛି। ସମସ୍ତେ ବାହାର ରାଜ୍ୟର ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ହୋଇଥିବା ବେଳେ ଅଧିକାଂଶଙ୍କ ଆଧାରକାର୍ଡ ନଥିଲା। ପୁରାତନ ଭୋଟ ପରିଚୟପତ୍ର ଦେଖାଇ ସେମାନଙ୍କ ପରିଚୟ ଦେଉଛନ୍ତି। କିନ୍ତୁ ଉକ୍ତ ପୁରାତନ ଭୋଟ ପରିଚୟପତ୍ର ମଧ୍ୟ ସନ୍ଦେହଜନକ ରହିଥିବା ଯୋଗୁଁ ଏହି ବ୍ୟକ୍ତି ମାନେ ବଙ୍ଗଳାଦେଶୀ ହୋଇଥିବା ଆଶଙ୍କା କରାଯାଇଛି। ତେଣୁ ଏଠାରେ ଆଇନଶୃଙ୍ଖଳା ବ୍ୟବସ୍ଥା ବିଗିଡିବା ଆଶଙ୍କା ନେଇ ସ୍ଥାନୀୟ ସଦରଥାନା ପୁଲିସ ସେମାନଙ୍କୁ ଜୟପୁର ଛାଡି ନିଜ ନିଜ ଅଞ୍ଚଳକୁ ଚାଲିଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହିପରି ବାମୁଣିଗାଁ ଆଇନ ମହାବିଦ୍ୟାଳୟ ପଛପାଖରେ ରହିଥିବା ସରକାରୀ ଓ ଜଙ୍ଗଲଜମିକୁ ଏକ ନିର୍ଦ୍ଦିଷ୍ଟ ବାହାର ରାଜ୍ୟରୁ ଆସିଥିବା ଲୋକମାନେ ଜବରଦଖଲ କରିଥିବା ଅଭିଯୋଗ ନେଇ ଜୟପୁର ତହସିଲଦାର ସବ୍ୟସାଚୀ ଜେନା ଘଟଣାସ୍ଥଳରୁ ଯାଇ ଯାଞ୍ଚ କରିବା ସହ ଆସନ୍ତା ୪ ଦିନ ମଧ୍ୟରେ ଜମିର ସମ୍ପୂର୍ଣ୍ଣ ବିବରଣୀ ଦେବାକୁ ଉକ୍ତ ଅଞ୍ଚଳର ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହିପରି ଉକ୍ତ ଜବରଦଖଲ ଜମିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କିଛି ବାହାର ରାଜ୍ୟରୁ ଆସିଥିବା ଲୋକ ସାମିଲ ହୋଇ ଗୃହ ନିର୍ମାଣ କରିଥିବା ସହିତ ବାହାର ଲୋକଙ୍କୁ ଭଡ଼ାରେ ପ୍ରଦାନ କରିଥିବା ଅଭିଯୋଗ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସେହିପରି ବାହାର ରାଜ୍ୟରୁ ଆସିଥିବା ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଲୋକମାନେ ସ୍ଥାନୀୟ ଜଣେ ଯୁବତୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ପରେ ସ୍ଥାନୀୟ ବାସିନ୍ଦା ମାନେ ଉତ୍ୟକ୍ତ ହୋଇ ଥାନା ଏବଂ ତହସିଲଦାରଙ୍କ ନିକଟରେ ଅଭିଯୋଗ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

### ଜୟପୁରରେ ଅବିଭକ୍ତ କୋରାପୁଟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା

## ରାୟଗଡ଼ାର ବି.ସାଇ ହେଲେ ମିଷ୍ଟର କୋରାପୁଟ

ରାୟଗଡ଼ା, ୨୯।୧୨(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହର ସ୍ଥିତ ଦଶହରା ପଡ଼ିଆଠାରେ ରବିବାର ଆୟୋଜିତ ଅବିଭକ୍ତ କୋରାପୁଟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତାରେ ରାୟଗଡ଼ାର ବି.ସାଇ ମିଷ୍ଟର ଅବିଭକ୍ତ କୋରାପୁଟ ଚାମ୍ପିଆନ୍ ହୋଇଛନ୍ତି। ତାଙ୍କର ଏହି ସଫଳତାକୁ ନେଇ ରାୟଗଡ଼ାର ଜିଲ୍ଲା କୋଣ ଅନୁକୋଣରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ଜୟପୁର ସ୍ଥିତ ମଧୁ ଜିମ୍ ଅନୁଷ୍ଠାନର ସଭାପତି ଜିତୁ ଖରାଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ରଘୁରାମ ମାଛ, ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ପୂର୍ବତନ ବିଧାୟକ ରଘୁରାମ ପଡ଼ାଲ, ଜୟପୁର ପୌରାଧକ୍ଷ ନରି ମହାନ୍ତି, ଭାଜପା ବରିଷ୍ଠ ନେତା ହିମାଂଶୁ ମହାପାତ୍ର, ଆଇନଜୀବୀ ଜୟପୁର ଆରତୀ ମହାନ୍ତି, କୋରାପୁଟ ବଡି ବିଲ୍ଡିଂ ସଂଘ ସଭାପତି ମନୋଜ ଆଚାର୍ଯ୍ୟ ଉପସ୍ଥିତ ଥିବା ବେଳେ ମୁଖ୍ୟ ବିଚାରକ ଭାବେ ଓଡ଼ିଶା ବଡି ବିଲ୍ଡିଂ ଆସୋସିଏସନର କାର୍ଯ୍ୟକାରୀ ସଭାପତି ସଞ୍ଜୟ ଶତପଥି ଏବଂ ରାଜ୍ୟ କାର୍ଯ୍ୟକାରୀ ସଭ୍ୟ ଶିବରାମ ମହାରଣା ମୁଖ୍ୟ ବିଚାରକ ଭାବେ ଉପସ୍ଥିତ ରହିଥିଲେ। ଅବିଭକ୍ତ କୋରାପୁଟ ଜିଲ୍ଲାର ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲାରୁ ୮୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଆଉ ଏହି ପ୍ରତିଯୋଗିତାରେ ରାୟଗଡ଼ାର ବି.ସାଇ ସାମଗ୍ରୀକ ଭାବରେ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନ କରି ମିଷ୍ଟର ଅନ୍ ଡିଭାଇଡେଡ୍ କୋରାପୁଟ ଚାମ୍ପିଆନ ହାସଲ କରିଛନ୍ତି। ସେହିପରି ଜୟପୁର ସହରର ଦେବ ମାଝି ୫୫-୬୦କେଜି ବର୍ଗରେ ସଫଳତା ହାସଲ କରିଥିବା ବେଳେ ରାୟଗଡ଼ାର ରୋହିତ କୁମାର ପାଢ଼ୀ ୬୦କେଜି ବର୍ଗରେ ଚତୁର୍ଥ, ସାଇଦ କଲିଙ୍ଗ ୫୫କେଜି ବର୍ଗରେ ତୃତୀୟ, ଟି.ରାମକୃଷ୍ଣ ଓ ଅଜୟ ପେଦେଣ୍ଟି ୭୫କେଜି ବର୍ଗରେ ତୃତୀୟ, ଲିଲୁ ମହାନନ୍ଦିଆ ୫୫କେଜି ବର୍ଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ।

ଏହି ପ୍ରତିଯୋଗିତାରେ ରାୟଗଡ଼ା ବିଡି ବିଲ୍ଡିଂ ସଂଘର ସମ୍ପାଦକ ମନୋରଞ୍ଜନ ଶତପଥି, ଟିମ୍ ଲିଡର ଭାବେ ପ୍ରତାପ ସ୍ୱାଇଁ, ମିଥୁନ୍ ଦଳେଇ, ସେକ ସର୍କିଲ ଯୋଗଦାନ କରି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ବଡି ବିଲ୍ଡିଂ କ୍ଷେତ୍ରରେ ଏଭଳି ପ୍ରତିଯୋଗୀତାରେ ସଫଳତା ପାଇ ଜିଲ୍ଲାକୁ ଗୌରବ ଆଣୁଥିବା ଖେଳାଳୀମାନଙ୍କୁ ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାର ଯଦି ଅଧିକ ପ୍ରୋତ୍ସାହନ ଦିଅନ୍ତି ତେବେ ଖେଳାଳୀମାନେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଜିଲ୍ଲା, ରାଜ୍ୟ ଓ ଦେଶର ନାମକୁ ଗୌରବାନ୍ୱିତ କରିପାରିଥାନ୍ତେ ବୋଲି ସମ୍ପାଦକ ଶ୍ରୀ ଶତପଥି ପ୍ରକାଶ କରିଛନ୍ତି।



## ଗ୍ରାମ୍ୟ ଉନ୍ନୟନ ସଚିବଙ୍କ ଉତ୍କଳ ଆଲୁମିନା ସିଏସଆର୍ ପ୍ରକଳ୍ପ ପରିଦର୍ଶନ

ରାୟଗଡ଼ା, ୨୯।୧୨(ସମିସ): ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ଏହାର ସିଏସଆର୍ ଅନ୍ତର୍ଗତ ଚାଲିଥିବା ପ୍ରକଳ୍ପ ଗୁଡ଼ିକୁ ଆଜି ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ସଚିବ ୟାମିନି ଷଡ଼ଙ୍ଗୀ ପରିଦର୍ଶନ କରିଛନ୍ତି। ଶ୍ରୀମତୀ ଷଡ଼ଙ୍ଗୀଙ୍କ ଗସ୍ତ ସମୟରେ ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିର୍ ଉପସ୍ଥିତ ଥିଲେ। ସ୍ଥାନୀୟ ବିଲାମାଳ ଠାରେ ଉତ୍କଳ ଆଲୁମିନା ସିଏସଆର୍ ଅନ୍ତର୍ଗତ ପ୍ରତିଷ୍ଠା ହୋଇଥିବା ଦୁଇଗୋଟି ପ୍ରକଳ୍ପ ଯଥା ସୋଲାର ଚାଳିତ ଶୀତଳ ଭଣ୍ଡାର ଓ ରୋଷ୍ଟେଡ ମିଲେଟ ୟୁନିଟକୁ ପରିଦର୍ଶନ କରିଥିଲେ। ଉତ୍କଳ ଆଲୁମିନା ପକ୍ଷରୁ ଗ୍ରାମାଞ୍ଚଳରେ ଏଭଳି ଲୋକାଭିମୁଖୀ କାର୍ଯ୍ୟ କରିଥିବାରୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ସୋଲାର ଚାଳିତ ଶୀତଳ ଭଣ୍ଡାର ଦ୍ୱାରା ସ୍ଥାନୀୟ ଅଞ୍ଚଳର ୧୮୦ ଜଣ ଚାଷୀ ଉପକୃତ ହୋଇଥିବା ବେଳେ ଏଭଳି ଦୁର୍ଗମ ଅଞ୍ଚଳରେ ଚାଷୀ ନିଜ ଉତ୍ପାଦିତ ପନିପରିବା ଫସଲ ଦୀର୍ଘ ଦିନ ଯାଏଁ ସତେଜ ରଖିବା ସହ ବାହାର ବଜାରରେ ବିକ୍ରୟ କରି ଲାଭବାନ ହେଉଛନ୍ତି। ଏଥିପାଇଁ ଶ୍ରୀମତୀ ଷଡ଼ଙ୍ଗୀ ଉତ୍କଳ ଆଲୁମିନା ପଦକ୍ଷେପକୁ ସାଧୁବାଦ୍ ଜଣାଇବା ସହ ଆଗାମୀ ଦିନରେ ପ୍ଲାଣ୍ଟ ପଶ୍ୱର୍ସ୍ଥ ଗାଁ ଗୁଡିକରେ ଏହାକୁ ଆହୁରି ବ୍ୟାପକ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ରୋଷ୍ଟେଡ ମିଲେଟ୍ ୟୁନିଟକୁ ପରିଦର୍ଶନରେ ଯାଇ ସେଠାରେ ମାଣ୍ଡିଆରେ ତିଆରି ବିଭିନ୍ନ ବିସ୍କୁଟ ଓ କୁକିଜ୍ ଆଦି ଦେଖି ଖୁସି ବ୍ୟକ୍ତ କରିଥିଲେ। ଆଦିବାସୀ ବହୁଳ ରାୟଗଡ଼ା ଜିଲ୍ଲାରେ ଏଭଳି ଅଭିନବ ପ୍ରୟାସ ପାଇଁ ସିଏସଆର୍ ଟିମକୁ ପ୍ରଶଂସା କରିଥିଲେ। ଶ୍ରୀମତୀ ଷଡ଼ଙ୍ଗୀଙ୍କ ଗସ୍ତ ସମୟରେ ଉତ୍କଳ ଆଲୁମିନା ସିଏସଆର୍ ମୁଖ୍ୟ ଲୋପାମୁଦ୍ରା ମିଶ୍ର, ମାନବ ସମ୍ବଳ ପ୍ରମୁଖ ନାରାୟଣ ମୀତ୍ରା, ସିଏସଆର୍ କର୍ମକର୍ତ୍ତା କର୍ତିକେଶ୍ୱର୍ ସାହୁ, ସୌମ୍ୟରଞ୍ଜନ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।




## ଟାଟା ପାୱାର କାର୍ଯ୍ୟାଳୟରେ କଂଗ୍ରେସର ଧାରଣା ଓ ବିକ୍ଷୋଭ

କୋରାପୁଟ, ୨୯।୧୨(ସମିସ): କୋରାପୁଟ ଜିଲ୍ଲା କଂଗ୍ରେସ ତରଫରୁ ଟାଟା ପାୱାର କାର୍ଯ୍ୟାଳୟରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ରୂପକ ତୁରୁକଙ୍କ ଅଧ୍ୟକ୍ଷତାରେ ଧାରଣା ଦିଆଯାଇଥିଲା। ଅତିରିକ୍ତ ସୁରକ୍ଷା ଜମାରାଶି ତୁରନ୍ତ ବନ୍ଦ କରିବାକୁ ଦାବି କରାଯାଇଛି। କଂଗ୍ରେସର ରାଲି କାର୍ଯ୍ୟାଳୟରେ ପହଞ୍ଚିବା ପୂର୍ବରୁ ଗେଟ୍ ବନ୍ଦ ରହିଥିଲା। କଂଗ୍ରେସ ନେତା ଓ କର୍ମୀମାନେ କାର୍ଯ୍ୟାଳୟକୁ ଧସେଇ ପଶିଥିଲେ। ଏହା ପରେ କଂଗ୍ରେସ ନେତା ଓ ପୁଲିସ ମଧ୍ୟରେ ଠେଲାପେଲା ହୋଇଥିବା ଦେଖିବାକୁ ମିଳିଥିଲା। ପୂର୍ବତନ ବିଧାୟକ ନିମାଇଁ ସରକାର, ପୂର୍ବତନ କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଭଗବାନ ବାହିନୀପତି, ସାଂସଦଙ୍କ ପ୍ରତିନିଧି ମନୋଜ କୁମାର ଆଚାର୍ଯ୍ୟ, ଜିଲ୍ଲା କଂଗ୍ରେସର ଅନୁସୂଚୀତ ଜାତି ସେଲ ଅଧ୍ୟକ୍ଷ ରମେଶ ଖରା, ନଗର କଂଗ୍ରେସ ସଭାପତି ଜୟନ୍ତ କୋଚିନଙ୍କ ସହ ବିଭିନ୍ନ ବ୍ଲକ କଂଗ୍ରେସ କମିଟି ସଭାପତି ମାନଙ୍କ ସହ କର୍ମୀ ମାନେ ଉପସ୍ଥିତ ଥିଲେ। କଂଗ୍ରେସ ସଭାପତି ରୂପକ ତୁରୁକଙ୍କ ଅଭିଯୋଗ ଅନୁସାରେ, ସ୍ମାର୍ଟ ମିଟର ନାମରେ ସାଧାରଣ ଗ୍ରାହକଙ୍କୁ ଲୁଟାଯାଉଛି। ଏହା ଦ୍ୱାରା ଗ୍ରାହକମାନେ ଗୁରୁତର ମାନସିକ ଚାପରେ ପଡୁଛନ୍ତି। ଏହା ସହ ଅତିରିକ୍ତ ସୁରକ୍ଷା ଜମାରାଶି ଗ୍ରାହକ ମାନଙ୍କ ଉପରେ ଅଧିକା ବୋଝ ପଡ଼ିବ। ଏହାକୁ ତୁରନ୍ତ ବନ୍ଦ କରିବାକୁ ଦାବି କରାଯାଇଛି। ଯଦି ଦାବି ପୂରଣ ନ ହୁଏ ତେବେ ଆଗମୀ ଦିନରେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନକୁ ବ୍ୟାପକ କରିବ ବୋଲି ସଭାପତି ରୂପକ ତୁରୁକ କହିଛନ୍ତି।




## ମିଲର ଆସୁନାହାନ୍ତି, ଉଠିପାରୁନି ଧାନ

ପାପଡ଼ାହାଣ୍ଡି, ୨୯।୧୨(ସମିସ): ଚଳିତ ବର୍ଷ ପାପଡ଼ାହାଣ୍ଡି ସଦର ଏବଂ ମୋକିଆ ମଣ୍ଡିକୁ ମିଲର୍ସ ଆସୁନଥିବାରୁ ଧାନ ଉଠି ପାରୁନାହିଁ। ଏଥିଯୋଗୁଁ ଚାଷୀ ଚିନ୍ତାରେ ପଡ଼ିଛନ୍ତ। ବର୍ଷ ତମାମ କଠିନ ପରିଶ୍ରମ କରି ମୁଣ୍ଡର ଝାଳ ତୁଣ୍ଡରେ ମାରି ଚାଷ କରି ଉପାର୍ଜିତ ଫସଲକୁ ମଣ୍ଡିରେ ବିକ୍ରି କରି ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ୨୩୬୯ ସହିତ ୮୦୦ ଟଙ୍କା ବୋନସ ପାଇ ବିଭିନ୍ନ ସ୍ୱପ୍ନ ଚାଷୀ ଦେଖିଥିବା ବେଳେ ମଣ୍ଡିରୁ ଧାନ ଉଠିପାରୁନାହିଁ। ଆଜି ପାପଡ଼ାହାଣ୍ଡି ମଣ୍ଡିରେ ଲ୍ୟାମ୍ପସରେ ପଞ୍ଜିକରଣ କରିଥିବା ୫୫ ଜଣ ଚାଷୀଙ୍କ ୫୦୦୦ ପକେଟ୍‌ରୁ ଅଧିକ ଧାନ ପଡ଼ିଛି। ସ୍ୱୟଂ ସହାୟକ ଦଳ ନିକଟରେ ପଞ୍ଜୀକରଣ କରିଥିବା ୨୭ ଜଣ ଚାଷୀଙ୍କ ୧୨୫୨ କ୍ୱିଣ୍ଟାଲ ଧାନ ପଡ଼ିଛି। ସେହିପରି ମୋକିଆ ମଣ୍ଡିରେ ଦୁଇଦିନ ହେବ ୧୯୮ ଜଣ ଚାଷୀଙ୍କ ୮୦୦୦ କ୍ୱିଣ୍ଟାଲରୁ ଅଧିକ ଧାନ ପଡ଼ିରହିଛି। ଆଜି କେବଳ ପାପଡ଼ାହାଣ୍ଡି ମଣ୍ଡିରୁ ଦୁଇଜଣ ଚାଷୀଙ୍କ ୧୩୦ କ୍ୱିଣ୍ଟାଲ ଧାନ ଉଠିପାରିଛି। ପ୍ରଶାସନ ସହିତ ଚୁକ୍ତି କରିଥିବା ମିଲର୍ସ ପୂର୍ବ ମଣ୍ଡିରୁ ଚାଷୀଙ୍କ ଧାନ ଉଠେଇବାରେ ବ୍ୟସ୍ତ ରହିଥିବା ଜଣାପଡ଼ିଛି। ଆଜି ପାପଡ଼ାହାଣ୍ଡି ମଣ୍ଡିରେ ଚାଷୀଙ୍କ ଧାନ ଉଠୁନଥିବା ଖବର ଶୁଣି ନବରଙ୍ଗପୁର ଜିଲ୍ଲା କଂଗ୍ରେସ ସଭାପତି ଡ. ଲିପିକା ମାଝୀ, ପୂର୍ବତନ ବିଧାୟକ ଭୁଜବଳ ମାଝୀ, ଚାଷୀ ନେତା ବୃନ୍ଦାବନ ତ୍ରିପାଠୀ, ଉସନା ବାନ, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ମଣ୍ଡିରେ ପହଞ୍ଚି ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଚାଷୀଙ୍କ ଧାନ ବିନା କଟ୍‌ନୀଛଟ୍‌ନୀରେ ପ୍ରଶାସନ ତୁରନ୍ତ ମଣ୍ଡିରୁ ଉଠାଇବାର ବ୍ୟବସ୍ଥା କରୁ, ନ ହେଲେ ଆଗାମୀ ଦିନରେ ଜିଲ୍ଲା କଂଗ୍ରେସ ତରଫରୁ ପ୍ରଶାସନ ନିକଟରେ ବିରାଟ ଚାଷୀ ଆନ୍ଦୋଳନ କରାଯିବ ବୋଲି କହିଥିଲେ। ଲ୍ୟାମ୍ପସ ଏମ୍‌ଡି ମିଲର୍ସ ଆସୁନଥିବା କହିଛନ୍ତି।



## ଗାଁ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଦାବି

ବୈପାରୀଗୁଡ଼ା, ୨୯।୧୨(ସମିସ): ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଡୋରାଗୁଡା ପଞ୍ଚାୟତ ଅନ୍ତର୍ଗତ ଗୁମ୍ମା ଗ୍ରାମବାସୀ ଆଜି ବିଡ଼ିଓଙ୍କ ଦ୍ୱାରସ୍ତ ହୋଇଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପକ୍କା ରାସ୍ତା ତ ଦୂରର କଥା ମାଟି ରାସ୍ତା ବି ଗାଁ ରେ ଆଜି ପର୍ଯ୍ୟନ୍ତ ରାସ୍ତା ପହଞ୍ଚିଲା ନାହିଁ। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ଅନୁଯାୟୀ, ମନରେଗା ଯୋଜନାରେ ଗତଗୁଡାଠାରୁ ଗୁମ୍ମା ଗାଁ ପର୍ଯ୍ୟନ୍ତ ୮ ଲକ୍ଷ ଟଙ୍କା ଖର୍ଚ୍ଚରେ ରାସ୍ତା ନିର୍ମାଣ କରାଯାଉଛି। କିନ୍ତୁ ସେ ରାସ୍ତା ଗୁମ୍ମା ଗାଁ ପର୍ଯ୍ୟନ୍ତ ପହଞ୍ଚିବ ନାହିଁ। ଏଣୁ ଗାଁ ପର୍ଯ୍ୟନ୍ତ ୨ କିଲୋମିଟର ରାସ୍ତା ନିର୍ମାଣ ପାଇଁ ବ୍ଲକ କାର୍ଯ୍ୟାଳୟରେ ଏପିଓଙ୍କୁ ଦାବି ଜଣାଇଛନ୍ତି। ସେପଟେ ଏ ଘଟଣାକୁ ନେଇ ଏପିଓ କହିଛନ୍ତି, ରାସ୍ତା ସମସ୍ୟାକୁ ନେଇ ଏଡିଓଙ୍କ ସହ ଆଲୋଚନା କରାଯାଇଛି। ବର୍ତ୍ତମାନ ମନରେଗା ଯୋଜନାରେ ନିୟମ ଅନୁଯାୟୀ କିଛି ବାଟ ରାସ୍ତା କାମ କରାଯାଉଛି। ଗାଁ ପର୍ଯ୍ୟନ୍ତ ରାସ୍ତା ପହଞ୍ଚାଇବା ପାଇଁ ବ୍ୟବସ୍ଥା କରାଯିବ।

# ସେମିଳିଗୁଡ଼ା ପ୍ରେସ କ୍ଲବ୍‌ର ରଜତ ଜୟନ୍ତୀ ସମାରୋହ





ସେମିଳିଗୁଡ଼ା, ୨୯।୧୨ (ସମିସ)

ସେମିଳିଗୁଡା ପ୍ରେସ କ୍ଲବ୍‌ର ରଜତ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ଦୁଇ ପର୍ଯ୍ୟାୟରେ ପାଳିତ ଏହି ସମାରୋହ ସକାଳେ 'ଶବ୍ଦ ଉତ୍ସବ'ରୁ ଆରମ୍ଭ ହୋଇଥିଲା। ଏହି ଉତ୍ସବରେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମେଳନର ମହାସଚିବ ଦଣ୍ଡପାଣି ମହାପାତ୍ର, ଡିଏଭି ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ପ୍ରୀତିଧାରା ସାମଲ, ବିଶିଷ୍ଟ ସାହିତ୍ୟିକ ଓ ଗବେଷକ ଡ. ପ୍ରଦୀପ ମିଶ୍ର, ଭୁଦାନ ନେତା ଓ ଶିକ୍ଷାବିତ୍ କୃଷ୍ଣ ସିଂହ, ବିଶିଷ୍ଟ କଥାକାର ନାରାୟଣ ପଣ୍ଡା ଯୋଗଦେଇ ଶବ୍ଦର ବିଭିନ୍ନ ଦିଗକୁ ଆଲୋଚନା କରିଥିଲେ। ସାହିତ୍ୟର ବିପର୍ଯ୍ୟୟ ସ୍ଥିତି ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ପରେ ଅବିଭକ୍ତ କୋରାପୁଟ ଜିଲ୍ଲାର ବହୁ କବି ଓ ଗାଳ୍ପିକ ନିଜ ନିଜର ସାରସ୍ୱତ ରଚନାକୁ ଉପସ୍ଥାପନ କରିଥିଲେ। ଡ଼ ଅଶୋକ କୁମାର ମହାନ୍ତି ସଂଯୋଜନା କରିଥିଲେ ସେହିପରି ସ୍ନିଗ୍ଧା ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ସ୍ୱର୍ଣ୍ଣପ୍ରଭା ମୁନି ଧନ୍ୟବାଦ ଦେଇଥିଲେ। ଅପରାହ୍ନରେ ମୁଖ୍ୟ ଅଧିବେଶନ ପାଳିତ ହୋଇଥିଲା। ଏଥିରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, କୋରାପୁଟ ଡିଏଫ୍‌ଓ କେ ଭି ଭାସ୍କର ରାଓ ଓ ସୁନାବେଡା ପୌର ପରିଷଦ ଅଧ୍ୟକ୍ଷ ଡ଼ ରାଜେନ୍ଦ୍ର ପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କ୍ଲବର ସଭାପତି ଡ଼ ଅଜୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ସମ୍ପାଦକ ମନୋଜ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ପରେ 'ଅନ୍ୱେଷଣ ଶାନ୍ତି' ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ବିଚିତ୍ରାନନ୍ଦ ପଣ୍ଡାଙ୍କୁ କୋରାପୁଟ ଗୌରବ, ରୁଚିକା ଦିବ୍ୟ ଦର୍ଶନୀଙ୍କୁ କୋରାପୁଟ ପ୍ରତିଭା, ଜଳଧର ସ୍ୱାଇଁଙ୍କୁ ପ୍ରେସ ସାରସ୍ୱତ, ସୁଦର୍ଶନ ନାୟକଙ୍କୁ ପ୍ରେସ ଗୌରବ, ଶ୍ରୀକାନ୍ତ ଚୌଧୁରୀଙ୍କୁ ଆମ ପ୍ରିୟ ସାମ୍ବାଦିକ, ଆନନ୍ଦ ପାଟୱାନିଆଙ୍କୁ ସମାଜ ସେବୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରେସ କ୍ଲବର ସମସ୍ତ ସଦସ୍ୟଙ୍କୁ ସ୍ମୃତି ଫଳକ ଓ ଟି ସାର୍ଟ ପ୍ରଦାନ କରାଯାଇଥିଲା। ସେହିପରି ବିଭିନ୍ନ ବ୍ୟକ୍ତି ଓ ସଂଗଠନକୁ ମଧ୍ୟ ସ୍ମୃତି ଫଳକ ପ୍ରଦାନ କରାଯାଇଥିଲା। ମଞ୍ଚ ସଂଯୋଜନା କରିଥିଲେ ଶ୍ରୀଧର ପରିଡ଼ା। ମଞ୍ଚ ପରିଚାଳନାରେ କୁର୍ମା ରାଓ, କିଶୋର ବେହୁରା, ଜଗଦୀଶ ସାହୁ, ସ୍ୱସ୍ତିକ ମିଶ୍ର, ଖିରୋଦ ଭୋଳ, କର୍ଣ୍ଣ ସାମଲ, ଶଶଧର ରାଉତ, ବାସୁଦେବ ବରାଡ଼, ନରେନ୍ଦ୍ର ରାଉତ ଆଦି ସହଯୋଗ କରିଥିଲେ। ଶେଖ ଇବ୍ରାହିମ ଧନ୍ୟବାଦ ଦେଇଥିଲେ। ଜୟପୁରର ମୀରା ଡ୍ୟାନ୍ସ ଏକାଡେମୀ ଓ ସେମିଳିଗୁଡାର ଗ୍ଲିଟର ଡ୍ୟାନ୍ସ ଏକାଡେମୀ କଳାକାରମାନେ ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ।

## ଜବରଦଖଲକାରୀଙ୍କ କବ୍‌ଜାରେ ରାସ୍ତା ଓ ନାଳ

ଗୁଣୁପୁର, ୨୯।୧୨(ସମିସ): ପୌର ପରିଷଦର ୱାର୍ଡ ନଂ ୧୮ ରେ ଥିବା ଶାନ୍ତି ନଗର ଲେନ୍ ୨ ନିକଟ ତଥା ଟେଲିଫୋନ୍ ଏକ୍ସଚେଞ୍ଜ ପାର୍ଶ୍ୱର ମୁଖ୍ୟ ରାସ୍ତା ଉପରେ ଜନୈକ ବ୍ୟକ୍ତି ଏକ ପାଚେରି ଉଠାଇ ରାସ୍ତାକୁ ଅବୋରଧ କରିଛନ୍ତି। ଏହି ଅଭିଯୋଗ ପାଇ ଘଟଣାସ୍ଥଳରେ ଗୁଣୁପୁର ପୌର ପରିଷଦର ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ ପହଞ୍ଚି ଅନୁଧ୍ୟାନ କରି ଫେରିଛନ୍ତି। ରାସ୍ତାର ଉଭୟ ପଟରୁ ଯାତାୟତ ଦୀର୍ଘବର୍ଷ ଧରି ବନ୍ଦ ରହିଥିବା ଦେଖିବାକୁ ପାଇଥିଲେ। ସାହିର କୌଣସି ଲୋକ ପାଟି ଫିଟାଇଲେ ଗହଳି କରୁଥିବା ନେଇ ନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ ସ୍ଥାନୀୟ ଲୋକେ କହୁଥିଲେ। ଯାହାଫଳରେ ଦୀର୍ଘବର୍ଷ ଧରି ରାସ୍ତା ଓ ନାଳ ସରକାରଙ୍କ ମ୍ୟାପ୍‌ରେ ଥିବା ସତ୍ତ୍ୱେ ଏହାକୁ ବନ୍ଦ କରି ରଖିଛନ୍ତି କିଛି ଅସାଧୁ ବ୍ୟକ୍ତି। ରାସ୍ତାରେ ପାଚେରି କରି ଗାଡି ପାର୍କିଂ କରିବା ପାଇଁ ଏକ ଘର ନିର୍ମାଣ କରିଛନ୍ତି। ପୂର୍ବରୁ ଏନେଇ ଅନେକ ଥର ଅଭିଯୋଗ ଦେବା ସତ୍ତ୍ୱେ ଆଶ୍ୱାସନ ମିଳୁଛି। କିନ୍ତୁ ସୁଫଳ ମିଳିନଥିବା ଅଭିଯୋଗ ହୋଇଥିଲା। ତୁରନ୍ତ ଏହି ରାସ୍ତାରୁ ପାଚେରି ହଟାଇ ରାସ୍ତାକୁ ନିର୍ମାଣ କରିବା ଓ ନାଳ ଚିହ୍ନଟ କରିବା ଦିଗରେ ପଦକ୍ଷେପ ନେବା ପାଇଁ ଅଭିଯୋଗ କରିଥିଲେ। ଏନେଇ ପୌରପରିଷଦ ନିର୍ବାହି ଅଧିକାରୀ ଅଭିଯୋଗକୁ ଆଧାର କରି ଜାଗା ଚିହ୍ନଟ କରିବା ପାଇଁ ଅମିନ ଓ କର୍ମଚାରୀଙ୍କୁ ନିୟୋଜିତ କରିବେ। ଏହାପରେ ବିହିତ ପଦକ୍ଷେପ ନେବେ ବୋଲି କହିଥିଲେ।





# ଦେଶ ବିଦେଶ



## ତାମିଲନାଡୁରେ ପ୍ରବାସୀ ଶ୍ରମିକଙ୍କୁ ସଶସ୍ତ୍ର ଆକ୍ରମଣ

ତିରୁବଲ୍ଲୁର, ୨୯ ।୧୨(ଏଜେନ୍ସି): ତାମିଲନାଡୁରେ ସୋମବାର ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଉଥିବାର ଏକ ବିଚଳିତ କଲା ଭଳି ଭିଡିଓ ସାମ୍ନାକୁ ଆସିଛି। ଏ ନେଇ ପୂର୍ବତନ ତାମିଲନାଡୁ ବିଜେପି ଅଧ୍ୟକ୍ଷ କେ ଆନ୍ନାମଲାଇ ଚିନ୍ତା ପ୍ରକଟ କରିବା ସହ ସାମାଜିକ ଗଣମାଧ୍ୟମ ଏକ୍ସରେ ଏହି ଭିଡିଓକୁ ସେୟାର କରିଛନ୍ତି। କିଛି ଯୁବକ ଆଉ ଜଣେ ଯୁବକଙ୍କୁ ଧରୁଆ ଅସ୍ତ୍ରରେ ଆକ୍ରମଣ କରୁଥିବା ଓ ବିଜୟ ଚିହ୍ନ ଦେଖାଉଥିବା ଭିଡିଓରେ ଦେଖାଯାଇଛି। ପୀଡିତଙ୍କୁ ତଳେ ପକାଇ ସେମାନେ ତାଙ୍କ କାନ, ମୁଣ୍ଡ ଓ ବେକରେ ଅନେକ ଆଘାତ ଦେଇଥିଲେ। ଗଣମାଧ୍ୟମର ରିପୋର୍ଟ ଅନୁସାରେ ଶ୍ରମିକଜଣକ ଗୁରୁତର ଅଛନ୍ତି ଓ ତାଙ୍କୁ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଉଛି। ତାଙ୍କର ଚିକିତ୍ସା କରାଯାଉଛି। ଏହି ଘଟଣା ନେଇ ସେ ତାମିଲନାଡୁରେ ଏମ୍‌କେ ଷ୍ଟାଲିନ ସରକାରଙ୍କ ଅଧିନରେ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ପ୍ରଶ୍ନ ଉଠାଇଛନ୍ତି। ଏହି ପୀଡିତ ଯୁବକ ହେଉଛନ୍ତି ମହାରାଷ୍ଟ୍ରର ଜଣେ ଶ୍ରମିକ। ତିରୁଉନୀରେ କାର୍ଯ୍ୟ କରୁଥିବା ମହାରାଷ୍ଟ୍ରର ଜଣେ ପ୍ରବାସୀ ଶ୍ରମିକ ସୂରଜଙ୍କୁ ଗଞ୍ଜେଇ ପାନ କରି ନିଶାରେ ଚୂର ହୋଇଥିବା କେତେଜଣ ଯୁବକ ନିର୍ମମ ଭାବେ ଆକ୍ରମଣ କରୁଛନ୍ତି ବୋଲି ଆନ୍ନାମଲାଇ ଲେଖିଛନ୍ତି। ଅବଶ୍ୟ ପୁଲିସ ଏହି ଅପରାଧୀମାନଙ୍କୁ ଗିରଫ କରିଥିଲେ ମଧ୍ୟ ଏହି ମାମଲା ଏବେ ଗମ୍ଭୀର ରୂପ ନେଇଛି।

## କାଲିଫର୍ଣ୍ଣିଆ କାର୍ ଦୁର୍ଘଟଣାରେ ଦୁଇ ଭାରତୀୟ ମହିଳା ମୃତ



ନୂଆଦିଲ୍ଲୀ, ୨୯ ।୧୨ (ଏଜେନ୍ସି): ପଶ୍ଚିମ ଆମେରିକୀୟ ରାଜ୍ୟ କାଲିଫର୍ଣ୍ଣିଆରେ ଦୁଇଜଣ ଭାରତୀୟ ମହିଳା କାର୍ ଦୁର୍ଘଟଣା ମୃତ୍ୟୁବରଣ କରିଛନ୍ତି। ଶନିବାର ସନ୍ଧ୍ୟାରେ ଆମେରିକା ପୁଲିସ ଏ ନେଇ ସୂଚନା ଦେଇଛି। ଏହି ଦୁଇ ମହିଳା ତେଲଙ୍ଗାନା ରାଜ୍ୟର। ଏହି ଦୁଇ ମହିଳା ହେଲେ ଗରିଆ ମଣ୍ଡଳରେ ରହୁଥିବା ୨୫ ବର୍ଷୀୟା ପୁଲଖାନ୍ଦମ ମେଘନା ରାନୀ ଓ ମୁଲାକାନୁର ଗାଁର କାଦିୟାଲା ଭବନା। ମହାବୁବାବାଡ଼ା ଜିଲ୍ଲାରେ ଏହି ଦୁଇଟି ଗାଁ ଅବସ୍ଥିତ। ୩ ବର୍ଷ ତଳେ ଏହି ଦୁଇ ମହିଳା ମାଷ୍ଟର୍ସ ଡିଗ୍ରୀ ପାଇଁ ଆମେରିକା ଯାଇଥିଲେ। ସେ ପାଠ ପଢ଼ାର ଅନ୍ତିମ ପର୍ଯ୍ୟାୟରେ ଉପନୀତ ହୋଇଥିଲେ ମଧ୍ୟ ଏହି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଓ ଚାକିରି ଅନ୍ୱେଷଣରେ ଥିଲେ। ସାଙ୍ଗଙ୍କ ମେଳରେ ଯାତ୍ରା କରୁଥିବା ବେଳେ ଅଲାବାମା ହିଲ୍ସ ନିକଟରେ ବାଟବଣା ହେବା ସହ ଗାଡ଼ି ଉପରୁ ନୟନ୍ତ୍ରଣ ହରାଇଥିଲେ ଓ କାର୍ ରାସ୍ତାରୁ ଓଲଟି ପଡ଼ିବା ସହ ଗହୀର ଖାଇରେ ପଡ଼ିଥିଲା। ଏବେ ତେଲଙ୍ଗାନା ସରକାର ଜରୁରୀ ସହାୟତା ପାଇଁ ଭାରତ ସରକାରଙ୍କ ବିଦେଶ ମନ୍ତ୍ରଣାଳୟକୁ ନିବେଦନ କରିଛି। କାଲିଫର୍ଣ୍ଣିଆର ସ୍ଥାନୀୟ କର୍ତ୍ତୃପକ୍ଷ ଏହି ଦୁର୍ଘଟଣା ଜନିତ ମୃତ୍ୟୁ ନେଇ ତଦନ୍ତ ଆରମ୍ଭ କରିଛି।

## ମେକ୍ସିକୋରେ ଟ୍ରେନ୍ ଲାଇନଚ୍ୟୁତ୍; ୧୩ ମୃତ, ୯୮ ଆହତ

ମେକ୍ସିକୋ ସିଟି, ୨୯ ।୧୨(ଏଜେନ୍ସି): ଦକ୍ଷିଣ ମେକ୍ସିକୋରେ ଥିବା ରାଜ୍ୟ ଓଆକ୍ସାକାରେ ଏକ ଟ୍ରେନ୍ ଲାଇନଚ୍ୟୁତ ହେବା ପରେ ଏହାର ଇଞ୍ଜିନ ଓଲଟି ପଡ଼ିଥିଲା। ଫଳରେ ଏକ ବଡ଼ ଧରଣର ଦୁର୍ଘଟଣା ଘଟିଛି। ଟ୍ରେନ୍‌ର ଅନେକ ବଗି ଓଲିଟି ପଡ଼ିଛି। ଏଥିରେ ୧୩ ଜଣ ଯାତ୍ରୀ ମୃତ୍ୟୁବରଣ କରିଥିବା ବେଳେ ୯୮ ଜଣ ଆହତ ହୋଇଛନ୍ତି। ଟ୍ରେନ୍‌ଟି ମେକ୍ସିକୋ ଉପସାଗର ଓ ପ୍ରଶାନ୍ତ ମହାସାଗରକୁ ସଂଯୋଗ କରୁଥିବା ଏକ ନୂଆ ରୁଟ୍ ତଥା ରେଳପଥରେ ଯାତ୍ରା କରୁଥିଲା। ଏହି ରେଳପଥ ମେକ୍ସିକୋ ନୌସେନା ଦ୍ୱାରା ପରିଚାଳିତ। ମେକ୍ସିକୋ ନୌସେନା ଦେଇଥିବା ସୂଚନା ଅନୁଯାୟୀ, ଟ୍ରେନ୍‌ରେ ୯ ଜଣ କ୍ରୁ ସଦସ୍ୟଙ୍କ ସମେତ ୨୫୦ ଜଣ ଯାତ୍ରା କରୁଥିଲେ। ଚିଭେଲା ଓ ନିଜାଣ୍ଡୋ ସହର ମଧ୍ୟରେ ଏକ ମୋଡ଼ରେ ହିଁ ଦୁର୍ଘଟଣା ଘଟିଥିଲା। ଆହତମାନଙ୍କୁ ମଧ୍ୟରୁ ୩୬ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରାଷ୍ଟ୍ରପତି କ୍ଲାଉଡିଆ ସେନବାଉମ୍ ସାମାଜିକ ଗଣମାଧ୍ୟମ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ, ୫ ଜଣଙ୍କ ଅବସ୍ଥା ଗୁରୁତର ଅଛି। ସେ ମୃତକଙ୍କ ପରବାରକୁ ସହାୟତା ପ୍ରଦାନ କରିବା ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ଘଟଣାସ୍ଥଳକୁ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ପାଇବା ମାତ୍ରେ ସରକାରୀ ଏଜେନ୍ସିଗୁଡିକ ଆହତମାନଙ୍କୁ ସହାୟତା ପ୍ରଦାନ କରିବାକୁ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ୨୦୨୩ ଅର୍ଥାତ ଦୁଇବର୍ଷ ତଳେ ଏହି ଟ୍ରେନ ଲାଇନ୍ ଉଦ୍‌ଘାଟିତ ହୋଇଥିଲା।

## ଟାଟା-ଏର୍ଣ୍ଣାକୁଲମ ଏକ୍ସପ୍ରେସରେ ନିଆଁ ଜଳିଗଲା ଏସି କୋଚ୍, ଜଣେ ମୃତ

ବିଶାଖପାଟଣା, ୨୯ ।୧୨(ଏଜେନ୍ସି): ପୁଣି ରେଳ ଦୁର୍ଘଟଣା ଘଟିଛି। ଆନ୍ଧ୍ରପ୍ରଦେଶର ବିଶାଖପାଟଣାଠାରୁ ୬୬ କିମି ଦୂରରେ ଥିବା ୟେଲାମଞ୍ଚିଲିରେ ଟାଟାନଗର-



ଏର୍ଣ୍ଣାକୁଲମ ଏକ୍ସପ୍ରେସ ଟ୍ରେନ୍‌ର ଦୁଇଟି ବଗିରେ ରବିବାର ବିଳମ୍ବିତ ରାତିରେ ନିଆଁ ଲାଗିଯାଇଛି। ଏହି ଅଗ୍ନିକାଣ୍ଡରେ ଜଣେ ଯାତ୍ରୀ ମୃତ୍ୟୁବରଣ କରିଛନ୍ତି। ପୁଲିସ ଦେଇଥିବା ସୂଚନା ଅନୁସାରେ, ରାତି ପ୍ରାୟ ୧୨.୪୫ରେ ଏହି ଟ୍ରେନ୍ ଆନ୍ଧ୍ରପ୍ରଦେଶର ଅନକାପାଲିର ୟେଲାମଞ୍ଚିଲି ରେଳ ଷ୍ଟେସନରେ ପହଞ୍ଚିବା ପରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡ ବେଳେ ଗୋଟିଏ ବଗିରେ ୮୨ ଜଣ ଓ ଅନ୍ୟଟିରେ ୭୬ ଜଣ ଯାତ୍ରୀ ଥିଲେ। ବି୧ ବଗିରୁ ପୁଲିସ ଜଣଙ୍କୁ ମୃତଦେହ ଉଦ୍ଧାର କରିଛି। ମୃତକ ୭୫ ବର୍ଷୀୟ ଚନ୍ଦ୍ରଶେଖର ସୁନ୍ଦରମ ବୋଲି ଚିହ୍ନଟ କରାଯାଇଛି। ପୋଡିଯାଇଥିବା ବଗିଗୁଡକ ଅଲଗା କରାଯାଇ ଟ୍ରେନ୍‌କୁ ଏର୍ଣ୍ଣାକୁଲମ ପଠାଯାଇଛି। ଯାତ୍ରୀମାନଙ୍କୁ ଅନ୍ୟ ଉପାୟରେ ସେମାନଙ୍କ ଗନ୍ତବ୍ୟସ୍ଥଳୀକୁ ପଠାଯିବାର ବ୍ୟବସ୍ଥା କରାଯାଇଛି।

ଦୁଇଟି ଫରେନସିକ ଦଳ ଅଗ୍ନିକାଣ୍ଡର ତଦନ୍ତ କରୁଛନ୍ତି ଓ କିପରି ନିଆଁ ଲାଗିଲ ସେ ନେଇ କାରଣ ଖୋଜୁଛନ୍ତି। ମିଳିଥିବା ସୂଚନା ଅନୁସାରେ ପ୍ରଥମେ ବି୧ କୋଚ୍‌ରେ ନିଆଁ ଲାଗିଥିଲା ଓ ପରେ ନିଆଁ ଏମ୍୨ ବଗିକୁ ବ୍ୟାପୀଯାଇଥିଲା। ଟ୍ରେନ୍‌ର ଏହି ଦୁଇଟି ଏସି ବଗି ଜଳିଯାଇଥିଲା। ଏଥିରୁ ଯାତ୍ରୀଙ୍କ ଜିନିଷପତ୍ର ମଧ୍ୟ ବାଦ୍ ପଡ଼ି ନଥିଲା। ଦୁଇଟି ଜଳିଯାଇଥିବା ବଗିକୁ ବାହାର କରିବା ପରେ ଟ୍ରେନ୍ ତା'ର ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା। ଟ୍ରେନ୍‌ରେ ମୋଟ ୨ ହଜାରଯାତ୍ରୀ ଯାତ୍ରା କରୁଥିଲେ।

## ଏକାଠି ହେଲେ ଦୁଇ ପାୱାର

### ମିଳିତ ହୋଇ ଲଢ଼ିବେ ପୌର ନିର୍ବାଚନ

ମୁମ୍ବାଇ, ୨୯ ।୧୨(ଏଜେନ୍ସି): ଅଢ଼େଇ ବର୍ଷ ପରେ ପୁଣି ଏକାଠି ହୋଇଛନ୍ତି ଦାଦା ପୁତୁରା। ମହାରାଷ୍ଟ୍ର ରାଜନୀତିରେ ଦାଦା ପୁତୁରା ରୂପେ ପରିଚିତ ଏନସିପିର



ଶରଦ ପାୱାର ଏବଂ ଅଜିତ ପାୱାର ୨୦୨୩ରେ ଅଲଗା ହୋଇଯାଇଥିଲେ। ପୁତୁରା ଅଜିତ ପାୱାରଙ୍କ ଏନସିପିକୁ ଅସଲି ଏନସିପିର ମାନ୍ୟତା ଦେଇଥିଲେ ନିର୍ବାଚନ କମିସନ। ତାଙ୍କ ଦଳକୁ ଦାଦା ଶରଦଙ୍କ ଅନେକ ଅନୁଗତ ମଧ୍ୟ ପଳାଇଥିଲେ। ତେବେ ଆସନ୍ତା ବର୍ଷ ହେବାକୁ ଯାଉଥିବା ପୌର ନିର୍ବାଚନ ପାଇଁ ପୁଣି ଏକାଠି ହୋଇଛନ୍ତି ଦୁଇ ପାୱାର। ସେମାନେ ନିଜର ମତଭେଦ ସମାପ୍ତ କରି ଏନସିପି ଚିହ୍ନରେ ନିର୍ବାଚନ ଲଢ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ପ୍ରଥମ ପଦକ୍ଷେପ ସ୍ୱରୂପ ସେମାନେ ପିମ୍ପରି-ଚିଞ୍ଚୱାଡ୍ ପୌର ପରିଷଦ ନିର୍ବାଚନରେ ମିଳିତ ପ୍ରାର୍ଥୀ ଦେବେ ବୋଲି ଘୋଷଣା କରିଛନ୍ତି ଉପମୁଖ୍ୟମନ୍ତ୍ରୀ ତଥା ଏନସିପି ମୁଖ୍ୟ ଅଜିତ ପାୱାର। ସେ କହିଲେ ଯେ କାହାର ପ୍ରାର୍ଥୀ କେତେ ଆସନରେ ଲଢ଼ିବେ, ତାହା ଦୁଇ ଦିନ ଭିତରେ ସ୍ଥିର କରାଯିବ। ପରବର୍ତ୍ତୀ ସମୟରେ ଅନ୍ୟ ପୌର ସଂସ୍ଥା ପାଇଁ ମେଣ୍ଟ କରାଯିବ। ଏସଂପର୍କରେ ବିଚାର ଆଲୋଚନା ଚାଲିଛି ଏବଂ ଖୁବଶୀଘ୍ର ଚୂଡ଼ାନ୍ତ ରୂପ ନେବ। ଅଜିତ କାହିଲେ, 'ଆମେ ହେଉଛୁ ଚାଷୀ ପରିବାର। ଚାଷୀମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆମେ ପୁଣି ଏକାଠି ହୋଇଛୁ।' ସେ କହିଲେ ଯେ ଖୁବଶୀଘ୍ର ପୁଣେ ପୌର ପରିଷଦ ନିର୍ବାଚନ ପାଇଁ ମିଳିତ ପ୍ରାର୍ଥୀ ତାଲିକା ଘୋଷଣା କରାଯିବ।

## ଯୁଦ୍ଧ ବନ୍ଦ ନେଇ ଟ୍ରମ୍ପ ଆଶାବାଦୀ

ନୂଆଦିଲ୍ଲୀ, ୨୯ ।୧୨(ଏଜେନ୍ସି): ଦକ୍ଷିଣପୂର୍ବ ଆମେରିକୀୟ ରାଜ୍ୟ ଫ୍ଲୋରିଡାରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍ସ୍କି ରବିବାର ମାର୍-ଏ- ଲାଗୋ ରିସର୍ଟରେ ବୈଠକରେ ମିଳିତ ହୋଇଛନ୍ତି। ୩ ଘଣ୍ଟା ଧରି ଏହି ବୈଠକ ଚାଲିଥିଲା। ବୈଠକରେ କୌଣସି ଅନ୍ତିମ ଫଳାଫଳ ବାହାରି ନଥିଲେ ମଧ୍ୟ ଏହାର ଭୂମିକା ନିର୍ଣ୍ଣାୟକ ଥିଲା। ଟ୍ରମ୍ପ କହିଛନ୍ତି ଯେ, ରୁଷିଆ ଓ ୟୁକ୍ରେନ ମଧ୍ୟରେ ଗତ ୪ ବର୍ଷ ଧରି ଚାଲିଥିବା ଯୁଦ୍ଧ ଶୀଘ୍ର ବନ୍ଦ ହେବାର ସମ୍ଭାବନା ରହିଛି। ତେବେ ଯୁଦ୍ଧ କେବେ ବନ୍ଦ ହେବ, ସେନେଇ କୌଣସି ସମୟସୀମା ନିର୍ଦ୍ଧାରିତ ହୋଇନାହିଁ। ଜେଲେନ୍ସ୍କି ଯୁଦ୍ଧି ସମାପ୍ତି ପାଇଁ ଏକ ଚୁକ୍ତିରେ ପହଞ୍ଚିବା ନିକଟତର ହୋଇଛନ୍ତି। ଏହା ସତ୍ତ୍ୱେ ପୂର୍ବ ୟୁକ୍ରେନର ବିବାଦୀୟ ଡୋନବାସ ଅଞ୍ଚଳର ଭବିଷ୍ୟତ ଏବେ ମଧ୍ୟ ଏକ ଅସମାହିତ ପ୍ରସଙ୍ଗ ଭାବେ ରହିଛି। ଟ୍ରମ୍ପ ଓ ଜେଲେନ୍ସ୍କି ୟୁକ୍ରେନ ପାଇଁ ସୁରକ୍ଷା ଗ୍ୟାରେଣ୍ଟି ଓ ଡୋନବାସ ଅଞ୍ଚଳର ବିଭାଜନ ନେଇ ଅଗ୍ରଗତି ସମ୍ପର୍କରେ କଥା ହୋଇଥିଲେ। କିନ୍ତୁ ଏ ନେଇ ଚୁକ୍ତି ନେଇ କୌଣସି ଠୋସ ବିବରଣୀ କିମ୍ବା ସମୟସୀମା ପ୍ରଦାନ କରିନଥିଲେ। କିଛି ପ୍ରସଙ୍ଗ ଉପରେ ଆଲୋଚନା ହେବାକୁ ବାକି ଅଛି ଓ ଆଲୋଚନା ସଫଳ ହେବ କି ନା ତାହା କିଛି ସପ୍ତାହ ମଧ୍ୟରେ ସ୍ପଷ୍ଟ ହୋଇଯିବ। ସେପଟେ ଜେଲେନ୍ସ୍କି କହିଛନ୍ତି ଯେ, ୟୁକ୍ରେନ ପାଇଁ ସୁରକ୍ଷା ଗ୍ୟାରେଣ୍ଟି ଉପରେ ଚୁକ୍ତି ହୋଇଛି। ଟ୍ରମ୍ପ କହିଛନ୍ତି ଯେ, ଚୁକ୍ତି ନେଇ ୯୫ ପ୍ରତିଶତ ସହମତି ହୋଇଛି ଏବଂ ୟୁରୋପୀୟ ଦେଶଗୁଡିକ ଆମେରିକାର ସମର୍ଥନ ଓ ସହଯୋଗ ସହିତ ଏହି ପ୍ରୟାସର ବଡ଼ ଭୂମିକା ଗ୍ରହଣ କରିବା ସହ ପ୍ରୟାସର ପ୍ରମୁଖ ଅଂଶ ରହିବେ। ଉଲ୍ଲେଖଥାଉ କି, ଡୋନବାସ ଅଞ୍ଚଳକୁ ନେଇ ରୁଷି ଓ ୟୁକ୍ରେନ ମଧ୍ୟରେ ବିବାଦ ଜାରି ରହିଛି। ରୁଷ ପୂରା ଡୋନବାସ ଅଞ୍ଚଳକୁ ନିଜ ଅକ୍ତିଆରକୁ ନେବାକୁ ଚାହୁଁଥିବା ବେଳେ ୟୁକ୍ରେନ ଏହାକୁ ଛାଡ଼ିବାକୁ ରାଜି ନୁହେଁ। ଡୋନବାର ଭବିଷ୍ୟତ ଏବେ ସ୍ଥିର ହୋଇନାହିଁ। କିନ୍ତୁ ଆଲୋଚନା ଠିକ୍ ଦିଗରେ ଯାଉଛି ବୋଲି ଟ୍ରମ୍ପ କହିଛନ୍ତି। ଆମେରିକା ପ୍ରସ୍ତାବ ଦେଇଛି ଯେ, ଯଦି ୟୁକ୍ରେନ ଡୋନ୍‌ବାସକୁ ଛାଡିଦିଏ ତେବେ, ଏକ ମୁକ୍ତ ଅର୍ଥନୈତିକ ଅଞ୍ଚଳରେ ପରିଣତ ହୋଇପାରେ। ଏହା ଏକ ବହୁତ କଷ୍ଟକର ପ୍ରସଙ୍ଗ ହୋଇଥିଲେ ମଧ୍ୟ ସାମାଧାନ ଦିଗରେ ଅଗ୍ରସର ହୋଇଛୁ ବୋଲି ଟ୍ରମ୍ପ କହିଛନ୍ତି।

ଏହିକ୍ରମରେ ଟ୍ରମ୍ପ ଜେଲେନ୍ସ୍କିଙ୍କୁ ଜଣେ ସାହସୀ ବ୍ୟକ୍ତି ଓ ତାଙ୍କ ଲୋକଙ୍କୁ ସାହାସୀ ବୋଲି କହିଥିଲେ। ଏଥିପାଇଁ ଜେଲେନ୍ସ୍କି ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଥିଲେ। ଏପର୍ଯ୍ୟନ୍ତ ବିଶ୍ୱରେ ୮ଟି ଯୁଦ୍ଧକୁ ରୋକିବାରେ ସଫଳ ହୋଇଛି। କିନ୍ତୁ ରୁଷ- ୟୁକ୍ରେନ ଯୁଦ୍ଧ ରୋକିବା ସବୁଠାରୁ କଷ୍ଟକର ବୋଲି ଟ୍ରମ୍ପ ସ୍ୱୀକାର କରିଛନ୍ତି। ଜେଲେନ୍ସ୍କିଙ୍କ ସହ କଥା ହେବା ପୂର୍ବରୁ ଟ୍ରମ୍ପ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ କଥା ହୋଇଥିଲେ। ଉଲ୍ଲେଖଥାଉ କି, ରୁଷ ଓ ୟୁକ୍ରେନ ମଧ୍ୟରେ ୨୦୨୨ ଫେବୃଆରୀରେ ଆରମ୍ଭ ହୋଇଥିଲା।




■ ଫ୍ଲୋରିଡାରେ ଟ୍ରମ୍ପ- ଜେଲେନ୍ସ୍କି ଭେଟ
■ 'ସୁରକ୍ଷା ଗ୍ୟାରିଣ୍ଟି ନେଇ ଚୁକ୍ତି ଚୂଡାନ୍ତ'

## ଟାଇୱାନକୁ ପାଞ୍ଚ ପଟୁ ଘେରିଲା ଚୀନ୍

ବେଜିଂ/ତାଇପେ, ୨୯ ।୧୨(ଏଜେନ୍ସି): ଚୀନ୍ ତାଇୱାନକୁ ୫ ପଟୁ ଘେରିବା ଆରମ୍ଭ କରିବା ସହ ବଡ଼ ଧରଣର ସୈନ୍ୟ ଅଭ୍ୟାସ ଆରମ୍ଭ କରିଛି। ଚୀନ ସେନା ତାଇୱାନର ଉତ୍ତର, ଉତ୍ତରପୂର୍ବ, ପଶ୍ଚିମ, ଦକ୍ଷିଣ ଓ ପୂର୍ବ ଉପକୂଳରେ ଲାଇଭ-ଫାୟାର ଡ୍ରିଲ ଆରମ୍ଭ କରିଛି। ଚୀନର ଏହି ଆକ୍ରମଣାତ୍ମକ ଆଭିମୁଖ୍ୟ ଜବାବ ଦେବାକୁ ତାଇୱାନ ମଧ୍ୟ ପ୍ରତି-ଯୁଦ୍ଧ ଅଭ୍ୟାସ ଆରମ୍ଭ କରିଛି। ତାଇୱାନ ସ୍ଥଳ ସେନା, ନୌସେନା ଓ ବାୟୁସେନାକୁ ସଜାଗ କରିଛି। ଏ ନେଇ ତାଇୱାନ ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଛି। ଚୀନର କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖାଯାଇଛି। ସେନା ମୁତୟନ କରିବା ସହ ତାଇୱାନ ମଧ୍ୟ ଯୁଦ୍ଧ ଅଭ୍ୟାସ ଆରମ୍ଭ କରିଛି। ଚୀନ୍ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ନଷ୍ଟ କରୁଛି ବୋଲି ତାଇୱାନ ଅଭିଯୋଗ କରିଛି। ତାଇୱାନ ତଟରକ୍ଷୀ ବାହିନୀ ଅନୁଯାୟୀ ଚୀନ୍‌ର ସାମରିକ ଅଭ୍ୟାସ ଜାହାଜର ଗତିବିଧି ଓ ମତ୍ସ୍ୟଜୀବୀଙ୍କ ସୁରକ୍ଷାପ୍ରତି ବିପଦ ସୃଷ୍ଟି କରିଛି। ଚୀନର ପିପୁଲ୍ସ ଲିବେରସନ ଆର୍ମି (ପିଏଲ୍‌ଏ) ଅନୁଯାୟୀ ନୌସେନା, ବାୟୁସେନା ଓ ରକେଟ ଫୋର୍ସ ଏହି ଅଭ୍ୟାସରେ ଏକାଠି ହୋଇଛନ୍ତି। ଯୁଦ୍ଧ ଜାହଜ, ଲଢୁଆ ବିମାନ, ବୋମାମାଡ଼କାରୀ ବାହିନୀ, ଡ୍ରୋନ୍ ଓ ଦୂରଗାମୀ କ୍ଷେପଣାସ୍ତ୍ର ଅଭ୍ୟାସରେ ବ୍ୟବହୃତ ହୋଇଛି। ଏହି ସାମିରିକ ଅଭିଯାନକୁ 'ନ୍ୟାୟ ମିଶନ ୨୦୨୫' ନାମ ଦିଆଯାଇଛି। ଚୀନର ଏହି ଅଭ୍ୟାସ ପୂର୍ବାପେକ୍ଷା ବଡ଼ ଓ ତାଇୱାନର ଅତି ନିକଟରେ କରାଯାଉଛି। ଉଲ୍ଲେଖଯୋଗ୍ୟ ଯେ, ଚୀନ ତାଇୱାନକୁ ନିଜର ଏକ ଅଂଶ ବୋଲି ବିବେଚନା କରୁଛି। ତେଣୁ ଏହି ବିବାଦ ସୃଷ୍ଟି ହୋଇଛି। ଚୀନ୍‌ର ଏହି ଯୁଦ୍ଧଭ୍ୟାସ ପାଇଁ ଆମେରିକା ଓ ତାଇୱାନ ମଧ୍ୟରେ ଅସ୍ତ୍ରଶସ୍ତ୍ର ଚୁକ୍ତି ହୋଇଛି। ଆମେରିକା ତାଇୱାନକୁ ୧୧.୧ ବିଲିଅନ ଡଲାରର ଅସ୍ତ୍ରଶସ୍ତ୍ର ବିକ୍ରି କରିବ ବୋଲି ଘୋଷଣା କରିଛି।

**ତାଇୱାନ ମଧ୍ୟ ପ୍ରତି-ଯୁଦ୍ଧ ଅଭ୍ୟାସ ଆରମ୍ଭ କଲା, ତିନି ସେନା ସଜାଗ**

## ମେକ୍‌ଅପ୍ ଦ୍ୱାରା ଟ୍ରମ୍ପ ଲୁଚାଉଛନ୍ତି କି ରୋଗ?



ଫ୍ଲୋରିଡା, ୨୯ ।୧୨(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍ସ୍କିଙ୍କ ମଧ୍ୟରେ ହୋଇଥିବା ବୈଠକର ନିଷ୍କର୍ଷ ନେଇ ସାରା ବିଶ୍ୱରେ ଚର୍ଚ୍ଚା ଚାଲୁଥିବା ବେଳେ ଟ୍ରମ୍ପଙ୍କ ହାତରେ ଥିବା ମେକଅପ୍‌କୁ ନେଇ ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ମେକ୍‌ଅପ୍ କରି ଟ୍ରମ୍ପ ନିଜ ହାତରେ ଥିବା ଏକ ଚିହ୍ନ ଅର୍ଥାତ କୌଣସି ରୋଗକୁ ଛୁପାଇବାକୁ ପ୍ରୟାସ କରୁଛନ୍ତି ବୋଲି କୁହାଯାଇଛି। ବୈଠକ ଅବସରରେ ଟ୍ରମ୍ପଙ୍କ ଡାହାଣ ହାତରେ ସ୍ପଷ୍ଟ ଭାବେ ମେକ୍‌ଅପ ଦେଖିବାକୁ ମିଳିଥିଲା। ଏ ନେଇ ହ୍ୱାଇଟହାଉସ୍ ତରଫରୁ ସ୍ପଷ୍ଟୀକରଣ ଦିଆଯାଇଛି। ଟ୍ରମ୍ପ ବହୁ ଲୋକଙ୍କୁ ଭେଟୁଛନ୍ତି ଓ ଲଗାତର ସେମାନଙ୍କ ସହ ହାତ ମିଳାଉଛନ୍ତି। ଏହି କାରଣରୁ ହାତରେ ଏଭଳି ଚିହ୍ନ ସୃଷ୍ଟି ହୋଇଛି ବୋଲି ହ୍ୱାଇଟ ହାଉସ ପ୍ରେସ ସଚିବ କାରୋଲିନ ଲେଭିଟ କହିଛନ୍ତି। ୭୯ ବର୍ଷୀୟ ଟ୍ରମ୍ପ ପ୍ରତିଦିନ ଶହଶହ ଲୋକଙ୍କ ସହ ହାତ ମିଳାଉଛନ୍ତି ଓ ଏହି କାରଣରୁ ତାଙ୍କ ହାତର କୋମଳ ତ୍ୱଚାରେ ଚିହ୍ନ ସୃଷ୍ଟି ହୋଇଛି ବୋଲି ଡାକ୍ତରମାନେ କହିଛନ୍ତି। ପୁଣି ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଟ୍ରମ୍ପ ଔଷଧ ସେବନ କରୁଛନ୍ତି। ଫଳରେ ତାଙ୍କ ରକ୍ତ ପତଳା ହୋଉଛି ଓ ସାମାନ୍ୟ ରଗଡ଼ି ହେଲେ ଚର୍ମରେ ଚିହ୍ନ ସୃଷ୍ଟି ହେଉଛି ବୋଲି ଲେଭିଟ୍ କହିଛନ୍ତି। କିନ୍ତୁ ଟ୍ରମ୍ପ ଏକ ଗମ୍ଭୀର ରୋଗ ଲୁଚାଉଛନ୍ତି ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି। ପୂର୍ବରୁ ଗତ ଫେବୃଆରୀରେ ମଧ ଟ୍ରମ୍ପଙ୍କ ହାତରେ ଏକ କଳା-ନୀଳ ଚିହ୍ନ ଦେଖିବାକୁ ମିଳିଥିଲା। ତେବେ ଟ୍ରମ୍ପ ସବୁଥର ଏହି ଚର୍ଚ୍ଚାକୁ ଅଣଦେଖା କରିଛନ୍ତି।

**ଦିଲ୍ଲୀକୁ ଅଚଳ କଲା ଘନ କୁହୁଡ଼ି**

## ୧୨୦ରୁ ଅଧିକ ବିମାନ ଉଡ଼ାଣ ବାତିଲ, ୨୦୦ ବିଳମ୍ବିତ

ନୂଆଦିଲ୍ଲୀ, ୨୯ ।୧୨(ଏଜେନ୍ସି): ସାରା ଭାରତରେ ଅସହ୍ୟ ଶୀତ ଅନୁଭୂତ ହେଉଛି। ହାଡ଼ଭଙ୍ଗା ଶୀତ ଓ ଘନ କୁହୁଡ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଉଛି। ଏହାର ପ୍ରଭାବରେ ଦିଲ୍ଲୀରେ ଅଚଳ ହେବା ଭଳି ସ୍ଥିତି ସୃଷ୍ଟି ହୋଇଛି। ସୋମବାର ଏଠାରେ ବିମାନ, ରେଳ ଚଳାଚଳରେ ସମସ୍ୟା ସୃଷ୍ଟି ହୋଇଛି। କୁହୁଡ଼ି ଛାଇ ରହିଥିବାରୁ ଶହ ଶହ ବିମାନ ଉଡାଣ ବାତିଲ ଏବଂ ବିଳମ୍ବିତ ରହିଛି। ଟ୍ରେନ୍ ନିର୍ଦ୍ଧାରିତ ସମୟରୁ ଘଣ୍ଟା ଘଣ୍ଟା ବିଳମ୍ବରେ ଚାଲୁଛି। ଫଳରେ ଯାତ୍ରୀମାନେ ଷ୍ଟେସନ ଏବଂ ବିମାନବନ୍ଦରରେ ଫସି ରହି ହନ୍ତସନ୍ତ ହେଉଛନ୍ତି। ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ (ଆଇଜିଆଇ) ବିମାନବନ୍ଦରରେ ଅତିକମ୍‌ରେ ୧୨୮ ବିମାନ ଉଡାଣ (୬୪ ପ୍ରସ୍ଥାନ, ୬୪ ଆଗମନ) ବାତିଲ କରାଯାଇଥିଲା। ଦୃଶ୍ୟମାନ କ୍ଷମତା ହ୍ରାସ ପାଇବା କାରଣରୁ ୮ଟି ଉଡାଣକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା।

ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍ ଫ୍ଲାଇଟଟ୍ରେଡର୨୪ ଅନୁଯାୟୀ, ପ୍ରାୟ ୨୦୦ ବିମାନ ବିଳମ୍ବିତ ହୋଇଥିଲା ଓ ୨୪ ମିନିଟ ବିଳମ୍ବରେ ଉଡ଼ାଣ ଭରିଥିଲା। ବିମାନବନ୍ଦର ଦୃଶ୍ୟମାନ କ୍ଷମତା୫୦ମିଟର ପର୍ଯ୍ୟନ୍ତ ହ୍ରାସ ପାଇଥିଲା। ଫଳରେ ସିଏଟି୩ ଭଳି ସ୍ଥିତି କାର୍ଯ୍ୟ ଜାରି ରଖିବାକୁ ପଡ଼ିଥିଲା। ଘନ କୁହୁଡ଼ି ସମୟରେ ଏହା ବ୍ୟବହୃତ ଏକ ଉନ୍ନତ ଅବତରଣ ବ୍ୟବସ୍ଥା। ସୋମବାର ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୦୦ ଅତିକ୍ରମ କରିଥିଲା ଓ ବାୟୁ ପ୍ରଦୂଷଣ ଉଦ୍‌ବେଗଜନକ ବୋଲି ସୂଚିତ କରିଥିଲା। ଖରାପ ପାଗ ଯୋଗୁଁ ଇଣ୍ଡିଗୋ ଏୟାର ଲାଇନ୍ସ ତା'ର ୮୦ ଉଡାଣକୁ ବାତିଲ କରିଛି। ଏଥିରୁ ପ୍ରାୟ ଅଧା ଦିଲ୍ଲୀରେ ବାତିଲ ହୋଇଛି। କୁହୁଡି ଯୋଗୁଁ ପ୍ରଭାବିତ ହୋଇଥିବା ଅନ୍ୟ ବିମାନବନ୍ଦରଗୁଡିକ ହେଲା ମୁମ୍ବଇ, ବେଙ୍ଗାଲୁରୁ, କୋଚି, ହାଇଦରାବାଦ, କୋଲକାତା, ଅମୃତସର, ଚଣ୍ଡିଗଡ଼, ଜୟପୁର, ଡେରାଡୁନ, ଇନ୍ଦୋର, ପାଟନା ଓ ଭୋପାଳ। ତେବେ ଏୟାର ଲାଇନ୍ସଗୁଡିକ ବାତିଲ ହୋଇଥିବା ବିମାନ ସଂଖ୍ୟା ନେଇ କୌଣସି ସୂଚନା ଦେଇନାହାନ୍ତି।

କୁହୁଡ଼ି କାରଣରୁ ରେଳ ସେବା ମଧ୍ୟ ବାଧାପ୍ରାପ୍ତ ହୋଇଛି। ସେପଟେ ପ୍ରବଳ ଥଣ୍ଡା ଯୋଗୁଁ ଉତ୍ତର ପ୍ରଦେଶରେ ଜାନୁଆରୀ ୧ ପର୍ଯ୍ୟନ୍ତ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପାଇଁ ଛୁଟି ଘୋଷଣା କରିଛନ୍ତି। ରାଜ୍ୟର ୧୮ଟି ଜିଲ୍ଲାରେ ଦୃଶ୍ୟମାନ କ୍ଷମତା ଶୂନ ଥିଲା। ରାଜସ୍ଥାନର ଅନେକ ସହରରେ ତାପମାତ୍ର ଏକକ ସଂଖ୍ୟାରେ ପହଞ୍ଚିଛି। ଉତ୍ତରାଖଣ୍ଡର ଉପର ଭାଗ ପାଇଁ ପାଣିପାଗ ବିଭାଗ ତୁଷାରପାତ ସତର୍କତା ଜାରି କରିଛି। ଜମ୍ମୁ-କଶ୍ମୀର, ଦିଲ୍ଲୀ, ପଞ୍ଜାବ, ହରିୟାଣା, ଉତ୍ତର ପ୍ରଦେଶ, ବିହାର, ଝାଡଖଣ୍ଡ, ଛତିଶଗଡ଼, ରାଜସ୍ଥାନ ଓ ମଧ୍ୟପ୍ରଦେଶରେ ଜାନୁଆରୀ ୨ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ ବୋଲି କୁହାଯାଇଛି।

## ଡେରାଡୁନ୍‌ରେ ତ୍ରିପୁରା ଯୁବକଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରି ହତ୍ୟା

ଡେରାଡୁନ୍, ୨୯ ।୧୨(ଏଜେନ୍ସି): ଉତ୍ତରାଖଣ୍ଡର ଡେରାଡୁନ୍‌ରେ ତ୍ରିପୁରାର ଜଣେ ଯୁବକଙ୍କୁ ବର୍ଣ୍ଣବୈଷମ୍ୟ ଆକ୍ଷେପ କରାଯିବା ସହ ନିର୍ମମ ଭାବେ ହତ୍ୟା କରାଯାଇଛି। ଡିସେମ୍ବର ୯ରେ ୨୪ ବର୍ଷୀୟ ଛାତ୍ର ଆଞ୍ଜେଲ ଚକ୍‌ମାଙ୍କୁ କିଛି ଯୁବକ ଚାଇନିଜ, ମୋମୋ, ଚିଙ୍କି ଓ ନେପାଳୀ ବୋଲି କହି ଆକ୍ରମଣ କରିଥିଲେ। ସେତେବେଳେ ଆଞ୍ଜେଲ ଓ ତାଙ୍କ ସାନ ଭାଇ ମାଇକେଲ ବଜାରକୁ ଜିନିଷପତ୍ର କ୍ରୟ କରିବାକୁ ଯାଇଥିଲେ।



ମଦ୍ୟପାନ କରି ନିଶାରେ ଥିବା କେତେଜଣ ଯୁବକ ଦୁଇ ଭାଇଙ୍କ ଚେହେରା ଓ ଚାହାଣୀକୁ ଦେଖି ଆପତ୍ତିଜନକ ବ୍ୟବହାର କରିଥିଲେ। ଆଞ୍ଜେଲ କିନ୍ତୁ ଏହାକୁ ବିରୋଧ କରିଥିଲେ ଓ ଆମକୁ ଭାରତୀୟ ବୋଲି ପ୍ରମାଣ କରିବାକୁ କେଉଁ ପ୍ରମାଣପତ୍ର ଦେବାକୁ ହେବ ବୋଲି ପ୍ରଶ୍ନ ପଚାରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଯୁବକମାନେ ତାଙ୍କୁ ଛୁରୀ ଓ ଲୁହା ରଡ୍‌ରେ ନିର୍ମମ ଭାବେ ଆକ୍ରମଣ କରିଥିଲେ। ଏଥିରେ ଆଞ୍ଜେଲଙ୍କ ମୁଣ୍ଡ, ବେକ, ମେରୁଦଣ୍ଡ ହାଡ଼ରେ ଗଭୀର ଆଘାତ ଲାଗିଥିଲା। ୧୭ ଦିନ ଧରି ଆଇସିୟୁରେ ଚିକିତ୍ସିତ ହେବା ପରେ ସେ ଡିସେମ୍ବର ୨୬ରେ ମୃତ୍ୟୁବରଣ କରିଥିଲେ। ଏବେ ଏହି ଘଟଣାକୁ ନେଇ ସାରା ଦେଶରେ ଚର୍ଚ୍ଚା ସୃଷ୍ଟି ହୋଇଛି। ପୁଲିସ ଏହି ମାମଲାରେ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ତେବେ ମୁଖ୍ୟ ଅଭିଯୁକ୍ତ କାଣ୍ଡ ଘଟାଇ ନେପାଳ ଫେରାର ହୋଇଯାଇଛି। ପୁଲିସ ତା ଉପରେ ୨୫, ୦୦୦ ଟଙ୍କାର ପୁରସ୍କାର ଘୋଷଣା କରିଛି। ଏହି ଘଟଣାକୁ ନେଇ ପୂରା ଉତ୍ତରପୂର୍ବ ଭାରତ, ଖାସ କରି ତ୍ରିପୁରାରେ ଜବରଦସ୍ତ ଆକ୍ରୋଶ ଦେଖିବାକୁ ମିଳିଛି। ଏହାକୁ ବିରୋଧ କରି ଶୋଭା ଯାତ୍ର ଓ କ୍ୟାଣ୍ଡଲ ମାର୍ଚ୍ଚ ବାହାର କରାଯାଇଛି।

## ଚରମପନ୍ଥୀଙ୍କ କବ୍‌ଜାରେ ବାଂଲାଦେଶ ୟୁନୁସ୍ ଅସହାୟ କାହିଁକି?

ଢାକା, ୨୯।୧୨ (ଏଜେନ୍ସି): ପରାଜୟ ଭୟରେ ବାଂଲାଦେଶରେ ସାଧାରଣ ନିର୍ବାଚନୀ ଘୁଞ୍ଚାଇବା ପାଇଁ କାମଚଳା ପ୍ରଧାନମନ୍ତ୍ରୀ ମହମ୍ମଦ ୟୁନୁସ ଷଡ଼ଯନ୍ତ୍ର କରି ହିଂସାକୁ ପ୍ରୋତ୍ସାହନ ଦେଉଛନ୍ତି। ଏବେ ସମଗ୍ର ବାଂଲାଦେଶ ଚରମପନ୍ଥୀଙ୍କ କବଜାରେ। ସେମାନେ ମନଇଚ୍ଛା ହିଂସା ଘଟାଇ ଚାଲିଛନ୍ତି। କିନ୍ତୁ ୟୁନୁସ ସରକାର ଚୁପ୍ ବସିଛି। ସେମାନଙ୍କୁ ନିୟନ୍ତ୍ରଣ କରିବା ଲାଗି ଠୋସ ପଦକ୍ଷେପ ନେଉନାହିଁ। କେବଳ ବିରୋଧୀ ଏବଂ ବିଶେଷ କରି ବିତାଡ଼ିତ ପ୍ରଧାନମନ୍ତ୍ରୀ ହସିନାଙ୍କ ସମର୍ଥକ ନୁହନ୍ତି, ହିନ୍ଦୁ ସଂପ୍ରଦାୟର ଲୋକଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି ଚରମପନ୍ଥୀ। ଆକ୍ରମଣର ଖବର ମିଳିବା ସତ୍ତ୍ୱେ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ହାତ ବାନ୍ଧି ବସି ରହିଛି। ତେଣୁ ଚରମପନ୍ଥୀ କ୍ରମାଗତ ଭାବେ ହିଂସା ଘଟାଇ ଚାଲିଛନ୍ତି। ଦୀପୁ ଚନ୍ଦ୍ର ଦାସଙ୍କୁ ହତ୍ୟା କରିବା ପରଠାରୁ ସମାନେ ଅନେକ ଘର ଉପରେ ଆକ୍ରମଣ କରୁଛନ୍ତି। ଏବେ ହିନ୍ଦୁ ପରିବାରର ଆଉ ୫ଟି ଘରେ ନିଆଁ ଲଗାଇ ଦିଆଯାଇଥିବାର ଖବର ମିଳିଛି। ଗତ ୨୭ ତାରିଖରେ ପିରୋଜପୁର ଜିଲ୍ଲା ଦମ୍ରିତାଲା ଗ୍ରାମରେ ଏହି ଘଟଣା ଘଟିଥିଲା ବୋଲି କୁହାଯାଉଛି।



■ ହିନ୍ଦୁଙ୍କ ୫ ଘର ଜାଳିଦେଲେ
■ ୬ ମାସରେ ସଂଖ୍ୟାଲଘୁଙ୍କ ଉପରେ ୭୧ ଆକ୍ରମଣ

ପରିବାର ସଦସ୍ୟଙ୍କ ଅନୁଯାୟୀ, ସମସ୍ତେ ଘରେ ଭିତରେ ଥିବାବେଳେ ବାହାର ପଟୁ ବନ୍ଦ କରି ନିଆଁ ଲଗାଇ ଦେଇଥିଲେ। ଏହା ଜାଣିବା ପରେ ଜୀବନ ବଞ୍ଚାଇବା ପାଇଁ ସେମାନେ ଏହି ମାମଲାରେ ସ୍ଥାନୀୟ ପୁଲିସ ୫ ଜଣଙ୍କୁ ଗିରଫ କରିଛି। ଅଧିକାରୀଙ୍କ କହିବା ଅନୁଯାୟୀ, ନିଆଁ ଲାଗିବାର କାରଣ ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ତେବେ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଆକ୍ରମଣକାରୀ ଏକ ପ୍ରକୋଷ୍ଠରେ କପଡ଼ା ଭର୍ତ୍ତି କରି ନିଆଁ ଲଗାଇ ଦେଇଥିଲେ। ଏହାଦ୍ୱାରା ନିଆଁ ଦ୍ରୁତ ଗତିରେ ବ୍ୟାପି ଯାଇଥିଲା। ଏହାର ଭିଡିଓ ଭାଇରାଲ ହେବାରେ ଲାଗିଛି।

ବାଂଲାଦେଶରେ ସଂଖ୍ୟାଲଘୁଙ୍କ ପାଇଁ କାମ କରୁଥିବା ସଂଗଠନ ହ୍ୟୁମାନ୍ ରାଇଟ୍ସ କଂଗ୍ରେସ ଫର୍ ବାଂଲାଦେଶ ମାଇନୋରିଟିଜ୍ (ଏଚଆରସିବିଏଲ) ପକ୍ଷରୁ କୁହାଯାଇଛି ଯେ ପ୍ରତ୍ୟେକ ଆକ୍ରମଣରେ ସମାନ ରଣନୀତି ବ୍ୟବହାର କରାଯାଉଛି। ବାଂଲାଦେଶର ୩୦ରୁ ଅଧିକ ଜିଲ୍ଲାରେ ଏଭଳି ହିଂସା ଘଟୁଛି। ଚଳିତ ବର୍ଷ ଜୁନରୁ ଡିସେମ୍ବର ମଧ୍ୟରେ ଏପରି ଅତି କମରେ ୭୧ଟି ମାମଲା ପଞ୍ଜିକୃତ ହୋଇଛି।

# ଏଆଇର ଆଧିପତ୍ୟ

**ସାରା ବିଶ୍ୱରେ ବର୍ତ୍ତମାନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)ର ଦବ୍‌ଦବା। ଏଆଇକୁ ନେଇ ଅନେକ ସମ୍ଭାବନା ରହିଥିବାବେଳେ ବିପଦ ବି କିଛି କମ୍ ନାହିଁ। ୨୦୨୬ରେ ସମସ୍ତଙ୍କ ନଜର ଏହି ନୂଆ ଟେକ୍ନୋଲୋଜି ଉପରେ ରହିବ। ବର୍ଷ ୨୦୨୬ ବିଶ୍ୱ ବାଣିଜ୍ୟ ପାଇଁ ଅଶାନ୍ତର ବର୍ଷ ହେବାକୁ ଥିବାବେଳେ ଦେଶର ଅର୍ଥନୀତି କେତେକାଂଶରେ ଭଲ ରହିବ ବୋଲି ଆକଳନ କରାଯାଉଛି। ହେଲେ ଟାରିଫ୍ ପ୍ରସଙ୍ଗ ଭାରତର ପିଛା ଛାଡ଼ିବନି। ନୂଆ ବର୍ଷରେ ସୁନା, ରୁପାର ଚମକ ଆହୁରି ବଢ଼ିବାକୁ ଥିବାବେଳେ ଭାରତୀୟ ମୁଦ୍ରା ଟଙ୍କା ୨୦୨୫ ତୁଳନାରେ ଅଧିକ ଦୁର୍ବଳ ହେବା ସହ ବଜାର ଦର ମହଙ୍ଗା ରହିବ।**

ବର୍ଷ ୨୦୨୬ରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବା କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ ଦ୍ରୁତ ଗତିରେ ବୃଦ୍ଧି ପାଇବ। ତେଣୁ, ଏଥିପାଇଁ ସମସ୍ତଙ୍କୁ ଅପଡେଟ୍ ରହିବାକୁ ପଡ଼ିବ। ଏଆଇ ସହିତ ତାଳ ଦେଇ ଚାଲିବାକୁ ହେଲେ, ନୂତନ ଦକ୍ଷତା ଶିଖିବାକୁ ପଡ଼ିବ। ଯେଉଁମାନେ ସମୟ ସହିତ ଖାପ ଖୁଆଇବେ କେବଳ ସେମାନେ ଏଆଇର ଏହି ନୂତନ ଯୁଗରୁ ଲାଭ ପାଇବେ। ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲ୍ୟୁଇଏଫ୍) ର 'ଜବ୍ ଫ୍ୟୁଚର ରିପୋର୍ଟ ୨୦୨୫' ଅନୁଯାୟୀ, ୨୦୩୦ ସୁଦ୍ଧା ବିଶ୍ୱ ଜନସଂଖ୍ୟାର ୩୮% ଲୋକଙ୍କୁ ସମୟ ସହିତ ତାଳ ଦେବା ପାଇଁ ସେମାନଙ୍କର ଦକ୍ଷତାକୁ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତନ କରିବାକୁ ପଡ଼ିବ। ଏହାର ଅର୍ଥ ହେଉଛି ଯଦି ଆପଣ ଏଆଇ ସହିତ ତାଳ ଦେଇ ଚାଲିବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ପୁରୁଣା ପଦ୍ଧତିଗୁଡ଼ିକୁ ପରିତ୍ୟାଗ କରି ନୂତନ ଶିକ୍ଷା ଲାଭ କରିବାକୁ ପଡ଼ିବ।

## ଦୁର୍ବଳ କରୁଛି ମସ୍ତିଷ୍କ

ପ୍ରାୟ ସବୁ କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ର ବ୍ୟବହାର ଦ୍ରୁତଗତିରେ ବଢ଼ିଚାଲିଛି। ସୃଜନଶୀଳତା ହେଉ କିମ୍ବା ଟେକ୍ନୋଲୋଜି, କଷ୍ଟରୁ କଷ୍ଟକର ପ୍ରଶ୍ନର ଉତ୍ତର ଏଆଇ ମାତ୍ର କିଛି ସେକେଣ୍ଡରେ ଦେବାକୁ ସକ୍ଷମ। ଏହାର ବ୍ୟବହାରରେ ମଣିଷ ନିଜର ଉଭୟ ସମୟ ଏବଂ ଶକ୍ତି ବଞ୍ଚାଇବାରେ ସଫଳ ହେଉଛି କିନ୍ତୁ ଗଭୀରତାର ସହ ବିଶ୍ଳେଷଣ କଲେ ଏଆଇର ବ୍ୟବହାର ମଣିଷର ସୃଜନଶୀଳତା ହ୍ରାସ କରିବା ସହ ମସ୍ତିଷ୍କର ଉପଯୋଗ ମଧ୍ୟ କମାଉଛି। ଯଦି ପ୍ରତ୍ୟେକ କ୍ଷେତ୍ରରେ ମଣିଷ ମୁଣ୍ଡ ନ ଖଟାଇ ଏଆଇ ଦ୍ୱାରା କାମ ହାସଲ କରେ, ତେବେ ଧୀରେ ଧୀରେ ଆମ ମସ୍ତିଷ୍କ ଦୁର୍ବଳ ହେବାର ଆଶଙ୍କା ରହିଥିବା ବିଶେଷଜ୍ଞମାନେ ସତର୍କ କରାଇଛନ୍ତି। ଏକ ଅଧ୍ୟୟନରେ ଜଣାପଡ଼ିଛି ଯେ, ଯଦି ଲୋକେ ଏଆଇ ଉପରେ ଆବଶ୍ୟକତାଠାରୁ ଅଧିକ ନିର୍ଭର କରନ୍ତି, ତେବେ ସେମାନଙ୍କ ସମସ୍ୟା ସମାଧାନ କରିବା ଦକ୍ଷତା ଦୁର୍ବଳ ହୋଇପାରେ।

## ଇତିହାସ ରଚିବ ସୁନା, ରୁପା ଦର

ବିଶ୍ୱ ସହ ଘରୋଇ ବଜାରରେ ସୁନା ଓ ରୁପା ମୂଲ୍ୟ ୨୦୨୫ରେ ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। ସୁନା ୧୦ ଗ୍ରାମ ପିଛା ଦେଢ଼ ଲକ୍ଷ ଟଙ୍କା ଛୁଇଁବାକୁ ବସିଥିବାବେଳେ ରୁପା କିଲୋଗ୍ରାମ ପିଛା ୩ ଲକ୍ଷ ଟଙ୍କା ଆଡ଼କୁ ମୁହାଁଉଛି। ଏଥିରେ କୌତୂହଳର ବିଷୟ ହେଉଛି ବିଶ୍ୱ ସ୍ତରରେ ଅନିଶ୍ଚିତତା ମଧ୍ୟରେ ରୁପା ଚଳିତ ବର୍ଷ ଲାଭ ଦୃଷ୍ଟିରୁ ସୁନା ଏବଂ ସେୟାର ବଜାର ପରି ପାରମ୍ପରିକ ନିବେଶ ବିକଳ୍ପଗୁଡ଼ିକୁ ପଛରେ ପକାଇଦେଇଛି। ୨୦୨୬ରେ ଉଭୟ ସୁନା ଓ ରୁପା ଦର ଆହୁରି ବଢ଼ିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ତେବେ ୨୦୨୫ରେ ସୁନା ଓ ରୁପା ମୂଲ୍ୟ ଯେଉଁଗତିରେ ବୃଦ୍ଧି ଘଟିଛି, ତାହା ବଜାର ଆକଳନଠାରୁ ବହୁ ଆଗରେ ରହିଛି। ତେଣୁ ୨୦୨୬ରେ ସୁନା ଓ ରୁପା ଦର କେଉଁ ସ୍ତରରେ ପହଞ୍ଚିବ ତାହା ଏବେ ସମସ୍ତଙ୍କ ଆକଳନ ବାହାରେ।

## ଏଆଇର ବିକାଶ ମନ୍ଥର ହୋଇପାରେ

ବିଶ୍ୱବ୍ୟାପୀ ଡାଟା ସେଣ୍ଟର ନିର୍ମାଣ ବିରୋଧରେ ଲୋକମାନେ ପ୍ରତିବାଦ କରୁଛନ୍ତି। ଆମେରିକାରେ, ଲୋକମାନେ ଏହାର ପ୍ରତିବାଦ କରିବା ପାଇଁ ସୋସିଆଲ ମିଡିଆରେ ଗ୍ରୁପ ଗଠନ କରୁଛନ୍ତି। ଚୀନ୍ ଏବଂ ରୁଷ ଭଳି ଦେଶ ଆମେରିକାରେ ଡାଟା ସେଣ୍ଟର ନିର୍ମାଣକୁ ବନ୍ଦ କରିବା ପାଇଁ ଭୁଲ ସୂଚନା ପ୍ରସାର କରିବାରେ ସୋସିଆଲ ମିଡିଆ ବ୍ୟବହାର କରୁଛନ୍ତି। ଏହାଦ୍ୱାରା ଚୀନ୍ ଏବଂ ରୁଷ ଲାଭ ପାଇବେ। କାରଣ ସେମାନେ ନିଜେ ଏଆଇରେ ଅଗ୍ରଗତି ହାସଲ କରିବାକୁ ଚାହାଁନ୍ତି। ଏପରି ପ୍ରୟାସ ଏଆଇ ବିକାଶକୁ ମନ୍ଥର କରିପାରେ ଏବଂ ଅନ୍ତର୍ଜାତୀୟ ସ୍ତରରେ ଉତ୍ତେଜନା ବୃଦ୍ଧି କରିପାରେ।

## ୨୦୨୬ରେ ଏଆଇ ମଣିଷ ପାଇଁ ସବୁଠାରୁ ବଡ଼ ବିପଦ

ବର୍ଷ ୨୦୨୬ରେ ଏଆଇ ମନୁଷ୍ୟ ଜୀବନରେ ଏକ ବଡ଼ ମୋଡ଼ ଆଣିବ। ଏଆଇ ମଣିଷ ଜୀବନକୁ ସହଜ କରିବାର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ, ୨୦୨୬ରେ ଏହା ମନୁଷ୍ୟ ପାଇଁ ସବୁଠାରୁ ବିପଦଜ୍ଜନକ ସାବ୍ୟସ୍ତ ହେବ ବୋଲି ଆଶଙ୍କା କରାଗଲାଣି। ଏହାକୁ ନେଇ ଏବେ ଚିନ୍ତା ବଢ଼ିଲାଣି। ଏକ ଆମେରିକୀୟ ଟେକ୍ ପତ୍ରିକାରେ ପ୍ରକାଶିତ ରିପୋର୍ଟରେ ୬ଟି ଏଆଇ ସମ୍ଭାବନାକୁ ଉଲ୍ଲେଖ କରାଯାଇଛି ଯାହା, ଭବିଷ୍ୟତରେ ସମାଜ, ଚାକିରି, ଗୋପନୀୟତା ଏବଂ ଅନ୍ତର୍ଜାତୀୟ ସମ୍ପର୍କକୁ ପ୍ରଭାବିତ କରିପାରେ। ଏହି ଆକଳନ ଓପନ୍‌ଏଆଇ, ଗୁଗୁଲ୍ ଏବଂ ଅନ୍ୟାନ୍ୟ ପ୍ରମୁଖ ଟେକ୍ କମ୍ପାନୀଗୁଡ଼ିକର ବର୍ତ୍ତମାନର ଦିଗ ଉପରେ ଆଧାର କରି କରାଯାଇଛି। ଏମିତିକି ଏଆଇ ସହିତ ସୃଷ୍ଟି ହୋଇଥିବା ନକଲି ଚିତ୍ର ଏବଂ ଭିଡିଓ ଏତେ ବାସ୍ତବ, ଦେଖାଯାଉଛି ଯେ ଲୋକମାନେ ସହଜରେ ଏଥିରେ ପ୍ରଭାବିତ ହେଉଛନ୍ତି।

## ଭାରତ ବ୍ରିକ୍ସର ଅଧ୍ୟକ୍ଷ ରହିବ

BRICS

୨୦୨୬ ଜାନୁଆରୀରୁ ଭାରତ ବ୍ରିକ୍ସର ନେତୃତ୍ୱ ନେବ। ଅର୍ଥାତ୍ ଭାରତ ବ୍ରିକ୍ସ ରାଷ୍ଟ୍ର ସମୂହର ସଭାପତି ପଦ ଗ୍ରହଣ କରିବ। ଭାରତ ଏଭଳି ଏକ ସମୟରେ ବ୍ରିକ୍ସ ସଭାପତି ପଦ ଗ୍ରହଣ କରୁଛି, ଯେତେବେଳେ ଆମେରିକାର ଶୁଳ୍କ ନୀତି ଭାରତ, ଚୀନ୍ ଏବଂ ରୁଷକୁ ପରସ୍ପରର ନିକଟତର କରିଛି। ଏକ ରିପୋର୍ଟ ଅନୁଯାୟୀ, ବ୍ରିକ୍ସ ସହଯୋଗୀ ରାଷ୍ଟ୍ରଗୁଡିକ କୃଷି କ୍ଷେତ୍ରରେ ସେମାନଙ୍କର ଯୋଗଦାନ ବୃଦ୍ଧି କରୁଛନ୍ତି। ବ୍ରିକ୍ସ ଦେଶଗୁଡ଼ିକ କୃଷି, ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର, ବିଶ୍ୱ ଜଳବାୟୁ ପରିବର୍ତ୍ତନ ଏବଂ ଅନ୍ୟାନ୍ୟ କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ସହଭାଗିତା ବଢ଼ାଉଛନ୍ତି। ତେଣୁ, ବିଶେଷଜ୍ଞମାନେ ଭବିଷ୍ୟବାଣୀ କରିଛନ୍ତି ଯେ ୨୦୨୬ ଶେଷ ସୁଦ୍ଧା, ଆମେରିକା ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହେବ ଏବଂ ଏହାର ପ୍ରାଧାନ୍ୟ ଶେଷ ହୋଇଯିବ।

## ଅଶାନ୍ତ ହେବ ବିଶ୍ୱ ବାଣିଜ୍ୟ

୨୦୨୬ ବିଶ୍ୱ ବାଣିଜ୍ୟ ପାଇଁ ଏକ ଆହ୍ୱାନପୂର୍ଣ୍ଣ ବର୍ଷ ହୋଇପାରେ। କାରଣ ଶୁଳ୍କ ପରିଣାମ ଏବଂ ଯୋଗାଣ ଶୃଙ୍ଖଳା ବିପଦ ବାଣିଜ୍ୟ ଢାଞ୍ଚାକୁ ପରିବର୍ତ୍ତନ କରୁଛି, ଯାହା ବିଶ୍ୱ ଅଭିବୃଦ୍ଧିକୁ ପ୍ରଭାବିତ କରିବାରେ ଲାଗିଛି। ତଥାପି, ୨୦୨୬ରେ ଭାରତର ଘରୋଇ ସ୍ତରରେ ଚାହିଦା ଦୃଢ଼ ରହିବ ବୋଲି ଆଶା କରାଯାଉଛି। ଟ୍ରମ୍ପ୍ ପ୍ରଶାସନ ଦ୍ୱାରା ବାଣିଜ୍ୟ ଶୁଳ୍କ ଲାଗୁ କରାଯିବା ସତ୍ତ୍ୱେ ବିଶ୍ୱ ବାଣିଜ୍ୟ କେତେକାଂଶରେ ୨୦୨୫ରେ ସ୍ଥିର ରହିଥିଲା। ୨୦୨୬ରେ ଟାରିଫ୍ ଉପରେ ଚୂଡ଼ାନ୍ତ ପରିଣାମ ଆସିବା ଆଶା କରାଯାଉଛି। ତେଣୁ ବିଶେଷଜ୍ଞମାନେ ୨୦୨୬ ବିଶ୍ୱ ବାଣିଜ୍ୟ ପାଇଁ ଏକ ଅଶାନ୍ତ ବର୍ଷ ହେବ ବୋଲି ପୂର୍ବାନୁମାନ କରିଛନ୍ତି।

## ୨୦୦ କମ୍ପାନୀ ଆଣିବେ ଆଇପିଓ

ଆସନ୍ତା ବର୍ଷ ପୁଞ୍ଜି ବଜାରରେ ପ୍ରାରମ୍ଭିକ ପବ୍ଲିକ୍ ଅଫର(ଆଇପିଓ)ର ଲମ୍ବା ଧାଡି ଲାଗିବ। ୮୮ଟି କମ୍ପାନୀ ପ୍ରାୟ ୧.୧୬ ଲକ୍ଷ କୋଟି ଟଙ୍କାର ଆଇପିଓ ଆଣିବାକୁ ବଜାର ନିୟାମକ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ର ଅନୁମୋଦନ ଲାଭ କରିଛନ୍ତି, ଯେତେବେଳେ କି ଅନ୍ୟ ୧୦୪ଟି କମ୍ପାନୀ ପ୍ରାୟ ୧.୪ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବା ପାଇଁ ଅନୁମୋଦନ ଅପେକ୍ଷାରେ ରହିଛନ୍ତି। ଏହାର ଅର୍ଥ ହେଉଛି ପ୍ରାୟ ୨୦୦ କମ୍ପାନୀ ୨୦୨୬ରେ ଭାରତୀୟ ବଜାରରେ ଆଇପିଓ ଆଣିବାକୁ ପ୍ରସ୍ତୁତ ଅଛନ୍ତି।

## ଚମକିବ ସେୟାର ବଜାର

୨୦୨୫ ଯଦିଓ ଷ୍ଟକ୍ ବଜାରରୁ ରିଟର୍ଣ୍ଣ ଆଶା ପୂରଣ କରିପାରିନାହିଁ, ତଥାପି ଭାରତୀୟ ଅର୍ଥନୀତି ବର୍ଷରେ ତା'ର ଶକ୍ତି ଦେଖାଇଥିଲା। ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧିଠାରୁ ଆରମ୍ଭ କରି ନିୟନ୍ତ୍ରିତ ମୁଦ୍ରାସ୍ଫୀତି ଏବଂ ଦୀର୍ଘକାଳୀନ ନିବେଶକମାନେ ବଜାର ଶକ୍ତିରେ ବଡ଼ ଯୋଗଦାନ ଦେଇଥିଲେ। ଏକ ରିପୋର୍ଟ ଅନୁଯାୟୀ, ୨୦୨୬ରେ ଜିଡିପି ଅଭିବୃଦ୍ଧି ଭଲ ରହିବ ବୋଲି ଆଶା କରାଯାଉଛି। ଘରୋଇ ନିବେଶକଙ୍କ ଦୃଢ଼ ଅଂଶଗ୍ରହଣ ଏବଂ ଉନ୍ନତ ବାଲାନ୍ସ ସିଟ୍ ସହିତ ନିବେଶକମାନେ ଏବେ ସେହି କ୍ଷେତ୍ରଗୁଡ଼ିକ ଉପରେ ନଜର ରଖୁଛନ୍ତି ଯାହା ୨୦୨୬ରେ ସ୍ଥାୟୀ ଅଭିବୃଦ୍ଧି ଦେଖାଇପାରିବ। ତେଣୁ ବର୍ଷ ୨୦୨୬ରେ ଭାରତୀୟ ସେୟାର ବଜାର ଚମକିବ।

## ଆହୁରି ଦୁର୍ବଳ ହେବ ଟଙ୍କା

ବଜାର ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି ଯେ, ବର୍ଷ ୨୦୨୬ରେ ଭାରତୀୟ ମୁଦ୍ରା 'ଟଙ୍କା' ଏକ କଠିନ ଆହ୍ୱାନର ସମ୍ମୁଖୀନ ହେବ, ଯାହା ଆମେରିକୀୟ ଡଲାର ତୁଳନାରେ ଆହୁରି ଦୁର୍ବଳ ହେବାର ସମ୍ଭାବନା ରହିଛି। ଯଦିଓ ୨୦୨୫ ରେ ଟଙ୍କାର ବିନିମୟ ମୂଲ୍ୟରେ ୬% [illegible] ହ୍ରାସ ଘଟିଛି, ତଥାପି ଦୃଢ଼ ଅର୍ଥନୈତିକ ଅଭିବୃଦ୍ଧି, କମ ମୁଦ୍ରାସ୍ଫୀତି ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ହସ୍ତକ୍ଷେପ ଭାରତୀୟ ମୁଦ୍ରାକୁ ଅଧିକ ଅବମୂଲ୍ୟାୟନରୁ ଗୁରୁତ୍ୱପୂର୍ଣ୍ଣ ସମର୍ଥନ ଯୋଗାଉଛି। ପୂର୍ବାନୁମାନ ସୂଚାଉଛି ଯେ ୨୦୨୬ ଶେଷ ସୁଦ୍ଧା ଟଙ୍କା ମୂଲ୍ୟ ଡଲାର ପିଛା ଅତି କମ୍‌ରେ ୯୫ ଟଙ୍କା ସ୍ତର ପର୍ଯ୍ୟନ୍ତ ଖସିଯାଇପାରେ।

## ବଢ଼ିବ ଦରଦାମ୍

୨୦୨୬ରେ ଭାରତ ବଜାରରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ବିଶେଷକରି ମୋବାଇଲ୍ ରିଚାର୍ଜ ମହଙ୍ଗା ହେବ। ରିଲାଏନ୍ସ ଜିଓ, ଏୟାରଟେଲ୍ ଏବଂ ଭୋଡାଫୋନ୍ ଆଇଡିଆ ଭଳି କମ୍ପାନୀଗୁଡ଼ିକ ୧୦-୨୦% ଶୁଳ୍କ ବୃଦ୍ଧି କରିପାରନ୍ତି, ଯାହା ୪ଜି/୫ଜି ପ୍ଲାନ୍‌କୁ ଅଧିକ ମହଙ୍ଗା କରିବ। ଅପରପକ୍ଷେ ନୂଆ ବର୍ଷରେ ରିଅଲ ଇଷ୍ଟେଟ୍ ବଜାର ମହଙ୍ଗା ହେବ। କାରଣ ଆବାସିକ ଗୃହ କ୍ଷେତ୍ରରେ ପ୍ରବଳ ଚାହିଦା ଯୋଗୁଁ ଡେଭେଲପରମାନେ ମୂଲ୍ୟରେ ୫-୧୦% କିମ୍ବା ଅଧିକ ବୃଦ୍ଧି ଆଶା କରୁଛନ୍ତି।

## ଟ୍ରିଲିୟନେୟାର ହେବେ ଏଲନ୍ ମସ୍କ

ଆମେରିକୀୟ ଶିଳ୍ପପତି ଏଲନ୍ ମସ୍କଙ୍କର ମୋଟ ସମ୍ପତ୍ତି ବଢ଼ି ୭୫୦ ବିଲିୟନ ଡଲାର ଅତିକ୍ରମ କରିଛି। ସେ ବିଶ୍ୱର ପ୍ରଥମ ଟ୍ରିଲିୟନେୟାର ହେବାକୁ ଯାଉଛନ୍ତି। ତାଙ୍କର ମୋଟ ସମ୍ପତ୍ତି ଭାରତର ମୋଟ ବୈଦେଶିକ ମୁଦ୍ରା ଭଣ୍ଡାର ଠାରୁ ମଧ୍ୟ ଅଧିକ। ତେବେ ଭାରତରେ ଏକ ନମ୍ବର ଧନୀ ମୁକେଶ ଅମ୍ବାନୀଙ୍କର ମୋଟ ସମ୍ପତ୍ତି ୧୧୭ ବିଲିୟନ୍ ଡଲାର([illegible] କୋଟି ଟଙ୍କା) ଏବଂ ଦ୍ୱିତୀୟରେ ଥିବା ଗୌତମ ଆଦାନୀଙ୍କ ସମ୍ପତ୍ତି ପରିମାଣ ୧.୫ ବିଲିୟନ୍ ଡଲାର(୫୨,୪୦୦ କୋଟି ଟଙ୍କା) ରହିଛି।


## ସକାରାତ୍ମକ ରହିବ ନିଯୁକ୍ତି କ୍ଷେତ୍ର

୨୦୨୬ ମସିହାରେ ଭାରତର ନିଯୁକ୍ତି କ୍ଷେତ୍ର ସକାରାତ୍ମକ ରହିବ। ଏଥିରେ ହାୟାରିଂ ରେଟ୍ ୧୧%ରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏଥିରେ ଅଭିଜ୍ଞ ବୃତ୍ତିଗତ ଏବଂ ଟିୟର-୨ ସହର ପାଇଁ ସୁଯୋଗ ବୃଦ୍ଧି ପାଇବ। ଏଆଇ, ଡାଟା ସାଇନ୍ସ ଏବଂ ସାଇବର ସୁରକ୍ଷା ଭଳି କ୍ଷେତ୍ରଗୁଡ଼ିକରେ ଚାହିଦା ବୃଦ୍ଧି ପାଇବ। ବର୍ଷ ୨୦୨୬ରେ କର୍ମଚାରୀଙ୍କ ଦରମାରେ ୯% ଅଭିବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି। ୨୦୨୬ରେ ଭାରତର ଚାକିରି ବଜାର ଏଆଇ ଏବଂ ଡିଜିଟାଲ ପରିବର୍ତ୍ତନ ସହିତ ଦ୍ରୁତ ଗତିରେ ଆଗକୁ ବଢ଼ିବ। ବିଶେଷଜ୍ଞମାନେ ପ୍ରଯୁକ୍ତିବିଦ୍ୟା, ସବୁଜ ଭିତ୍ତିଭୂମି, ଗିଗ୍ କର୍ମୀ ଏବଂ ପ୍ରିସିସନ୍ ମାନୁଫାକ୍ଚରିଂ ଭଳି କ୍ଷେତ୍ରଗୁଡ଼ିକରେ ଚାହିଦାରେ ଉଲ୍ଲେଖନୀୟ ବୃଦ୍ଧି ହେବ ବୋଲି ପୂର୍ବାନୁମାନ କରିଛନ୍ତି।

### ବିଜୟ ହଜାରେ ଟ୍ରଫି

# ଗୋବିନ୍ଦଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ; ଓଡ଼ିଶା ବିଜୟୀ

କଟକ,୨୯।୧୨(ସମିସ): ଗୋବିନ୍ଦ ପୋଦ୍ଦାରଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ଓଡ଼ିଶା ୬ ୱିକେଟରେ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରିଛି। ଆନ୍ଧ୍ରପ୍ରଦେଶ ପକ୍ଷରୁ ଧାର୍ଯ୍ୟ ୨୨୨ରନର ବିଜୟ ଲକ୍ଷ୍ୟକୁ ପିଛା କରି ଓଡ଼ିଶା ୪୩.୪ ଓଭରରେ ବିଜୟୀ ହୋଇଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ଗୋବିନ୍ଦ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଚଳିତ ବିଜୟ ହଜାରେ ଟ୍ରଫିରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଥିବା ଓଡ଼ିଶା ଗ୍ରୁପ-ଡି ଟେବଲର ଦ୍ୱିତୀୟ ସ୍ଥାନ ବଜାୟ ରଖିଛି। ଦଳ ୩ଟି ମ୍ୟାଚ୍‌ରୁ ଗୋଟିଏ ପରାଜୟ ଏବଂ ୨ଟି ବିଜୟ ସହ ୮ ପଏଣ୍ଟ ସଂଗ୍ରହ କରିଛି। ଟ୍ରଫି ଆରମ୍ଭରୁ ଦଳୀୟ ପ୍ରଦର୍ଶନ ପ୍ରଭାବଶାଳୀ ରହିଥିବା ବେଳେ ଆଗାମୀ ୩୧ ତାରିଖରେ ୪ର୍ଥ ଲିଗ୍‌ରେ ଓଡ଼ିଶା ଗ୍ରୁପର ଶୀର୍ଷ ସ୍ଥାନରେ ରହିଥିବା ଦିଲ୍ଲୀକୁ ଭେଟିବ।



ପୁରସ୍କାର ସହ ଗୋବିନ୍ଦ ପୋଦ୍ଦାର


ଓମ୍ ଟି. ମୁଣ୍ଡେ

ଅଲୁର କ୍ରିକେଟ ଗ୍ରାଉଣ୍ଡରେ ଆଜି ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ଟସ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଓଡ଼ିଆ ସ୍ପିଡଷ୍ଟର ତଥା ପୂର୍ବ ମ୍ୟାଚ୍‌ର ହ୍ୟାଟ୍ରିକ ୱିକେଟ ଦଖଲକାରୀ ରାଜେଶ ମହାନ୍ତି ପ୍ରଥମ ଓଭରରେ ଦଳକୁ ସଫଳତା ଦେଇଥିଲେ। ଓପନର ଅଶ୍ୱିନ ହେବରଙ୍କୁ ସେ ୨ରନରେ କ୍ଲିନ ବୋଲ୍ଡ କରିଥିଲେ। ପ୍ରାରମ୍ଭିକ ସଫଳତା ଓଡ଼ିଶା ଶିବିରରେ ଉତ୍ସାହ ଭରିଥିଲା। ୱିକେଟ କିପର ତଥା ଅନ୍ତର୍ଜାତୀୟ ଖେଳାଳି ଶ୍ରୀକର ଭଗତ(୩୨ରନ), ଆଇପିଏଲ ତାରକା ସେଖ୍ ରସିଦ(୨୦ରନ), ଅଧିନାୟକ ନୀତିଶ କୁମାର ରେଡ୍ଡୀ(୬ରନ) ଓ ରିକି ଭୁଇ(୧୮ରନ) ବଡ ଇନିଂସ୍ ଖେଳିବାରେ ଫେଲ୍ ମାରିବାରୁ ଆନ୍ଧ୍ରପ୍ରଦେଶ ବଡ ସ୍କୋର କରିବାର ଆଶା ମଉଳିଥିଲା। ମଧ୍ୟକ୍ରମରେ ଏସ୍ ପ୍ରସାଦ ୬୬ରନ ଏବଂ ନିମ୍ନକ୍ରମର ଖେଳାଳି ସୌରଭ କୁମାର ଦ୍ରୁତ ୪୬ରନ ସଂଗ୍ରହ କରିବା ଯୋଗୁଁ ଆନ୍ଧ୍ରପ୍ରଦେଶର ସ୍କୋର ୨୦୦ ଟପିଥିଲା।

ଦଳ ସମସ୍ତ ୱିକେଟ ହରାଇ ୨୨୧ରନ ସଂଗ୍ରହ କରିଥିଲା। ତେବେ ଓଡ଼ିଶା ପକ୍ଷରୁ ଦୁଇ ଅଭିଜ୍ଞ ୩ଟି ଲେଖାଏ ୱିକେଟ ବାଣ୍ଟି ନେଇଥିଲେ। ଅଧିନାୟକ ବିପ୍ଳବ ଏବଂ ଗୋବିନ୍ଦ ଉଭୟ ୩୬ରନ ଲେଖାଏ ବ୍ୟୟ କରି ଏହି ସଫଳତା ପାଇଥିଲେ। ଅବଶିଷ୍ଟ ୪ ୱିକେଟ ଓଡ଼ିଶାର ୪ ପେସ ବୋଲର ରାଜେଶ, ସମ୍ବିତ ବରାଳ, ଦେବବ୍ରତ ପ୍ରଧାନ ଏବଂ ବାଦଲ ବିଶ୍ୱାଳଙ୍କୁ ମିଳିଥିଲା। ୨୨୨ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଓଡ଼ିଶାକୁ ପ୍ରଥମ ବଲ୍‌ରେ ଝଟକା ଲାଗିଥିଲା।

ସୌରାଷ୍ଟ୍ର ବିପକ୍ଷରେ ଦ୍ୱିଶତକ ହାସଲ କରି ଚର୍ଚ୍ଚାକୁ ଆସିଥିବା ସ୍ୱସ୍ତିକ ସାମଲ ଖାତା ଖୋଲିବା ଆଗରୁ ଆନ୍ଧ୍ର ଅଧିନାୟକ ନୀତିଶଙ୍କ ଶିକାର ହୋଇଥିଲେ। ଦ୍ୱିଶତକୀୟ ପାଳି ପରେ ସ୍ୱସ୍ତିକଙ୍କ ଏହା ଲଗାତର ଦ୍ୱିତୀୟ ଡକ୍। ସର୍ଭିସେସ ବିପକ୍ଷ ଗତ ମ୍ୟାଚ୍‌ରେ ମଧ ସ୍ୱସ୍ତିକ ଶୂନରେ ଆଉଟ ହୋଇଥିଲେ। ପରେ ସନ୍ଦୀପ ପଟ୍ଟନାୟକ ୧୯ରନରେ ପ୍ୟାଭିଲିୟନ ଫେରିଥିଲେ। ୩୧ରନରେ ଦଳ ପ୍ରଥମ ଦୁଇ ୱିକେଟ ହରାଇଥିଲା। ଅଭିଜ୍ଞ ଗୋବିନ୍ଦ ଏବଂ ନବାଗତ ଓମ ଟି ମୁଣ୍ଡେ ୧୬୬ରନର ଭାଗିଦାରୀ ସୃଷ୍ଟି କରି ଓଡ଼ିଶାକୁ ବିଜୟ ନିକଟତର କରାଇଥିଲେ। ମାତ୍ର ଦୁର୍ଭାଗ୍ୟବଶତଃ ଉଭୟ ଶତକୀୟ ପାଳିରୁ ବଞ୍ଚିତ ହୋଇଥିଲେ। ଗୋବିନ୍ଦ ୮୯ରନ ଏବଂ ଓମ୍ ୯୧ରନରେ ଆଉଟ ହୋଇଥିଲେ। ୱିକେଟ କିପର ଆଶୀର୍ବାଦ ସ୍ୱାଇଁ ୧୧ରନ ଓ ଅଧିନାୟକ ବିପ୍ଳବ ୭ରନରେ ଅପରାଜିତ ରହି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ।

### ● ଅଭିଷେକଙ୍କ ଅଲରାଉଣ୍ଡ ପ୍ରଦର୍ଶନ କାମ ଦେଲାନି

# ଉତ୍ତରାଖଣ୍ଡ, ଆସାମ ବିଜୟୀ

ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି): ଆଜି ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ମଧ୍ୟରେ ଉତ୍ତରାଖଣ୍ଡ ଶକ୍ତିଶାଳୀ ପଞ୍ଜାବକୁ ୫ ୱିକେଟରେ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ବିସ୍ଫୋରକ ଓପନର ଅଭିଷେକ ଶର୍ମା ୨୬ବଲ୍‌ରୁ ୩୦, ପ୍ରଭସିମରନ ସିଂହ ୨୮, ଅନ୍‌ମୋଲପ୍ରୀତ୍ ସିଂହ ୨୧ ଓ ନମନ ଧୀର ୩ ରନ୍‌ରେ ଆଉଟ ହୋଇଥିଲେ। ତେବେ ସଲିଲ ଅରୋରାଙ୍କ ୬୫ ଓ କ୍ରିସ୍ ଭଗତଙ୍କ ୫୧ରନ୍ ବଳରେ ଦଳ ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୨୬୯ ରନ୍ କରିଥିଲା। ଜବାବରେ ଅଧିନାୟକ କୁନାଲ ଚାଣ୍ଡେଲାଙ୍କ ୧୧୮ ଓ ଶାଶ୍ୱତ ଡାଙ୍ଗୱାଲଙ୍କ ୩୮ ବଲ୍‌ରୁ ଅପରାଜିତ ୫୧ ରନ୍ ବଳରେ ଉତ୍ତରାଖଣ୍ଡ ୧୪ଟି ବଲ ଓ ୫ ୱିକେଟ ବାକିଥାଇ ମ୍ୟାଚ୍ ଜିତିନେଇଥିଲା। ଅଭିଷେକ ଓ ଗୁରନୁର ବ୍ରାର ୨ଟି ଲେଖାଏଁ ୱିକେଟ ପାଇଥିଲେ। ଅନ୍ୟ ଏକ ହାଇସ୍କୋରିଂ ମ୍ୟାଚ୍‌ରେ ଆସାମ ୪ ୱିକେଟରେ ହାଇଦରାବାଦ୍‌କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ହାଇଦରାବାଦ୍ ୮ ୱିକେଟରେ ୩୧୦ ରନ୍ କରିଥିଲା। ଅବ୍‌ଦୁଲ ଅଜିଜ୍ ୩ଟି, ସ୍ୱରୂପମ ପୁରକାୟସ୍ଥ ଓ ଶିବଶଙ୍କର ରାୟ ୨ଟି ଲେଖାଏଁ ୱିକେଟ ପାଇଥିଲେ। ଜବାବରେ ଶିବଶଙ୍କରଙ୍କ ୧୧୨ ଓ ସୌରବ ଡ଼ିଙ୍ଗିଆଙ୍କ ୯୧ ରନ୍ ସହାୟତାରେ ଆସାମ ଶେଷ ଓଭରରେ ୬ ୱିକେଟ ହରାଇ ମ୍ୟାଚ୍ ଜିତିନେଇଥିଲା।

## ରାମକୃଷ୍ଣ ଘୋଷଙ୍କ ୭ ୱିକେଟ ଅକ୍ତିଆର ବ୍ୟର୍ଥ; ମହାରାଷ୍ଟ୍ର ପରାସ୍ତ

ଜୟପୁର,୨୯।୧୨(ଏଜେନ୍ସି): ସ୍ଥାନୀୟ ସୱାଇ ମାନସିଂ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ହିମାଚଳ ପ୍ରଦେଶ ୭ ରନ୍‌ରେ ଶକ୍ତିଶାଳୀ ମହାରାଷ୍ଟ୍ରକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ପୁଖରାଜ ମାନଙ୍କ ୧୧୦ ଓ ଫାଷ୍ଟ ବୋଲର ବୈଭବ ଅରୋରାଙ୍କ ୪୦ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ହିମାଚଳ ପ୍ରଦେଶ ୨୭୧ ରନ୍ କରିଥିଲା। ମହାରାଷ୍ଟ୍ର ପକ୍ଷରୁ ମିଡିୟମ୍ ପେସ୍ ବୋଲର ରାମକ୍ରିଷ୍ଣ ଘୋଷ ୭ଟି ୱିକେଟ ନେଇଥିଲେ। ଜବାବରେ ଋତୁରାଜ ଗାଏକ୍ୱାଡଙ୍କ ନେତୃତ୍ୱରେ ଖେଳୁଥିବା ମହାରାଷ୍ଟ୍ର ୨୬୪ ରନ୍ କରିବାକୁ ସମର୍ଥ ହୋଇଥିଲା। ଅଙ୍କିତ ବାୱନେ ୯୭, ନିଖିଲ ନାଏକ ୩୯ ଓ ଗାଏକ୍ୱାଡ୍ ୨୮ ରନ୍ କରିଥିଲେ। ଏହା ଫଳରେ ଘୋଷଙ୍କ ବୋଲିଂ ପ୍ରଦର୍ଶନ ବ୍ୟର୍ଥ ହୋଇଥିଲା।



### ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍

# ବିଶ୍ରାମ ନେଇପାରନ୍ତି ବୁମ୍‌ରା, ପାଣ୍ଡ୍ୟା

ନୂଆଦିଲ୍ଲୀ,୨୯।୧୨(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ଆସନ୍ତାବର୍ଷ ଟି-୨୦ ବିଶ୍ୱକପ୍ କ୍ରିକେଟ ଖେଳାଯିବ। ଡିଫେଣ୍ଡିଂ ଚାମ୍ପିଅନ ଭାରତ ଏହି ଟୁର୍ଣ୍ଣାମେଣ୍ଟକୁ ଜିତିବା ଲାଗି ସମସ୍ତ ପ୍ରକାର ଯୋଜନା କରିଛି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଟେଷ୍ଟ ଓ ଦିନିକିଆ ଦଳର ଅଧିନାୟକ ଶୁବମନ ଗିଲ୍‌ଙ୍କୁ ଟି-୨୦ ଦଳରୁ ବାଦ୍ ଦେବା। ବିଶ୍ୱର ଏହି ମେଗା ଇଭେଣ୍ଟ ପୂର୍ବରୁ ନ୍ୟୁଜିଲାଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଲାଗି ଆଗୁଆ ଦଳ ଘୋଷଣା କରାଯାଇଛି ଓ ପ୍ରସ୍ତୁତି ମଧ୍ୟ ଆରମ୍ଭ ହୋଇଯାଇଛି। କିନ୍ତୁ ନ୍ୟୁଜିଲାଣ୍ଡ ସହ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଖେଳାଯିବ। ଏଥିଲାଗି ଭାରତୀୟ ଦଳ ଜାନୁଆରୀ ୩,୪ କିମ୍ବା ୫ ତାରିଖରେ ଘୋଷଣା କରାଯିବ। ଟି-୨୦ ଟୁର୍ଣ୍ଣାମେଣ୍ଟର ଦୁଇ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍‌ରା ଆହତ ପରେ ଖେଳୁଥିବାରୁ ସେମାନଙ୍କୁ ଦିନିକିଆ ସିରିଜ୍‌ରେ ବିଶ୍ରାମ ଦେବା ଲାଗି ଯୋଜନା ହୋଇଛି। ଉଭୟ ଖେଳାଳି ଦିନିକିଆ ଦଳରୁ ବାଦ୍ ପଡ଼ିବା ବା ଅନ୍ୟ ପକ୍ଷରେ ବିଶ୍ରାମ ନେବା ନିଶ୍ଚିତ ବୋଲି ବିସିସିଆଇର ଏକ ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ଦିନିକିଆ ସିରିଜ୍‌ର ମ୍ୟାଚ୍‌ଗୁଡ଼ିକ ବରୋଦାରେ ଜାନୁଆରୀ ୧୧, ରାଜକୋଟରେ ଜାନୁଆରୀ ୧୩ ଓ ଇନ୍ଦୋରରେ ଜାନୁଆରୀ ୧୮ରେ ଖେଳାଯିବ। ଦୁଇ ବରିଷ୍ଠ ଖେଳାଳି ବିଶ୍ରାମ ନେଲେ ନ୍ୟୁଜିଲାଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ରେ ଖେଳିବା ସହଜ ହେବ ବୋଲି ବିସିସିଆଇ ଆଶା କରୁଛି।




### ● ଟି-୨୦ କ୍ରିକେଟରେ ଶ୍ରେଷ୍ଠ ବୋଲିଂ

## ଗୋଟିଏ ମ୍ୟାଚ୍‌ରେ ସୋନମ ନେଲେ ୮ ୱିକେଟ

ଗେଲେଫୁ,୨୯।୧୨(ଏଜେନ୍ସି): ଗୋଟିଏ ମ୍ୟାଚ୍‌ରେ ୮ ୱିକେଟ ନେଇ ଭୂଟାନର ସୋନମ ୟେଶି ବିଶ୍ୱରେକର୍ଡ କରିଛନ୍ତି। ବିଶ୍ୱ ଟି-୨୦ କ୍ରିକେଟରେ ଏହା ସର୍ବଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ ଓ ୮ ୱିକେଟରେ ନେବାରେ ପ୍ରଥମ ବୋଲର। ଭୂଟାନର ଏହି ବାମହାତୀ ସ୍ପିନର ମିଆଁମାର ବିପକ୍ଷ ଦ୍ୱିପାକ୍ଷିକ ଶୃଙ୍ଖଳାରେ ସେ ମାତ୍ର ୭ ରନ୍ ଦେଇ ସର୍ବାଧିକ ୮ଟି ୱିକେଟ ନେଇଥିଲେ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭୂଟାନ ୯ ୱିକେଟରେ ୧୨୭ ରନ୍ କରିଥିଲା। ଜବାବରେ ସୋନମଙ୍କ ଯାଦୁକରୀ ବୋଲିଂ ଯୋଗୁଁ ମିଆଁମାର ମାତ୍ର ୪୫ ରନ୍‌ରେ ଅଲଆଉଟ ହୋଇଥିଲା। ଅନ୍ତର୍ଜାତୀୟ ଟି-୨୦ରେ ଏଯାଏ ୨ଜଣ ବୋଲର ଗୋଟିଏ ମ୍ୟାଚ୍‌ରେ ୭ଟି ଲେଖାଏଁ ୱିକେଟ ନେଇଛନ୍ତି। ସେମାନେ ହେଲେ ଚୀନ୍ ବିପକ୍ଷରେ ସ୍ୟାଜରୁଲ ଇଦ୍ରୁସ ଓ ଭୂଟାନ ବିପକ୍ଷରେ ବାହାରିନ୍‌ର ଅଲି ଦାଉସ୍। ଘରୋଇ କ୍ରିକେଟରେ ଲିସେଷ୍ଟରସରର କଲିନ୍ ଆକରମ୍ୟାନ୍ ଓ ବାଂଲା ପ୍ରିମିୟର ଲିଗ୍‌ରେ ତସ୍କିନ ଅହମ୍ମଦ୍ ଓ ମହିଳା କ୍ରିକେଟରେ ଇଣ୍ଡୋନେସିଆର ରୋହମିଲା ଗୋଟିଏ ମ୍ୟାଚ୍‌ରେ ୭ଟି ଲେଖାଏଁ ୱିକେଟ ନେଇଛନ୍ତି।




# ମେଲ୍‌ବୋର୍ଣ୍ଣ ପିଚ୍ ଟେଷ୍ଟ ଲାଗି ଅନୁପଯୁକ୍ତ

ମେଲବୋର୍ଣ୍ଣ,୨୯।୧୨(ଏଜେନ୍ସି): ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମେଲବୋର୍ଣ୍ଣ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି) ର ପିଚ୍‌କୁ ଖରାପ ରେଟିଂ ଦେଇଛି। ଏହି ପିଚ୍ ଟେଷ୍ଟ ମ୍ୟାଚ୍ ଲାଗି ଅନୁପଯୁକ୍ତ ବୋଲି ଆଇସିସି କହିଛି। କିନ୍ତୁ ସମାନ ୨ ଦିନରେ ଶେଷ ହୋଇଥିବା ପର୍ଥ ପିଚ୍‌କୁ ଅତି ଉତ୍ତମ ରେଟିଂ ପ୍ରଦାନ କରିଛି। ମ୍ୟାଚ୍ ରେଫରୀ ଜେଫ କ୍ରୋ ଏଥିପାଇଁ ଏମ୍‌ସିଜିକୁ ଏକ ଡିମେରିଟ୍ ପଏଣ୍ଟ ପ୍ରଦାନ କରିଛି। ଉଲ୍ଲେଖଥାଉ କି, ଏମସିଜିରେ ଅଷ୍ଟ୍ରେଲିଆ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଚାଲିଥିବା ଆସେସ୍ ସିରିଜର ଚତୁର୍ଥ ଟେଷ୍ଟ ମାତ୍ର ଦୁଇଦିନ ମଧ୍ୟରେ ସମାପ୍ତ ହୋଇଥିଲା ଓ ଏଥିରେ ଇଂଲଣ୍ଡ ୪ ୱିକେଟରେ ବାଜି ମାରିଥିଲା। ଏହି ମ୍ୟାଚ୍ ମାତ୍ର ୮୫୨ଟି ବଲ୍ ଖେଳାଯିବା ସହ ଶେଷ ହୋଇଥିଲା। ଆସେସର ୧୪୩ ବର୍ଷ ଇତିହାସରେ ଏହା ଚତୁର୍ଥ ଛୋଟ ଟେଷ୍ଟର ଅଲୋଡା ମାନ୍ୟତା ପାଇଥିଲା। ୨୦୨୩ରେ ନୂଆ ପିଚ୍ ଗ୍ରେଡିଂ ପ୍ରଣାଳୀ ଲାଗୁ ହେବା ପରେ ପ୍ରଥମଥର ପାଇଁ କୌଣସି ଅଷ୍ଟ୍ରେଲିଆ ପିଚ୍ ତଥା ପଡିଆକୁ ଦଣ୍ଡିତ କରାଯାଇଛି। ଯଦି କୌଣସି ପିଚ୍‌କୁ ୫ ବର୍ଷରେ ୬ ଡିମେରିଟ ପଏଣ୍ଟ ମିଳେ ତେବେ ସେହି ପିଚ୍‌କୁ ୧୨ ମାସ ପାଇଁ ନିଷିଦ୍ଧ କରାଯିବାର ନିୟମ ରହିଛି। କିନ୍ତୁ ଏମ୍‌ସିଜିର ମାମଲାରେ ଏପରି ହେବାର ଆଶଙ୍କା କମ୍ ରହିଛି।

## ୩ରୁ ରାଜ୍ୟ ରୋଇଂ ଦଳର ଚୟନ ଶିବିର

କଟକ, ୨୯।୧୨ (ସମିସ): ଜାନୁଆରୀ ୨୭ରୁ ଫେବୃୟାରୀ ୧ ପର୍ଯ୍ୟନ୍ତ ପୁଣେରେ ୪୩ତମ ଜାତୀୟ ରୋଇଂ ଚାମ୍ପିଅନସିପ୍ ଖେଳାଯିବ। ଆର୍ମି ରୋଇଂ ନୋଡ୍ ଏବଂ ରୋଇଂ ଫେଡେରେଶନ ଅଫ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ଜାତୀୟ ପ୍ରତିଯୋଗିତା ଆୟୋଜନ ହେବ। ଏଥି ନିମନ୍ତେ ଓଡ଼ିଶା ଆସୋସିଏସନ ଫର ରୋଇଂ ଆଣ୍ଡ କ୍ୟାନୋଇଂ ପକ୍ଷରୁ ଆସନ୍ତା ୩ ଏବଂ ୪ ତାରିଖ ଦୁଇଦିନ ଧରି ରାଜ୍ୟ ଦଳର ଚୟନ ଶିବିର ଆୟୋଜନ କରାଯିବ। ଜଗତପୁରସ୍ଥିତ ଜଳକ୍ରୀଡ଼ା କେନ୍ଦ୍ରରେ ହେବାକୁ ଥିବା ଚୟନ ଶିବିରରେ ଯେ କୌଣସି ଇଚ୍ଛୁକ ପ୍ରତିଯୋଗୀ ଭାଗ ନେଇ ପାରିବେ। ପୂର୍ବାହ୍ନ ୬ଟା ପୂର୍ବରୁ ଖେଳାଳି ଶିବିରରେ ପହଞ୍ଚିବା ନିମନ୍ତେ ରାଜ୍ୟ ସଂଘ ସଭାପତି ବିନୋଦ ଦାଶ ପ୍ରେସବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

### ଉତ୍ତରପୂର୍ବ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ

## କିଟ୍‌ର ମଗନ୍ତି କୀର୍ତ୍ତିଙ୍କୁ ରୌପ୍ୟ

ଭୁବନେଶ୍ୱର,୨୯।୧୨(ସମିସ): ପଞ୍ଜାବ ବିଶ୍ୱବିଦ୍ୟାଳୟରେ ଗତ ୨୬ ତାରିଖଠାରୁ ଚାଲିଥିବା ଉତ୍ତରପୂର୍ବ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଭାରୋତ୍ତୋଳନ ପ୍ରତିଯୋଗିତାରେ କିଟ୍‌ର ଏମ୍‌କମ୍ ପ୍ରଥମ ବର୍ଷ ଛାତ୍ରୀ ମଗନ୍ତି କୀର୍ତ୍ତି ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ଡିସେମ୍ବର ୩୦ ପର୍ଯ୍ୟନ୍ତ ଚାଲିବ। ମଗନ୍ତି ୮୬ କେଜି ଓଜନ ବର୍ଗରେ ଭାଗ ନେଇ ସ୍ନାଚ୍‌ରେ ୮୧ ଓ କ୍ଲିନ ଆଣ୍ଡ ଜର୍କରେ ୧୦୬ କେଜି, ଏହି ଭଳି ଭାବେ ମୋଟ୍ ୧୮୭ କେଜି ଉଠାଇ ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ହାସଲ କରିଛନ୍ତି। ପୂର୍ବରୁ ସେ ହାସଲ କରିଥିବା ଶ୍ରେଷ୍ଠ ପ୍ରଦର୍ଶନ ଠାରୁ ସେ ଏଥର ଅଧିକ ୪ କେଜି ଉଠାଇଛନ୍ତି। ତେଣୁ ତାଙ୍କ ପାଇଁ ଏହି ପଦକ ବିଶେଷ ଗୁରୁତ୍ୱବହନ କରୁଛି। ପୂର୍ବରୁ ସେ ଗତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଥିଲେ।



### ରାଜ୍ୟ ତୀରନ୍ଦାଜୀ ପ୍ରତିଯୋଗିତା ଉଦ୍‌ଯାପିତ

# ବୀରଭଦ୍ରମ୍ ଓ ଦିବ୍ୟାଂଶୀ ଶ୍ରେଷ୍ଠ

କଟକ,୨୯।୧୨(ସମିସ): ଓଡ଼ିଶା ତୀରନ୍ଦାଜ ସଂଘ ଏବଂ କଟକ ଜିଲ୍ଲା ତୀରନ୍ଦାଜ ସଂଘ ମିଳିତ ଆନୁକୂଲ୍ୟରେ କୁରାଙ୍ଗ ଶାସନ ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟ ତୀରନ୍ଦାଜୀ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ୧୦ବର୍ଷ, ୧୩ବର୍ଷ ଏବଂ ୧୫ବର୍ଷରୁ କମ୍ ବୟସ ବର୍ଗର ୨୫୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ୧୩ବର୍ଷରୁ କମ୍ କମ୍ପାଉଣ୍ଡ ବାଳକ ବିଭାଗରେ ସୁନ୍ଦରଗଡର ମଙ୍ଗଲ ସିଂହ ବାନାରା, ବାଳିକା ବିଭାଗରେ କେନ୍ଦୁଝରର ଜଗଜ୍ୟୋତି ମହାନ୍ତ, ଇଣ୍ଡିଆନ ରାଉଣ୍ଡ ବାଳକ ବିଭାଗରେ ମୟୂରଭଞ୍ଜର ଜୟଦେବ ମହନ୍ତ, ବାଳିକା ବିଭାଗରେ ସମ୍ବଲପୁରର ଅନ୍ୱେଷା ଦେହୁରୀ, ରିକର୍ଭ ରାଉଣ୍ଡ ବାଳକ ବିଭାଗରେ କଟକର ଅମନ ନାୟକ, ବାଳିକା ବିଭାଗରେ କିସ୍‌ର ସୁଦୀଷା ସ୍ୱାଇଁ, ୧୦ବର୍ଷରୁ କମ୍ ଇଣ୍ଡିଆନ ରାଉଣ୍ଡ ବାଳକ ବିଭାଗରେ କେନ୍ଦୁଝରର ଡିଡି ବୀରଭଦ୍ରମ, ବାଳିକା ବିଭାଗରେ ସୁନ୍ଦରଗଡର ଦିବ୍ୟାଂଶୀ ନାୟକ, ରିକର୍ଭ ରାଉଣ୍ଡ ବାଳକ ବିଭାଗରେ କଟକର ବୈଭବ କୁମାର ଷଡ଼ଙ୍ଗୀ, ବାଳିକା ବିଭାଗରେ ସାଲଭୀ ସାହୁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ୧୫ବର୍ଷରୁ କମ୍ କମ୍ପାଉଣ୍ଡ ବାଳକ ବିଭାଗରେ କିସ୍‌ର ରେହାନ ହାଁସଦା, ବାଳିକା ବିଭାଗରେ କେନ୍ଦୁଝରର ମୋନାଲିସା ନାୟକ, ଇଣ୍ଡିଆନ ରାଉଣ୍ଡ ବାଳକ ବିଭାଗରେ କଳାହାଣ୍ଡିର ତରୁଣ କୁମାର ମାଝୀ, ବାଳିକା ବିଭାଗରେ ସୁନ୍ଦରଗଡର ସଞ୍ଜଲୀ ଓରାମ, ରିକର୍ଭ ବାଳକ ବିଭାଗରେ କେନ୍ଦୁଝରର ଭଗବତ ବଳିଆରସିଂହ, ବାଳିକା ବିଭାଗରେ ମୟୂରଭଞ୍ଜର ଶୁଭାଙ୍ଗୀ ଗନ୍ତାୟତ ସ୍ୱର୍ଣ୍ଣ ବିଜୟୀ ହୋଇଛନ୍ତି। ପ୍ରତିଯୋଗିତାର ଶ୍ରେଷ୍ଠ ବାଳକ ତୀରନ୍ଦାଜ ଭାବେ କେନ୍ଦୁଝରର ଡିଡି ବୀରଭଦ୍ରମ୍‌ଙ୍କୁ ନରସିଂହ ପ୍ରତିହାରୀ ଟ୍ରଫି ଏବଂ ଶ୍ରେଷ୍ଠ ବାଳିକା ତୀରନ୍ଦାଜ ଭାବେ ସୁନ୍ଦରଗଡର ଦିବ୍ୟାଂଶୀ ନାୟକଙ୍କୁ ବିଦ୍ୟୁଲତା ପ୍ରତିହାରୀ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଧାୟକ ଛବି ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



### ୧୩ ବର୍ଷରୁ କମ୍ ରାଜ୍ୟ ଓପନ୍ ଚେସ୍

## ସ୍ୱସ୍ତିକ ଚାମ୍ପିଅନ

ଭୁବନେଶ୍ୱର,୨୯।୧୨(ସମିସ): ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏସନ ଆନୁକୂଲ୍ୟରେ ସ୍ଥାନୀୟ ବଡ଼ଗଡ଼ କେନାଲ ରୋଡସ୍ଥିତ ଓମ ଗୁରୁକୂଳ ପବ୍ଲିକ ସ୍କୁଲ୍‌ରେ ଅନୁଷ୍ଠିତ ୧୩ ବର୍ଷରୁ କମ୍ ରାଜ୍ୟ ଓପନ୍ ଚେସ୍ ଟୁର୍ଣ୍ଣାମେଣ୍ଟରେ କେନ୍ଦ୍ରୀୟ ବିଦ୍ୟାଳୟ-୧ର ସ୍ୱସ୍ତିକ ତ୍ରିପାଠୀ ପଞ୍ଚମ ତଥା ଚୂଡାନ୍ତ ରାଉଣ୍ଡ ଶେଷ ସୁଦ୍ଧା ସର୍ବାଧିକ ୪.୫ ପଏଣ୍ଟ ହାସଲ କରି ଟାଇଟଲ ହାସଲ କରିଛନ୍ତି। ସେହିପରି ଖଣ୍ଡଗିରି ସେଣ୍ଟ ଜାଭିଏର ସ୍କୁଲର ଓମ ଶତପଥୀ, କଟକର ନିରେକ ପରିଡା, ଆୟୂଷ ପରିଡା, ନୋଇଡା ସରାଂଶ ମିଶ୍ର ୪ ଲେଖାଏ ପଏଣ୍ଟ ହାସଲ କରି ଯଥାକ୍ରମେ ଦ୍ୱିତୀୟ, ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଓମ ଗୁରୁକୂଳ ପବ୍ଲିକ ସ୍କୁଲର ମ୍ୟାନେଜିଂ ଡାଇରେକ୍ଟର ଲକ୍ଷ୍ମୀଧର ବେହେରା ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ କରିଥିଲେ। ସ୍କୁଲ ପ୍ରିନସପାଲ ମନୋରଞ୍ଜନ ବିଶ୍ୱାଳ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏସନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ କାନୋଜ କୁମାର ବେହୁରା ପୁରସ୍କାର ବିତରଣ ଉତ୍ସବରେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।



# ମୁକ୍ତେଶ୍ୱର କପ୍ ଫାଇନାଲରେ ରାମେଶ୍ୱର

ଭୁବନେଶ୍ୱର,୨୯।୧୨(ସମିସ): ସ୍ଥାନୀୟ ମୁକ୍ତେଶ୍ୱର କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ୧୬ ବର୍ଷରୁ କମ୍ ମୁକ୍ତେଶ୍ୱର କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରାମେଶ୍ୱର ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ସୋମବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମୁକାବିଲାରେ ରାମେଶ୍ୱର ୯ ୱିକେଟରେ ପରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରି ଫାଇନାଲ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ଟସ୍ ଜିତି ପାରାମାଉଣ୍ଟ ପ୍ରଥମେ ବ୍ୟାଟିଂ କରି ୨୯ ଓଭରରେ ୯୩ ରନରେ ଅଲଆଉଟ ହୋଇଥିଲା। ଦଳ ତରଫରୁ ପରୀକ୍ଷିତ ପ୍ରଧାନ ୨୪, ସ୍ୱାଧୀନ ପ୍ରମାଣିକ ଅପରାଜିତ ୩୭ ରନ ସଂଗ୍ରହ କରିଥିବା ବେଳେ ଅନ୍ୟମାନେ ବିଫଳ ହୋଇଥିଲେ। ବୋଲିଂରେ ରାମେଶ୍ୱର ପକ୍ଷରୁ ସ୍ୱସ୍ତିକ ଘୋଷାଲ ସର୍ବାଧିକ ୪, ବିଜୟ ପ୍ରଧାନ ୨ଟି ୱିକେଟ ନେଇଥିଲେ। ଜବାବରେ ରାମେଶ୍ୱର ୧୬.୧ ଓଭରରେ ଗୋଟିଏ ୱିକେଟ ହରାଇ ୯୪ ରନକରି ବିଜୟୀ ହୋଇ ଅଗ୍ରଗତି କରିଛି। ଲିଓନେଲ ମେହେର ୫୦ ରନକରି ରନ୍‌ଆଉଟ ହୋଇଥିବା ବେଳେ ଆକାଶ ସାହୁ ୩୨ ଓ କୁମାର ଏ ଅଶ୍ୱିନ ୨ ରନକରି ଅପରାଜିତ ରହିବା ସହ ଦଳକୁ ଜିତାଇଥିଲେ। ୬ ଓଭର ବୋଲିଂ କରି ୨ ମେଡେନ ସହ ୪ ୱିକେଟ ନେଇଥିବା ସ୍ୱସ୍ତିକ ଘୋଷାଲଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା। ମୁକ୍ତେଶ୍ୱର କ୍ଲବ କାର୍ଯ୍ୟକାରୀ ସଭାପତି ଗୁରଜିତ ସିଂହ ଚୌହାନ ସ୍ୱସ୍ତିକଙ୍କ ପୁରସ୍କୃତ କରିଥିଲେ। ଜାନୁଆରୀ ୨ରେ ଦ୍ୱିତୀୟ ସେମିଫାଇନାଲରେ କ୍ଲବ ଦି ରେଡ୍ ଷ୍ଟାର ଓ ଆୟୋଜକ ମୁକ୍ତେଶ୍ୱର ପରସ୍ପରକୁ ଭେଟିବେ।



## ମିଧାଂଶୁ ଦାସଙ୍କ ଶତକ

ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

କଟକ,୨୯।୧୨(ସମିସ): ୧୬ବର୍ଷରୁ କମ୍ ବାଳକ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ୫ମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ସୋମବାର ଠାରୁ ଆରମ୍ଭ ହୋଇଛି। ଗ୍ୱାଲିୟରର ଶ୍ରୀମନ୍ତ ମାଧବରାଓ ସିନ୍ଧିଆ କ୍ରିକେଟ ଷ୍ଟାଡିୟମରେ ଓଡ଼ିଶା ପଣ୍ଡିଚେରୀକୁ ଭେଟିଛି। ପଣ୍ଡିଚେରୀ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲା। ପ୍ରଥମ ଦିବସରେ ଓଡ଼ିଶା ଦୃଢ଼ ସ୍ଥିତିରେ ରହିଛି। ଷ୍ଟମ୍ପ ଅପସାରଣ ସୁଦ୍ଧା ଦଳ ୪ ୱିକେଟ ହରାଇ ୨୪୮ ରନ ସଂଗ୍ରହ କରିଛି। ଓପନର ମିଧାଂଶୁ ଦାସ ୧୩୬ରନର ଶତକୀୟ ପାଳି ଖେଳିଥିଲେ। ଅରୋବିନ୍ଦ ମୁଦୁଲି ୪୦ରନ ଏବଂ ୱିକେଟ କିପର ଓମପ୍ରକାଶ ଦାସ ୧୦ରନରେ ଅପରାଜିତ ରହିଛନ୍ତି। ପ୍ରକାଶଥାଉକି, ଲିଗ୍ ପର୍ଯ୍ୟାୟରେ ଓଡ଼ିଶା ୪ଟି ମ୍ୟାଚ୍‌ରୁ ୨ଟି ବିଜୟ ଏବଂ ୨ଟି ଅମୀମାଂସିତ ଫଳାଫଳ ବଳରେ ୪ ପଏଣ୍ଟ ହାସଲ କରି ଗ୍ରୁପ-ବି ଟେବଲର ୪ର୍ଥ ସ୍ଥାନରେ ରହିଛି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS